(ପୃଷ୍ଠା–୧୨+୮)

# ଧରିତ୍ରୀ
DHARITRI

ରାୟଗଡ଼ା, ଶନିବାର, ଅଗଷ୍ଟ ୬/୨୦୨୨ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Rayagada, Saturday, August 6/2022 Page 20 ₹ 7.00 ★

୧୨ଶ ଭାଗ ୧୭୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-



**ଚାଇନା ରାଷ୍ଟ୍ରଦୂତଙ୍କୁ ହ୍ୱାଇଟ୍ ହାଉସ୍‌ର ସମନ**

ତାଇୱାନ୍ ବିରୋଧୀ ସାମରିକ ଗତିବିଧିକୁ ଆମେରିକା ନିନ୍ଦା କରିବା ସହ ୱାଶିଂଟନରେ ଅବସ୍ଥାପିତ ଚାଇନା ରାଷ୍ଟ୍ରଦୂତ କିନ୍ ଗାଙ୍ଗଙ୍କୁ ହ୍ୱାଇଟ୍ ହାଉସ୍ ପକ୍ଷରୁ ସମନ ଜାରି କରାଯାଇଛି। ସମ୍ପୃକ୍ତ ଅଞ୍ଚଳରେ ସଙ୍କଟ ସୃଷ୍ଟି ହେଉ ବୋଲି ଆମେରିକା ଚାହୁଁ ନ ଥିବା ହ୍ୱାଇଟ୍ ହାଉସ୍ ମୁଖପାତ୍ର ଜନ୍ କିର୍ବି ଗଣମାଧ୍ୟମକୁ କହିଛନ୍ତି। ନାନ୍ସି ପେଲୋସିଙ୍କ ତାଇୱାନ୍ ଗସ୍ତ ପରେ ଏହାର ପଡ଼ୋଶୀ ଚାଇନା ସହ ସୃଷ୍ଟି ହୋଇଥିବା ଉତ୍ତେଜନାକୁ ଦେଖି ଆମେରିକା ନିଜ ଆନ୍ତଃ ମହାଦେଶୀୟ ବାଲାଷ୍ଟିକ୍ ମିଶାଇଲ ପରୀକ୍ଷଣକୁ ସ୍ଥଗିତ ରଖିଛି।

## ସଂକ୍ଷେପରେ

### ବିଷାକ୍ତ ମଦ ପିଇ ୭ ମୃତ

**ପାଟନା:୫।୮:** ବିହାର ସରନ ଜିଲାରେ ବିଷାକ୍ତ ମଦ ପିଇ ୭ ଜଣଙ୍କ ମୃତ୍ୟୁ ହୋଇଛି। ୧୫ରୁ ଊର୍ଦ୍ଧ୍ୱ ଲୋକ ଅସୁସ୍ଥ ହୋଇଥିବାବେଳେ ୧୦ ଜଣ ଦୃଷ୍ଟିଶକ୍ତି ହରାଇଛନ୍ତି। ବିଷାକ୍ତ ମଦ ପିଇବା ପରେ ୫ ଜଣଙ୍କ ମୃତ୍ୟୁ ହୋଇଥିଲା। ଆଉ କେତେଜଣଙ୍କ ଅବସ୍ଥା ଗୁରୁତର ହେବା ପରେ ସେମାନଙ୍କୁ ପାଟନା ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଉ ଦୁଇ ଜଣଙ୍କ ପ୍ରାଣହାନି ହୋଇଥିବା ଜିଲାପାଳ କହିଛନ୍ତି। ତେବେ ବିଷାକ୍ତ ମଦ ବିକ୍ରି କରୁଥିବା ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଛି। ନାଗପଞ୍ଚମୀ ଅବସରରେ ସ୍ଥାନୀୟ ଅଞ୍ଚଳରେ ଭାଙ୍ଗ ଭଳି ନିଶାଦ୍ରବ୍ୟ ସେବନର ପ୍ରଥା ଥିବାବେଳେ କେତେଜଣ ଅଧିକ ନିଶା ପାଇଁ ମଦ ପିଇଥିବା ସ୍ଥାନୀୟ ଲୋକେ କହିଛନ୍ତି।

### ଗାଜା ଉପରେ ଇସ୍ରାଏଲ୍‌ର ଆକ୍ରମଣ: ୮ ମୃତ

**ଗାଜା,୫।୮:** ଇସ୍ରାଏଲ୍ ଯୁଦ୍ଧବିମାନରୁ ଶୁକ୍ରବାର ଗାଜା ସହର ଉପରେ ଜୋର୍‌ଦାର ବୋମାମାଡ଼ ହୋଇଛି। ଏଥିରେ ଜଣେ ଆତଙ୍କବାଦୀଙ୍କ ସମେତ ୮ ନିହତ ହୋଇଥିବାବେଳେ ୪୦ ଜଣ ଆହତ ହୋଇଛନ୍ତି। ଚଳିତ ସପ୍ତାହ ଆରମ୍ଭରେ ଅଧିକୃତ ୱେଷ୍ଟବ୍ୟାଙ୍କରୁ ଜଣେ ବରିଷ୍ଠ ଆତଙ୍କବାଦୀଙ୍କୁ ଗିରଫ କରାଯିବା ପରେ ଉତ୍ତେଜନା ଦେଖାଦେଇଥିଲା। ଇସ୍‌ଲାମିକ ଜିହାଦ ଆତଙ୍କବାଦୀ ସଂଗଠନକୁ ଟାର୍ଗେଟ କରି ଆକ୍ରମଣ କରାଯାଇଥିବା ଇସ୍ରାଏଲ୍ କହିଛି।

### ମାଲେସିଆକୁ ୧୮ ଯୁଦ୍ଧବିମାନ ବିକିବ ଭାରତ

**ନୂଆଦିଲ୍ଲୀ,୫।୮:** ଭାରତ ମାଲେସିଆକୁ ୧୮ଟି ତେଜସ୍ ହାଲୁକା ଲଢୁଆ ବିମାନ (ଏଲ୍‌ସିଏ) ବିକ୍ରି କରିବା ଲାଗି ପ୍ରସ୍ତାବ ଦେଇଛି। ଏହା ବ୍ୟତୀତ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ଇଜିପ୍ଟ, ଆମେରିକା, ଇଣ୍ଡୋନେସିଆ ଏବଂ ଫିଲିପାଇନ୍ସ ମଧ୍ୟ ଏହି ସିଙ୍ଗଲ୍ ଇଞ୍ଜିନ୍ ଯୁଦ୍ଧବିମାନ କିଣିବାକୁ ଆଗ୍ରହୀ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ୨୦୨୩ ସୁଦ୍ଧା ୮୩ଟି ତେଜସ୍ ନିର୍ମାଣ ଲାଗି ସରକାର ଗତବର୍ଷ ହିନ୍ଦୁସ୍ତାନ ଏରୋନଟିକ୍ସ ଲିଃକୁ ୬ ବିଲିୟନ ଡଲାରର ଠିକା ଦେଇଥିଲେ। ଭାରତ ସରକାର ପ୍ରତିରକ୍ଷା ଉପକରଣ ପାଇଁ ବିଦେଶ ଉପରେ ନିର୍ଭରଶୀଳତା କମାଇବା ସହ ଯୁଦ୍ଧବିମାନ ବିକ୍ରି ଲାଗି ଘରୋଇ ଉଦ୍ୟମ ଜାରି ରଖିଛନ୍ତି।

### ୩ ଦଳିତଙ୍କୁ ହତ୍ୟା ମାମଲା: ୨୭ ଜଣଙ୍କୁ ଆଜୀବନ ଜେଲ

**ଚେନ୍ନାଇ,୫।୮(ଆଇଏଏନ୍‌ଏସ୍):** ତାମିଲନାଡୁର କାଚନାଥମ୍ ଟ୍ରିପଲ ମର୍ଡର ମାମଲାରେ ଶିବଗଙ୍ଗାର ଏକ ସ୍ୱତନ୍ତ୍ର ଅଦାଲତ ଶୁକ୍ରବାର ୨୭ ଜଣ ଅଭିଯୁକ୍ତଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଶିବଗଙ୍ଗା ଜିଲା କାଚନାଥମ୍ ଗ୍ରାମରେ ମନ୍ଦିର ଉତ୍ସବ ବେଳେ ଦଳିତ ସମ୍ପ୍ରଦାୟର ୨ ଜଣ ଲୋକ ଉଚ୍ଚଜାତିର ଜଣେ ଯୁବକଙ୍କୁ ସମ୍ମାନ ନ ଦେବାରୁ ଉତ୍ତେଜନା ଦେଖାଦେଇଥିଲା। ୨୦୧୮ ମେ' ୨୮ରେ ଉଚ୍ଚ ଜାତିର ଏକ ସଶସ୍ତ୍ର ଗ୍ୟାଙ୍ଗ ଦଳିତମାନଙ୍କ ଉପରେ ବର୍ବର ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଅନୁସୂଚିତ ଜାତିର ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ୪ ନାବାଳକଙ୍କ ସମେତ ୩୩ ଜଣଙ୍କ ନାମରେ ହତ୍ୟା ମାମଲା ରୁଜୁ ହୋଇ ଚାର୍ଜଶିଟ୍ ଦାଖଲ ହୋଇଥିଲା। ସ୍ୱତନ୍ତ ଅଦାଲତ ବିଚାରପତି ମୁଥୁକୁମାରନ୍ ଗତ ୧ରେ ୨୭ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ।



ହଂକଂ ସ୍ଥିତ ଆମେରିକା କନ୍‌ସୁଲେଟ୍ ଜେନେରାଲ ବାହାରେ ନାନ୍ସି ପେଲୋସିଙ୍କ ଫଟୋକୁ ଜୋତାରେ ମାଡ଼ି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ଜଣେ ଚାଇନା ସପକ୍ଷବାଦୀ।

# ମଧ୍ୟରେଖା ଡେଇଁଲା ଚାଇନା

**ବେଜିଂ/ୱାଶିଂଟନ/ତାଇପେଇ,୫।୮**

ଆମେରିକା ହାଉସ୍ ସ୍ପିକର ନାନ୍ସି ପେଲୋସିଙ୍କ ତାଇୱାନ୍ ଗସ୍ତ ପରେ ସମରାଭ୍ୟାସ ଆଳରେ ଦ୍ୱୀପରାଷ୍ଟ୍ରକୁ ଚାରିପଟୁ ଘେରିଛି ଚାଇନା। ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ)ପଠାଇଥିବା ୬୮ ଯୁଦ୍ଧବିମାନ ଓ ୧୩ ଯୁଦ୍ଧଜାହାଜ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ତାଇୱାନ୍ ପ୍ରଣାଳୀର ମେଡିଆନ୍ ଲାଇନ୍ ଅତିକ୍ରମ କରିଥିବା ତାଇୱାନ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ଅଭିଯୋଗ ଆଣିଛି। ଆମେରିକା ସମେତ ପାଶ୍ଚାତ୍ୟ ସହଯୋଗୀ ଏହାକୁ ନିନ୍ଦା କରିଛନ୍ତି। ଅନ୍ୟପକ୍ଷେ ଚାଇନା କହିଛି, ରବିବାର ଯାଏ ଚାଲିବାକୁ ଥିବା ୪ ଦିନିଆ ସମରାଭ୍ୟାସରେ ପିଏଲ୍‌ଏର ଶତାଧିକ ଯୁଦ୍ଧବିମାନ ଓ ୧୦ ବିଧ୍ୱଂସକ



ଯୁଦ୍ଧଜାହାଜକୁ ସାମିଲ କରାଯାଇଛି। ଇଷ୍ଟର୍ନ ଥିଏଟର କମାଣ୍ଡର ରକେଟ ଫୋର୍ସ ପକ୍ଷରୁ ତାଇୱାନ୍ ଷ୍ଟ୍ରେଟ୍‌ରେ ନୂଆ ଧରଣର ଦୂରଗାମୀ କ୍ଷେପଣାସ୍ତ୍ର ପରୀକ୍ଷଣ କରାଯାଇଛି। ତାଇୱାନ୍ ଉପକୂଳରୁ ମାତ୍ର ୨୦ କି.ମି. ଦୂରରେ ଚାଇନାର ଏପରି

### ମେଡିଆନ୍ ଲାଇନ୍‌ରେ ୬୮ ଯୁଦ୍ଧବିମାନ, ୧୩ ୱାର୍‌ଶିପ୍

ସାମରିକ କାର୍ଯ୍ୟକଳାପ ସମ୍ପୃକ୍ତ କ୍ଷେତ୍ରରେ ଉତ୍ତେଜନା ବୃଦ୍ଧିର କାରଣ ସାଜିଛି। ଏସିଆ ଗସ୍ତ ଶେଷକରି ଆମେରିକାକୁ ପ୍ରତ୍ୟାବର୍ତ୍ତନ କରିଥିବା ସ୍ପିକର ନାନ୍ସି ପେଲୋସି କହିଛନ୍ତି, ତାଇୱାନ୍‌କୁ ଏକଘରିକିଆ କରିବା ପାଇଁ ବେଜିଂର ଉଦ୍ୟମକୁ ୱାଶିଂଟନ ସଫଳ ହେବାକୁ ଦେବ ନାହିଁ। ଇତିମଧ୍ୟରେ ତାଇୱାନ୍ ପ୍ରଧାନମନ୍ତ୍ରୀ ସୁ ସେଙ୍ଗ୍-ଚାଙ୍ଗ୍ ଉତ୍ତେଜନା ହ୍ରାସ ପାଇଁ ସହଯୋଗୀ ରାଷ୍ଟ୍ରଗୁଡ଼ିକର ସହଯୋଗ ଲୋଡ଼ିଛନ୍ତି। ଦୁଷ୍ଟ ପଡ଼ୋଶୀ ବିଶ୍ୱର ବ୍ୟସ୍ତତମ ଜଳପଥ ଦେଇ ଆମ ଦ୍ୱାରକୁ ଆସି ଔଦ୍ଧତ୍ୟ ଦେଖାଇବ ବୋଲି କେବେ ଆଶା କରି ନ ଥିଲୁ।

## ମୁହଁତୋଡ଼ ଜବାବ ଦେବୁ



ଚାଇନା ଉଦ୍ଦେଶ୍ୟମୂଳକ ଭାବେ ତାଇୱାନ୍ ସମେତ ବିଶ୍ୱ ପାଇଁ ବିପଦ ସାଜିଛି। ତାଇୱାନ୍ ପ୍ରଣାଳୀର ସ୍ଥିତାବସ୍ଥାକୁ ନ୍ୟୂନ କରି ଉତ୍ତେଜନା ସୃଷ୍ଟି କରୁଛି। ତାଇୱାନ୍ ସରକାର ଓ ସାମରିକ ବଳ ଚାଇନାର ଏକତରଫା ସମରାଭ୍ୟାସ ତଥା ଯୁଦ୍ଧ ପ୍ରସ୍ତୁତି ଉପରେ କଡ଼ା ନଜର ରଖିଛନ୍ତି। ଚାଇନା କୌଣସି ପ୍ରକାର ଦୁଃସାହିକ ପଦକ୍ଷେପ ନେଲେ କଡ଼ା ଜବାବ ଦିଆଯିବ। ଗଣତାନ୍ତ୍ରିକ ରାଷ୍ଟ୍ର ତାଇୱାନ୍‌କୁ ସହଯୋଗ କରି ଆଞ୍ଚଳିକ ସୁରକ୍ଷା ବିପନ୍ନ ହେବାକୁ ଦିଅନ୍ତୁ ନାହିଁ ବୋଲି ଶୁକ୍ରବାର ତାଇୱାନ୍ ରାଷ୍ଟ୍ରପତି ସାଇ ଇଙ୍ଗ୍-ୱେନ୍ ବିଶ୍ୱ ସମୁଦାୟକୁ ଅନୁରୋଧ କରିଛନ୍ତି।

## ମେଡିଆନ୍ ଲାଇନ୍ କ'ଣ

ପିପୁଲ୍ସ ରିପବ୍ଲିକ୍ ଅଫ୍ ଚାଇନା ଓ ଆତ୍ମଘୋଷିତ ଗଣତନ୍ତ୍ର ତାଇୱାନ୍ ଭୂଖଣ୍ଡ ମଧ୍ୟରେ ରହିଛି ତାଇୱାନ୍ ପ୍ରଣାଳୀର ମେଡିଆନ୍ ଲାଇନ୍ ବା ମଧ୍ୟରେଖା। ବେଜିଂର 'ୱାନ୍ ଚାଇନା ପଲିସି' ଏହି ସାମୁଦ୍ରିକ ସୀମାକୁ ନିଜ ଇକୋନୋମିକ୍ ଜୋନ୍‌ର ଅଂଶବିଶେଷ ବିବେଚନା କରିଥାଏ। ୧୯୫୫ ମସିହାରେ ଆମେରିକା ବାୟୁସେନାର ଜେନେରାଲ ବେଞ୍ଜାମିନ୍ ଓ. ଡାଭିସ୍ ଜୁନିୟର ତାୱାନ୍ ଷ୍ଟ୍ରେଟ୍ ମଝିରେ ଏହି କାଳ୍ପନିକ ରେଖା ଅଙ୍କନ କରିଥିଲେ। ଡାଭିସ୍ ଲାଇନ୍ ନାମରେ ପରିଚିତ ଏହି ସୀମାକୁ ୧୯୯୯ରେ ଚାଇନା ଯୁଦ୍ଧବିମାନ ପ୍ରଥମ ଥର ପାଇଁ ଅତିକ୍ରମ କରିଥିଲା।




# ନାଇଟ୍ କ୍ଲବ୍‌ରେ ନିଆଁ: ୧୪ ମୃତ



**ବ୍ୟାଙ୍କକ୍:୫।୮**

ଥାଇଲାଣ୍ଡର ଏକ ନାଇଟ୍ କ୍ଲବ୍‌ରେ ନିଆଁ ଲାଗିବା କାରଣରୁ ୧୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩୫ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଚମ୍ପୁରି ପ୍ରଦେଶର ସାତ୍ତାହିପ ଜିଲାରେ ଥିବା ମାଉଣ୍ଟେନ ବି ନାଇଟ୍ କ୍ଲବ୍‌ରେ ଗୁରୁବାର ବିଳମ୍ବିତ ରାତି ପ୍ରାୟ ୧ଟା ସମୟରେ ନିଆଁ ଲାଗିଯାଇଥିବା ଥାଇଲାଣ୍ଡ ପୋଲିସ କହିଛି। କ୍ଲବ୍‌ରେ ଲାଇଭ୍ ମ୍ୟୁଜିକ୍ କନ୍‌ସର୍ଟ ସମୟରେ ଏହି ଅଘଟଣ ଘଟିଥିବାବେଳେ ପ୍ରାଣ ହରାଇଥିବା ସମସ୍ତେ ଥାଇଲାଣ୍ଡର ବୋଲି ଜଣାପଡ଼ିଛି। କ୍ଲବ୍‌ରେ ଭୀଷଣ ଗହଳି ଜମିଥିବାବେଳେ ହଠାତ୍ ନିଆଁ ଲାଗିଯାଇଥିଲା। ଆଖିପିଛୁଳାକେ ନିଆଁର ପ୍ରକୋପ ବଢ଼ିବାକୁ ଲାଗିଥିଲା। ସେଠାରେ ଉପସ୍ଥିତ ଲୋକେ କ୍ଲବ୍ କାଚ ଭାଙ୍ଗି ବାହାରକୁ ଯିବା ପାଇଁ ଚେଷ୍ଟା କରିଥିଲେ ହେଁ କାଚର ମୋଟେଇ ପାଇଁ ତାଙ୍କୁ ଭାଙ୍ଗିବା କଷ୍ଟକର ଥିଲା। ଜରୁରିକାଳୀନ ପରିସ୍ଥିତିରେ କ୍ଲବ୍‌ରୁ ବାହାରିବା ପାଇଁ ସ୍ୱତନ୍ତ୍ର ବାଟ ନ ଥିବା କାରଣରୁ ଅଧିକାଂଶ ଲୋକଙ୍କ ମୃତ୍ୟୁ କ୍ଲବ୍‌ରେ ହୋଇଥିବା ଘଟଣାସ୍ଥଳରେ ଉପସ୍ଥିତ ନାତ୍ତାନିତ ପିକୁଲକାଇ ନାମକ ମହିଳା କହିଛନ୍ତି। ଦୁଇ ମାସ ପୂର୍ବେ ଏହି କ୍ଲବ୍‌ଟି ଖୋଲାଯାଇଥିବାବେଳେ ଲାଇଭ୍ ମ୍ୟୁଜିକ୍ କନ୍‌ସର୍ଟ ପାଇଁ ଏହାର ଚାହିଦା ବଢ଼ିଯାଇଥିଲା।

# ୧୪ ଦିନ ଜେଲ ଗଲେ ପାର୍ଥ, ଅର୍ପିତା

**କୋଲକାତା,୫।୮**

### ପଶ୍ଚିମବଙ୍ଗ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲା

ପଶ୍ଚିମବଙ୍ଗ ସ୍କୁଲ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ପୂର୍ବତନ ମନ୍ତ୍ରୀ ପାର୍ଥ ଚାଟାର୍ଜୀ ଓ ତାଙ୍କ ଘନିଷ୍ଠ ସହଯୋଗୀ ଅର୍ପିତା ମୁଖାର୍ଜୀଙ୍କୁ ଶୁକ୍ରବାର ସ୍ୱତନ୍ତ୍ର ପିଏମ୍‌ଏଲ୍‌ଏ କୋର୍ଟ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଶିକ୍ଷକ ନିଯୁକ୍ତିରେ କୋଟି କୋଟି ଟଙ୍କା ଲାଞ୍ଚ କାରବାର ହୋଇଥିଲା। ଏହାର ମନିଲଣ୍ଡରି ଦିଗ ଉପରେ ତଦନ୍ତ ଚଳାଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜୁଲାଇ ୨୩ରେ ଉଭୟ ପାର୍ଥ ଓ ଅର୍ପିତାଙ୍କୁ ଗିରଫ କରିଥିଲା। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପାର୍ଥଙ୍କୁ ମନ୍ତ୍ରିମଣ୍ଡଳରୁ ବିଦା କରିବା ସହ ତୃଣମୂଳ କଂଗ୍ରେସରୁ ନିଲମ୍ବନ କରିଛନ୍ତି। ଅର୍ପିତାଙ୍କ ଘରୁ ମିଳିଥିବା ନଗଦ ୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଓ ୫ କୋଟି ଟଙ୍କା ମୂଲ୍ୟର ସୁନା ପାର୍ଥଙ୍କର ବୋଲି ଜେରା ବେଳେ ଅଭିନେତ୍ରୀ ଜଣକ କହିଛନ୍ତି। ଅନ୍ୟପକ୍ଷରେ ପାର୍ଥ ଷଡ଼ଯନ୍ତ୍ରର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ପୂର୍ବରୁ ଇଡି ତାଙ୍କୁ ୧୫ ଦିନ ହାଜତକୁ ନେଇ ଜେରା କରିଥିଲା। ସେ ତଦନ୍ତରେ ସହଯୋଗ କରୁ ନ ଥିବା ଏବଂ ଅସୁସ୍ଥତା ଯୋଗୁ ହସ୍ପିଟାଲରେ ଭର୍ତ୍ତି ହେବାରୁ ଶେଷ ଦୁଇଦିନ ଜେରା ହୋଇପାରି ନ ଥିଲା ବୋଲି ଇଡି କୋର୍ଟଙ୍କୁ ଜଣାଇଥିଲା।



ପାର୍ଥ ଚାଟାର୍ଜୀ



ଅର୍ପିତା ମୁଖାର୍ଜୀ

## କ୍ୟାବିନେଟ ସଚିବଙ୍କ କାର୍ଯ୍ୟକାଳ ବର୍ଷେ ବଢ଼ିଲା



ରାଜୀବ ଗୌବା

**ନୂଆଦିଲ୍ଲୀ,୫।୮**

କ୍ୟାବିନେଟ ସଚିବ ରାଜୀବ ଗୌବାଙ୍କ କାର୍ଯ୍ୟକାଳ ଆଉ ବର୍ଷେ ବଢ଼ାଇବା ପ୍ରସ୍ତାବକୁ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି। ରାଜୀବଙ୍କ କାର୍ଯ୍ୟକାଳ ଚଳିତ ମାସରେ ଶେଷ ହେବାକୁ ଥିବାବେଳେ ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ଏହାକୁ ଆଉ ବର୍ଷେ ବଢ଼ାଇଥିବା କାର୍ମିକ ଓ ତାଲିମ ବିଭାଗ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଫଳରେ ସେ କ୍ୟାବିନେଟ ସଚିବ ପଦବୀରେ ୨୦୨୩ ଅଗଷ୍ଟ ୩୦ ପର୍ଯ୍ୟନ୍ତ ରହିବେ। ଝାଡ଼ଖଣ୍ଡ କ୍ୟାଡର ଆଇଏଏସ୍ ଅଫିସର ରାଜୀବ ୨୦୧୯ ଅଗଷ୍ଟ ୩୦ରେ କ୍ୟାବିନେଟ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଗତବର୍ଷ ତାଙ୍କ କାର୍ଯ୍ୟକାଳକୁ ବର୍ଷେ ବଢ଼ାଯାଇଥିଲା।

# ବିଶ୍ୱର ଉଚ୍ଚତମ ଚେନାବ ବ୍ରିଜ୍

**ଶ୍ରୀନଗର, ୫।୮**

ଜମ୍ମୁ-କଶ୍ମୀରରେ ନିର୍ମାଣ ହେଉଥିବା ବିଶ୍ୱର ଉଚ୍ଚତମ ଚେନାବ ନଦୀ ବ୍ରିଜ୍ କାମ ଗୋଟିଏ ସପ୍ତାହ ମଧ୍ୟରେ ଶେଷ ହେବାକୁ ଯାଉଛି। ବ୍ରିଜ୍‌ର ଲମ୍ବ ୧.୩୧୫ କିଲୋମିଟର ହୋଇଥିବାବେଳେ ଏହାକୁ ନଦୀପତ୍ତନଠାରୁ ୩୫୯ ମିଟର ଉଚ୍ଚରେ ନିର୍ମାଣ କରାଯାଇଛି। ସୂଚନାଯୋଗ୍ୟ ପ୍ୟାରିସ୍‌ର ଇଫେଲ୍ ଟାୱାରର ଉଚ୍ଚତାଠାରୁ ବ୍ରିଜ୍‌ର ଉଚ୍ଚତା ଅଧିକ ରହିଛି। ନିର୍ମାଣାଧୀନ ବ୍ରିଜ୍‌ଟି ରିୟାସି ଜିଲା ସଲାଲ-ଏ ରେଳ ଷ୍ଟେଶନ୍‌ରୁ ଦୁଗା ରେଳ ଷ୍ଟେଶନ୍‌କୁ ସଂଯୋଗ କରିବ । ଚେନାବ ନଦୀ ବ୍ରିଜ୍ ଜମ୍ମୁ-କଶ୍ମୀର ଇତିହାସରେ ନୂଆ ଅଧ୍ୟାୟ ଯୋଡ଼ିବାକୁ ଯାଉଛି। ଷ୍ଟିଲରେ ତିଆରି ହୋଇଥିବା ରେଳବ୍ରିଜ୍‌ରେ ମୋଟ ୯୩ ଗୋଟି ସେଗ୍‌ମେଣ୍ଟ ଥିବାବେଳେ ପ୍ରତ୍ୟେକ ସେଗ୍‌ମେଣ୍ଟର ଓଜନ ୮୫ ଟନ୍ ରହିଛି। ଉଦ୍ଧମପୁର-ଶ୍ରୀନଗର-ବାମୁଲା ରେଳ ଲିଙ୍କ୍ ପ୍ରୋଜେକ୍ଟ ଅଧୀନରେ ବିଶ୍ୱର ଉଚ୍ଚତମ ରେଳ ବ୍ରିଜ୍ ନିର୍ମାଣ କରାଯାଇଛି। ଏଥିରେ ମୋଟ ୩୦,୩୫୦ ଟନ୍ ଷ୍ଟିଲ୍ ବ୍ୟବହାର କରାଯାଇଛି। ଆଫକନ୍ସ ଇନ୍‌ଫ୍ରାଷ୍ଟ୍ରକ୍ଟର ଏଲ୍‌ଟିଡି ପକ୍ଷରୁ ନିର୍ମିତ ଏହି ବ୍ରିଜ୍ ପାଖରେ ୧୨୦ ଟନ୍ ଓଜନ ଧାରଣ କରିବାର କ୍ଷମତା ରହିଛି।



**୩୭୦ ଉଚ୍ଛେଦକୁ ୩ ବର୍ଷ**

# ନିଷ୍ପତ୍ତି ପ୍ରତ୍ୟାହାର ପାଇଁ ପିଡିପି, କଂଗ୍ରେସର ବିକ୍ଷୋଭ

**ଶ୍ରୀନଗର/ନୂଆଦିଲ୍ଲୀ,୫।୮**

ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଏବଂ ୩୫ଏ ଉଚ୍ଛେଦକୁ ଶୁକ୍ରବାର ୩ ବର୍ଷ ପୂରିଛି। ଏହି ଧାରାରେ ଜମ୍ମୁ-କଶ୍ମୀର ଜନସାଧାରଣଙ୍କୁ ମିଳୁଥିବା ସ୍ୱତନ୍ତ୍ର ସୁବିଧା ସୁଯୋଗକୁ କେନ୍ଦ୍ର ସରକାର ୨୦୧୯ ଅଗଷ୍ଟ ୫ରେ ହଟାଇଦେଇଥିଲେ। ଶୁକ୍ରବାର ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି(ପିଡିପି) ଏବଂ କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଇ ପୁଣି ଥରେ ଅନୁଚ୍ଛେଦ ୩୭୦ ଲାଗୁ କରିବା ପାଇଁ ଦାବି ହୋଇଛି। ସେହିପରି ନ୍ୟାଶନାଲ କନ୍‌ଫରେନ୍ସ ପକ୍ଷରୁ ଏହି ଅବସରରେ ଏକ ସଭା କରାଯାଇଥିଲା। ୩ ବର୍ଷ ପୂର୍ବେ କେନ୍ଦ୍ର ସରକାର ନେଇଥିବା ନିଷ୍ପତ୍ତିକୁ ସୁପ୍ରିମକୋର୍ଟ ବଦଳାଇଦେବେ ବୋଲି ଏହି ଦଳ ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି। ବନ୍ଦ ଡାକରା ସତ୍ତ୍ୱେ ଶ୍ରୀନଗର ଜିଲାରେ ଜୀବନଯାତ୍ରା ସମ୍ପୂର୍ଣ୍ଣ ସ୍ୱାଭାବିକ ଥିଲା। ଦୋକାନ ବଜାର, ସ୍କୁଲ




ଓ ଅନ୍ୟାନ୍ୟ ପ୍ରତିଷ୍ଠାନ ଖୋଲା ରହିଥିଲା। ପିଡିପି ନେତ୍ରୀ ମେହବୁବା ମୁଫ୍‌ତି ଓ ଦଳୀୟ କର୍ମୀମାନେ ଶେର୍-ଇ-କଶ୍ମୀର ମ୍ୟୁନିସିପାଲ ପାର୍କଠାରେ ଏକାଠି ହୋଇ ଜମ୍ମୁ-କଶ୍ମୀର ବିଭାଜନ ଓ ଅନୁଚ୍ଛେଦ ୩୭୦ ଉଚ୍ଛେଦର ପ୍ରତିବାଦ କରିଥିଲେ। ସେମାନେ ଲାଲ୍ ଚୌକ ଅଭିମୁଖେ ଶୋଭାଯାତ୍ରାରେ ଯିବା ଲାଗି ଉଦ୍ୟମ କରୁଥିବାବେଳେ ପୋଲିସ ଅଟକାଇଥିଲା। ଜମ୍ମୁ-କଶ୍ମୀରର ସ୍ୱତନ୍ତ୍ର ମାନ୍ୟତା ଫେରାଇ ଆଣିବା ଲାଗି ପିଡିପି ଲଢ଼େଇ ଜାରି ରଖିବ ବୋଲି ମେହବୁବା କହିଛନ୍ତି।

### କଶ୍ମୀର ଆଇନଶୃଙ୍ଖଳା ସ୍ଥିତିରେ ଉନ୍ନତି ହୋଇଛି: କେନ୍ଦ୍ର

ଅନ୍ୟପକ୍ଷରେ ଅନୁଚ୍ଛେଦ ୩୭୦ ଏବଂ ୩୫ଏ ଉଚ୍ଛେଦ ପରେ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳରେ ଆଇନଶୃଙ୍ଖଳା ଏବଂ ସୁରକ୍ଷା ସ୍ଥିତିରେ ଉନ୍ନତି ଘଟିଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ଉପତ୍ୟକାର ବିଚ୍ଛିନ୍ନତାବାଦୀ ଓ ଧର୍ମୀୟ ମୌଳବାଦୀଙ୍କ ଉପରେ କ୍ରମାଗତ ଚାପ ଫଳରେ ବିଶୃଙ୍ଖଳା ଓ ଉତ୍ତେଜନା ୬୦୦ ପ୍ରତିଶତ ହ୍ରାସ ପାଇଛି। ଶୁକ୍ରବାର ପାକିସ୍ତାନରେ କଳାଦିବସ ଏବଂ ବିଚ୍ଛିନ୍ନତାବାଦୀଙ୍କୁ ବନ୍ଦ ଡାକରା ସତ୍ତ୍ୱେ ଉପତ୍ୟକା ସ୍ଥିତି ସ୍ୱାଭାବିକ ରହିଛି।



କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ୨୦ ବର୍ଷରୁ କମ୍ ସାଫ୍ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ପୂର୍ବରୁ ଭାରତ ଓ ବାଂଲାଦେଶ ଦଳର ଅଧିନାୟକ, ଗୋଲ୍‌କିପର ଓ ମ୍ୟାଚ ଅଫିସିଆଲ୍‌ଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। **(ରିପୋର୍ଟ ଖେଳ ପୃଷ୍ଠା)**






# ମାସିକ କିସ୍ତି ପୁଣି ମହଙ୍ଗା

## ୦.୫୦% ରେପୋ ରେଟ୍ ବଢ଼ାଇଲା ଆର୍‌ବିଆଇ

**ମୁମ୍ବାଇ,୫।୮**

ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଶୁକ୍ରବାର ରେପୋ ରେଟ୍ ପୁଣି ୫୦ ବେସିସ୍ ପଏଣ୍ଟ ବୃଦ୍ଧି କରିବା ଫଳରେ ଏହା ୫.୪୦ ପ୍ରତିଶତରେ ପହଞ୍ଚିଛି। ରେପୋ ରେଟ୍ ହେଉଛି ଏକ ହାର ଯେଉଁଥିରେ କେନ୍ଦ୍ରୀୟ ବ୍ୟାଙ୍କ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ ଋଣ ଆକାରରେ ଅର୍ଥ ଯୋଗାଇ ଦେଇଥାନ୍ତି। ଚଳିତ ଆର୍ଥିକ ବର୍ଷରେ ତୃତୀୟ ଥର ପାଇଁ ରେପୋ ରେଟ୍ ବୃଦ୍ଧି ପାଇଛି। ଗତ ମେ' ମାସରେ ଆର୍‌ବିଆଇ ରେପୋ ରେଟ୍ ୪୦ ବେସିସ୍ ପଏଣ୍ଟ ବୃଦ୍ଧି କରିଥିବାବେଳେ ଜୁନ୍‌ରେ ୫୦ ପଏଣ୍ଟ ବୃଦ୍ଧି କରିବାରୁ ଏହା ୪.୯୦ ପ୍ରତିଶତରେ ପହଞ୍ଚିଥିଲା। ଅଧିକାଂଶ ବ୍ୟାଙ୍କ ସୁଧହାର ବଢ଼ାଇ ସାରିଥିବାବେଳେ ରେପୋ ରେଟ୍ ବୃଦ୍ଧି ଫଳରେ କେତେକ ବ୍ୟାଙ୍କ ପୁଣିଥରେ ସୁଧ ବଢ଼ାଇବେ। ଫଳରେ ଗୃହ ଏବଂ କାର୍ ଋଣ ପୁଣି ମହଙ୍ଗା ହେବାକୁ ଯାଉଛି।

ଅଗଷ୍ଟ ୩ରୁ ରିଜର୍ଭ ବ୍ୟାଙ୍କର ମୁଦ୍ରା ନୀତି କମିଟି (ଏମ୍‌ପିସି)ର ୩ ଦିନିଆ ବୈଠକ ବସି ଦେଶର ବର୍ତ୍ତମାନର ଆର୍ଥିକ ସ୍ଥିତିର ସମୀକ୍ଷା କରାଯାଇଥିଲା। ମୁଦ୍ରାସ୍ଫୀତିକୁ ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟରେ ରଖିବା ଏବଂ ଆର୍ଥିକ ଅଭିବୃଦ୍ଧିକୁ ବଢ଼ାଇବା ଲାଗି କମିଟି ରେପୋ ରେଟ୍ ବଢ଼ାଇବା ନିମନ୍ତେ ନିଷ୍ପତ୍ତି ନେଇଥିବା ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି। ସ୍ଥାୟୀ ଜମା ସୁବିଧା (ଏସ୍‌ଡିଏଫ୍) ହାର୍ ୫.୧୫ ପ୍ରତିଶତ ଏବଂ ମାର୍ଜିନାଲ ଷ୍ଟାଣ୍ଡିଂ ଫାସିଲିଟି(ଏମ୍‌ଏସ୍‌ଏଫ୍) ତଥା ବ୍ୟାଙ୍କ ସୁଧ ହାର ୫.୬୫ ପ୍ରତିଶତ ରଖିବା ଲାଗି ଏମ୍‌ପିସି ନିଷ୍ପତ୍ତି ନେଇଛି। ୨୦୨୨-୨୩ ଆର୍ଥିକ ବର୍ଷ ଲାଗି ବାସ୍ତବ ଜିଡିପି ଅଭିବୃଦ୍ଧି ୭.୨ ପ୍ରତିଶତ ପୂର୍ବାନୁମାନ କରାଯାଇଛି।

ବ୍ୟାଙ୍କଗୁଡ଼ିକ ବର୍ଦ୍ଧିତ ହାରରେ ଅର୍ଥ ଉଠାଇଲେ, ଗ୍ରାହକଙ୍କୁ ମଧ୍ୟ ଅଧିକ ସୁଧରେ ଋଣ ଦେବେ। ଅଣବ୍ୟାଙ୍କିଙ୍ଗ୍ ଫାଇନାନ୍ସ କମ୍ପାନୀ (ଏନ୍‌ବିଏଫ୍‌ସି)ଗୁଡ଼ିକ ବଜାରରୁ ଅର୍ଥ ସଂଗ୍ରହ କରି ଏହାକୁ ଗ୍ରାହକମାନଙ୍କୁ ଋଣ ଆକାରରେ ଯୋଗାଇଥାନ୍ତି। ଏନ୍‌ବିଏଫ୍‌ସି ଆଣୁଥିବା ଋଣ ମହଙ୍ଗା ହେଲେ ଲାଭ ପାଇବା ପାଇଁ ସେମାନେ ଅଧିକ ସୁଧରେ ଋଣ ଲଗାଇବା ସ୍ୱାଭାବିକ। ତେଣୁ ରେପୋ ରେଟ୍‌ର ସିଧାସଳଖ ପ୍ରଭାବ ସୁଧ ଉପରେ ପଡ଼ିଥାଏ। ସରକାର ରେପୋ ରେଟ୍ ପରିବର୍ତ୍ତନ କଲେ ଏନ୍‌ବିଏଫ୍‌ସିଗୁଡ଼ିକ ସୁଧ ହାର ବଦଳାଇଥାନ୍ତି। ରେପୋ ବଢ଼ିଲେ ସେହି ଅନୁଯାୟୀ ଋଣ ପରିଶୋଧ କିସ୍ତି (ଇଏମ୍‌ଆଇ) ପରିମାଣ ବଢ଼େ ବୋଲି ବ୍ରାଞ୍ଚ ଇଣ୍ଟରନ୍ୟାଶନାଲର ଭାରତରେ ☞**ପୃଷ୍ଠା-୨**

## ଆଜିଠୁ ମୁଖ୍ୟମନ୍ତ୍ରୀଙ୍କ ୩ ଦିନିଆ ଦିଲ୍ଲୀ ଗସ୍ତ

**ଭୁବନେଶ୍ୱର, ୫।୮(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଠାରୁ ୩ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଉଛନ୍ତି। ଆସନ୍ତା ୭ରେ ଦିଲ୍ଲୀର ବିଜ୍ଞାନ ଭବନ ଠାରେ ହେବାକୁ ଥିବା ନୀତି ଆୟୋଗ ୭ମ ପରିଚାଳନା ପରିଷଦ ବୈଠକରେ ମୁଖ୍ୟମନ୍ତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ଶୁକ୍ରବାର ଅପରାହ୍ନ ☞**ପୃଷ୍ଠା-୨**

**ଆଜିର ସମ୍ପାଦକୀୟ**

**ଅଧିକାରୀଙ୍କ ଅଦଳବଦଳ**

## ଆଜି ଉପରାଷ୍ଟ୍ରପତି ନିର୍ବାଚନ

**ଧନକର ବନାମ ଆଲ୍‌ଭା**





**ନୂଆଦିଲ୍ଲୀ,୫।୮**

ଭାରତର ପରବର୍ତ୍ତୀ ଉପ ରାଷ୍ଟ୍ରପତି କିଏ ହେବେ ତାହା ଶନିବାର ସ୍ଥିର ହେବ। ଦେଶର ଦ୍ୱିତୀୟ ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ପାଇଁ ହେବାକୁ ଥିବା ନିର୍ବାଚନରେ ଦୁଇଜଣ ପୂର୍ବତନ ରାଜ୍ୟପାଳ ପରସ୍ପର ସହ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପକ୍ଷରୁ ପଶ୍ଚିମବଙ୍ଗର ପୂର୍ବତନ ରାଜ୍ୟପାଳ ଜଗଦୀପ ଧନକରଙ୍କୁ ପ୍ରାର୍ଥୀ କରାଯାଇଥିବାବେଳେ ବିରୋଧୀ ଦଳଗୁଡ଼ିକ ରାଜସ୍ଥାନର ପୂର୍ବତନ ରାଜ୍ୟପାଳ ମାର୍ଗାରେଟ ଆଲ୍‌ଭାଙ୍କୁ ଛିଡ଼ା କରାଇଛନ୍ତି। ☞**ପୃଷ୍ଠା-୨**

## କ୍ରୀଡ଼ା ଶିକ୍ଷକଙ୍କ ୪. ୬୭ କୋଟି ଟଙ୍କାର ସମ୍ପତ୍ତି ଠାବ

**ବ୍ରହ୍ମପୁର ଅଫିସ,୫।୮**

ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଜରଡ଼ା ଥାନା ଅନ୍ତର୍ଗତ ଜୟନ୍ତୀପୁର ଦିବ୍ୟସିଂହ ବିଦ୍ୟାପୀଠର କୋଟିପତି କ୍ରୀଡା ଶିକ୍ଷକ(ପିଇଟି) ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ବ୍ରହ୍ମପୁର ଭିଜିଲାନ୍ସ ଅଧିକାରୀମାନେ ପିଇଟି ଦନାର୍ଦ୍ଦନ ସାହୁଙ୍କ ବ୍ରହ୍ମପୁର ଅନନ୍ତନଗର ବାସଭବନ, ଜୟନ୍ତୀପୁର ବାସଭବନ ସମେତ ୧୩ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ହୋଇଥିବା ତଦନ୍ତରେ ଦନାର୍ଦ୍ଦନ ଓ ତାଙ୍କ ପରିବାରବର୍ଗଙ୍କ ନାମରେ ୪କୋଟି ୬୭ଲକ୍ଷ ୭୦ହଜାର ୮୬୫ଟଙ୍କାର ସମ୍ପତ୍ତି ଥିବା ଭିଜିଲାନ୍ସ ବିଭାଗ ତାଲିକା ପ୍ରସ୍ତୁତ କରିଛି। ଜଣେ କ୍ରୀଡା ଶିକ୍ଷକ ଏତେ ପରିମାଣର ସମ୍ପତ୍ତି ଠୁଳ କରିବା ତାଜୁବ କରିଛି। ୩ କୋଟି ୮୪ଲକ୍ଷ ଟଙ୍କାର ସ୍ଥାବର ସମ୍ପତ୍ତି ତାଲିକାରେ କୋଠା, ଜମି, ମାର୍କେଟ କମ୍ପ୍ଲେକ୍ସ, ପେଟ୍ରୋଲ ପମ୍ପ, ☞**ପୃଷ୍ଠା-୨**

**ଭିଜିଲାନ୍ସ ଚଢ଼ାଉ**



ଦନାର୍ଦ୍ଦନ ସାହୁ

# ପେଲୋସିଙ୍କୁ ଚାଇନା ମନା

**ଉଭୟ ଆମେରିକା ଓ ଚାଇନା ହେଉଛନ୍ତି ବିଶ୍ୱର ଦୁଇ ମହାଶକ୍ତି। ୱାଶିଂଟନ ସହ ବେଜିଂ ପ୍ରତିରକ୍ଷା ସମ୍ପର୍କ ଛିନ୍ନ କରି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା ବାତିଲ କରିବା ଫଳରେ ଉଭୟ ରାଷ୍ଟ୍ର ମଧ୍ୟରେ ବେଆଇନ ପ୍ରବାସୀଙ୍କୁ ପ୍ରତ୍ୟର୍ପଣ, ଆପରାଧିକ ତଦନ୍ତ, ସୀମାପାର ଅପରାଧ, ବେଆଇନ ଡ୍ରଗ୍ସ ଚାଲାଣ ଓ ଜଳବାୟୁ ସମ୍ପର୍କିତ ସହଯୋଗିତା ବାଧାପ୍ରାପ୍ତ ହେବ।**

- **ହାଉସ୍ ସ୍ପିକରଙ୍କ ତାଇୱାନ୍ ଗସ୍ତକୁ ନେଇ ବେଜିଂର କାର୍ଯ୍ୟାନୁଷ୍ଠାନ**
- **ଆମେରିକା ସହ ପ୍ରତିରକ୍ଷା ସମ୍ପର୍କ ଛିନ୍ନ**
- **ଜଳବାୟୁ ପରିବର୍ତ୍ତନ ଆଲୋଚନା ବାତିଲ**


**ବେଜିଂ/ୱାଶିଂଟନ/ତାଇପେଇ,୫।୮**

ଆମେରିକା ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସ ସ୍ପିକର ନାନ୍ସି ପେଲୋସିଙ୍କ ସଦ୍ୟ ତାଇୱାନ୍ ଗସ୍ତକୁ ନେଇ କ୍ଷୁବ୍ଧ ଚାଇନା ପ୍ରତିକ୍ରିୟାଶୀଳ ହୋଇଉଠିଛି। ବେଜିଂ ପକ୍ଷରୁ ପେଲୋସି ଓ ତାଙ୍କ ପରିବାର ଉପରେ ଶୁକ୍ରବାର କଟକଣା ଜାରି କରାଯାଇଛି। ଏଥିସହ ୱାଶିଂଟନ ସହିତ ପ୍ରତିରକ୍ଷା, ଜଳବାୟୁ ପରିବର୍ତ୍ତନ ଓ ଅନ୍ୟ କେତେକ ପ୍ରସଙ୍ଗରେ ଆଲୋଚନା ବାତିଲ କରିଛି।

ବେଜିଂ ତାଇୱାନ୍‌କୁ ଚାଇନା ମୂଳ ଭୂଖଣ୍ଡର ଅଂଶ ଦାବି କରି ପୁନଃ ଦଖଲ ଉଦ୍ୟମ ଚଳାଇଥିବାବେଳେ ୮୨ ବର୍ଷୀୟା ପେଲୋସି ମଙ୍ଗଳବାର ଏହି ଦ୍ୱୀପରାଷ୍ଟ୍ରକୁ ଗସ୍ତ କରିଥିଲେ। ଦୀର୍ଘ ୨୫ ବର୍ଷ ପରେ ଆମେରିକାର ଜଣେ ସର୍ବୋଚ୍ଚ ସ୍ତରର ନେତାଙ୍କ ☞**ପୃଷ୍ଠା-୨**



ନାନ୍ସି ପେଲୋସି



**ଆଜିର ମନ୍ତବ୍ୟ**

ଇଡି ତଦନ୍ତରୁ ଗାନ୍ଧୀ ପରିବାରକୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ କଂଗ୍ରେସ ଦରବୃଦ୍ଧି ନାମରେ ବିକ୍ଷୋଭ କରୁଛି।
**-ରବିଶଙ୍କର ପ୍ରସାଦ, ବରିଷ୍ଠ ଭାଜପା ନେତା**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................


ରାଧାକ୍ରିଷ୍ଣ
ପରିବାରବର୍ଗ


ପ୍ରଜ୍ଞା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଅଁଳକହି ରାଧା,
ଘରକୁ ଗଲେ କଥା ନ କହନ୍ତି
ବାଟରେ ବଡ଼ ଶରଧା।**

ଉପରଠାଉରିଆ ଶ୍ରଦ୍ଧା ଓ ସରାଗ। ବାଟରେ ଘାଟରେ ଦେଖିଲେ କଥାବର୍ତ୍ତାରୁ ଜଣାପଡେ ସତରେ ଯେମିତି ଗୋଟାପଣେ ନିଜର। ନ ଦେଖିଲେ ଭାତ ରୁଚେନି। କିନ୍ତୁ ଘରକୁ ଆସିଲେ ଆଡ଼ ଆଡ଼ ହୋଇ କଥା କହି,ନ ଜାଣିଲା ନ ଚିହ୍ନିଲା ଭଳି ବ୍ୟବହାର। ଛଳନା ଓ କପଟର ଇଏ ଏକ ରୂପ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କଉଡ଼ି ନେବ ଗଣି
ପାଣି ପିଇବ ଛାଣି।**

ଟଙ୍କା ପଇସା କାରବାର କଲାବେଳେ ଏହାକୁ ଗଣିରଖିବା ଉଚିତ ହୋଇଥାଏ। ଟଙ୍କା ପଇସା ଗଣି ରଖିଲେ ପଛକୁ ସନ୍ଦେହ କରିବାର ଆଉ କୌଣସି ଅବକାଶ ରହି ନ ଥାଏ। ସେହିପରି ସ୍ୱଚ୍ଛ ତଥା ନିର୍ମଳ ପାଣି ସ୍ୱାସ୍ଥ୍ୟପକ୍ଷେ ହିତକର ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

## ପ୍ରଥମ ପୃଷ୍ଠାରୁ...

### କ୍ରୀଡ଼ା ଶିକ୍ଷକଙ୍କ ୪. ୬୭...

ଗ୍ୟାସ୍ ଏଜେନ୍ସି ଆଦି ରହିଛି। ତଦନ୍ତ ସରିବା ପରେ ଆୟ ବର୍ହିଭୂତ ସମ୍ପତ୍ତିର ପରିମାଣ ଜଣାପଡ଼ିବ ବୋଲି ବ୍ରହ୍ମପୁର ଭିଜିଲାନ୍ସ ଏସ୍‌ପି ଗଣେଶ ପ୍ରଧାନ ସୂଚନା ଦେଇଛନ୍ତି। ଦନାର୍ଦ୍ଦନଙ୍କ ଗୋଦାମରୁ ୫୦କେଜି ବିଶିଷ୍ଟ ୫ଶହ ବ୍ୟାଗ୍ ଚିନି ଓ ୪୦କେଜି ବିଶିଷ୍ଟ ୨ଶହ ବ୍ୟାଗ୍ ଗୁଡ଼ ଜବତ ହୋଇଛି। ଏହା କେଉଁଥି ପାଇଁ ରଖାଯାଇଥିଲା ସେ ଦିଗରେ ତଦନ୍ତ ଜାରି ରହିଛି। ଦନାର୍ଦ୍ଦନଙ୍କ ଘରେ ଚଢ଼ାଉ ବେଳେ ମୋଟ ୩ଲକ୍ଷ ୭୦ହଜାର ଟଙ୍କା ଜବତ ହୋଇଛି। ସ୍ଥାବର ସମ୍ପତ୍ତି ତାଲିକାରେ ବ୍ରହ୍ମପୁର ଅନନ୍ତନଗରରେ ସ୍ତ୍ରୀ କୁନ୍ତଳା କୁମାରୀ ସାହୁ ଓ ପୁଅ ଅମିତ କୁମାର ସାହୁଙ୍କ ନାମରେ ଦୁଇଟି କୋଠା, ବ୍ରହ୍ମପୁର ଉତ୍ତରେଶ୍ୱର ମୌଜା ଓ ରାଧାନାଥପୁର ମୌଜାରେ ଦୁଇଟି ପ୍ଲଟ୍, ପାତ୍ରପୁର ତହସିଲ ବଳରାମପୁର ମୌଜାରେ ୪ଟି ପ୍ଲଟ୍, ମାର୍କେଟ କମ୍ପ୍ଲେକ୍ସ,


ଘରୁ ମିଳିଥିବା ସୁନା ଅଳଙ୍କାର।


ବ୍ରହ୍ମପୁର ଅନନ୍ତନଗରସ୍ଥିତ ଅଟ୍ଟାଳିକା।

ଜୟନ୍ତୀପୁରରେ ପୁଅ ଅମିତଙ୍କ ନାମରେ ଏକ ପେଟ୍ରୋଲ ପମ୍ପ, ଦୋକାନ ଘର, ଦୁଇଟି ଦୁଇ ମହଲା ଘର ଓ ଗୋଟିଏ ଏକ ମହଲା ବିଶିଷ୍ଟ ଘର ରହିଛି। ଭୁବନେଶ୍ୱରରେ ପ୍ଲଟ୍ ଓ ଦନାର୍ଦ୍ଦନଙ୍କ ବନ୍ଧୁଙ୍କ ନାମରେ ଏକ ଗ୍ୟାସ୍ ଏଜେନ୍ସି ମଧ୍ୟ ରହିଥିବା ଭିଜିଲାନ୍ସ ବିଭାଗ ତାଲିକା ପ୍ରସ୍ତୁତ କରିଛି। ସେହିପରି ୮୩ଲକ୍ଷ ୪୮ହଜାର ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଥିବା ଭିଜିଲାନ୍ସ ବିଭାଗ ଆକଳନ କରିଛି। ତନ୍ମଧ୍ୟରେ ୭୨୧ ଗ୍ରାମ ସୁନା ଅଳଙ୍କାର, ଦୁଇଟି ଚାରି ଚକିଆ ଓ ୨ଟି ଦୁଇ ଚକିଆ ଗାଡ଼ି, ବ୍ୟାଙ୍କ ଜମା, ଜୀବନ ବୀମା ଆଦି ରହିଛି। ଶନିବାର ପିଇଟି ଶିକ୍ଷକଙ୍କ ସମ୍ପତ୍ତିର ସବିଶେଷ ତଥ୍ୟ ପ୍ରଦାନ କରାଯିବ ବୋଲି ଏସପି କହିଛନ୍ତି। ଚଢ଼ାଉରେ ୪ଜଣ ଡିଏସପି, ୧୨ ଜଣ ଇନ୍ସପେକ୍ଟରଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

### ମାସିକ କିସ୍ତି ପୁଣି ...

ଥିବା ଫାଇନାନ୍ସ ମୁଖ୍ୟ ଅଂଶୁ ଅଗ୍ରୱାଲ କହିଛନ୍ତି। ଏବେ ଗୃହ ଋଣ ସୁଧହାର ପାଖାପାଖି ୮ ପ୍ରତିଶତ ହେବ। ଫଳରେ କମ୍ ସୁଧରେ ଗୃହ ଋଣ ନେଇଥିବା ଲୋକଙ୍କ ଉପରେ ଅଧିକ ଇଏମ୍‌ଆଇ ବୋଝ ପଡିବ। ତେବେ ଏହା ଏହି ଚାପ ଅଧିକ ଦିନ ରହିବ ନାହିଁ ବୋଲ ଇଣ୍ଡିଆ ସୋଥେବିସ୍ ଇଣ୍ଟରନ୍ୟାଶନାଲ ରିଏଲିଟିର ସିଇଓ ଅମିତ୍ ଗୋୟଲ କହିଛନ୍ତି।

### ଆଜି ଉପରାଷ୍ଟ୍ରପତି ...

ବିଦାୟୀ ଉପରାଷ୍ଟ୍ରପତି ତଥା ରାଜ୍ୟ ସଭା ଅଧକ୍ଷ ଏମ୍. ଭେଙ୍କାୟା ନାଇଡୁଙ୍କ କାର୍ଯ୍ୟକାଳ ଆସନ୍ତା ୧୦ରେ ଶେଷ ହେବ। ନୂଆ ଉପରାଷ୍ଟ୍ରପତି ୧୧ ତାରିଖରେ ଶପଥ ନେବେ। ଏଥିପାଇଁ ନୂଆ ଉପରାଷ୍ଟ୍ରପତି ଚୟନ ନିମନ୍ତେ ଶନିବାର ପାର୍ଲାମେଣ୍ଟ ହାଉସ୍‌ରେ ନିର୍ବାଚନ ହେବ। ଏଥିରେ ସଂସଦର ଉଭୟ ଗୃହର ମୋଟ ୭୮୦ ସଦସ୍ୟ ଭୋଟ ଦେଇପାରିବେ। ଇଲେକ୍ଟୋରାଲ କଲେଜର ସମସ୍ତ ମତଦାତା ପାର୍ଲାମେଣ୍ଟର ସଦସ୍ୟ ହୋଇଥିବାରୁ ପ୍ରତ୍ୟେକ ଏମ୍‌ପିଙ୍କ ଭୋଟର ମୂଲ୍ୟ ୧ ରହିବ। ବାଲଟ ପେପରରେ ଗୁପ୍ତ ମତଦାନ କରାଯିବ। ମତଦାତା କାହାକୁ ଭୋଟ ଦେଇଛନ୍ତି ତାହା କହିଲେ କିମ୍ବା ବାଲଟ ପେପର ଦେଖାଇଦେଲେ ତାଙ୍କ ଭୋଟ ରଦ୍ଦ ହୋଇଯିବ। ଏପରି କି କୌଣସି ଦଳ ନିଜ ଏମ୍‌ପିମାନଙ୍କ ଉପରେ ହୁଇପ୍ ଜାରି କରିପାରିବେ ନାହିଁ ବୋଲି ପୂର୍ବରୁ ନିର୍ବାଚନ କମିଶନ ସ୍ପଷ୍ଟ କରିଛନ୍ତି। ମତଦାନ ଶେଷ ହେବା ପରେ ଭୋଟ ଗଣତି କରାଯିବ। ସରକାରୀ ତଥ୍ୟାନୁସାରେ ୨୦୨୨ ଉପରାଷ୍ଟ୍ରପତି ନିର୍ବାଚନରେ ଇଲେକ୍ଟୋରାଲ କଲେଜରେ ରାଜ୍ୟ ସଭାର ୨୩୩ ନିର୍ବାଚିତ ଓ ୧୨ ମନୋନୀତ ସଦସ୍ୟଙ୍କ ସମେତ ଲୋକ ସଭାର ୫୪୩ ନିର୍ବାଚିତ ଓ ୨ ମନୋନୀତ ସଦସ୍ୟ ଅଛନ୍ତି। ନିର୍ବାଚନରେ ବିଜୟୀ ହେବା ପାଇଁ ପ୍ରାର୍ଥୀଙ୍କୁ ୩୯୫ ଭୋଟ ଆବଶ୍ୟକ। ଧନକରଙ୍କୁ ୨୦ ଦଳ ସମର୍ଥନ କରୁଥିବାବେଳେ ଆଲ୍‌ଭାଙ୍କ ସପକ୍ଷରେ ୧୮ ଦଳ ଥିବା କୁହାଯାଉଛି। ତେଣୁ ଧନକରଙ୍କ ବିଜୟ ସମ୍ଭାବନା ଅଧିକ ରହିଛି।

### ପେଲୋସିଙ୍କୁ ଚାଇନା ...

ପ୍ରଥମ ତାଇୱାନ ଗସ୍ତକୁ ବେଜିଂ ନିନ୍ଦା କରିଛି। ପେଲୋସିଙ୍କ ଚାଇନା ଗସ୍ତ ଉପରେ କଟକଣା ଜାରି କରିବା ସହ ସୀମାପାର ଅପରାଧ ଓ ବେଆଇନ ପ୍ରବାସ ଉପରେ ସହଯୋଗ ଶେଷ କରିବାକୁ ନିଷ୍ପତ୍ତି ନେଇଛି। ପେଲୋସିଙ୍କ ଗସ୍ତ ଚାଇନାର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ। ଏଥିଯୋଗୁ ଚାଇନାର ସାର୍ବଭୌମତ୍ୱ ଓ କ୍ଷେତ୍ରୀୟ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି ହୋଇଥିବାରୁ ପିପୁଲ୍ସ ରିପବ୍ଲିକ୍ ଅଫ୍ ଚାଇନାର ଆଇନ ଅନୁସାରେ ପେଲୋସି ଏବଂ ତାଙ୍କ ପରିବାର ସଦସ୍ୟଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ପେଲୋସିଙ୍କ ତାଇୱାନ ଗସ୍ତକୁ ଆଳ କରି ଚାଇନା ସାମରିକ କାର୍ଯ୍ୟାନୁଷ୍ଠାନ ନେଉଥିବା ଆମେରିକା ବହିର୍ବ୍ୟାପାର ମନ୍ତ୍ରୀ ଆଣ୍ଟୋନି ବ୍ଲିଙ୍କେନ ଅଭିଯୋଗ ଆଣିଛନ୍ତି। ଏହା ପୂର୍ବରୁ ଆମେରିକାର ପୂର୍ବତନ ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓଙ୍କ ସମେତ ଟ୍ରମ୍ପ୍ ପ୍ରଶାସନର ୨୮ ଅଧିକାରୀଙ୍କ ବିରୋଧରେ ମଧ୍ୟ ଯାତ୍ରା କଟକଣା ଲଗାଇଥିଲା।

### ଆଜିଠୁ ମୁଖ୍ୟମନ୍ତ୍ରୀଙ୍କ ....

ସାଢେ ୪ଟା ସମୟରେ ରାଷ୍ଟ୍ରପତି ଭବନର କଲଚରାଲ ସେଣ୍ଟରଠାରେ ୭୫ତମ ସ୍ୱାଧୀନତା ଦିବସ ଉପଲକ୍ଷେ 'ଆଜାଦି କା ଅମୃତ ମହୋତ୍ସବ'ର ଜାତୀୟ କମିଟି ବୈଠକ ଅନୁଷ୍ଠିତ ହେବ। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ସମେତ ବିଭିନ୍ନ ରାଜ୍ୟର ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ହେଲେ ଏଥିରେ ମୁଖ୍ୟମନ୍ତ୍ରୀ ଯୋଗଦେବେ ନା ନାହିଁ ସେନେଇ ସ୍ପଷ୍ଟ ହୋଇନାହିଁ। ତେବେ ନୀତି ଆୟୋଗର ସପ୍ତମ ପରିଚାଳନା ପରିଷଦ ବୈଠକରେ ମୁଖ୍ୟମନ୍ତ୍ରୀ ରାଜ୍ୟର କେତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ଦାବି ଉପସ୍ଥାପନା କରିବେ ବୋଲି ଜଣାପଡିଛି। ମୁଖ୍ୟମନ୍ତ୍ରୀ ୮ରେ ଓଡିଶା ଫେରିବାର କାର୍ଯ୍ୟକ୍ରମ ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ରାଶ୍ୟାଧିପ ଯୁକ୍ତ ରାହୁ ହେତୁ କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ସହକର୍ମୀଙ୍କ ସହିତ କର୍ମକ୍ଷେତ୍ରରେ ଝଗଡ଼ା ଲାଗିପାରେ। ଗଠନମୂଳକ ପ୍ରେରଣା ଦେଇ ବନ୍ଧୁମାନଙ୍କ ଦ୍ୱାରା ପ୍ରଶଂସିତ ହେବେ। ପାରିବାରିକ ଅସହଯୋଗରୁ କାର୍ଯ୍ୟ ହାସଲ ନ ହେବା ହେତୁ ଚିନ୍ତିତ ହେବେ।

**ବୃଷ** ତୃତୀୟସ୍ଥ ଶୁକ୍ର ପ୍ରଭାବରେ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ହାସଲ କରିବେ । କାଶ ଓ କଫଜନିତ ପୀଡାରୁ କଷ୍ଟ ଅନୁଭବ କରିପାରନ୍ତି । ଆତ୍ମୀୟଙ୍କ ପାଇଁ ଚିନ୍ତା ବଢିପାରେ। ଆନୁଷ୍ଠାନିକ କ୍ଷେତ୍ରରେ, ଲେଖାପଢାରେ ଆଳସ୍ୟ ଓ ଅବହେଳା ପ୍ରଦର୍ଶନ କରିବେ। ବାଣିଜ୍ୟ ଓ ପରିବହନାଦି ବିଭିନ୍ନ ଦିଗରୁ ଲାଭବାନ ହେବେ।

**ମିଥୁନ** ଉଚ୍ଚାଭିମୁଖୀ ବୁଧ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ସୁଧୁରି ଯିବ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। କର୍ମକ୍ଷେତ୍ରରେ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**କର୍କଟ** ଶନି ଦୃଷ୍ଟ ରବି ହେତୁ ଖଳପ୍ରକୃତିର ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି। ତଥାପି ଆପଣଙ୍କର ଦକ୍ଷତା ହେତୁ ଆଶା ପୂରଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ବନ୍ଧୁଙ୍କ ପ୍ରହେଳିକାପୂର୍ଣ୍ଣ କଥା ଶୁଣି ମରୀଚିକା ପଛରେ ଦୌଡିପାରନ୍ତି। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ସିଂହ** ସ୍ୱଗୃହାଭିମୁଖୀ ରବିଙ୍କ ଯୋଗୁ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**କନ୍ୟା** ଚନ୍ଦ୍ର ଓ କେତୁ ସଂଯୋଗରୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ମନୋଭାବ ପୋଷଣ କରିବେ। ସ୍ୱାସ୍ଥ୍ୟ ସଚେତନତା ଅଭାବରୁ ପୁରାତନ ରୋଗର ପୀଡା ଅନୁଭବ ହୋଇପାରେ। ହଠାତ୍ କେଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ସାହିତ୍ୟ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହବେ।

**ତୁଳା** କର୍ମସ୍ଥାନରେ ରବି ଅବସ୍ଥାନ କରୁଥିବାରୁ ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମ ସବୁ ଠିକ୍‌ରେ ହୋଇଯିବ। କେତେକ କ୍ଷେତ୍ରରେ ଇଚ୍ଛା ବିରୋଧରେ କାମ କରି ଅନୁତାପ କରିବେ। ଈର୍ଷାପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି କଟୁ ମନ୍ତବ୍ୟ ଦେଇପାରନ୍ତି । ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ।

**ବିଛା** ବୁଧଙ୍କ ଶୁଭଦୃଷ୍ଟି ଯୋଗୁ ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ଶୀଘ୍ର ଶେଷ କରିବା ସକାଶେ ଭାବୁଥିବା କାମଟିକୁ ଶେଷ କରିପାରିବେନି। ପରିବହନ ଓ ନିର୍ମାଣ, ଆଲୋଚନା, ସଭା ସମିତି ଓ ଚୁକ୍ତିପତ୍ର ପାଇଁ ଦିନଟି ଭଲ। କଳା ସାହିତ୍ୟ ଓ ସାମ୍ବାଦିକତାରେ ସମସ୍ୟା ସମାଧାନ ହୋଇଯିବ ।

**ଧନୁ** କେନ୍ଦ୍ରସ୍ଥ ବୃହସ୍ପତି ହେତୁ ଆକସ୍ମିକ ଭାବରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ପରିବାରରେ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖା ଦେଇପାରେ। ଅପରାହ୍ନରେ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ।

**ମକର** ସ୍ୱରାଶିସ୍ଥ ଶନି ହେତୁ ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ନୂତନ କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ। ସାଂଗଠନିକ ସ୍ଥିତିରେ ସମର୍ଥକମାନଙ୍କୁ ନିଜ ଆଡ଼କୁ ଆଣିପାରିବେ। ବ୍ୟବସାୟରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ।

**କୁମ୍ଭ** ଦ୍ୱିତୀୟସ୍ଥ ଗୁରୁ ପ୍ରଭାବରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ । ଭାବୁଥିବା କଥାଟିକୁ ବନ୍ଧୁଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ । ବାଦବିବାଦ କ୍ରମେ ଜଟିଳ ହେବ କିନ୍ତୁ ଆପଣ ସଫଳତା ହାସଲ କରିବେ। ନିଜ ପରିସରରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ମୀନ** ଶୁକ୍ର ନକ୍ଷତ୍ରସ୍ଥ ରାହୁଙ୍କ ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ଘଟଣାଗୁଡିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବେ। ଅପୂରଣୀୟ ଅଭିଳାଶ ନେଇ ନୈରାଶ୍ୟଜନିତ ଦୁଃଖ ଅନୁଭବ କରିବେ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବନ୍ଧୁ ଗହଣରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।


# classifieds Everyday
0674-2580101, 2549302



**SALE**

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

GA Freehold 2400sqft. land Sampur, GA Colony 60feet road facing for sale. Price-1.25Cr 9861040268. D-71649

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73292

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-1143

Buy/Sale Triplex 18000sqft. Pandra-6.5cr/4BHK Duplex Balianta-79,00,000. Land30000sqft Jaanla-6cr, Patia-2900, Hanspal-2200, Patrapada-1800, Pahala-1800. 8984071303. D-1188

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-1144

ପୁରୀ road ମଙ୍ଗଳପୁର NH ପାଖରେ immediate ଘରକରି ରହିବା ପାଇଁ plot ମିଳୁଛି। 9692213354. D-73633

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ **Sudhananda School & Collegeକୁ** ଲାଗି **layout approval plot (Bank finance) @9,00,000/-** ଦେଇ ତୁରନ୍ତ ଘର କରନ୍ତୁ। **(OD Group). 9437033320.** D-73283

Land Investments starting from Rs. One Lakh in and around Bhubaneswar. Contact: 9078020885. D-73341

ଜାଗା କିଣି ତୁରନ୍ତ ଘର କରନ୍ତୁ। ଭୁବନେଶ୍ୱର **New Railway Stationରୁ 400mtr** ଦୂରତାରେ **yellowzone-sqft.-650/-,** ବାରଙ୍ଗ-ତ୍ରିଶୁଳିଆ **NH sideରେ sqft.-1500/- (SC plot available). 9078371787.** D-73290

GA Freehold 3750sqft. land at Bharatpur, Price 2.25Cr for sale. 9861040268. D-71650

ହଂସପାଳ, ବାଲିଅନ୍ତା, ନଖରା, ନିଆଳି ରାସ୍ତା ପାଖରେ ଜାଗା ବିକ୍ରି କରାଯାଉଅଛି। **9437765989.** D-73289

Buy Or Sale your property (Land/ Simplex/ Duplex/ Triplex/ Apartment) in and around Bhubaneswar. 8984071303. D-1187

**Hanspal near Balianta Rangabazar Middle pointରେ road, electricity, boundary** ସହିତ **plot** କିଣନ୍ତୁ। **sqft.-1350/-. 7008425796.** D-73286

ଭୁବନେଶ୍ୱର ରଙ୍ଗବଜାରରୁ 2K.M. ଦୂରତାରେ well developed plot road, electricity, gate ଥାଇ sqft.-800/- ବିକ୍ରିହେବ। 9853169267, 7205624547. D-73285

**Puri Studio apartment sale near new international Airport (Girala) rate-13,50,000/- onwards (Bank finance available). 8249390294, 8018417272.** D-73277



**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1116

**Construct your home @850/-, 1330/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-73278



Full body massage in homely atmosphere all therapy. Mob: 8114881641. D-73408

Newly open full body massage 1099 free massage one. Mo: 9583808247. D-1164

Newly open full body massage ladies and gents. 8327740003, 8093860513. D-73947

**Relax, Refresh your body, mind at Saikrupa Spa with best therapies. 8984068077.** D-1121

All type body massage by Expert Therapist, Room service available. 8917243035. D-73631

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73949

Newly open full body massage, ladies and gents. 7846923244. D-73948

Newly opened full body massage center by expert therapist. 7381172169. D-73629



Gold Investments/Cash against Gold@4% P.A. Contact: 9078020885. D-73342

**AFFIDAVIT**

By virtue of an affidavit sworn before the Executive Magistrate, Sambalpur, I Jyoshna Singh, W/o. Sriram Singh, R/o. Housing Board Colony, PO. Modipada, Dist. Sambalpur declare that my name has been wrongly mentioned as Manjulata Singh instead of Jyoshna Singh in the official record. That above both the names belongs to one and same person. D-1195

By virtue of an affidavit before Notary, Bhubaneswar I Managobinda Rout, At: Salianch, P.O.- Sitaleswar, PS.- Aul, Dist- Kendrapada, Odisha have change my name from Mangobida Rout to correct name Managobinda Rout is one and same person for all purposes. D-73632


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ନାଳରୁ ଯୁବକଙ୍କ ମୃତଦେହ ଜବତ

**ଆର.ଉଦୟଗିରି,୫।୮(ଡି.ଏନ୍.ଏ.)**

ଗଜପତି ଜିଲା ଆର.ଉଦୟଗିରି ଆରସି ସାହି ନାଳରୁ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ରାମଗିରି ଥାଟରାଜ୍ କଲୋନୀର ସୁଦାମ ରଇତ (୩୦)। ପ୍ରକାଶ ଯେ, ସୁଦାମ ଓ ତାଙ୍କ ସ୍ତ୍ରୀ କୌଣସି କାମରେ ଆର.ଉଦୟଗିରି ପୋଷ୍ଟ ଅଫିସକୁ ଆସିଥିଲେ। ସେଠାରୁ ସୁଦାମ ଶୌଚ ହେବାକୁ ଯାଇଥିଲେ। ସ୍ତ୍ରୀ ବହୁ ସମୟ ଅପେକ୍ଷା କରିବା ପରେ ସ୍ୱାମୀ ନ ଆସିବା ଯୋଗୁଁ ସ୍ତ୍ରୀ ନିଜ ଗ୍ରାମକୁ ଚାଲି ଯାଇଥିଲେ। ଘରେ ତାଲା ପଡ଼ିଥିବାରୁ ଗ୍ରାମରେ ଖୋଜାଖୋଜି କରିଥିଲେ। ଗାଧୋଇବାକୁ ଯାଇଥିବା କିଛି ଲୋକ ନାଳରେ ମୃତଦେହ ଭାସୁଥିବା ଦେଖିଥିଲେ। ଏନେଇ ଥାନାରେ ଜଣାଇବା ପରେ ଆଇଆଇସି ପ୍ରଶାନ୍ତ ମଲ୍ଲିକ ଏବଂ ଏସଡିପିଓ ଦିଲ୍ଲୀପ କୁମାର ନାୟକ ପହଞ୍ଚି ତଦନ୍ତ କରିଥିଲେ। ଅଗ୍ନିଶମ ବିଭାଗ ଆସି ମୃତଦେହ ବାହାର କରିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।


The new Seltos
Now with 6 airbags as standard.
Your new 6 pack.
Seltos
KIA
Movement that inspires
The bold and muscular Seltos now comes with first-in-segment 6 Airbags as standard across all variants, which lets you go out and find inspiration without any worries. Now more badass than ever.
6 Airbags as Standard with Robust Hi-safety Package
1st in Segment˜
6 Airbags*, ESC (Electronic Stability Control), VSM (Vehicle Stability Management), BAS (Brake Assist), HAC (Hill-start Assist Control), ESS (Emergency Stop Signal), ABS (Anti-lock Brake System), All Wheel Disc Brakes, Highline Tyre Pressure Monitoring System and Rear Parking Sensors
New-age Intelligent Manual Transmission (iMT) in Diesel
1st in India
Allows you to enjoy the ease of driving with a clutch-free+ manual transmission
Powerful Smartstream 1.4 l T - GDi Petrol Engine
Power 140 ps/ 6 000 rpm
Torque 242 Nm/ 1 500 ~ 3 200 rpm
Get boundless power with the refined 1.4 l Smartstream petrol engine
26.03 cm (10.25") Advanced HD Touchscreen Navigation
Makes the cabin look plush and futuristic while keeping you connected
BOSE Premium 8-Speaker Sound System
Set your mood right for every drive with a treat for your ears
Other Inspiring Features: Smart Pure Air Purifier with Virus and Bacteria Protection# | 360° Camera with Blind View Monitor | Smart 20.32 cm (8.0") Head-up Display | Ventilated Front Seats | Kia Connect with more than 58 Smart Features
Best time to own the Badass is now
Up to 100% On-road Finance
Nil processing charges##
Long EMI Tenure**
Up to 96 months
Flexible EMI Options**
Starting from ₹ 767 (Per Lakh/ Month)
Last EMI Refund**
For customers with excellent re-payment history
EMI Protect Plan**
Reimbursement of up to 2 EMIs
Passenger Safety Cover**
Accidental assistance of up to ₹ 1 00 000 for occupants
Kia Service
Connected · Adaptive · Responsive · Engage
3 Years/ Unlimited kms Warranty
24x7 | 3 Years Nationwide RSA^
IoT Based Smart Services
Extended Warranty up to 5 Years
My Convenience Customised Maintenance Program
For more information contact: 1800 108 5000
09319591407
Visit www.kia.com/in
Kia Seltos
Look for "Kia India" @
FOR INFORMATION CONTACT: BHUBANESWAR: CONSORTIUM MOTORS PRIVATE LIMITED, PH: 7064111999 BALASORE: BASANTI KIA, BIRUAN, PH: 9439300606 SAMBALPUR: CONSORTIUM MOTORS PRIVATE LIMITED, PH: 7440003022 ANGUL: CONSORTIUM MOTORS PRIVATE LIMITED, PH: 7064111999 ROURKELA: SEETA AUTOCARE LLP. PH: 7852941115
T&C Apply. The product shown is for representation purpose only, actual features, colors and specifications as shown may not be part of standard fitment and may vary. Visit your nearest Kia dealership for more details. ˜As a standard feature in segment defined as Mid SUV whose length lies between 4 260 - 4 390 mm and width between 1 775 - 1 825 mm. ^RSA Coverage across India except Andaman & Nicobar Islands and Lakshadweep. Kia Connect functionality is dependent on mobile network strength. #The tests of protection from Virus & Bacteria are conducted with a defined process, under particular circumstances in a controlled environment and the results may vary. *2 Front, 2 Side and 2 Curtain Airbags. +Vehicle operates with sensor based electric-clutch system instead of mechanically wired-clutch system. **T&C of all finance schemes will depend on financier's applicable terms and conditions. Finance is at the sole discretion of the financing partner without any obligation to Kia India Pvt. Ltd. ##Processing charges scheme is available through SBI Bank car loans only. Kia India Pvt. Ltd. (Formerly known as Kia Motors India Pvt. Ltd.) reserves the right to make any changes with respect to the trims, colors, specifications and other details of any model as mentioned or to discontinue any model or to modify/discontinue any service without prior notice. Kia urges you to follow traffic rules, these are meant to keep you safe on roads. No liability accepted for errors and printing errors.
INNOCEAN-008/22

# ଅଧିକାରୀଙ୍କ ଅଦଳବଦଳ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନିର୍ଦ୍ଦିଷ୍ଟ ଅଧିକାରୀ ଓ କେତେଜଣ ମନ୍ତ୍ରୀଙ୍କ ବିରୋଧରେ ଅନେକ ବଡ଼ ଅଭିଯୋଗ ସାମ୍ନାକୁ ଆସିବା ପରେ ଉତ୍ତରପ୍ରଦେଶ ସରକାର ତାହାର ପ୍ରଶାସନିକ ଟିମ୍‌ରେ ପରିବର୍ତ୍ତନ କରିବା ପାଇଁ ବେଶ୍ ସକ୍ରିୟତା ପ୍ରକାଶ କରିଥିବା ଜଣାପଡ଼ୁଛି। ଆଇଏଏସ୍ ଅଧିକାରୀମାନଙ୍କ ଏହି ସବୁ ବଦଳି କେତେ ବ୍ୟବସ୍ଥିତ ତାହା ବି ସ୍ପଷ୍ଟ ହୋଇଛି। ଗତ ସପ୍ତାହରେ, ଉତ୍ତରପ୍ରଦେଶ ସରକାର ୧୦ ଜଣ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ ଓ ସିଡିଓଙ୍କ ସମେତ ୧୩ ଜଣ ଆଇଏଏସ୍ ଅଧିକାରୀଙ୍କୁ ଅଦଳବଦଳ କରି ତତ୍କ୍ଷଣାତ କାର୍ଯ୍ୟକାରୀ କରିବାକୁ କହିଥିଲେ। ଏହାସହ ରାଜ୍ୟ ସରକାର ୨୦ ଜଣ ପ୍ରୋଭିଜନାଲ ସିଭିଲ ସର୍ଭିସ୍ (ପିସିଏସ୍) ଅଧିକାରୀଙ୍କୁ ମଧ୍ୟ ବଦଳି କରିଥିଲେ। ବିଚିତ୍ର କଥା ହେଉଛି, ଅଧିକାରୀମାନଙ୍କର ବଦଳି ନିର୍ଦ୍ଦେଶଗୁଡ଼ିକ ଜାରି କରିବାର ପାଖାପାଖି ୨୪ ଘଣ୍ଟା ପରେ ସରକାର ସେଥି ମଧ୍ୟରୁ ଦୁଇ ଜଣଙ୍କର ନିର୍ଦ୍ଦେଶ ରଦ୍ଦ କରିଥିଲେ। ଶେଷରେ ବାରାଣସୀର ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ କୁଶଲ ରାଜ ଶର୍ମା ତାଙ୍କ ପଦବୀରେ ରହିବେ। ତାଙ୍କୁ ପ୍ରଥମେ ପ୍ରୟାଗରାଜର କମିଶନର ଭାବେ ବଦଳି କରାଯାଇଥିଲା। ସେହିଭଳି ପ୍ରଥମେ ବାରାଣସୀ ବଦଳି କରାଯାଇଥିବା କୁଶିନଗରର ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ ଏସ୍. ରାଜଲିଙ୍ଗମ ପୂର୍ବବତ୍ ତାଙ୍କ ପଦବୀରେ ରହିବେ। ଫଳରେ ସରକାରଙ୍କର ଏଭଳି ମତ ପରିବର୍ତ୍ତନରେ ରବୀନ୍ଦ୍ର କୁମାର ପ୍ରଥମ ଯାହାଙ୍କୁ ରାଜଲିଙ୍ଗମଙ୍କ ଉତ୍ତରାଧିକାରୀ ହେବାକୁ କୁହାଯାଇଥିଲା, ସେ ଏବେ ପୁଡ୍ ଆଣ୍ଡ ସିଭିଲ ସପ୍ଲାଇଜ ଡିପାର୍ଟମେଣ୍ଟର ସ୍ୱତନ୍ତ୍ର ସଚିବ ଭାବେ ଦାୟିତ୍ୱରେ ରହିବେ। ଏହି ସମୟରେ କେନ୍ଦ୍ର ମଧ୍ୟ ସଂଖ୍ୟାଲଘୁ ବ୍ୟାପାର ସଚିବ ରେଣୁକା କୁମାରଙ୍କୁ ତାଙ୍କ ମୂଳ ଉତ୍ତରପ୍ରଦେଶ କ୍ୟାଡରକୁ ପ୍ରତ୍ୟାବର୍ତ୍ତନ କରିବାକୁ ସ୍ୱୀକୃତି ପ୍ରଦାନ କରିଛି। ତଥାପି ଯୋଗୀ ସେଭଳି ବଡ଼ ଧରଣର ଅଦଳବଦଳ କରି ନ ଥିବାରୁ ଏବେ ସେମିତି କିଛି ଘଟିବାର ସମ୍ଭାବନା ନାହିଁ।

### ବ୍ୟୟବହୁଳ ଗସ୍ତ

ବିଦେଶରେ ହେଉଥିବା ସମ୍ମିଳନୀଗୁଡ଼ିକରେ ଯୋଗଦେବାକୁ ବିମାନରେ ଯାଉଥିବା ସଉକିଆ ବାବୁମାନେ ମନଇଚ୍ଛା କରଦାତାଙ୍କ ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହା ସତ, କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ଗାଇଡଲାଇନ୍ ସ୍ପଷ୍ଟଭାବେ ଉଲ୍ଲେଖ କରିଛି ଯେ, ଅନ୍ତରାଷ୍ଟ୍ରୀୟ ମେଳା ହେଉ କିମ୍ବା ପ୍ରଦର୍ଶନୀ ଅବା କର୍ମଶାଳା ଓ ସମ୍ମିଳନୀରେ ଅଧିକାରୀମାନେ ଯୋଗଦେବା ଧାରାକୁ ରୋକିବା ଉଚିତ ଏବଂ ଯଦି ଯିବା ଅତି ଆବଶ୍ୟକ ବୋଲି ବିଚାର କରାଯାଏ ତେବେ ସେହି ବିଷୟ ସହ ସିଧାସଳଖ ଜଡ଼ିତ ଅଧିକାରୀଙ୍କୁ ପଠାଯିବ। କିନ୍ତୁ ମିଡିଆରେ ଏ ସଂକ୍ରାନ୍ତରେ ଯାହା ରିପୋର୍ଟ ପ୍ରକାଶ ପାଉଛି ସେଥିରୁ ଜଣାପଡ଼ୁଛି ଯେ ଉକ୍ତ ଗାଇଡଲାଇନ୍‌କୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ଏକ ଆର୍‌ଟିଆଇ ଆବେଦନରୁ ପ୍ରାପ୍ତ ସୂଚନାକୁ ଭିତ୍ତିକରି ଏହି ରିପୋର୍ଟ ଦର୍ଶାଇଛି ଯେ, ୨୦୧୫ରେ ପ୍ୟାରିସରେ ଚିନିକିଆ ବୈଠକରେ ଯୋଗଦେବାକୁ ୭ଦିନିଆ ଗସ୍ତରେ ଯାଇଥିଲେ ଚଣ୍ଡିଗଡ଼ର ତିନି ଜଣ ଅମଲାତନ୍ତ୍ରୀ। ଅଧିକାରିକ ସ୍ତରରେ ଦିଆଯାଇଥିବା ବିଲାଗୁଡ଼ିକରୁ ସେମାନେ ଅନାବଶ୍ୟକ ଭାବେ ବହୁ ଅଧିକ ଖର୍ଚ୍ଚ କରିଥିଲେ। ଏହି ଅଧିକାରୀମାନେ ହେଉଛନ୍ତି, ଯୁଟି ଆଡ୍‌ଭାଇଜର ବିଜୟ ଦେବ, ସ୍ୱରାଷ୍ଟ୍ର ସଚିବ ଅନୁରାଗ ଅଗ୍ରୱାଲ ଏବଂ କାର୍ମିକ ସଚିବ ବିକ୍ରମ ଦତ୍ତ। ଏମାନେ ଉକ୍ତମାନର ରହଣି ପାଇଁ ପ୍ୟାରିସରେ ଏକ ପଞ୍ଚତାରକା ହୋଟେଲ ପରିବର୍ତ୍ତନ କରି ଏକ ଲକ୍ସୁରି ହୋଟେଲ ନେଇଥିଲେ। ସେମାନେ ମଧ୍ୟ ନିରର୍ଥ ଟିକେଟକୁ ବିଜନେସ କ୍ଲାସ୍‌କୁ ପରିବର୍ତ୍ତନ କରିଥିଲେ। ଏହାଦ୍ୱାରା ସେମାନେ ସେମାନଙ୍କୁ ମିଳିଥିବା ଭତ୍ତାଠାରୁ ଅଧିକ ୪୦% ବ୍ୟୟ କରିଥିଲେ। ଏକ ବିଳାସପୂର୍ଣ୍ଣ ଗସ୍ତକୁ ଶେଷ ସ୍ପର୍ଶ ଦେବାକୁ ଯାଇ ଏହି ତିନି ଅଧିକାରୀ ପ୍ୟାରିସ ଗସ୍ତର ଏକ ମାସ ପରେ ସଂଶୋଧିତ ଅର୍ଡର ମାଧ୍ୟମରେ ପରସ୍ପରକୁ ସୁହାଇବା ଭଳି ଅତିରିକ୍ତ ବ୍ୟୟକୁ ମଞ୍ଜୁରୀ ଦେଇଥିଲେ। ଦେବ ଏବେ ଦିଲ୍ଲୀର ରାଜ୍ୟ ନିର୍ବାଚନ କମିଶନର ଥିବାବେଳେ ଦତ୍ତ ଏୟାର ଇଣ୍ଡିଆ ଆସେଟ୍ ହୋଲ୍ଡିଂ ଲିମିଟେଡର ସିଏମ୍‌ଡି ଓ ଅଗ୍ରୱାଲ ହରିୟାଣାର ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି।

### ଆକସ୍ମିକ ଇସ୍ତଫା

କେନ୍ଦ୍ରୀୟ ସୂଚନା କମିଶନ(ସିଆଇସି) ଯୁଥିକା ପଟଙ୍କର ବ୍ୟକ୍ତିଗତ କାରଣ ପାଇଁ ଇସ୍ତଫା ଦେଇଥିବା ଜଣାପଡ଼ିଛି। ବାବୁ ପରିସରରୁ ଜଣା ପଡ଼ିଛି ଯେ, ଏହି ୧୯୮୮ ବ୍ୟାଚ ଯୁପି କ୍ୟାଡର ଆଇଏଏସ୍ ଅଧିକାରୀଙ୍କୁ ନିକଟରେ ଦିଆଯାଇଥିବା ଦାୟିତ୍ୱକୁ ନେଇ ସେ ଖୁସି ନ ଥିଲେ। ଯେଉଁମାନେ ଉକ୍ତ ଘଟଣା ସମ୍ପର୍କରେ ଅବଗତ ସେମାନେ କହନ୍ତି ଯେ, ବ୍ୟକ୍ତିଗତ କାରଣ ସହ ସିଆଇସିରେ ତାଙ୍କ ଦାୟିତ୍ୱ ଅଧିକ ପ୍ରୋୟାହକ ନ ଥିବା ପଟଙ୍କର ଲକ୍ଷ୍ୟ କରିଥିଲେ ଏବଂ ଏହା ତାଙ୍କ କ୍ୟାରିୟରର ଶେଷ ବୋଲି ବି ଅନୁଭବ କରିଥିଲେ। ଗତ ବର୍ଷ ଯେତେବେଳେ ପଟଙ୍କୁ ଦକ୍ଷତା ବିକାଶ ଓ ଉଦ୍ୟୋମିତା ମନ୍ତ୍ରଣାଳୟର ଅତିରିକ୍ତ ସଚିବ ପଦରୁ ମୂଳ କ୍ୟାଡରକୁ ଫେରାଇ ଅଣାଗଲା ସେତେବେଳେ ତାଙ୍କ ଅସନ୍ତୋଷର କାରଣ ଠାବ କରାଯାଇପାରି ଥିଲା। କିନ୍ତୁ ୨୦୨୧ରେ ତାଙ୍କୁ ସଚିବ ସମକକ୍ଷ ପଦବୀ ପାଇଁ ନିଯୁକ୍ତି ତାଲିକାଭୁକ୍ତ କରାଯିବା ପରେ କେନ୍ଦ୍ର ତା' ନିଷ୍ପତ୍ତି ପ୍ରତ୍ୟାହାର କରିଥିଲେ। ଏବଂ ପରେ ତାଙ୍କୁ ସିଆଇସିର ସଚିବ ଭାବେ ନିଯୁକ୍ତ ଦେଲା। ମୋଦି ସରକାରରେ ଜଣେ ବରିଷ୍ଠ ଅମଲାତନ୍ତ୍ରୀ ସେବା ନିବୃତ୍ତିର ବର୍ଷେ କି ଦେଢ଼ ବର୍ଷ ପୂର୍ବରୁ ସଚିବ ସ୍ତରରେ ଇସ୍ତଫା ଦେବା ଏକ ସାଧାରଣାତ୍ମକ ସଙ୍କେତ ଦେଉନାହିଁ। ସରକାରଙ୍କ ଉପରସ୍ତରରେ ସବୁକିଛି ଠିକ୍ ହୋଇ ନ ପାରେ ବୋଲି ଉକ୍ତ ଘଟଣା ଦର୍ଶାଉଛି।

Email: dilipcherian@gmail.com

# ସହରାଞ୍ଚଳ ବନ୍ୟାର ସମାଧାନ



ଅନିଲ ବିଶ୍ୱାଳ

ଏବେ ନଈବଢ଼ିର ଦୃଶ୍ୟ ରଚନା ଲେଖିବା କେବଳ ଗାଁ ପିଲାଙ୍କ ପାଇଁ ସହଜ ହୋଇନାହିଁ ବରଂ ସହରର ପିଲାମାନେ ଅନୁଭୂତିର ଆଧାରରେ ବନ୍ୟାର ଦୃଶ୍ୟ ଲେଖିପାରିବା ସ୍ଥିତି ଆସିଗଲାଣି। ଦୁନିଆର ସବୁଠାରୁ ଆଧୁନିକ ସହର ନ୍ୟୁୟର୍କ, ଲଣ୍ଡନ, ଟରୋଣ୍ଟୋ, ବେଜିଂ, ସିଙ୍ଗାପୁର ଭଳି ସହରଗୁଡ଼ିକ ମଧ୍ୟ ସହରାଞ୍ଚଳ ବନ୍ୟାରେ ପ୍ରଭାବିତ। ଆମ ଦେଶର ଦିଲ୍ଲୀ, ମୁମ୍ବାଇ, ଅହମଦାବାଦ, ସୁରଟ, କୋଲକାତା, ଚେନ୍ନାଇ, ବାଙ୍ଗାଲୋର, ହାଇଦ୍ରାବାଦ ଭଳି ସହରରେ ମଧ୍ୟ ବର୍ଷାଦିନେ ବନ୍ୟାର ଭ୍ରମ ସୃଷ୍ଟି କରେ। ଭୁବନେଶ୍ୱରରେ ପ୍ରବଳ ବର୍ଷା ହେଲେ ମାନେ ରାସ୍ତାରେ ନଦୀର ଧାର ଭଳି ପାଣି ଚାଲେ। ଏହାକୁ କିଛି ଲୋକ ଏକ ରାଜନୈତିକ ପ୍ରସଙ୍ଗ ଭାବରେ ଦେଖି ସହରାଞ୍ଚଳରେ ବନ୍ୟା ହେଲେ ସରକାରୀ ବ୍ୟବସ୍ଥା ବା ଶାସକ ଦଳକୁ ଦାୟୀ କରନ୍ତି। ହେଲେ ଏହି ପ୍ରସଙ୍ଗ କେବଳ କେଉଁ ଗୋଟିଏ ସହରର ସମସ୍ୟା ନୁହେଁ। ବରଂ ଏହା ହେଉଛି ଏକ ସାମାଜିକ, ପରିବେଶଗତ ଓ ଲମ୍ବା ସମୟର ପରିଚାଳନାଗତ ତ୍ରୁଟିର ପ୍ରସଙ୍ଗ।

ସହରାଞ୍ଚଳ ବନ୍ୟାର ଅନେକ କାରଣ ଅଛି। ପ୍ରଥମ କାରଣ ହେଲା ସହରମାନଙ୍କରେ ଥିବା ଡ୍ରେନେଜ ବ୍ୟବସ୍ଥା କେବଳ ବର୍ଜ୍ୟ ଜଳ ନିଷ୍କାସନ ପାଇଁ ତିଆରି ହୋଇଛି। ବର୍ଷା ଦିନେ ବର୍ଷା ଜଳ ସେହି ନାଳରେ ନିଷ୍କାସନ ହେଉଛି। ସହରର ଲୋକସଂଖ୍ୟା ବଢ଼ିବା ଯୋଗୁ ବ୍ୟବହୃତ ବର୍ଜ୍ୟ ଜଳର ପରିମାଣ ମଧ୍ୟ ବଢ଼ୁଛି, ଯାହାଫଳରେ ନାଳିଗୁଡ଼ିକ ବର୍ଷାଦିନ କଥା ଛାଡ଼ନ୍ତୁ, ଖରାଦିନେ ମଧ୍ୟ ପୂରା ପୂର୍ଣ୍ଣ ରହୁଛି। ସେଭଳି ସ୍ଥିତିରେ ବର୍ଷା ହେଲେ ସହରରୁ ପାଣି ନିଷ୍କାସନର ଆଉ କୌଣସି ସୁଯୋଗ ନାହିଁ। ତା'ଛଡ଼ା ସହର ଭିତରେ ସବୁଆଡେ କଂକ୍ରିଟ, ପିଚୁ, କଡ଼ପା ପଡ଼ିଯିବା କାରଣରୁ ବର୍ଷା ଜଳ ମାଟିରେ ନ ଭେଦି ସିଧାସଳଖ ଆସି ନାଳିରେ ପଡୁଛି। ତେଣୁ ସହରରେ ଥିବା ଆବର୍ଜନା ନାଳି ସହିତ ବର୍ଷାଦିନେ ବର୍ଷା ପାଣି ନିଷ୍କାସନ ପାଇଁ ଅଲଗା ନାଳିର ବ୍ୟବସ୍ଥା କରିବାକୁ ହେବ, ଯାହାଫଳରେ ବର୍ଷା ଜଳ ସେହି ଅଲଗା ନାଳିରେ ନିଷ୍କାସନ ହୋଇପାରିବ। ଆଗରୁ ବର୍ଷାଦିନେ ସହରର ପାଣି ସହରର ଚାରିପାଖରେ ଥିବା ତଳି ଅଞ୍ଚଳକୁ ବୋହିଯାଉଥିଲା। ହେଲେ ଏବେ ସେହି ତଳି ଅଞ୍ଚଳରେ ନୂଆ ସହର ଗଢ଼ି ଉଠିବା ଫଳରେ ସହରର ମୁଖ୍ୟ ଅଞ୍ଚଳ ଜଳବନ୍ଦୀର ରୂପ ନେଉଛି। ପ୍ରାୟତଃ ସବୁ ସହରରେ କିଛି ନା କିଛି ପ୍ରାକୃତିକ ଜଳ ସ୍ରୋତର ପ୍ରବାହ ବିଭିନ୍ନ ରୂପରେ ଥିଲା, ଯେପରି କି ନାଳ ବା ନଦୀ ଆକାରରେ। ହେଲେ କାଳକ୍ରମେ ସହର ସବୁ ବର୍ଦ୍ଧମାନଳିର ପାଣିକୁ ସେଥିରେ ସଂଯୋଗ କରିଦେଲେ ଆଉ ନଦୀକୁ ନାଳିରେ ପରିଣତ କରିଦେଲେ। ନାଳିରେ ବିଭିନ୍ନ କଠିନ ବସ୍ତୁକୁ ପକାଇବା ଫଳରେ ନାଳି ଜାମ ହୋଇଯିବା ସ୍ଥିତି ଏମିତି ଯେ ଗୋଟିଏ ସ୍ଥାନରେ ନାଳି ଜାମ ହୋଇଯାଉଥିବ, ସାରା ଅଞ୍ଚଳ ଜଳମଗ୍ନ। ତେଣୁ ଏଠାରେ ଲୋକ ସଚେତନ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ।



ଯେତେବେଳେ କୌଣସି ସହରରେ ଜଳବନ୍ଦୀ ହୋଇଯାଏ ସେତେବେଳେ ଏହା ସେହି ସମୟ ପାଇଁ ବଡ଼ ଖବର ହୋଇଯାଏ। ପୁଣି ବର୍ଷା ଦିନ ସରିଗଲେ ସମସ୍ତେ ଭୁଲି ଯାଆନ୍ତି ସମସ୍ୟାକୁ। କେହି ଏହାର ସ୍ଥାୟୀ ସମାଧାନ ବା ନିରାକରଣ କଥା ଚିନ୍ତା କରନ୍ତି ନାହିଁ। ମୌସୁମୀ ଆସିବା ପୂର୍ବରୁ କେବଳ ନାଳିଗୁଡ଼ିକ ସଫା କରିଦେବା ହେଉଛି ସହରାଞ୍ଚଳ ବନ୍ୟା ରୋକିବାର ଏକମାତ୍ର କାମ। ତା'ପରେ ପାଣି ଜମିଗଲା ପରେ ପାଣି ପମ୍ପ ଲଗାଇ ପାଣି ଖାଲି କରିଦେବା ହେଉଛି ପରବର୍ତ୍ତୀ କାମ। ହେଲେ ସ୍ଥାୟୀ ସମାଧାନ କଥା କେହି ଚିନ୍ତା କରୁନାହାନ୍ତି।

ଏବେ ବିଶେଷ ଭାବରେ ଆମ ଦେଶର ବିଭିନ୍ନ ସହରରେ ଯେଉଁ ପ୍ରକାର ନାଳି ପରିଚାଳନା ବ୍ୟବସ୍ଥା ଅଛି ତାହା ପୁରୁଣାକାଳିଆ ହୋଇଗଲାଣି। ଏହାର ବୈଷୟିକ ପରିବର୍ତ୍ତନ ଆବଶ୍ୟକ ପଡ଼ିଲାଣି। ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନର ଚଳିତ ବର୍ଷର ବଜେଟ ହେଉଛି ୭୦୧ କୋଟି ଟଙ୍କା। ସେଥିରୁ କେବଳ ୨୩୫କୋଟି ଟଙ୍କା ହେଉଛି ନାଳି ସଫାଇ, ମରାମତି, ନୂଆ ନାଳି ନିର୍ମାଣ ପାଇଁ। ଅର୍ଥାତ୍ ବିଏମ୍‌ସିର ପାଖାପାଖି ୩୧% ରୁ ଅଧିକ ଟଙ୍କା ଖର୍ଚ୍ଚ ହେଉଛି କେବଳ ସହରରେ ନାଳି ନର୍ଦ୍ଦମା ପରିଚାଳନାରେ। ସେହିଭଳି ମୁମ୍ବାଇ ମ୍ୟୁନିସିପାଲ କର୍ପୋରେସନର ଚଳିତ ବର୍ଷ ୧୫୪୦ କୋଟି ଖର୍ଚ୍ଚ ଆବଣ୍ଟିତ ହୋଇଛି କେବଳ ବର୍ଷାଦିନେ ମୁମ୍ବାଇ ସହରରେ ଜଳମଗ୍ନ ହେଲେ ସେଥିରୁ ଜଳ ନିଷ୍କାସନ ପାଇଁ। ମୁମ୍ବାଇ ସହର ଭିତରେ ୫ଟି ପ୍ରାକୃତିକ ନଦୀ ଅଛି, ଯାହା କାଳକ୍ରମେ ସହରର ଆବର୍ଜନା ନାଳିରେ ପରିଣତ ହୋଇଛି। ଏହାର ପୁନରୁଦ୍ଧାର ପାଇଁ ୭୦୦କୋଟି ଟଙ୍କା, ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ଲାଗି ୧୩୪୦ କୋଟି ଟଙ୍କା ଏବର୍ଷ ମୁମ୍ବାଇରେ ଖର୍ଚ୍ଚ ହେବ। କହିବାର ଅର୍ଥ ହେଲା ଯେ ଧୀରେ ଧୀରେ ସହରଗୁଡ଼ିକରେ ଡ୍ରେନେଜ ବ୍ୟବସ୍ଥା ଦିନକୁ ଦିନ ସମସ୍ୟା ବହୁଳ ଓ ବ୍ୟୟବହୁଳ ହୋଇଯାଉଛି। ଭୁବନେଶ୍ୱର ସ୍ମାର୍ଟସିଟିର ଯେଉଁ ଯୋଜନାଟି ଅଛି ସେଥିରେ ବର୍ଷାଦିନେ ହେଉଥିବା ବନ୍ୟାରୁ ସହରକୁ ବଞ୍ଚାଇବା ପାଇଁ ସେପରି କିଛି ବ୍ୟବସ୍ଥା ନାହିଁ କହିଲେ ଠିକ୍ ହେବ। ସେହି ପରିପ୍ରେକ୍ଷୀରେ ବର୍ଷାଦିନେ ବର୍ଷା ଜଳ ନିଷ୍କାସନ ପାଇଁ ଏକମାତ୍ର ବିକଳ୍ପ ଭାବରେ ଅଳିଆ ପାଣି ଯାଉଥିବା ନାଳିକୁ ହିଁ ରଖାଯାଉଛି। ୨୦୧୨ରେ ଚାଇନାର ବେଜିଂ ସହରରେ ଏକ ଭୟଙ୍କର ବନ୍ୟା ହୋଇଥିଲା, ଯେଉଁଥିରେ ସହରର ପରିବହନ ଓ ବିଦ୍ୟୁତ୍ ବ୍ୟବସ୍ଥା ନଷ୍ଟ ହୋଇଯାଇଥିଲା। ଏହା ପରେ ଚାଇନା ସରକାର ଏକ ନୂଆ ରାସ୍ତା କାଢ଼ିଲେ, ଯାହାକୁ ସେମାନେ ସ୍ପଞ୍ଜ ସିଟି ବୋଲି କହୁଛନ୍ତି। ସେଥିରେ ସେମାନେ ବର୍ଷା ଦିନର ବନ୍ୟାକୁ ରୋକିବାର ମଡେଲ ବନାଇବା ସହ ଜଳ ସଂରକ୍ଷଣର ଉପାୟ ମଧ୍ୟ କାଢ଼ିଛନ୍ତି।

ଆମ ଆଗରେ ଏହି ସହରାଞ୍ଚଳ ବନ୍ୟାରୁ ମୁକୁଳିବା ପାଇଁ ମୁଖ୍ୟତଃ ଦୁଇଟି ରାସ୍ତା। ଗୋଟିଏ ହେଲା ବର୍ଷା ଜଳକୁ ବୋହିବାକୁ ନ ଦେଇ ସଂରକ୍ଷିତ କରିବା ଓ ଅନ୍ୟଟି ହେଲା ବର୍ଷା ଜଳକୁ ସୁବିଧାରେ ନିଷ୍କାସନ କରାଇ ଦେବା। ପ୍ରଥମଟି ହେଉଛି ଏକ ବ୍ୟୟବହୁଳ, କିନ୍ତୁ ଏକ ନିଶ୍ଚିତ ସମାଧାନ। ଏବେ ସହର ଭିତରେ ରାସ୍ତା ମଝିରେ ଯେଉଁ ବୃକ୍ଷରୋପଣ ହେଉଛି ସେହି ସ୍ଥାନରେ ବାୟୋସ୍ୱେଲ କରିବାକୁ ହେବ। ସହରରେ ଥିବା ସମସ୍ତଙ୍କ ଛାତ ଉପରେ ବର୍ଷାଜଳର ସଂରକ୍ଷଣ ଓ ବ୍ୟବହାରକୁ ବାଧ୍ୟତାମୂଳକ କରିବାର ଆବଶ୍ୟକତା ରହିଛି। ସହର ମଧ୍ୟରେ ଏବେ ବର୍ଷା ଜଳ ସଂରକ୍ଷଣ ପାଇଁ ପୋଖରୀ ଖୋଳିବାର ମଧ୍ୟ ଆବଶ୍ୟକତା ରହିଛି। କେନ୍ଦ୍ର ସରକାରଙ୍କ ନ୍ୟାଶନାଲ ମିଶନ ଅଫ୍ ସଷ୍ଟେନେବଲ ହାବିଟାଟର ନିୟମାନୁଯାୟୀ ଯେକୌଣସି ସହରର ୩ରୁ ୫% ପର୍ଯ୍ୟନ୍ତ ସ୍ଥାନ ରହିବ ଜଳାଶୟ ପାଇଁ। ହେଲେ ଦୁଃଖର କଥା ଜଳାଶୟ କରାଯିବ କ'ଣ, ବରଂ ସହରରେ ଆଗରୁ ଥିବା ଜଳାଶୟ ସବୁକୁ ନଷ୍ଟ କରିଦିଆଯାଉଛି। ବର୍ତ୍ତମାନ ଭାରତର ସହରାଞ୍ଚଳରେ ଦେଖାଯାଉଥିବା ସମସ୍ୟା ଭିତରୁ ସବୁଠାରୁ ବଡ଼ ସମସ୍ୟା ହେଉଛି ବର୍ଷାଦିନେ ଜଳ ନିଷ୍କାସନ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଣ। ହେଲେ ଦୁଇଟି ଯାକ ସମସ୍ୟାର ସମାଧାନ ମଧ୍ୟ ଗୋଟିଏ ଉପାୟରେ କରାଯାଇପାରେ, ଯଦି ସହର ଭିତରେ ବର୍ଷା ଜଳକୁ ସଂରକ୍ଷଣ ବ୍ୟବସ୍ଥା କରାଯାଏ।

ହରିରାଜପୁର, ପୁରୀ
ମୋ: ୯୪୩୮୫୭୯୨୯୦

# ଲୁଚିଛି ନା ଦିଶୁଛି



ଘାସିରାମ ପଣ୍ଡା

ନିକଟରେ ରାଜ୍ୟ ସଭାରେ ଆଗତ ଏକ ପ୍ରଶ୍ନର ଉତ୍ତର ଦେଇ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ କୋଭିଡଜନିତ ଲକ୍‌ଡାଉନରେ ଶିଶୁ ଶ୍ରମିକ, ବାଲ୍ୟ ବିବାହ, ଚାଲାଣ ଭଳି କୌଣସି ଅପରାଧ ପଞ୍ଜୀକୃତ ହୋଇ ନ ଥିବା ଦର୍ଶାଇଛନ୍ତି। ଲକ୍‌ଡାଉନ ବେଳେ ନିଜ ଆଖପାଖରେ ପିଲାଙ୍କ ଦୟନୀୟ ସ୍ଥିତିକୁ ଦେଖିଥିବା ପ୍ରତ୍ୟେକ ମନ୍ତ୍ରୀଙ୍କ ଏହି ଉତ୍ତରକୁ ଦେଖିଲା ପରେ 'ଲୁଚିଛି ନା ଗୋଡ଼ ଦୁଇଟି ଦିଶୁଛି' ବୋଲି କହିବେ। ପ୍ରବାସୀଙ୍କ ସହ ସେମାନଙ୍କ କୁନି ପିଲାମାନେ ଅନେକ କିଲୋମିଟର ପଥ ଅତିକ୍ରମ କରିବା, ଅନ୍‌ଲାଇନ ପାଠ ପାଇଁ ପାହାଡ଼ ଓ ଗଛ ଉପରକୁ ଚଢ଼ିବା, ଘରେ ଓ ବାହାରେ ପିଲାମାନେ ଶୋଷଣ ଓ ନିର୍ଯାତନାର ଶିକାର ହେବାକୁ ଏତେ ଜଲଦି କିଏ ବା କେମିତି ଭୁଲିଯାଇ ପାରିବ!

୨୦୨୦ ମସିହା ଜାନୁଆରୀ ମାସରେ କେରଳଠାରେ ପ୍ରଥମ କୋଭିଡ୍-୧୯ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା। କିନ୍ତୁ କରୋନାର ପ୍ରାଦୁର୍ଭାବ ବଢ଼ୁଥିବାର ଦେଖି ଗୋଷ୍ଠୀ ସଂକ୍ରମଣକୁ ରୋକିବା ଉଦ୍ଦେଶ୍ୟରେ ମାର୍ଚ୍ଚ ୨୪ ପରଠାରୁ ହିଁ ସମଗ୍ର ଦେଶରେ ଭାରତ ସରକାର ଲକ୍‌ଡାଉନ ଘୋଷଣା କରିଥିଲେ। ଫଳସ୍ୱରୂପ ବିଦ୍ୟାଳୟ, ପାର୍କ, ମନ୍ଦିର, ବଜାର, ଗମନାଗମନର ମାଧ୍ୟମ ପ୍ରଭୃତି ସର୍ବସାଧାରଣ ସ୍ଥଳି ବନ୍ଦ ହୋଇଯାଇଥିଲା। ଏଭଳି ଏକ ଅଭୂତପୂର୍ବ ସ୍ଥିତି ଆଗରୁ କେହି କେବେ ଦେଖି ନ ଥିଲେ। ମନ୍ତ୍ରୀ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ତଥ୍ୟ ଆଧାରରେ ଏହି ଉତ୍ତର ଦେଇଥିବା ଉଲ୍ଲେଖ କରିଛନ୍ତି। ତେବେ ଶିଶୁମାନଙ୍କର ଅସୁରକ୍ଷାର ସ୍ଥିତି ଆକଳନ କରିବା ପାଇଁ ଜାତୀୟ ଆୟୋଗ ଏକମାତ୍ର ଉତ୍ସ ହେବା କଥା ନୁହେଁ। ଚାଇଲ୍ଡଲାଇନ, ଶିଶୁ ମଙ୍ଗଳ କମିଟି, ଥାନା, ଜିଲା ଶିଶୁ ସୁରକ୍ଷା ୟୁନିଟ, ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଠାରେ ମଧ୍ୟ ଏନେଇ ଅଭିଯୋଗ ପଞ୍ଜୀକୃତ ହୁଏ। ସାମୂହିକ ଭାବେ ଏସବୁ ଅନୁଷ୍ଠାନରେ ପଞ୍ଜୀକୃତ ତଥ୍ୟ ଓ ସେମାନଙ୍କର ଅନୁଭୂତି ଆଧାରରେ ଲକ୍‌ଡାଉନରେ ଶିଶୁଙ୍କ ସମସ୍ୟାକୁ ଅନୁଧ୍ୟାନ କରି ଉତ୍ତର ରଖିଥିଲେ ବିଶେଷ ଗ୍ରହଣୀୟ ହୋଇଥାନ୍ତା।

କୋଭିଡ୍ ପ୍ରଭାବରେ ମାତାପିତାଙ୍କୁ ହରାଇଥିବା ଶିଶୁ ଓ ରାସ୍ତାକଡ଼ର ଶିଶୁଙ୍କ ଥଇଥାନ ପାଇଁ ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଜାତୀୟ କମିଶନ ବେଶ୍ ଉଲ୍ଲେଖନୀୟ କାର୍ଯ୍ୟ କରୁଛନ୍ତି। କିନ୍ତୁ ମନ୍ତ୍ରୀଙ୍କ ଉତ୍ତରରେ ଏହି ସଫଳତା ଉଲ୍ଲେଖ ହୋଇନାହିଁ। ତେଣୁ, ଏକ ଗମ୍ଭୀର ସମସ୍ୟାର ଏହା ଏକ ଅପ୍ରସ୍ତୁତ ଓ ତରବରିଆ ଉତ୍ତର ଭଳି ମନେହୁଏ।

ଦେଶରେ ୭୦୩ଟି ବିଭିନ୍ନ ସ୍ଥାନରେ ଓ ୧୩୮ଟି ରେଳ ଷ୍ଟେସନରେ ଚାଇଲ୍ଡଲାଇନ ଅସୁରକ୍ଷିତ ଶିଶୁଙ୍କୁ ସହାୟତା ଯୋଗେଇ ଦେବାପାଇଁ ଦେଇଥିବା ସେବା ଯୋଗାଉଛି। ଏହା ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ପରିଚାଳିତ।



ୟୁନିସେଫ୍ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ କେବଳ ମାର୍ଚ୍ଚ – ଏପ୍ରିଲ ୨୦୨୦ରେ ଚାଇଲ୍ଡଲାଇନକୁ ଆସୁଥିବା ଅଭିଯୋଗର ମାତ୍ରା ୫୦ ଶତକଡ଼ା ବଢ଼ିଯାଇଥିଲା। ଅଭିଯୋଗ ଆଧାରରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନର ଶତକଡ଼ା ୨୦ ଭାଗ ବାଲ୍ୟ ବିବାହ, ଚାଲାଣ, ନିର୍ଯାତନା ଓ ଶିଶୁ ଶ୍ରମିକ ଭଳି ଶିଶୁ ସୁରକ୍ଷା ସଂକ୍ରାନ୍ତୀୟ ହିଁ ଥିଲା। ଏକ ଇଂଲିଶ ଦୈନିକର ଜୁନ ୧୨ରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ କେବଳ ମାର୍ଚ୍ଚରୁ ମେ ୨୦୨୦ ଭିତରେ ଦେଶରେ ୩୬୫୩ଟି ଶିଶୁ ଶ୍ରମ ସଂକ୍ରାନ୍ତୀୟ ଅଭିଯୋଗ ଉପରେ ଚାଇଲ୍ଡଲାଇନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଏମାନଙ୍କ ଭିତରୁ ୧୨୬୪ ଭିକ୍ଷା, ୭୬୩ ଅସୁରକ୍ଷିତ କାର୍ଯ୍ୟ, ୫୧୩ ହୋଟେଲ, ୩୭୧ ଘରୋଇ କାର୍ଯ୍ୟ, ୨୮୬ ପାରିବାରିକ କାର୍ଯ୍ୟ ଓ ୧୫୬ ଜଣ ଗୋଟି ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବେଳେ ଉଦ୍ଧାର ହୋଇଥିଲେ। କେନ୍ଦ୍ରୀୟ ମହିଳା ଓ ଶିଶୁ ବିଭାଗର ୨୦୨୦–୨୧ର ବାର୍ଷିକ ବିବରଣୀ ଅନୁଯାୟୀ ଜଣାଯାଏ ଯେ, ସମଗ୍ର ଭାରତ ବର୍ଷରୁ ୧୨୩୭୦ ଥାନା ୪୦୦୩୫୩ ଶିଶୁ ନିରୁଦ୍ଦିଷ୍ଟ ହୋଇଥିବା ଓ ୩୧୫୮୨୧ ଉଦ୍ଧାର ହୋଇଥିବା ଉଲ୍ଲେଖ କରିଛନ୍ତି। ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଦ୍ୱାରା ୨୦୨୦ରେ ପ୍ରକାଶିତ ଭାରତରେ ଦୁର୍ଘଟଣାଜନିତ ମୃତ୍ୟୁ ଓ ଅପମୃତ୍ୟୁ ରିପୋର୍ଟ ଅନୁଯାୟୀ ଶିଶୁମାନଙ୍କ ଭିତରେ ଅପମୃତ୍ୟୁ ଅସ୍ୱାଭାବିକ ଭାବରେ ବଢ଼ିଛି। ୨୦୧୯ ତୁଳନାରେ ୨୦୨୦ ମସିହାରେ ଏଥିରେ ୧୮.୫ ଶତକଡ଼ା ବୃଦ୍ଧି ଘଟିଥିଲା। ଏହା ଭିତରୁ ମାନସିକ ଅସୁସ୍ଥତା କାରଣରୁ କେବଳ ୪୯ ଭାଗ ଅପମୃତ୍ୟୁର ଶିକାର ହୋଇଥିବା କୁହାଯାଉଛି।

କୋଭିଡ୍ କବଳରୁ ଲୋକଙ୍କୁ ସୁରକ୍ଷା ଦେବାପାଇଁ ଲକ୍‌ଡାଉନ ଘୋଷଣା କରାଯାଇଥିଲେ ବି ଏହା ଲୋକଙ୍କ ସାମାଜିକ, ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଇଥିଲା। ଏହାର କୁପରିଣାମ ମହିଳା ଓ ଶିଶୁଙ୍କ ଉପରେ ବିଶେଷ ଭାବରେ ପଡ଼ିଥିଲା। ଅଙ୍ଗନୱାଡି ସେବା ପ୍ରଭାବିତ ହୋଇଥିବାରୁ ଦେଶର ଦୁଇ କୋଟି ଚାଳିଶ ଲକ୍ଷ ତିନିରୁ ଛଅ ବର୍ଷର ପିଲା ପ୍ରାକ୍ ପ୍ରାଥମିକ ଶିକ୍ଷା, ପୋଷଣ ଓ ଅନ୍ୟାନ୍ୟ ସେବାରୁ ବଞ୍ଚିତ ହେଲେ। ସେହିପରି ଦେଶର ପ୍ରାୟ ୨୬ କୋଟି ୪୫ ଲକ୍ଷ ପିଲା ବିଦ୍ୟାଳୟ ବନ୍ଦ ହେବା କାରଣରୁ ପ୍ରଭାବିତ ହୋଇଥିଲେ। ଲକ୍‌ଡାଉନ ପାଇଁ ପିଲାଙ୍କ ଜୀବନରେ ଆସିଥିବା ଏହି ପ୍ରତିକୂଳ ସ୍ଥିତି ଦୀର୍ଘ ଦିନଧରି ପ୍ରଭାବ ପକାଇବ।

ଲକ୍‌ଡାଉନ ସମୟରେ ଓ ପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ପିଲାଙ୍କ ସ୍ଥିତିରେ ଉନ୍ନତି ଆଣିବା ପାଇଁ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ତେବେ ସମସ୍ୟାକୁ ସ୍ୱୀକାର କରିବାରେ କୁଣ୍ଠା ନ କରି ସଂପୃକ୍ତ ସମେତ ଶିଶୁ ଅଧିକାରର ସୁରକ୍ଷା ପାଇଁ ଉତ୍ତରଦାୟୀ ଅନୁଷ୍ଠାନମାନଙ୍କରେ ଆଲୋଚନା କଲେ ସମାଧାନ ପାଇଁ ପ୍ରୟାସ ଆହୁରି ବ୍ୟାପକ ହୋଇପାରିବ।

ସୁବର୍ଣ୍ଣପୁର, ମୋ:୯୪୩୮୩୪୧୭୯୪

## ଏଇ ଭାରତରେ

ଝାଡ଼ଖଣ୍ଡ ଦେଓଘରର ରାମ ପାଣ୍ଡେ ଅନେକ ଅସହାୟ ଝିଅଙ୍କ ପିତା ପାଲଟି ଯାଇଛନ୍ତି। ୨୦୦୪ରୁ ସେ ଏହି ଦାୟିତ୍ୱ ବହନ କରିଆସୁଛନ୍ତି। ରାମଙ୍କ ବୟସ ୬୧। ସେ ଏବେ ଦେଓଘରର ପ୍ରସିଦ୍ଧ ଶିବମନ୍ଦିରକୁ ଯାଉଥିବା କାଉଡ଼ିଆମାନଙ୍କୁ ପିଇବା ପାଣି ଦେବା ଲାଗି ଏକ ଷ୍ଟଲ୍ ଖୋଲିଛନ୍ତି। ଏଠାରୁ ପାଣି ପିଇବା ପରେ ବହୁ କାଉଡ଼ିଆ ତାଙ୍କୁ କିଛି ଅର୍ଥ ବି ଦେଉଛନ୍ତି। ଜାଣିଲେ ଆଶ୍ଚର୍ଯ୍ୟ ହେବେ, ଏହି ଅର୍ଥକୁ ରାମ ତାଙ୍କ ନାରାୟଣ ସେବାଶ୍ରମରେ ରହୁଥିବା ୩୫ ଜଣ ଅସହାୟ ଝିଅଙ୍କ ଲାଗି ଖର୍ଚ୍ଚ କରୁଛନ୍ତି। କେବଳ ଶ୍ରାବଣ ମାନସ ନୁହେଁ, ବର୍ଷ ସାରା ସେ ଯାହା ଆୟ କରନ୍ତି ସେସବୁ ତାଙ୍କ ଆଶ୍ରମ ପିଲାମାନଙ୍କ ପିଛା ଖର୍ଚ୍ଚ କରୁଛନ୍ତି। ବହୁ ବ୍ୟକ୍ତି ଏହି କାର୍ଯ୍ୟ ଲାଗି ତାଙ୍କୁ ଆର୍ଥିକ ସହଯୋଗ ମଧ୍ୟ କରୁଛନ୍ତି। ଝିଅମାନଙ୍କୁ ପଢ଼ାଇବାଠାରୁ ଆରମ୍ଭ କରି ସେମାନଙ୍କ ବିବାହ ବି କରାଉଛନ୍ତି। ୨୦୦୪ରେ ରାମ ଏକ ପରିତ୍ୟକ୍ତ ଝିଙ୍ଗୁଡ଼ିରୁ ନବଜାତ କନ୍ୟାଟିଏ ପାଇବା ପରେ ତାକୁ ଚିକିତ୍ସା କରି ସୁସ୍ଥ କରିଥିଲେ। ଏହି ଘଟଣା ତାଙ୍କ ଜୀବନର ମୋଡ଼ ବଦଳାଇ ଦେଇଥିଲା। ପରେ ରାସ୍ତାରେ ବୁଲୁଥିବା ବେସାହାରା ଝିଅମାନଙ୍କ ସମ୍ପର୍କରେ ଖବର ପାଇ ସେଠାକାର ପ୍ରଶାସନ ସହାୟତାରେ ନିଜ ପାଖକୁ ଆଣି ରଖିବାରେ ଲାଗିଲେ। ପ୍ରଥମେ ସେମାନଙ୍କୁ ନିଜ ଘରେ ରଖୁଥିଲେ। ପରେ ଝିଅମାନଙ୍କ ସଂଖ୍ୟା ବୃଦ୍ଧି ପାଇବା ପରେ ନିଜ ଜମି ବିକ୍ରି କରି ସେମାନଙ୍କ ପାଇଁ ଘର ତିଆରି କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୬ ଅଗଷ୍ଟ ୧୯୯୭

- ଶ୍ରୀଲଙ୍କାର ଉତ୍ତରାଞ୍ଚଳରେ ଏଲ୍‌ଟିଟିଇ ଉଗ୍ରପନ୍ଥୀଙ୍କ ଅତର୍କିତ ଆକ୍ରମଣରେ ୧୩୫ ସୈନ୍ୟ ନିହତ।
- ଦକ୍ଷିଣ କୋରିଆର ରାଜଧାନୀ ସୋଲଠାରୁ ଗୁଆମ ଦ୍ୱୀପକୁ ଯାଉଥିବା ଏକ ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ତଳକୁ ଖସିପଡ଼ିବାରୁ ୨୦୨ ଯାତ୍ରୀଙ୍କ ମୃତ୍ୟୁ।
- ବରିଷ୍ଠ କମ୍ୟୁନିଷ୍ଟ ନେତା କେ.ପି.ଆର୍. ଗୋପାଳନଙ୍କ ୮୮ ବର୍ଷ ବୟସରେ ପରଲୋକ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | 9 | | 4 | 5 | | |
| | | | | 3 | 5 | | 9 | |
| | | 8 | | 6 | | | | 1 |
| 2 | | | | 9 | | | | 6 |
| | | | | 7 | | 4 | | |
| | | | | | 8 | 2 | | 9 |
| 8 | | 4 | | | | | | |
| | 9 | | | 5 | | | 7 | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 4 | 5 | 1 | 2 | 8 | 9 | 6 |
| 5 | 8 | 9 | 6 | 3 | 4 | 7 | 1 | 2 |
| 2 | 1 | 6 | 7 | 9 | 8 | 4 | 3 | 5 |
| 6 | 3 | 1 | 9 | 4 | 7 | 2 | 5 | 8 |
| 8 | 9 | 2 | 3 | 6 | 5 | 1 | 7 | 4 |
| 7 | 4 | 5 | 8 | 2 | 1 | 9 | 6 | 3 |
| 4 | 6 | 8 | 1 | 5 | 9 | 3 | 2 | 7 |
| 9 | 5 | 7 | 2 | 8 | 3 | 6 | 4 | 1 |
| 1 | 2 | 3 | 4 | 7 | 6 | 5 | 8 | 9 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଲୋକେ ସ୍ୱାର୍ଥାନ୍ଧ ସାଜିଛନ୍ତି

ମହାଶୟ,

ପୂର୍ବେ ଲୋକେ କର୍ମରେ ନିଯୁକ୍ତ ଥିବା ବେଳେ କିମ୍ବା ଅବସର ସମୟରେ ପରସ୍ପର ମଧ୍ୟରେ ଦୁଃଖସୁଖ ହେବାର ଲକ୍ଷ୍ୟ କରାଯାଉଥିଲା। ନିଜ ନିଜର ଖାଇବା, ପିଇବା, ଚଳଣି ଓ ପରିବାର ସମସ୍ୟା ସମ୍ବନ୍ଧରେ ଆଲୋଚନା କରୁଥିଲେ। ଏଥିସହ ନିଜର ସୀମିତ ଜ୍ଞାନ ପରିସରରେ ଦେଶ ଦୁନିଆ କଥା ଓ ଧର୍ମୋପଦେଶ ଭାବ ଆଦାନ ପ୍ରଦାନ କରାଯାଉଥିଲା। ତା'ଛଡ଼ା ଜୀବନରେ ଅଙ୍ଗେନିଭା କଥାକୁ ଅନୁଭୂତି ଆକାରରେ ପରିପ୍ରକାଶ ମଧ୍ୟ କରାଯାଉଥିଲା। ଏହାଦ୍ୱାରା ପରସ୍ପର ମଧ୍ୟରେ ନିବିଡ଼ ବନ୍ଧୁତ୍ୱ ସୃଷ୍ଟି ହେବା ସହ ନିଜ ନିଜ ମଧ୍ୟରେ ଲୁଚି ରହୁଥିବା ଦୋଷତ୍ରୁଟି ସୁଧାର ହୋଇ ପାରୁଥିଲା। ମାତ୍ର ଏବେକାର ଲୋକେ ସ୍ୱାର୍ଥାନ୍ଧ ସାଜିଛନ୍ତି। ଆପେ ବଞ୍ଚିଲେ ବାପର ନାମ ନ୍ୟାୟରେ ବଞ୍ଚୁଛନ୍ତି। ସେଥିପାଇଁ ପରସ୍ପର ମଧ୍ୟରେ ସ୍ନେହ ଓ ଶ୍ରଦ୍ଧା ଭାବ ଦେଖିବାକୁ ମିଳୁନାହିଁ। ଯେତେବେଳେ ଅବା ସେମାନେ ଏକତ୍ର ମିଶୁଛନ୍ତି, ସେମାନେ କୌଣସି ଗଠନମୂଳକ ପ୍ରସଙ୍ଗରେ ଆଲୋଚନା କରୁନାହାନ୍ତି। କେବଳ ଶାଣିତ ଯୁକ୍ତିତର୍କ ଓ ବାକ୍‌ବିତଣ୍ଡାରେ ମାତି ନାନାଦି ଗଣ୍ଡଗୋଳର ସୂତ୍ରପାତ ଘଟାଉଛନ୍ତି। ଲୋକଙ୍କ ମନରେ ପରିବର୍ତ୍ତନ ଆଣିବା ଲାଗି ଧର୍ମାନୁଷ୍ଠାନଗୁଡ଼ିକରେ ସତ୍‌ସଙ୍ଗ ସଭା ଅନୁଷ୍ଠିତ ହୋଇଥାଏ। ଲୋକେ ସେଠାରେ କିଛି ସମୟ ଶାନ୍ତିରେ ବସିଥାନ୍ତି। ସୁଖ ଦୁଃଖର କାହାଣୀ ଓ ଦିବ୍ୟ ପ୍ରବଚନ ଜୀବନରେ ଅନେକ ସୁଧାର ଆଣିଥାଏ। ଖୋଲା ମନରେ ପରସ୍ପର ମଧ୍ୟରେ ସୁଖଦୁଃଖ ହେଲେ ଅନେକ ସମସ୍ୟାର ସମାଧାନ ପୂର୍ବକ ଜୀବନ ସୁଖମୟ ବି ହୋଇପାରେ।

–ମହେଶ୍ୱର ନାୟକ, ଦୋବନ୍ଧ, ଗୋଗୁଆ, କେନ୍ଦ୍ରାପଡ଼ା

## ଚିରନ୍ତନୀ

ଓଡ଼ୁପୁଞ୍ଜ କି ଧିଆନେ ରହିଥିଲା ତବଧ
ଛାୟା ଅଙ୍ଗେ ଅଙ୍ଗ ଢାଳି, ନ ଥିଲା ଟ ଶବଦ
ତୋଳନାର ସଙ୍ଗତେ ମୃଦୁ ମଧୁ ହିଲ୍ଲୋଳ
ଦୂର ନଦୀ ବାଲୁକାରେ କରୁଥିଲା କିଳକ,
ମନେ ମନେ ପାରିରେ ବସୁଥିଲା ରଜନୀ
ତୁମେ କିମ୍ବା ଧୀର ପଦେ ଉଭାହେଲ ସଜନୀ!

–(ଛଦ୍ମ ନାୟିକା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ: E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ DHARITRI
ରାୟଗଡ଼ା, ଶନିବାର, ୬ ଅଗଷ୍ଟ, ୨୦୨୨



# ପୋଲିସ, କଂଗ୍ରେସ ନେତା ମୁହାଁମୁହିଁ



ରାଜଭବନ ଘେରାଉ ଉଦ୍ୟମ ପୂର୍ବରୁ ଶୁକ୍ରବାର ବାଟରେ କଂଗ୍ରେସ ନେତା, କର୍ମୀଙ୍କୁ ପୋଲିସ ଅଟକାଉଛି।

## ଦରବୃଦ୍ଧି, ବେକାରି ସମସ୍ୟା ନେଇ କଂଗ୍ରେସର ଆନ୍ଦୋଳନ

- ଆଗକୁ ଆନ୍ଦୋଳନ ତୀବ୍ର ହେବ: ପିସିସି ସଭାପତି
- ବେଲଜ୍ଜା ବଥ ହେଲେ ତାକୁ ଛାଇ କହେ: ଭାଜପା
- ଦରଦାମ ବୃଦ୍ଧି ରୋକିବା କେନ୍ଦ୍ରର କାମ, ବିଜେଡିକୁ ଦାୟୀ କରିବା ଦୁର୍ଭାଗ୍ୟଜନକ: ବିଜେଡି

**ଭୁବନେଶ୍ୱର, ୫।୮ (ବ୍ୟୁରୋ)** ଦରବୃଦ୍ଧି ପ୍ରସଙ୍ଗରେ ଶୁକ୍ରବାର କଂଗ୍ରେସ ପକ୍ଷରୁ ଦେଶବ୍ୟାପୀ ପ୍ରତିବାଦ ଓ ଆନ୍ଦୋଳନ କାର୍ଯ୍ୟକ୍ରମ କରାଯାଇଛି। ସମାନଭାବେ ଓଡ଼ିଶାରେ ମଧ୍ୟ କଂଗ୍ରେସ ନେତା ଓ କର୍ମୀମାନେ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିଛନ୍ତି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି।

କଂଗ୍ରେସ ନେତାମାନେ ପ୍ରଥମେ ପିସିସି ସଭାପତିଙ୍କ ନେତୃତ୍ୱରେ ଭୁବନେଶ୍ୱରସ୍ଥିତ ଏଡିଏମ୍‌ଙ୍କ କାର୍ଯ୍ୟାଳୟଠାରେ ଏକତ୍ରିତ ହୋଇ ଏକ ସଭା କରିଥିଲେ। ସେଠାରେ କଂଗ୍ରେସ ନେତାମାନେ ଦରବୃଦ୍ଧି, ଜିଏସ୍‌ଟି ଲାଗୁ ଦ୍ୱାରା ସାଧାରଣ ଲୋକଙ୍କ ଉପରେ ପଡୁଥିବା ଟିକସ ଚାପ ଆଦି ପ୍ରସଙ୍ଗରେ କେନ୍ଦ୍ରର ମୋଦି ସରକାର ଏବଂ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଅତ୍ୟାବଶକ ସାମଗ୍ରୀର ଅହେତୁକ ଦରଦାମ ବୃଦ୍ଧି, ଉତ୍କଟ ବେକାରି ସମସ୍ୟା ଓ ଜନମାରଣ ଜିଏସ୍‌ଟି ଲାଗୁ ପ୍ରତିବାଦରେ କଂଗ୍ରେସ ନେତା ଓ କର୍ମୀ ଏଡିଏମ୍‌ଙ୍କ କାର୍ଯ୍ୟାଳୟଠାରୁ ଏକ ରାଲିରେ ବାହାରି ରାଜଭବନ ଅଭିମୁଖେ ଯାତ୍ରା କରିଥିଲେ। ତେବେ ରାଜଭବନ ଘେରାଉ ଉଦ୍ୟମ କରିବା ପୂର୍ବରୁ ପୋଲିସ ଆଗୁଆ ବ୍ୟାରିକେଡ୍ କରି କଂଗ୍ରେସ ନେତା, କର୍ମୀଙ୍କୁ ଅଟକାଇବା ଲାଗି ପ୍ରସ୍ତୁତ ହୋଇ ରହିଥିଲା। ବାଟରେ ପିସିସି ସଭାପତିଙ୍କ ସମେତ ଅନ୍ୟମାନେ ବ୍ୟାରିକେଡ୍ ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ପୋଲିସ ଏବଂ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାପରେ ପୋଲିସ ପିସିସି ସଭାପତିଙ୍କ ସମେତ ଅନ୍ୟ କେତେଜଣ ନେତା, କର୍ମୀଙ୍କୁ ଉଠାଇନେବା ସହ ଅଟକ ରଖିଥିଲା। ପରବର୍ତ୍ତୀ ସମୟରେ ସେମାନଙ୍କୁ ଛାଡି ଦେଇଥିବା ଜଣାପଡ଼ିଛି।

ତେବେ ଏହି ଅବସରରେ ପିସିସି ସଭାପତି କହିଛନ୍ତି, ବର୍ତ୍ତମାନ ସମସ୍ତ ନିତ୍ୟବ୍ୟବହାର୍ଯ୍ୟ ଓ ଅତ୍ୟାବଶକ ଖାଦ୍ୟପଦାର୍ଥର ଦରଦାମ ଆକାଶଛୁଆଁ। ରନ୍ଧନ ଗ୍ୟାସ୍, ପେଟ୍ରୋଲ, ଡିଜେଲ ଦାମ ୨୦୧୪ ତୁଳନାରେ ପାଖାପାଖି ୪୫ରୁ ୭୦% ପର୍ଯ୍ୟନ୍ତ ବୃଦ୍ଧି ଘଟିଛି। ଡାଲି, ତେଲ, ଲୁଣ, ବିସ୍କୁଟଠାରୁ ଆରମ୍ଭକରି ଚୁଡ଼ା, ମୁଢ଼ି, ଖଇ, ଉଖୁଡ଼ା, ଅଟା, ଚାଉଳ ଚୂନା, ଛତୁଆ, ଦହି, ଗୁଡ଼, ଲହୁଣି ଛଡ଼ା ଛୋଟ ପିଲାମାନଙ୍କର ଖାତା, ପେନ୍‌ସିଲ, କଟର ଉପରେ ଜିଏସ୍‌ଟି ଲାଗୁ କରିବା ଯୋଗୁ ଦରଦାମ ମଧ୍ୟ ବହୁ ପରିମାଣରେ ବୃଦ୍ଧି ଘଟିଛି। ନରେନ୍ଦ୍ର ମୋଦି ସରକାର ଭାରତବର୍ଷ ଲୋକଙ୍କୁ ଅଚ୍ଛେଦିନ୍‌ର ସ୍ୱପ୍ନ ଦେଖାଇଥିଲେ। ହେଲେ ଗରିବ, ଖଟିଖିଆ, ଚାଷୀ, ସ୍ୱଳ୍ପ, ନିମ୍ନ ଓ ମଧ୍ୟମ ଆୟକାରୀ ବର୍ଗ ବିଶେଷ ମୁଦ୍ରାସ୍ଫୀତି ଓ ଦରଦାମ ବୃଦ୍ଧି ଯୋଗୁ ପ୍ରଭାବିତ। ଆଗାମୀ ଦିନରେ ମୋଦି ସରକାରଙ୍କ ବିଫଳତା ନେଇ କଂଗ୍ରେସ ଆନ୍ଦୋଳନକୁ ଆହୁରି ତୀବ୍ର କରିବ ବୋଲି ପିସିସି ସଭାପତି କହିଛନ୍ତି।

ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ବେଲଜ୍ଜା ମୁହଁରେ ବଥ ଉଠିଲେ ଯେପରି କହେ ଛାଇ ହୋଇଛି ବୋଲି କଂଗ୍ରେସ ସେମିତି କଥା କହୁଛି। ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କୁ ସୁରକ୍ଷା ଦେବା ପାଇଁ ସେମାନଙ୍କୁ ଯେପରି ଇଡି ଆଉ ଜେରା ନ କରିବ ସେଥିଲାଗି କଂଗ୍ରେସ ଅରାଜକତା ସୃଷ୍ଟି କରିବାକୁ ଚେଷ୍ଟା କରୁଛି। ଏ ଆନ୍ଦୋଳନ ସମ୍ପୂର୍ଣ୍ଣ ସଂଜ୍ଞାହୀନ ବୋଲି ସେ କହିଛନ୍ତି। ବିଜେଡି ବିଧାୟକ ଶଶିଭୂଷଣ ବେହେରା କହିଛନ୍ତି, ଦରଦାମ୍ ବିରୋଧରେ ପ୍ରତିବାଦ, ଆନ୍ଦୋଳନ କରିବା ହେଉଛି ସାଧାରଣ ଜନତାଙ୍କ ସ୍ୱାର୍ଥ। ଦରଦାମ୍ ବୃଦ୍ଧି ରୋକିବାରେ କେନ୍ଦ୍ର ସରକାରଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କଂଗ୍ରେସ ଏଥିରେ ବିଜେଡିକୁ ଦାୟୀ କରିବା ଦୁର୍ଭାଗ୍ୟଜନକ ବୋଲି ବେହେରା କହିଛନ୍ତି।

# ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ମମତା



ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରୁଛନ୍ତି ମମତା ବାନାର୍ଜୀ।

**ପଶ୍ଚିମବଙ୍ଗର ବକେୟା ପ୍ରାପ୍ୟ ଛାଡ଼ ଲାଗି ଅନୁରୋଧ କଲେ**

**ନୂଆଦିଲ୍ଲୀ,୫।୮:** ନୂଆଦିଲ୍ଲୀକୁ ୪ ଦିନିଆ ଗସ୍ତରେ ଆସିଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶୁକ୍ରବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିଛନ୍ତି। ଏହି ଆଲୋଚନା ଅବସରରେ ବିଭିନ୍ନ କେନ୍ଦ୍ରୀୟ ଯୋଜନାରୁ ତାଙ୍କ ରାଜ୍ୟ ପାଇବାକୁ ଥିବା ଅର୍ଥ ତୁରନ୍ତ ଛାଡ଼ିବା ପାଇଁ ମମତା ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ପଶ୍ଚିମବଙ୍ଗରେ କାର୍ଯ୍ୟକାରୀ ହୋଇଥିବା ଏନ୍‌ଜିଏନ୍‌ଆର୍‌ଇଜିଏ, ପିଏମ୍ ଆବାସ ଯୋଜନା, ପିଏମ୍ ଗ୍ରାମୀଣ ସଡ଼କ ଯୋଜନା ଆଦିର ୧୭,୯୯୬ କୋଟି ଟଙ୍କା ବକେୟା କେନ୍ଦ୍ର ସରକାରଙ୍କ ନିକଟରେ ଅଟକି ରହିଛି। ଏଥିସହିତ ଅନ୍ୟାନ୍ୟ ବିକାଶ ଓ କଲ୍ୟାଣକାରୀ ଯୋଜନା ବାବଦ ପ୍ରାୟ ୧,୦୦୧୮.୪୪ କୋଟି ଟଙ୍କା ବକେୟା ରହିଛି। ଫଳରେ ରାଜ୍ୟ ସରକାର ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇଥିବା ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଦେଇଥିବା ପତ୍ରରେ ଉଲ୍ଲେଖ ରହିଛି। ଏହାକୁ ତୁରନ୍ତ ପଠାଇବା ଲାଗି ରାଜ୍ୟ ସରକାର ଦୀର୍ଘଦିନ ହେଲା ଦାବି କରିଆସୁଥିବା ମମତା କହିଛନ୍ତି। ସୂଚନାଯୋଗ୍ୟ, ପଶ୍ଚିମବଙ୍ଗ ସମେତ ବିରୋଧୀ ଦଳ ଶାସିତ ରାଜ୍ୟଗୁଡ଼ିକର ଜିଏସ୍‌ଟି ପ୍ରାପ୍ୟ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ପଠେଇ କରିବାରେ ବିଳମ୍ବ କରୁଥିବା ମମତା ବାରମ୍ବାର ଅଭିଯୋଗ କରିଆସିଛନ୍ତି। ତେବେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପଶ୍ଚିମବଙ୍ଗର ପୂର୍ବତନ ମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କୁ ଗିରଫ କରିବା ପରେ ମମତା ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ଘଟଣାକୁ ନେଇ ବିଭିନ୍ନ କଳ୍ପନାଜଳ୍ପନା ପ୍ରକାଶ ପାଉଛି।

# ଜନତାଙ୍କୁ ନେଇ ସରକାର: ରବର୍ଟ ଭଦ୍ରା

**ନୂଆଦିଲ୍ଲୀ,୫।୮:** ଦରବୃଦ୍ଧି ଓ ବେରୋଜଗାରୀକୁ ନେଇ କଂଗ୍ରେସ ଶୁକ୍ରବାର ଦେଶବ୍ୟାପୀ ବିରୋଧ ପ୍ରଦର୍ଶନ କରୁଛି। ଏହି କ୍ରମରେ ଦିଲ୍ଲୀରେ କଂଗ୍ରେସର ବରିଷ୍ଠ କର୍ମକର୍ତ୍ତା ଆନ୍ଦୋଳନକୁ ଓହ୍ଲାଇଥିଲେ। ଆନ୍ଦୋଳନ ବେଳେ ପୋଲିସ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ରାହୁଲ ଗାନ୍ଧୀଙ୍କୁ ଅଟକାଇଥିଲା। ଏହାକୁ ନେଇ କଂଗ୍ରେସର ସାଧାରଣ ସମ୍ପାଦକ ପ୍ରିୟଙ୍କାଙ୍କ ସ୍ୱାମୀ ରବର୍ଟ ଭଦ୍ରା ଟୁଇଟ କରି ମୁଦ୍ରାସ୍ଫୀତି, ଅର୍ଥନୀତି ଏବଂ ବେକାରୀ ସମସ୍ୟା ନେଇ ନରେନ୍ଦ୍ର ମୋଦି ସରକାରଙ୍କୁ ଘେରିଛନ୍ତି। ରବର୍ଟ ଭଦ୍ରା ତାଙ୍କ ପୋଷ୍ଟରେ ଲେଖିଛନ୍ତି, ଜନତାଙ୍କୁ ନେଇ ସରକାର, ସରକାରଙ୍କୁ ନେଇ ଜନତା ନୁହେଁ। ଏଥିସହ ସେ କହିଛନ୍ତି, ମୁଦ୍ରାସ୍ଫୀତି ଏବଂ ଖାଦ୍ୟ ଉପରେ ଜିଏସ୍‌ଟି ଲାଗୁ କର ସରକାର ତାଙ୍କ ଉପରେ ଉଠିଥିବା ପ୍ରଶ୍ନକୁ କୌଣସି ପ୍ରକାରେ ଶେଷ କରିପାରିବେ ନାହିଁ। ଦିନକୁ ଦିନ ବଢୁଥିବା ବେକାରୀ ସମସ୍ୟାକୁ ଦୂର କରିବା ପାଇଁ ସରକାର କ'ଣ କରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଦେଇଥିବା ପ୍ରତିଶ୍ରୁତିକୁ ସରକାର ଭୁଲିଯାଇପାରିବେ, କିନ୍ତୁ ଜନସାଧାରଣ ନୁହେଁ। ଲୋକଙ୍କ ସ୍ୱରକୁ ଦମନ ନାହିଁ କିମ୍ବା ଅଣଦେଖା କରାଯାଇପାରିବ ନାହିଁ। କାରଣ ଜନତାଙ୍କୁ ନେଇ ସରକାର, ସରକାରଙ୍କୁ ନେଇ ଜନତା ନୁହେଁ ବୋଲି ମୋଦି ସରକାରଙ୍କ ଉପରେ ବର୍ଷିଛନ୍ତି ରବର୍ଟ ଭଦ୍ରା।

# ପିଏମ୍‌ଏୱାଇ(ଗ୍ରାମୀଣ) ପୋର୍ଟାଲ ଖୋଲିବାକୁ ବିଜେଡି ଏମ୍‌ପିଙ୍କ ଦାବି

**ଭୁବନେଶ୍ୱର, ୫।୮ (ବ୍ୟୁରୋ)** ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) ଅର୍ଥ ପ୍ରଦାନ କରିବା ସହିତ ତୁରନ୍ତ ଏ ସମ୍ପର୍କିତ ପୋର୍ଟାଲ ଖୋଲିବା ଲାଗି ବିଜେଡି ଏମ୍‌ପି ମଞ୍ଜୁଲତା ମଣ୍ଡଳ ପାର୍ଲାମେଣ୍ଟରେ ଦାବି କରିଛନ୍ତି। ଅନ୍ୟପଟେ ପିଏମ୍ ଆବାସ୍ ଯୋଜନା ପୋର୍ଟାଲ ଓଡ଼ିଶାରେ ଖୋଲିବା ଲାଗି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂଙ୍କୁ ଚିଠି ଦେଇ ଅନୁରୋଧ କରିଛନ୍ତି।

**ରାଜ୍ୟ ସରକାରଙ୍କୁ ଟାର୍ଗେଟ କଲେ କେନ୍ଦ୍ରମନ୍ତ୍ରୀ**



ଲୋକ ସଭାରେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ

ଅନ୍ୟପଟେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ଚିଠିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପୋର୍ଟାଲ ଖୋଲିବାକୁ କହିବା ସହିତ ପରୋକ୍ଷରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ ମଧ୍ୟ କରିଛନ୍ତି। ସେ କହିଛନ୍ତି, ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହେବାକୁ ଥିବା ହିତାଧିକାରୀଙ୍କ ଲାଗି ପୋର୍ଟାଲ ଖୋଲାଯାଉ। ହେଲେ ଯୋଗ୍ୟ ହିତାଧିକାରୀ ଏଥିରୁ ଯେପରି ବାଦ୍ ନ ପଡିବେ ସେଥିପ୍ରତି ଧ୍ୟାନ ଦେଇ ଠିକ୍ ତାଲିକା ପ୍ରସ୍ତୁତ ଉପରେ ଗୁରୁତ୍ୱ ଦେବା ଜରୁରୀ। କାରଣ ୨୦୨୧-୨୨ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଯୋଗାଣରେ ଓଡ଼ିଶାରେ ବ୍ୟାପକ ଅନିୟମିତତା ହୋଇଥିବା ମନ୍ତ୍ରଣାଳୟ ରିପୋର୍ଟ କରିଥିଲା। ବହୁ ଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରୁ ବାଦ୍ ଦିଆଯାଇଥିଲା। କେନ୍ଦ୍ର ସରକାରଙ୍କ ଏହି ଯୋଜନାର ଲୋଗୋରେ ମଧ୍ୟ ଓଡ଼ିଶା ସରକାର ଟ୍ୟାମ୍ପରିଂ କରିଥିଲେ। ଏହି ଯୋଜନାର ପାଣ୍ଠିକୁ ଅନ୍ୟ କାହାକୁ ହସ୍ତାନ୍ତର କରିବା ଲାଗି ପ୍ରକୃତ ହିତାଧିକାରୀଙ୍କ ବ୍ୟାଙ୍କ ନମ୍ବରକୁ ପରିବର୍ତ୍ତନ କରାଯାଇଥିଲା। ସବୁ ଜିଲାକୁ ରାଜ୍ୟ ସରକାର ସମାନ ଘର ନ ଦେଇ ଭୋଟ୍ ହାର ଅଧିକ ଥିବା ଜିଲାକୁ ଅଧିକ ଘର ଆବଣ୍ଟିତ କରିଛନ୍ତି। ୧୪ ଜିଲାକୁ ମାତ୍ର ୬ ହଜାର ୬୪୮ ଘର ଦେଇଥିଲେ। ଫନୀ ସ୍ପେଶାଲ ଡ୍ରାଇଭ ସମୟରେ ଆବାସ ପ୍ଲସ୍ ପ୍ଲାଟ୍‌ଫର୍ମରେ ୫.୫ ଲକ୍ଷ ଅଯୋଗ୍ୟ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ଉକ୍ତ ତାଲିକା ତଦାରଖ କରିବାକୁ ହେବ ବୋଲି ସେ କହିଛନ୍ତି। ଏସବୁ କହିବା ପରେ ଧର୍ମେନ୍ଦ୍ର ଓଡ଼ିଶାର ଯୋଗ୍ୟ ହିତାଧିକାରୀଙ୍କ ପାଇଁ ଆବାସ ପ୍ଲସ୍ ପୋର୍ଟାଲ ଖୋଲିବାକୁ ପୁଣି ଅନୁରୋଧ କରିଛନ୍ତି।

ତେବେ ପାର୍ଲାମେଣ୍ଟରେ ବିଜେଡି ଏମ୍‌ପି କହିଛନ୍ତି, ପ୍ରଧାନମନ୍ତ୍ରୀ ଆବାସ୍ ଯୋଜନା(ଗ୍ରାମୀଣ)ରେ ସାମିଲହେବାକୁ ଥିବା ହିତାଧିକାରୀଙ୍କ ତାଲିକା ବହୁ ବଢିଗଲାଣି। ୨୦୨୨ ସୁଦ୍ଧା ସମସ୍ତ ହିତାଧିକାରୀଙ୍କୁ ଘର ଦେବା ଲକ୍ଷ୍ୟ ଫେଲ୍ ହେବାକୁ ବସିଲାଣି। ତେଣୁ ତାଲିକାଭୁକ୍ତ ହୋଇଥିବା ସମସ୍ତ ନୂଆ ହିତାଧିକାରୀଙ୍କୁ ଘର ଯୋଗାଇବାର କାର୍ଯ୍ୟାଦେଶ ଏବଂ ଏହି ଅର୍ଥ ତୁରନ୍ତ ପ୍ରଦାନ କରାଯାଉ। ଆବାସ୍ ଯୋଜନା ପୋର୍ଟାଲ ତୁରନ୍ତ ଖୋଲିଲେ ହିତାଧିକାରୀମାନେ ଏହି ଯୋଜନା ଲାଗି ତାଲିକାରେ ସାମିଲ ହୋଇପାରିବେ। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ କିଛିଦିନ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅନୁରୋଧ କରିଥିଲେ। ରାଜ୍ୟର ୬ ଲକ୍ଷ ୬୫ ହଜାର ପରିବାର ଏବଂ ଲକ୍ଷେ ୮୪ ହଜାର ଫନୀ କ୍ଷତିଗ୍ରସ୍ତ ଘର ଏହି ଯୋଜନାରେ ସାମିଲ ହେବା ଅପେକ୍ଷାରେ ଅଛନ୍ତି। ଏହାକୁ ବାଦ୍ ଦେଲେ ଭଦ୍ରକ ଲୋକ ସଭା ମଣ୍ଡଳୀର ୫୭ ହଜାର ୧୯୦ ହିତାଧିକାରୀ ଏହି ଯୋଜନାରେ ଆଲଟମେଣ୍ଟ ଅର୍ଥ ପାଇବା ଲାଗି ଅପେକ୍ଷାରେ ରହିଥିବା ମଞ୍ଜୁଲତା କହିଛନ୍ତି।

# ମାର୍ଗାରେଟ୍‌ଙ୍କୁ ଧୋକା ଦେଲେ ମମତା

**ନୂଆଦିଲ୍ଲୀ,୫।୮:** ଉପରାଷ୍ଟ୍ରପତି ନିର୍ବାଚନରେ ତୃଣମୂଳ କଂଗ୍ରେସ ଭୋଟ ନ ଦେବା ନିଷ୍ପତ୍ତିରେ ବିରୋଧୀ ପ୍ରାର୍ଥୀ ମାର୍ଗାରେଟ ଆଲ୍‌ଭା ନିରାଶ ହୋଇଛନ୍ତି। ସେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପଦକ୍ଷେପକୁ ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଏକ ସାକ୍ଷାତକାରରେ ଆଲଭା କହିଛନ୍ତି, ଯୁବ କଂଗ୍ରେସ ଦିନରୁ ମମତା ମୋର ଭଲ ବନ୍ଧୁ ଥିଲେ। ମୁଁ ତାଙ୍କ ପାଇଁ ଲଢିଛି, ସମର୍ଥନ କରିଛି ଏବଂ ପ୍ରତ୍ୟେକ କ୍ଷେତ୍ରରେ ତାଙ୍କ ସହ ରହିଛି। କିନ୍ତୁ ଯେତେବେଳେ ଟିଏମ୍‌ସି ଉପରାଷ୍ଟ୍ରପତି ନିର୍ବାଚନରୁ ଦୂରେଇ ରହିବାକୁ ସ୍ଥିର କଲା, ମୁଁ ଆଶ୍ଚର୍ଯ୍ୟ ହୋଇଥିଲି। ଏହି ନିର୍ବାଚନରେ କୌଣସି ହ୍ୱିପ ନାହିଁ ଏବଂ ଏହା ଏକ ଗୁପ୍ତ ମତଦାନ। ଯଦି ତୁମେ ହ୍ୱିପ ଦେଇ ପାରିବ ନାହିଁ, ତୁମେ ତୁମର ଏମ୍‌ପିମାନଙ୍କୁ ଭୋଟ ନ ଦେବାକୁ କିପରି କହିପାରିବ ? ଏହା ଏକ ନକାରାତ୍ମକ ହ୍ୱିପ ଦେବା ଭଳି। ମମତା ଫୋନ ଉଠାଉ ନାହାନ୍ତି। ମୁଁ ତାଙ୍କୁ ମେସେଜ ଲେଖିଛି ଏବଂ ଆମ ଲୋକ ତାଙ୍କ ସହ କଥା ହୋଇଛନ୍ତି। ଉପରାଷ୍ଟ୍ରପତି ନିର୍ବାଚନ ମଧ୍ୟ ବିରୋଧୀ ଦଳ ପାଇଁ ଏକ ଆହ୍ୱାନ। ସୂଚନାଯୋଗ୍ୟ, ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ମତଦାନ ଅଗଷ୍ଟ ୬ରେ ହେବ। ଆଲ୍‌ଭାଙ୍କ ବିପକ୍ଷରେ ଏନ୍‌ଡିଏ ପକ୍ଷରୁ ଜଗଦୀପ ଧନକର ପ୍ରାର୍ଥୀ ହୋଇଛନ୍ତି।

**ସାର୍ବଜନୀନ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି।

**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**

1) ମଡେଲ ନଂ. AI1214
ଗାଡ଼ି ନଂ.- OD02BJ2066
ନିର୍ମାଣ ବର୍ଷ - 2020
ସଂରକ୍ଷିତ ମୂଲ୍ୟ - 810000
2) ମଡେଲ ନଂ. AI3118
ଗାଡ଼ି ନଂ.- OD14Q8844
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 1195000

ମେସର୍ସ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ "ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ" ବିକ୍ରୟ କରାଯିବ।
ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 15 ଦିନ ମଧ୍ୟରେ ସେମାନଙ୍କର କୋଟେଶନ୍

**କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001** ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ:
ତାପସ ମହାନ୍ତି 9861502061 / ଦୁର୍ଗା ସ୍ୱାଇଁ 9692645791

**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack -753015, Odisha
[Accredited with 'A' Grade by NAAC]

**QUOTATION CALL NOTICE**
**FOR REPAIR WORK AT NLUO CUTTACK**

Sealed quotations are invited for (i) Repair work & (ii) Supply of items for NLUO, Cuttack. Last date & time of receipt is **12.08.2022 at 11.00 AM**. For details please visit website : www.nluo.ac.in.

Sd/-
Registrar

**ODISHA HYDRO POWER CORPORATION LTD.**
O/o. SR. GENERAL MANAGER, HIRAKUD HYDRO ELECTRIC PROJECT
POST BOX NO.-5, BURLA-768017, DISTRICT: SAMBALPUR (ODISHA), INDIA
PHONE: 0663-2950721 (O), 2950765, E-mail: srgmhps_burla@yahoo.co.in
CIN: U40101OR1995SGC003963

No. HHEP/WK-101/15/Vol-VI Date:

**NOTICE INVITING TENDER No. HHEP-34/2022**

No.: CAD-1381: Sealed tenders are invited in single part in sealed envelopes from registered/agencies/reputed firms having similar type of work experience during the last three years for the following works as mentioned below

| Description | Cost of tender paper (Non-refundable) in Rs. | EMD in shape of DD/BC only (Refundable) in Rs. |
|---|---|---|
| Emergent repair work of Draft Tube, Penstock dewatering valves and removal of debris from the well of the hoist gate of Unit No. 1 of Burla Power House | Rs.472/- (Rs.400/- + GST @ 18%) | NIL Bid security declaration form to be submitted |

- Period of availability of tender at OHPC website : Dt.06.08.2022 to 16.08.2022 upto 5.00 P.M.
- Last date & time of receipt of Tender : Dt.17.08.2022 upto 01.00 P.M.
- Date & time of opening of Bid : Dt.17.08.2022 at 04.00 P.M.

For details of the tender documents, terms & conditions please visit our website: www.ohpcltd.com.

OIPR-04007/11/0023/2223 Sd./- C & P Head, HHEP, Burla

**THE BOLANGIR-KALAHANDI-NUAPADA REGIONAL CO-OPERATIVE MILK PRODUCERS' UNION LTD.**
Inside Veterinary Hospital Campus, Hatisalpada, Bolangir, Dist.: Bolangir - 767001 (Odisha), Tel.: 06652-230334
Email: omfedbknmul@yahoo.com
Website: www.bknmilkunion.com


**TENDER/QUOTATION NOTICE FOR PURCHASE OF FURNITURE & FIXTURE UNDER EPM RATE CONTRACT AND DESKTOP UNDER WODC FUND**

Sealed tenders/quotation are invited from the EPM rate contract (For furniture)/Manufacturers/Authorised Distributors for supply of furniture & fixture and Desktop for the period of 12 months from the date of finalization of tender/quotation. The tender/quotation documents shall be downloaded at BKN Co-op. Milk Union Office website mentioned below from 06.08.2022 to 29.08.2022 which shall be received upto 1 P.M. on Dtd.29.08.2022 and shall be opened on the same day i.e. 29.08.2022 at 3 P.M. at BKN Milk Union Head Office in presence of bidders. Any addendum/corrigendum or update shall be posted only on BKN website.
BKN reserves the right to cancel any or all the offers without assigning any reason thereof. For details please visit our website **www.bknmilkunion.com**.

Sd./- General Manager

# ମୋକିମ୍ କି ଜବାବ ରଖିଲେ ଆଜି ତାହା ପଢ଼ିବେ ଶରତ

**ଭୁବନେଶ୍ୱର, ୫।୮(ବ୍ୟୁରୋ):** ଦଳୀୟ ନିର୍ଦ୍ଦେଶ ନ ମାନି ରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀ ହୋଇଥିବା ଓଡିଆ ଝିଅ ତଥା ବର୍ତ୍ତମାନର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ କଂଗ୍ରେସ ବିଧାୟକ ମହମ୍ମଦ ମୋକିମ୍ ଭୋଟ୍ ଦେଇଥିଲେ। ଏହି ଘଟଣାରେ କାହିଁକି ଦଳୀୟ ନିର୍ଦ୍ଦେଶକୁ ନ ମାନି ଏନ୍‌ଡିଏ ପ୍ରାର୍ଥୀଙ୍କୁ ଭୋଟ୍ ଦେଲେ ବୋଲି ୧୪ ଦିନରେ ଉତ୍ତର ରଖିବା ଲାଗି ମୋକିମ୍‌ଙ୍କୁ ପିସିସି ସଭାପତି ଶରତ ପଟ୍ଟନାୟକ ନୋଟିସ୍ ଜାରି କରିଥିଲେ। ପିସିସି ସଭାପତିଙ୍କ ନୋଟିସ୍‌ର ଶେଷଦିନ ମୋକିମ୍ ତାଙ୍କ ଜବାବ୍ ରଖିଛନ୍ତି। ଏସମ୍ପର୍କରେ ସେ କହିଛନ୍ତି, ସେ ଦଳୀୟ ଫୋରମ୍‌ରେ ଉତ୍ତର ରଖିଛନ୍ତି। ଯାହା କହିବା କଥା ଜବାବ୍‌ରେ ସେ ଦର୍ଶାଇଥିବା ଜଣାଇଛନ୍ତି।



ମହମ୍ମଦ ମୋକିମ୍

ଅପରପକ୍ଷରେ ଏନେଇ ପିସିସି ସଭାପତି କହିଛନ୍ତି, ମୋକିମ୍‌ଙ୍କ ଉତ୍ତର ମିଳିଛି ହେଲେ ତାକୁ ଏପର୍ଯ୍ୟନ୍ତ ସେ ପଢି ନାହାନ୍ତି। ଏହା ତାଙ୍କ ଦଳର ଆଭ୍ୟନ୍ତରୀଣ ବ୍ୟାପାର। ମୋକିମ୍‌ଙ୍କ ଉତ୍ତର ପଢିବା ପରେ ତା'ର ଉତ୍ତର କ'ଣ ଦିଆଯିବ ପରେ ଜଣାଇବି। ଶନିବାର ଅଫିସ ଯାଇ ପଢିବି ତାପରେ କହିପାରିବି। ସାଧାରଣତଃ ବିଧାୟକ ଏବଂ ଏମ୍‌ପିମାନଙ୍କ କଥାରେ ଯାହା କାରଣ ଦର୍ଶାଅ ନୋଟିସ୍‌ର ଜବାବ୍ ମିଳେ ତାହା ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି)କୁ ପଠାଇ ଦିଆଯାଏ। ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବେ କି କ'ଣ କରିବେ ସେମାନେ ନିଷ୍ପତ୍ତି ନେବେ ବୋଲି ଶରତ କହିଛନ୍ତି। ମୋକିମ୍‌ଙ୍କ ଉତ୍ତର ସମ୍ପର୍କରେ ହାଇକମାଣ୍ଡଙ୍କୁ ଜଣାଯିବ ବୋଲି ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି।

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଋଣଗ୍ରହୀତାମାନେ ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ **ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **ନବକଳେବର ରୋଡ୍ ଶାଖା /** ଋଣଗ୍ରହୀତା/ବନ୍ଧକଦାତା : **ଶ୍ରୀମତୀ ମମତା ନାୟକ,** ସ୍ୱାମୀ: ଶ୍ରୀ ହାଡିବନ୍ଧୁ ନାୟକ, **ସହ-ଋଣଗ୍ରହୀତା: ଶ୍ରୀ ହାଡିବନ୍ଧୁ ନାୟକ,** ଉଭୟଙ୍କ ଠିକଣା - ସା: ଚୁଡଙ୍ଗ ସାହି, ୱାର୍ଡ-୧, ପୁରୀ-୧ | ଟ.୪,୦୨,୧୨୯.୦୩ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୯.୧୧.୨୦୨୧ / ୦୨.୦୮.୨୦୨୨ | **ଶ୍ରୀମତୀ ମମତା ଦେଈ(ନାୟକ),** ସ୍ୱାମୀ: ଶ୍ରୀ ହାଡିବନ୍ଧୁ ନାୟକଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୪୦/୧୫୫, ପ୍ଲଟ୍ ନଂ.: ୭୯୩/୧୬୨୦, କ୍ଷେତ୍ର: ଏକର୦.୦୧୦ ଡିସିମିଲି, ହାଲ ପ୍ଲଟ୍ ନଂ.: ୭୯୪/୧୬୨୧, କ୍ଷେତ୍ର: ଏକର ୦.୦୧୦.୨ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର ୦.୦୨୦.୨ ଡିସିମିଲି,** କିସମ: ଘରବାରୀ, ମୌଜା: ପୁରୀ ଟାଉନ୍, ଏସ୍‌ଆରଓ: ପୁରୀ, ତହସିଲ: ପୁରୀ, ଜିଲ୍ଲା: ପୁରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଚୁଡଙ୍ଗ ପୋଖରୀ, ପୂର୍ବ: ବିଶ୍ୱନାଥ ମିଶ୍ର ଏବଂ ସତ୍ୟଭାମା ମିଶ୍ର, ପଶ୍ଚିମ: ଚିନ୍ମୟୀ ଦେଇ ଏବଂ ସୁଶ୍ରିତା ସେନାପତି |
| **ନବକଳେବର ରୋଡ୍ ଶାଖା /** ଋଣଗ୍ରହୀତାମାନେ : ୧) **ଶ୍ରୀମତୀ ବନିତା ମହାନ୍ତି,** ସ୍ୱାମୀ: ଶ୍ରୀ ବିରେନ୍ ମହାନ୍ତି, ୨) **ଶ୍ରୀ ସଂଗ୍ରାମ ମହାନ୍ତି,** ପିତା: ଶ୍ରୀ ବିରେନ୍ ମହାନ୍ତି, ଉଭୟଙ୍କ ଠିକଣା - ସା: ସର୍ବୋଦୟ ନଗର, ପୋ/ଜିଲ୍ଲା: ପୁରୀ, ଓଡ଼ିଶା / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ବିରେନ୍ ମହାନ୍ତି,** ପିତା: ୰ କାଳୁ ଚରଣ ମହାନ୍ତି, ସା: ସର୍ବୋଦୟ ନଗର, ଚାରୁ ପଟ୍ଟନାୟକ ଲେନ୍, ଗୁଣ୍ଡିଚା ବିହାର ପୁରୀ, ୨) **ଶ୍ରୀ ରବିନ୍ଦ୍ର କୁମାର ମହାନ୍ତି,** ପିତା: ଶ୍ରୀ ଲକ୍ଷ୍ମୀଧର ମହାନ୍ତି, ସା: ତେଲିପଡା, ନାରୁଅ, ଗୋପ, ପୁରୀ, ୩) **ଶ୍ରୀ ସ୍ୱାଧିନ ମହାନ୍ତି,** ପିତା: ଶ୍ରୀ ବିରେନ୍ କୁମାର ମହାନ୍ତି, ସା: ସର୍ବୋଦୟ ନଗର, ଚାରୁ ପଟ୍ଟନାୟକ ଲେନ୍, ଗୁଣ୍ଡିଚା ବିହାର, ପୁରୀ | ଟ.୯,୯୯,୯୨୭/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୧୫.୧୨.୨୦୧୮ / ୦୨.୦୮.୨୦୨୨ | **ଶ୍ରୀମତୀ ବନିତା ମହାନ୍ତିଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୨୧/୨୩୪୫, ପ୍ଲଟ୍ ନଂ.: ୧୦୧୪/୭୧୨୪, କ୍ଷେତ୍ର: ଏକର୦.୦୨୨ ଡିସିମିଲି, ସ୍ୱତ୍ୱ: ସ୍ଥିତିବାନ, କିସମ: ଘରବାରୀ, ଅନୁରୂପ ସାବିକ ଖାତା ନଂ.: ୨୬୬, ସାବିକ ପ୍ଲଟ୍ ନଂ.: ୧୦୧୪ (ସବ୍ ପ୍ଲଟ୍ ନଂ: ୨୭), ମୌଜା: ବାଲୁଖଣ୍ଡ, ପୋ: ବାଲିଗୁଆଳି, କ୍ଷେତ୍ର: ଏକର ୦.୦୨୨ଡିସିମିଲି., ଏସ୍‌ଆରଓ/ତହସିଲ/ଜିଲ୍ଲା: ପୁରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ସବ୍ ପ୍ଲଟ୍ ନଂ.: ୩୩, ପୂର୍ବ: ସବ୍ ପ୍ଲଟ୍ ନଂ.: ୨୬, ପଶ୍ଚିମ: ସବ୍ ପ୍ଲଟ୍ ନଂ.: ୨୮ |
| **ପାରାଦୀପ ଶାଖା /** ଋଣଗ୍ରହୀତା : **ଶ୍ରୀମତୀ ସଲିଳା ଦାସ, ସହ-ଋଣଗ୍ରହୀତା: ଶ୍ରୀ ଦିଲ୍ଲିପ କୁମାର ଦାସ,** ଉଭୟଙ୍କ ଠିକଣା- ସା: ରଙ୍ଗିଆଗଡ, ପୋ.: ଝିମାଣୀ, ପାରାଦୀପ, ଜଗତ୍‌ସିଂହପୁର-୭୫୪୧୪୨ / **ଗ୍ୟାରେଣ୍ଟିଦାତା: ଶ୍ରୀ ପବିତ୍ର କୁମାର ଦାସ,** ସା: ରଙ୍ଗିଆଗଡ, ପୋ.: ଝିମାଣୀ, ପାରାଦୀପ, ଜଗତ୍‌ସିଂହପୁର-୭୫୪୧୪୨ | ଟ.୨୪,୮୫,୦୭୦.୩୨ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୩୧.୦୫.୨୦୨୨ / ୦୩.୦୮.୨୦୨୨ | **ଶ୍ରୀମତୀ ସଲିଳା ଦାସଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୯୬, ପ୍ଲଟ୍ ନଂ.: ୪୯୦, କ୍ଷେତ୍ର: ଏକର୦.୦୬ଡିସିମିଲି, କିସମ: ଘରବାରୀ, ମୌଜା: ରଙ୍ଗିଆଗଡ, ଏସ୍‌ଆରଓ: କୁଜଙ୍ଗ, ରେଜିଷ୍ଟ୍ରେସନ୍ ଡିଷ୍ଟ୍ରିକ୍ଟ: ଜଗତ୍‌ସିଂହପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: କୃଷ୍ଣ ଦାସ, ଦକ୍ଷିଣ: ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ମହାଦେବ, ପୂର୍ବ: ନରେଶ ଭୋଳ, ପଶ୍ଚିମ: ରାସ୍ତା |

ସ୍ଥାନ : ଭୁବନେଶ୍ୱର, ତାରିଖ : ୦୬.୦୮.୨୦୨୨ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1395 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.3365/RE/OSIC Dt.04.08.2022
The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for the work **"Supply of "Single Bed Cot" and "Compact Desk-cum-Bench (Dual Desk)" for use of the boarder students in the hostels run under ST & SC Development Department in Malkangiri District."** Tender details can be downloaded from the OSIC website **www.osicltd.in**. Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website **www.osicltd.in** only.

Sd/-
OIPR-14073/11/0059/2223 GENERAL MANAGER(O)

**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1394 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.3366/RE/OSIC Dt.04.08.2022
The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for **3 nos. of works** i.e. "Supply and installation of High Mast Light and Semi High mast light in Sonepur Municipality area", "Construction of two nos. of Welcome Gate in Sonepur Municipality area" and "Supply and installation of solar Mini Mast light in the District of Jajpur under MPLADS fund for the year 2021-22".Tender details can be downloaded from the OSIC website **www.osicltd.in**. Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website **www.osicltd.in** only.

Sd/-
OIPR-14073/11/0058/2223 GENERAL MANAGER(O)

**ସେନ୍‌ସେକ୍ସ ୮୯ ପଏଣ୍ଟ ବୃଦ୍ଧି**

ନୂଆଦିଲ୍ଲୀ: ଦିନକ ପରେ ପୁଣି ଥରେ ଶେୟାର ବଜାରରେ ଉତ୍ସାହ ଦେଖାଦେଇଛି। କ୍ରମାଗତ ୬ଷ୍ଠ କାର୍ଯ୍ୟଦିବସରେ ମଧ ଦଲାଲ ଷ୍ଟ୍ରିଟ୍‌ର ଶେୟାର କାରବାର ଭଲ ରହିଥିଲା। ଫଳରେ ଏହାର ନିବେଶକମାନେ ପୂର୍ବ କ୍ଷତିର କିଛି ଅଂଶ ଭରଣା କରିପାରିଥିଲେ। ହେଲେ ଶୁକ୍ରବାର ଆର୍‌ବିଆଇର ନୂଆ ରେପୋ ରେଟ୍ ଘୋଷଣା ମଧ୍ୟରେ ଷ୍ଟକ୍ ବଜାରର କାରବାର ତଳ ଉପର ହୋଇ ଶେଷରେ ସବୁଜ ରଙ୍ଗରେ କାରବାର ବନ୍ଦ କରିଥିଲା। ଉଭୟ ସେନ୍‌ସେକ୍ସ ଓ ନିଫ୍ଟିରେ ପ୍ରାୟ ୦.୫% ବୃଦ୍ଧି ଘଟିଛି। ଶୁକ୍ରବାର ସେନ୍‌ସେକ୍ସ ୮୯ (୮୯.୧୩) ପଏଣ୍ଟ ବୃଦ୍ଧି ଘଟି ୫୮,୩୮୮ (୫୮,୩୮୭.୯୩) ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନିଫ୍ଟି-୫୦ରେ ମଧ ୧୫ (୧୫.୫୦) ପଏଣ୍ଟ ବଢ଼ି ୧୭,୩୯୭ (୧୭,୩୯୭.୫୦) ଅଙ୍କରେ ଶେଷ କରିଥିବା ସୂଚନା ମିଳିଛି।

# ଯନ୍ତ୍ରଣା ବଢ଼ାଇବ ମାସିକ କିସ୍ତି

**୨୦୨୨-୨୩ ଆର୍ଥିକ ବର୍ଷର ପ୍ରଥମ ୪ ମାସ ମଧ୍ୟରେ ସରକାର ୩ଥର ରେପୋ ରେଟ ବୃଦ୍ଧି କରିସାରିଛନ୍ତି। ଏପରିକି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ମୌଦ୍ରିକ ନୀତି ବୈଠକ ଶୁକ୍ରବାର ଶେଷ ହୋଇଛି। ବୁଧବାରଠାରୁ ଚାଲିଥିବା ଉକ୍ତ ବୈଠକର ଶେଷ ଦିନରେ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ନୂଆ ରେପୋ ରେଟ୍ ସମ୍ପର୍କରେ ଘୋଷଣା କରିଛନ୍ତି। ଚଳିତ ଥର ରେପୋ ରେଟ୍ ୦.୫% ବୃଦ୍ଧି ପାଇଛି। ଫଳରେ ରେପୋ ରେଟ୍ ୪.୯୦ରୁ ବୃଦ୍ଧି ପାଇ ୫.୪୦ରେ ପହଞ୍ଚିଛି। ଗତ ୪ ମାସ ମଧ୍ୟରେ ରେପୋ ରେଟ୍ ୧.୪୦% ବୃଦ୍ଧି ଘଟିଛି। ଏହାର ପ୍ରଭାବ ବିଭିନ୍ନ ଋଣ ଗ୍ରହୀତାଙ୍କ ଉପରେ ପଡୁଥିବାରୁ ଦେଶର ସବୁ ବର୍ଗର ଲୋକ ଅନେକ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ବିଶେଷକରି ମଧ୍ୟବିତ୍ତ ବର୍ଗର ଲୋକ ମାସିକ କିସ୍ତି ପୈଠ ପାଇଁ ମାନସିକ ଯନ୍ତ୍ରଣା ପାଉଛନ୍ତି। ଏଭଳି ସ୍ଥିତିରେ ରେପୋରେଟ ବୃଦ୍ଧି ସବୁ ବର୍ଗର ଋଣଦାତାଙ୍କ ଯନ୍ତ୍ରଣାକୁ ଦ୍ୱିଗୁଣିତ କରିବ ବୋଲି ଆଶା କରାଯାଉଛି। ଆର୍‌ବିଆଇର ଏଭଳି ନିଷ୍ପତ୍ତିକୁ ରାଜ୍ୟର ବିଭିନ୍ନ ବର୍ଗର ଲୋକ ନାପସନ୍ଦ କରିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।**


## ରେପୋ ରେଟ୍ ବୃଦ୍ଧି ଋଣଦାତାଙ୍କ ଉପରେ ପ୍ରଭାବ ପକାଇବ



ସାରା ବିଶ୍ୱର ଅର୍ଥ ବ୍ୟବସ୍ଥା ବର୍ତ୍ତମାନ ସମୟରେ ଏକ ଖରାପ ସମୟ ଦେଇ ଗତି କରୁଛି। ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଯୋଗୁ ଭାରତୀୟ ବଜାର ମଧ୍ୟ ଅନେକ ଆଶଙ୍କା ମଧ୍ୟରେ ରହିଛି। ଏହା ମଧ୍ୟରେ ଭାରତୀୟ ରିର୍ଜଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ରେପୋ ରେଟ୍‌ର ବୃଦ୍ଧି କରାଯାଇଛି। ଫଳରେ ସବୁବର୍ଗର ହିତାଧିକାରୀ ବର୍ତ୍ତମାନ ଅତିରିକ୍ତ ଆକାରରେ ଋଣ କିସ୍ତି ପୈଠ କରିବେ। ଆର୍‌ବିଆଇର ନୀତି ଅନୁସାରେ ଅର୍ଥ ବ୍ୟବସ୍ଥାର ସୁଧାର ପାଇଁ ମୁଦ୍ରାସ୍ଫୀତିକୁ ମଧ୍ୟ ଆୟତ କରିବାକୁ ଏଭଳି ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିଥାଏ। ଫଳରେ ବ୍ୟାଙ୍କିଙ୍ଗ୍ ସେବା ଉପରେ ଏହା ବିଶେଷ ଭାବେ ପ୍ରଭାବ ପକାଇଥାଏ। ବ୍ୟାଙ୍କ ଉପରେ ରେପୋର ପ୍ରଭାବ ପଡ଼ିଲେ ତାହା ସାଧାରଣତଃ ଋଣଦାତାଙ୍କ ଉପରେ ପ୍ରତ୍ୟକ୍ଷ ଭାବେ ପଡ଼ିଥାଏ। ଏପରିକି ରେପୋ ବୃଦ୍ଧି ହେଲେ ଅନେକ ଉପାଦାନ ସେହି ଅନୁଯାୟୀ ବୃଦ୍ଧି ପାଇଥାନ୍ତି।

**- ରାଜୀବ ସାହୁ ,ବରିଷ୍ଠ ସିଏ, ଅର୍ଥନୈତିକ ବିଶେଷଜ୍ଞ**

## ମଧ୍ୟବିତ୍ତଙ୍କ ଉପରେ ଋଣ ବୋଝ ବଢ଼ାଇବ



ସରକାର ଦରଦାମ ବୃଦ୍ଧି ହ୍ରାସକରିବା ବଦଳରେ ଗତ କିଛି ବର୍ଷ ହେବ ପୂର୍ବାପେକ୍ଷା ୫୦%ରୁ ଊର୍ଦ୍ଧ୍ୱ ଦର ସବୁ କ୍ଷେତ୍ରରେ ବଢ଼ାଇଛନ୍ତି। ସାଧାରଣ ଲୋକଟିଏ ଘର ଖଣ୍ଡେ କରିବା ପାଇଁ ନିଜର ସ୍ୱଅର୍ଜିତ ଅର୍ଥ ବ୍ୟତୀତ ବ୍ୟାଙ୍କରୁ ବଳକା ଅର୍ଥ ଋଣ ଆକାରରେ ନେଇଥାଏ। ହେଲେ ସେହି ଋଣ ବର୍ତ୍ତମାନ ସମୟରେ ଘର କରିବା ବଦଳରେ ବିକିବା ଭଳି ପରିସ୍ଥିତି ବର୍ତ୍ତମାନର ସରକାର ସୃଷ୍ଟି କରିଛନ୍ତି।

ମଧ୍ୟବିତ୍ତ ପରିବାର ଦରବୃଦ୍ଧି ଯୋଗୁ ବର୍ତ୍ତମାନ ଋଣ ଭାରରେ ବୁଡ଼ି ରହୁଛନ୍ତି। ଏଭଳି ସମୟରେ ରେପୋ ନାଁରେ ସରକାର ସାଧାରଣ ଲୋକଙ୍କ ଉପରେ ଋଣ ବୋଝ ବଢ଼ାଇବା ଛଡ଼ା ଆଉ କିଛି କରିପାରିବେ ନାହିଁ।

**- ପଞ୍ଚାନନ କାନୁନ୍‌ଗୋ,**
**ବରିଷ୍ଠ ଅର୍ଥନୀତିଜ୍ଞ ତଥା ପୂର୍ବତନ ଅର୍ଥମନ୍ତ୍ରୀ**

## ସରକାରଙ୍କ ଗତି କୁଆଡ଼େ କହିବା କଷ୍ଟକର



ପୂର୍ବ ସରକାରଙ୍କଠାରୁ ବର୍ତ୍ତମାନର ସରକାର ବଳିଯାଇଛନ୍ତି। ଯେଉଁ ସରକାର ଦରଦାମ ବୃଦ୍ଧିକୁ ନେଇ ଶାସନ କ୍ଷମତାକୁ ଆସିଥିଲା, ସେହି ସରକାର ଆଜି ସାଧାରଣ ଜନତାଙ୍କ ପାଇଁ କଣ୍ଟା ହୋଇଯାଇଛନ୍ତି। ଗତ ୮ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ସବୁ କ୍ଷେତ୍ରରେ ଖାଉଟି ଅତିରିକ୍ତ ଖର୍ଚ୍ଚାନ୍ତ ହେଉଛନ୍ତି। ଏପରିକି ସରକାରଙ୍କ ଗତି କୁଆଡ଼େ କହିବା କଷ୍ଟକର, ଦରବୃଦ୍ଧି ହ୍ରାସ ବଦଳରେ ସରକାର ଆର୍‌ବିଆଇ ମାଧ୍ୟମରେ ଅନେକ ପ୍ରକାର ନୀତି ନିୟମ ପ୍ରଣୟନ କରି ଦରବୃଦ୍ଧିକୁ ଆକାଶ ମୁହାଁ କରି ଦେଇଛନ୍ତି। ବର୍ତ୍ତମାନ ସମୟରେ ଟିକସ ଓ ଋଣ କିସ୍ତି ପୈଠରେ ସବୁ ବର୍ଗର ଲୋକେ ସେମାନଙ୍କର ସଞ୍ଚିତ ଅର୍ଥର ସିଂହଭାଗ ଖର୍ଚ୍ଚ କରୁଛନ୍ତି।

**-ବୀରେନ୍ଦ୍ର ମିଶ୍ର,ସାମାଜିକ କର୍ମୀ**

## ମରଣ ମୁହଁରେ ମଧ୍ୟବିତ୍ତ ପରିବାର



କୋଭିଡ୍ ମହାମାରୀରେ ମଧ୍ୟବିତ୍ତ ପରିବାର ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ଗରିବଙ୍କୁ ସରକାରୀ ଯୋଜନା ଓ ଧନୀଙ୍କୁ ସରକାରୀ ସହାୟତା ମିଳିଛି। ହେଲେ ମଧ୍ୟବିତ୍ତ ପରିବାରକୁ ବ୍ୟାଙ୍କର ମାସିକ କିସ୍ତିଠାରୁ ଆରମ୍ଭକରି ବାର୍ଷିକ ଟିକସ (ଜିଏସ୍‌ଟି) ପୈଠ ପର୍ଯ୍ୟନ୍ତ ସବୁ ସ୍ତରରେ ଅତିରିକ୍ତ ଅର୍ଥ ପୈଠ କରିବାକୁ ପଡୁଛି। ହେଲେ ସରକାର ନିଜର ଦୋଷ ଦୁର୍ବଳତା ଓ କ୍ଷତିର ଭରଣା ପାଇଁ ବିଭିନ୍ନ ନୀତିନିୟମ ପ୍ରଣୟନ କରୁଛନ୍ତି। ଫଳରେ ବିଭିନ୍ନ ବର୍ଗର ଲୋକ ସମସ୍ୟାର ସମ୍ମୁଖୀନ ହେଉଥିବାବେଳେ ମଧ୍ୟବିତ୍ତ ପରିବାର ମରଣ ମୁହଁରେ ପଡ଼ିଲା ଭଳି ଅନୁଭବ କରୁଛନ୍ତି। ସରକାର ଦୂରଦୃଷ୍ଟି ବିହୀନ ନିଷ୍ପତ୍ତି ଗ୍ରହଣ ଯୋଗୁ ବର୍ତ୍ତମାନ ଅନେକ ସମସ୍ୟା ମୁଣ୍ଡ ଟେକିଛି। ସେସବୁର ସୁଧାର ପାଇଁ ସରକାର ସାଧାରଣ ଲୋକଙ୍କ ଉପରେ ଦାଉ ସାଜିଲା ଭଳି ନିୟମ କରୁଛନ୍ତି।

**-ସର୍ବେଶ୍ୱର ଦାସ**

## ଟିକସ ନାଁରେ ଟେନ୍‌ସନ ଦେଉଛନ୍ତି ସରକାର



ସରକାର ବିଗତ କିଛି ବର୍ଷ ହେବ ବିଭିନ୍ନ କାରଣ ଦର୍ଶାଇ ସାଧାରଣ ଲୋକଙ୍କଠାରୁ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ଉଚ୍ଚ ପରିମାଣର ଟିକସ ଆଦାୟ କରୁଛନ୍ତି। ବିଶେଷକରି ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀଠାରୁ ଆରମ୍ଭକରି ଋଣ ପରିଶୋଧ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଦର ବୃଦ୍ଧି କରିଛନ୍ତି। ବର୍ତ୍ତମାନର ସମୟରେ ଘରେ ରହିବା କିମ୍ବା ବାହାରକୁ ବାହାରିବା ବି କଷ୍ଟକର ହୋଇଗଲାଣି। ମଧ୍ୟବିତ୍ତ ଲୋକଟିଏ ମାସିକ ରୋଜଗାରର ସିଂହଭାଗ ଟିକସ ଓ ମାସିକ ଖର୍ଚ୍ଚ ବାବଦକୁ ଆବଶ୍ୟକ ପରିମାଣର ଅର୍ଥ ବାହାରକରି ଦେଲା ପରେ ପରିବାର ଚଳାଇବା କଷ୍ଟକର। ଏପରିକି ମାସକ ପାଇଁ କିଭଳି ପରିବାର ପ୍ରତିପୋଷଣ କରାଯିବ, ତାହା ବର୍ତ୍ତମାନ ମାନସିକ ଯନ୍ତ୍ରଣାରେ ପରିଣତ ହୋଇଗଲାଣି। ସରକାର ଟିକସ ନାଁର ସାଧାରଣ ଜନତାଙ୍କୁ ଟେନ୍‌ସନ ଦେଉଛନ୍ତି।

**-ଡ. ମାନସ ଦାସ**

## ମାସିକ କିସ୍ତି ବର୍ତ୍ତମାନ ମାନସିକ ଯନ୍ତ୍ରଣା ଦେଉଛି



ସାଧାରଣ ଲୋକଟିଏ ରହିବା ପାଇଁ ଘର ଖଣ୍ଡେ ଏବଂ ଗମନାଗମନ ପାଇଁ ଗାଡ଼ିଟିଏ କରିଥାଏ। ହେଲେ ବର୍ତ୍ତମାନ ସମୟରେ ସେସବୁ ଏକ ପ୍ରକାର ସ୍ୱପ୍ନ ହୋଇଯାଉଛି। ଯାହାର ସେସବୁ ଅଛି ସେମାନେ ମାସିକ କିସ୍ତି ପୈଠ ପାଇଁ ଯେଉଁ ଯନ୍ତ୍ରଣା ଭୋଗୁଛନ୍ତି, ତାହା ସେମାନେ ହିଁ ଠିକ୍ ଭାବେ ଅନୁଭବ କରୁଛନ୍ତି। ମଧ୍ୟବିତ୍ତ ଲୋକ ନା କାନ୍ଦି ପାରୁଛନ୍ତି ନା କାହାକୁ ମାଗି ପାରୁଛନ୍ତି। ସରକାର ଉଭୟ ନିମ୍ନବର୍ଗ ଓ ଉଚ୍ଚବର୍ଗର ଲୋକଙ୍କ ପାଇଁ ରହିଛି। ମଧ୍ୟବିତ୍ତଙ୍କ ପାଇଁ ବ୍ୟାଙ୍କ ଏକମାତ୍ର ଭରସା ଥିବାବେଳେ ସରକାର ପ୍ରତି ମାସ ଓ ବର୍ଷ ବିଭିନ୍ନ ଆଳରେ ଦରବୃଦ୍ଧି କରାଉଛନ୍ତି। ଫଳରେ ମଧ୍ୟବିତ୍ତ ଲୋକେ ମାସିକ କିସ୍ତିର ଅତିରିକ୍ତ ଆର୍ଥିକ ବୋଝକୁ ପ୍ରତିମାସ ପରିବାର ଖର୍ଚ୍ଚରୁ କାଟକରି ଭରଣା କରୁଛନ୍ତି।

**-ରଞ୍ଜନ କୁମାର ଭୋଇ**

# ଆକ୍ସିସ୍ ବ୍ୟାଙ୍କର ୧ମ ତ୍ରୈମାସିକ ଫଳାଫଳ

**ନୂଆଦିଲ୍ଲୀ,୫।୮**

ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ୨୦୨୨-୨୩ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବ୍ୟାଙ୍କର ଗତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ହୋଇଥିବା ୨,୧୬୦ କୋଟି ଟଙ୍କା ତୁଳନାରେ ଚଳିତ ଆର୍ଥିକ ବର୍ଷର ବ୍ୟାଙ୍କ ୪,୧୨୫ କୋଟି ଟଙ୍କାର ନେଟ୍ ଲାଭ ହାସଲ କରିଛି। ବ୍ୟାଙ୍କର ନେଟ୍ ସୁଧ ଆୟ ୨୧% ବୃଦ୍ଧି ପାଇ ୯,୩୮୪ କୋଟି ଟଙ୍କା ହୋଇଛି, ଯାହା ପୂର୍ବବର୍ଷ ଏହି ସମୟରେ ୭,୭୬୦ କୋଟି ଟଙ୍କା ରହିଥିଲା । ଏହାର ନେଟ୍ ସୁଧ ମାର୍ଜିନ୍ ୨୦୨୨-୨୩ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ୩.୬୦% ହୋଇଛି ଓ ବର୍ଷକୁ ବର୍ଷ ଭିତ୍ତିରେ ତାହା ୦.୧୪% ବୃଦ୍ଧି ପାଇଥିବା ବେଳେ ତ୍ରୈମାସିକ ଭିତ୍ତିରେ ୦.୧୧% ବୃଦ୍ଧି ପାଇଛି। ଆକ୍ସିସ୍ ବ୍ୟାଙ୍କ୍‌ର କାସା ଜମା ବର୍ଷକୁ ବର୍ଷ ଭିତ୍ତିରେ ୧୬% ଓ ତ୍ରୈମାସିକ ଭିତ୍ତିରେ ୧% ବୃଦ୍ଧି ପାଇଛି ଓ କାସା ଅନୁପାତ ବର୍ଷକୁ ବର୍ଷ ଭିତ୍ତିରେ ୦.୫୩% ବୃଦ୍ଧି ପାଇ ୪୩%ରେ ପହଞ୍ଚିଛି। ବ୍ୟାଙ୍କ୍‌ର ପରିଚାଳନା ରାଜସ୍ୱ ପରିମାଣ ୧୧% ବୃଦ୍ଧି ପାଇ ୧୨, ୩୮୩ କୋଟି ଟଙ୍କା ହୋଇଛି ଯାହା ପୂର୍ବବର୍ଷର ପ୍ରଥମ ତ୍ରୈମାସିକରେ ୧୧,୧୧୯ କୋଟି ଟଙ୍କା ଥିଲା। ୨୦୨୨ ଜୁନ୍ ୩୦ ସୁଦ୍ଧା ବ୍ୟାଙ୍କ୍‌ର ମୋଟ ଏନ୍‌ପିଏ ଓ ନେଟ୍ ଏନ୍‌ପିଏ ଯଥାକ୍ରମେ ୨.୭୬% ଓ ୦.୬୪% ହୋଇଛି। ଯାହା ୨୦୨୧ଜୁନ୍ ୩୦ ସୁଦ୍ଧା ଯଥାକ୍ରମେ ୩.୮୫% ଓ ୧.୨୦% ଥିଲା। ବ୍ୟାଙ୍କ୍‌ର ଫି' ଆୟ ୩୪ ପ୍ରତିଶତ ବୃଦ୍ଧି ପାଇ ୩,୫୭୬ କୋଟି ଟଙ୍କା ହୋଇଛି। ରିଟେଲ୍ ଫି' ବର୍ଷକୁ ବର୍ଷ ଭିତିରେ ୪୩% ବୃଦ୍ଧି ପାଇଛି ଓ ମୋଟ ଫି'କୁ ତାହାର ଅବଦାନ ୬୬ ପ୍ରତିଶତ ରହିଛି। ସାମଗ୍ରିକ ପୁଞ୍ଜି ସ୍ୱଚ୍ଛଳତା ହାର (ସିଏଆର୍) ୨୦୨୨-୨୩ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକର ଲାଭ ସମେତ ୧୭.୮୩ % ରହିଥିବା ବେଳେ ସିଇଟି ୧ ଅନୁପାତ ୧୫.୧୬% ରହିଛି।




ଶୁକ୍ରବାରଠାରୁ ମାଷ୍ଟରକ୍ୟାଣ୍ଟିନସ୍ଥିତ ହୋଟେଲ ସ୍ୱସ୍ତି ଗ୍ରାଣ୍ଡ ପରିସରରେ ୧୦ ଦିନିଆ ସ୍ୱତନ୍ତ୍ର ଖାଦ୍ୟ ମେଳା 'ଜଶନ-ଇ-ଖାସ୍ ଫୁଡ୍ ଫେଷ୍ଟିଭାଲ'ର ଶୁଭାରମ୍ଭ ଅବସରରେ ହୋଟେଲର ବରିଷ୍ଠ ଅଧିକାରୀମାନେ ବିଶେଷ ବ୍ୟଞ୍ଜନ ପ୍ରଦର୍ଶନ କରୁଛନ୍ତି।

# ଜୁଲାଇରେ ୪,୪୪୭ ୟୁନିଟ୍ ଯାନ ବିକ୍ରି

**ନୂଆଦିଲ୍ଲୀ,୫।୮**

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ 'ସ୍କୋଡା ଅଟୋ ଇଣ୍ଡିଆ' ଚଳିତ ବର୍ଷ ଜୁଲାଇରେ ୪,୪୪୭ କାର ବିକ୍ରୟ ସହ ଏହାର ସ୍ଥିର ପ୍ରଦର୍ଶନ ଜାରି ରଖିଛି। ଏପରିକି କମ୍ପାନୀର ପୁଣେ ଏବଂ ଔରଙ୍ଗାବାଦର କାରଖାନା ସହ ଚେକ୍ ଅଟୋ ପ୍ରମୁଖ ଭାରତରେ କ୍ୟୁ୩ ଏବଂ ଏଚ୨/୨୦୨୨ ଆରମ୍ଭ ହେବା ସହ କ୍ରମାଗତ ବିକ୍ରୟ ଜାରି ରଖିଛି। ସେହିଭଳି ୨୦୨୨ରେ କ୍ୟୁ ୧ ଏବଂ ଏଚ୧ ରେକର୍ଡ ଭାଙ୍ଗିବା ପରେ ଆଉ ଏକ ଲକ୍ଷ୍ୟ ପଥରେ ଅଗ୍ରସର ହେଉଛି। ଏ ସମ୍ପର୍କରେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ନିର୍ଦ୍ଦେଶକ ଜେକ ହୋଲିସ କହିଛନ୍ତି, ସାଧାରଣତଃ ଏହା ମୌସୁମୀ ସମୟ ହୋଇଥିବାରୁ ବଡ କିଣାକିଣି ଗୁଡିକୁ ବନ୍ଦ ରଖାଯାଇଥାଏ ଏବଂ ପାର୍ବଣ ଆରମ୍ଭ ହେବା ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥାଏ। ତଥାପି ଆମେ ଆମର ଭାରତ ପାଇଁ ନିର୍ମିତ, ଇଣ୍ଡିଆ ୨.୦ କାର, କୁଶାକ ଏବଂ ସ୍ଲାଭିଆର ପଛରେ ଠୋସ୍ ସଂଖ୍ୟା ପ୍ରାପ୍ତ କରିଛୁ। ଅକ୍ଟୋଭିଆ ଏବଂ ସୁପର୍ବ ନିଜ ନିଜ ଖଣ୍ଡରେ ଭଲ କାମ କରୁଛନ୍ତି ଏବଂ କୋଡିଆକ ଜାନୁୟାରୀରେ ଶୁଭାରମ୍ଭ ହେବା ପରେ ଶୀଘ୍ର ବିକ୍ରି ହୋଇସାରିଛି । ଆମେ ଏହି ଶକ୍ତି ବଜାୟ ରଖିବାକୁ ଇଚ୍ଛା କରୁଛୁ ଏବଂ ଭାରତରେ ଆମର ୨ ଦଶନ୍ଧି ପୁରୁଣା ଉତ୍ତରାଧିକାରରେ ୨୦୨୨କୁ ସବୁଠୁ ବଡ଼ ବର୍ଷ ଭାବରେ ଅତି ଶୀଘ୍ର ରେକର୍ଡ କରିବୁ।

# ବେଦାନ୍ତର ସପ୍ତାହବ୍ୟାପୀ ସଚେତନତା କାର୍ଯ୍ୟକ୍ରମ

**ଭୁବନେଶ୍ୱର,୫।୮**




ବେଦାନ୍ତ ଆଲୁମିନିୟମ ପକ୍ଷରୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ନିକଟରେ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଓ କଳାହାଣ୍ଡିରେ ସପ୍ତାହବ୍ୟାପୀ ଏକ ସଚେତନତା, ପରାମର୍ଶ ଓ ସମ୍ବେଦନଶୀଳ ଅଧିବେଶନ ଜରିଆରେ ୨୦୦୦ରୁ ଅଧିକ ଗର୍ଭବତୀ ମହିଳା ଓ ସ୍ତନ୍ୟପାନ କରାଉଥିବା ମହିଳାଙ୍କ ନିକଟରେ ପହଁଚିଛି। 'ସ୍ତନ୍ୟପାନ ପାଇଁ ଷ୍ଟେପ୍ ଅପ୍'କୁ ମୁଖ୍ୟ ପ୍ରସଙ୍ଗ କରି ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ, ବେଦାନ୍ତ ଆଲୁମିନିୟମର ହସ୍ପିଟାଲ (ଲାଞ୍ଜିଗଡ଼) ଓ ମମତା-ମା ଓ ଶିଶୁ ପାଇଁ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ପରିଚାଳିତ ହୋଇଥିଲା। ଶିଶୁ ଜୀବନର ପ୍ରଥମ ଛଅ ମାସକୁ କେବଳ ସ୍ତନ୍ୟପାନ କରାଇବା ଉପରେ ସଚେତନ ସୃଷ୍ଟି ସହିତ ଲାଞ୍ଜିଗଡ଼ ଅଞ୍ଚଳର ଗର୍ଭବତୀ ମହିଳାମାନଙ୍କ ଯତ୍ନ, ସେମାନଙ୍କ ପୁଷ୍ଟିକର ଖାଦ୍ୟପେୟ ବିଷୟରେ ସଚେତନ କରାଯାଇଥିଲା। ଝାରସୁଗୁଡ଼ାରେ କମ୍ପାନୀ ପକ୍ଷରୁ ଆଧୁନିକ ଅଙ୍ଗନୱାଡି ଓ ଶିଶୁ ବିକାଶ କେନ୍ଦ୍ର ଭାବରେ ୧୨୫ଟି ନନ୍ଦଘର ଜରିଆରେ ସଚେତନତା ସୃଷ୍ଟି କରାଯାଉଛି। ସେହିଭଳି ଗୁଣାତ୍ମକ ଶିକ୍ଷା, ସ୍ଥାୟୀ ଜୀବିକା, ମହିଳା ସଶକ୍ତୀକରଣ, ସ୍ୱାସ୍ଥ୍ୟ, ଜଳ ଓ ପରିମଳ ବିଷୟ ଉପରେ ବେଦାନ୍ତ ଆଲମ୍ୟୁନିୟମର ସାମାଜିକ ପଦକ୍ଷେପ ଦ୍ୱାରା ଓଡ଼ିଶାର ୧୩୦ରୁ ଅଧିକ ଗ୍ରାମରେ ପହଞ୍ଚି ବାର୍ଷିକ ୨.୫ ଲକ୍ଷ ଲୋକଙ୍କ ଆବଶ୍ୟକତାକୁ ବୁଝିଥାଏ। କମ୍ପାନୀ ପକ୍ଷରୁ ମଧ ଅନେକ ସ୍ୱାସ୍ଥ୍ୟ ପଦକ୍ଷେପ ଗ୍ରହଣ କରାଯାଉଛି। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଇଓ (ଝାରସୁଗୁଡ଼ା ୟୁନିଟ୍) ସୁନୀଲ ଗୁପ୍ତା କହିଛନ୍ତି, ଆମର ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରାମାଞ୍ଚଳର ଲୋକମାନଙ୍କ ପାଇଁ ଗୁଣମାନର ସ୍ୱାସ୍ଥ୍ୟ ସେବା ପାଇଁ ସମର୍ପିତ। ସେହିଭଳି ବେଦାନ୍ତ ଲିମିଟେଡ୍‌ର ଡେପୁଟି ସିଇଓ (ଲାଞ୍ଜିଗଡ଼ ୟୁନିଟ) ଜି.ଜି.ପାଲ କହିଛନ୍ତି, ଏହି ଜରିଆରେ ନୂଆ ମା'ମାନଙ୍କୁ ବିଶେଷ ଭାବେ ପ୍ରୋତ୍ସାହିତ କରାଯାଉଛି ଓ ସେମାନେ ତାଙ୍କର ନବଜାତ ଶିଶୁମାନଙ୍କ ପାଇଁ ଉପଯୁକ୍ତ ଯତ୍ନ ନେଇପାରିବେ।

# ଏଫ୍‌ଆଇଏମ୍‌ଟିଏ-୨୦୨୨ ଉଦ୍‌ଯାପିତ

**ଭୁବନେଶ୍ୱର,୫।୮**




ବର୍ତ୍ତମାନର ଆଧୁନିକ ବିଧି ବ୍ୟବସ୍ଥା ମଧ୍ୟରେ ବସ୍ତୁ (ମ୍ୟାଟେରିଆଲ୍ସ)ର ବାସ୍ତବ ଉପଯୋଗିତା ସମ୍ପର୍କରେ ଏକ ୩ ଦିନିଆ ଅନ୍ତର୍ଜାତୀୟ କର୍ମଶାଳା ନିକଟରେ ଆରମ୍ଭ ହୋଇଥିଲା। ଅଗଷ୍ଟ ୩ରୁ ସ୍ଥାନୀୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି (ଆଇଏମ୍‌ଏମ୍‌ଟି) କ୍ୟାମ୍ପସ ପରିସରରେ ଆରମ୍ଭ ହୋଇଥିବା ଫ୍ରଣ୍ଟିଅର୍ସ ଇନ୍ ମ୍ୟାଟେରିଆଲ୍ସ ଫର୍ ଟେକ୍ନୋଲୋଜି ପ୍ରୟୋଗ ବା 'ଏଫ୍‌ଆଇଏମ୍‌ଟିଏ-୨୦୨୨' ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ବହୁ ବରିଷ୍ଠ ବୈଜ୍ଞାନିକ, ଏକାଡେମିସିଆନ୍ ଏବଂ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଉକ୍ତ ସମ୍ମିଳନୀ ନାନୋମ୍ୟାଟେରିଆଲର କାର୍ଯ୍ୟ, ଉନ୍ନତ ଇଲେକ୍ଟ୍ରୋନିକ ସାମଗ୍ରୀ, ଶକ୍ତି ଏବଂ ଉପକରଣଗୁଡିକ ପାଇଁ ସାମଗ୍ରୀ, ବାୟୋମ୍ୟାଟେରିଆଲ୍ ପରି ୪ଟି ପ୍ରମୁଖ କ୍ଷେତ୍ରକୁ ପ୍ରାଧାନ୍ୟ ଦିଆଯାଇଥିଲା।

ଉକ୍ତ ସମ୍ମିଳନୀରେ ୪୦୦ରୁ ଅଧିକ ପିଏଚ୍.ଡି. ଛାତ୍ରୀଛାତ୍ର ଏବଂ ରିସର୍ଚ୍ଚରମାନେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ବହୁ ଭାରତୀୟ ଏବଂ ନେପାଳରୁ ଆସିଥିଲେ। ଛାତ୍ରୀଛାତ୍ର ଏବଂ ରିସର୍ଚ୍ଚରମାନଙ୍କ ୨ଦିନିଆ ଅଧିବେଶନ ଆୟୋଜିତ ହେବା ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଆଇଆଇଟି, ନାଇଜର, ଷ୍ଟେଟ ୟୁନିଭର୍ସିଟି ଏବଂ ସିଏସ୍‌ଆଇଆର୍ ଲାବ୍ ଆଦି ଅଂଶଗ୍ରହଣ କରିଥିଲେ।

ଏ ସମ୍ପର୍କରେ ସିଏସ୍‌ଆଇଆର-ଆଇଏମ୍‌ଏମ୍‌ଟିର ନିର୍ଦ୍ଦେଶକ ପ୍ରଫେସର ସୁଧାସତ୍ୱ ବାସୁ କହିଛନ୍ତି, ଉକ୍ତ କର୍ମଶାଳା ୧୧ଜଣ ଯୁବବୈଜ୍ଞାନିକଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ଏଥି ମଧ୍ୟରୁ ୩ଜଣ ବୈଜ୍ଞାନିକ ଆଇଏମ୍‌ଏମ୍‌ଟିରେ ଯୋଗଦେଇଛନ୍ତି। ଆଇଏମ୍‌ଏମ୍‌ଟି ମୁଖ୍ୟତଃ ଖଣିଜ ପଦାର୍ଥ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ କାର୍ଯ୍ୟକରେ। ଏହି ସମ୍ମିଳନୀ ମାଧ୍ୟମରେ ବହୁ କ୍ଷେତ୍ରରେ ଉପକୃତ ହୋଇପାରିବ। ସେହିଭଳି ଭୁବନେଶ୍ୱରର ଆଇଓପି ନିର୍ଦ୍ଦେଶକ କରୁଣାକର ନନ୍ଦ ସମ୍ମାନିତ ଭାବେ ଯୋଗଦେଇ ଏଫ୍‌ଆଇଏମ୍‌ଟିଏ-୨୦୨୨ ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସେ କହିଥିଲେ, ମ୍ୟାଟେରିଆଲ ଏବଂ ଆପ୍ଲିକେସନ୍ ପରସ୍ପର ଭାବେ ଜଡ଼ିତ। ସେ ମ୍ୟାଟେରିଆଲର ବିଶେଷତା ସମ୍ପର୍କରେ ଗୁରୁତ୍ୱ ଦେବା ସହ ଆପ୍ଲିକେସନ୍‌ର ମହତ୍ତ୍ୱ ସମ୍ବନ୍ଧରେ ଆଲୋଚନା କରିଥିଲେ। ବିଶ୍ୱ ଜିଡିପିରେ ୩୦% କାଟାଲିଷ୍ଟ ଦ୍ୱାରା ନିୟନ୍ତ୍ରିତ ଯାହା ଏଫ୍‌ଆଇଏମ୍‌ଟିଏର ଏକ ସ୍ୱତନ୍ତ୍ର ପରିବେଷଣ। ଏସ୍‌ଏନ୍‌ବିଏନ୍‌ସିବିଏସ୍ ନିର୍ଦ୍ଦେଶକ ପ୍ରଫେସର ଟି. ସାହା ଦାସଗୁପ୍ତା କ୍ୱାଣ୍ଟମ୍ ମ୍ୟାଟେରିଆଲ୍ ଏବଂ ଏହାର ଗୁରୁତ୍ୱ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ।

**ସଂକ୍ଷେପରେ**

## ପୋଲ ତଳୁ ମିଳିଲା ଦିବ୍ୟାଙ୍ଗ ନାବାଳକଙ୍କ ମୃତଦେହ

**ତଣ୍ଟି ଚିପି ଫିଙ୍ଗି ଦିଆଯାଇଥିବା ଚର୍ଚ୍ଚା**

ବାଲେଶ୍ୱର ଅଫିସ, ୫।୮: ବାଲେଶ୍ୱର ପୌରାଞ୍ଚଳର ୩୧ନଂ. ୱାର୍ଡ଼ ଅଧୀନ ନୁନିଆଯୋଡ଼ି ପୋଲତଳୁ ଜଣେ ୧୩ବର୍ଷ ଦିବ୍ୟାଙ୍ଗ ନାବାଳକଙ୍କ ମୃତଦେହକୁ ଶୁକ୍ରବାର ସନ୍ଧ୍ୟାରେ ସହଦେବଖୁଣ୍ଟା ମଡ଼େଲ ଥାନା ପୋଲିସ ଜବତ କରିଛି। ତାଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ଜଣାପଡ଼ିନାହିଁ। ତେବେ ଦିବ୍ୟାଙ୍ଗ ନାବାଳକଙ୍କୁ ତଣ୍ଟି ଚିପି ହତ୍ୟା କରିବା ପରେ ପୋଲ ତଳକୁ ଫିଙ୍ଗି ଦିଆଯାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି। ଉକ୍ତ ନାବାଳକଙ୍କ ଘର ସହଦେବଖୁଣ୍ଟା ଅଞ୍ଚଳରେ। ଏହି ଘଟଣା ପରେ ପୋଲିସ ତାଙ୍କ ସାବତ ମା' ଓ ବାପା ଉଭୟଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି।

## ପାଣି ପିଇବାକୁ ଆସି ଗ୍ରାମବାସୀଙ୍କ ଶିକାର ହେଲା ଗର୍ଭିଣୀ କୁଟୁରା



ବୈପାରିଗୁଡା,୫।୮ (ଡି.ଏନ୍.ଏ.): ପାଣି ପିଇବାକୁ ଗ୍ରାମକୁ ଆସି ଏକ ଗର୍ଭିଣୀ କୁଟୁରା ଗ୍ରାମବାସୀଙ୍କ ଶିକାର ପାଲଟିଛି। କୁଟୁରାଟିକୁ ଗାଁ ଲୋକେ ପିଟିପିଟି ମାରି ଦେଇଛନ୍ତି। କୋରାପୁଟ ଜିଲା ବୈପାରିଗୁଡା ବନାଞ୍ଚଳ ଅନ୍ତର୍ଗତ ମହୁଲି ଗ୍ରାମରେ ଏପରି ଅମାନବୀୟ ଘଟଣା ଘଟିଛି। ଗୁରୁବାର ସ୍ଥାନୀୟ ବନାଞ୍ଚଳ ଅଧିକାରୀ ସନ୍ଦୀପ ପାଣିଗ୍ରାହୀଙ୍କୁ କେହି ଜଣେ ଫୋନ୍ କରି ମହୁଲି ଗ୍ରାମକୁ ଏକ ଜଙ୍ଗଲି କୁଟୁରା ପଶି ଆସିଥିବା ସୂଚନା ଦେଇଥିଲେ। ପରେ ବନାଞ୍ଚଳ ଅଧିକାରୀ ପାଣିଗ୍ରାହୀ ଏକ ଟିମ୍ ନେଇ ଘଟଣାସ୍ଥଳକୁ ଯାଇଥିଲେ। ତେବେ ସେ ମହୁଲି ଗ୍ରାମରେ ପହଞ୍ଚିବା ପୂର୍ବରୁ ବନ ବିଭାଗର କର୍ମଚାରୀଙ୍କୁ ଦେଖି କେତେ ଜଣ କୁଟୁରାକୁ ଛାଡ଼ି ଧାଇଁ ପଳାଇଥିଲେ। ସେଠାରୁ ମୃତ କୁଟୁରା ଜବତ କରି ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ବ୍ୟବଚ୍ଛେଦ କରାଯାଇଥିଲା। କୁଟୁରାଟିର ବୟସ ପ୍ରାୟ ୩ ବର୍ଷ ଏବଂ ଓଜନ ପ୍ରାୟ ୩୦ କେଜି ହେବ। ଲୋକଙ୍କ ଆକ୍ରମଣରେ କୁଟୁରାଟିର ମୃତ୍ୟୁ ହୋଇଥିବା ବନାଞ୍ଚଳ ଅଧିକାରୀ କହିଛନ୍ତି। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ ହୋଇଛି। ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ପରିଚୟ ମିଳିଥିଲେ ମଧ୍ୟ ସେମାନେ ଫେରାର ଅଛନ୍ତି। ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

# ପଣ୍ଡିତ ନୀଳକଣ୍ଠଙ୍କ ଉପରେ ଚଳଚ୍ଚିତ୍ର ହେବା ଆବଶ୍ୟକ




ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଓ ଅନ୍ୟ ଅତିଥିମାନେ ଇଂଲିଶ ଅନୁବାଦ ପୁସ୍ତକ 'ଅଣ୍ଡରଷ୍ଟାଣ୍ଡିଂ ଦି ଗୀତା'କୁ ଲୋକାର୍ପଣ କରୁଛନ୍ତି।

**ଅନୁବାଦ ପୁସ୍ତକ 'ଅଣ୍ଡରଷ୍ଟାଣ୍ଡିଂ ଦି ଗୀତା' ଲୋକାର୍ପିତ**

ଭୁବନେଶ୍ୱର, ୫।୮ (ବ୍ୟୁରୋ)

ପଣ୍ଡିତ ନୀଳକଣ୍ଠ ଦାସ ପ୍ରଜ୍ଞାର ଓଜସ୍ୱିନୀ ସ୍ରୋତ ଥିଲେ। ଆଧୁନିକ ଓଡ଼ିଶା ନିର୍ମାଣରେ ତାଙ୍କର ଭୂମିକା ଅତୁଳନୀୟ ଥିଲା। ସେ ସବୁ କ୍ଷେତ୍ରରେ ସଫଳତାର ଶୀର୍ଷରେ ପହଞ୍ଚିଥିଲେ। ରାଜନୀତି, ସ୍ୱାଧୀନତା ସଂଗ୍ରାମ, ସେବା, ଶିକ୍ଷା ଆଦି ଅନେକ କ୍ଷେତ୍ରରେ ସେ ଅନ୍ୟମାନଙ୍କ ପାଇଁ ଆଦର୍ଶ ଏବଂ ଏକ ମାନକ ସ୍ଥାପନ କରି ପାରିଥିଲେ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ୍ କହିଛନ୍ତି। ଶୁକ୍ରବାର ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି ପକ୍ଷରୁ ଭାରତୀୟ ବିଦ୍ୟାଭବନଠାରେ ନୀଳକଣ୍ଠଙ୍କ ୧୩୮ତମ ଜନ୍ମୋତ୍ସବ ପାଳିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ପଣ୍ଡିତ ନୀଳକଣ୍ଠଙ୍କୁ ଭାରତରେ ପରିଚିତ କରାଇବା ପାଇଁ ତାଙ୍କ ସମ୍ପର୍କରେ ଡକ୍ୟୁମେଣ୍ଟାରୀ ବା ଚଳଚ୍ଚିତ୍ର ନିର୍ମାଣ କରାଯିବା ଆବଶ୍ୟକ। ଏହାଦ୍ୱାରା ଦେଶବାସୀ ତାଙ୍କ ଭଳି ଜଣେ ବିରଳ ବ୍ୟକ୍ତିତ୍ୱ ଓ ପ୍ରତିଭା ସମ୍ପର୍କରେ ଜାଣି ପାରିବେ ବୋଲି ମତ ପ୍ରକାଶ କରିଥିଲେ। ସମିତି ସଭାପତି ଅମୀୟଭୂଷଣ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୀଳକଣ୍ଠଙ୍କ ରଚିତ 'ଗୀତା ପ୍ରବେଶ'ର ଇଂଲିଶ ଅନୁବାଦ 'ଅଣ୍ଡରଷ୍ଟାଣ୍ଡିଂ ଦି ଗୀତା' ପୁସ୍ତକ ଲୋକାର୍ପିତ ହୋଇଥିଲା।

ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୀବନୀର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ନୀଳକଣ୍ଠ ସୁଭାଷ ଚନ୍ଦ୍ର ବୋଷଙ୍କର ଅନୁଜ ଏବଂ ଗୋପବନ୍ଧୁ ଦାସଙ୍କ ସହଯୋଗୀ ଥିଲେ। ଲୋକଙ୍କ ସେବା କରିବା ପାଇଁ ସେ ରାଜନୀତିରେ ସାମିଲ ହେବା ସହିତ ଓଡ଼ିଶା ବିଧାନସଭାର ବାଚସ୍ପତି ଭାବେ କାର୍ଯ୍ୟ କରିଥିଲେ। ସେହିପରି ସେ ଅନେକ ବିରୋଧ ଏବଂ ହିଂସାର ଶିକାର ହୋଇଥିଲେ। ଏପରିକି ମୁଖ୍ୟମନ୍ତ୍ରୀ ହେବାର ସୁଯୋଗ ପାଇ ମଧ୍ୟ ହାତଛଡ଼ା କରିଥିଲେ। ଲୋକାର୍ପିତ ହୋଇଥିବା ଏହି ପୁସ୍ତକ ନୀଳକଣ୍ଠଙ୍କୁ ନୂଆ ପାଠକଙ୍କ ପରିସରକୁ ନେଇଯିବ ଏବଂ ଅଧିକ ଲୋକ ତାଙ୍କ ବିଷୟରେ ଜାଣି ପାରିବେ ବୋଲି ପଟ୍ଟନାୟକ କହିଥିଲେ। ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ କାଳିପ୍ରସାଦ ରଥ ଯୋଗଦେଇ ପଣ୍ଡିତ ନୀଳକଣ୍ଠ ଓଡ଼ିଶାର ସାରସ୍ୱତ ଭଣ୍ଡାରକୁ ଋଦ୍ଧିମନ୍ତ କରିଛନ୍ତି ବୋଲି କହିଥିଲେ। ସମିତି ଉପସଭାପତି ଡ. ବିଜୟାନନ୍ଦ କର, ଯୁଗ୍ମ ସମ୍ପାଦକ ଡ. ତ୍ରିନାଥ ହୋତା, ସାଧାରଣ ସମ୍ପାଦକ ଡ. ପୂର୍ଣ୍ଣେନ୍ଦୁ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀ ଉତ୍ସବ ପାଳିଲା ବିଧାନସଭା

ଭୁବନେଶ୍ୱର, ୫।୮ (ବ୍ୟୁରୋ)

ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ ପଣ୍ଡିତ ନୀଳକଣ୍ଠ ଦାସଙ୍କ ୧୩୮ତମ ଜୟନ୍ତୀ ଉତ୍ସବ ଶୁକ୍ରବାର ଓଡ଼ିଶା ବିଧାନସଭା ପକ୍ଷରୁ ପାଳିତ ହୋଇ ଯାଇଛି। ଏହି ଅବସରରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ବିଧାନସଭା ପରିସରସ୍ଥିତ ପୁଣ୍ୟାତ୍ମା ନୀଳକଣ୍ଠ ଦାସଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। ଓଡ଼ିଶାର ଶିକ୍ଷା ଓ ରାଜନୀତି କ୍ଷେତ୍ରରେ ଜଣେ ସ୍ୱନାମଧନ୍ୟ ମନୀଷୀ ଏବଂ ଓଡ଼ିଶା ବିଧାନସଭାର ବାଚସ୍ପତି ପଦ ମଣ୍ଡନ କରିଥିବା ପଣ୍ଡିତ ନୀଳକଣ୍ଠ ଓଡ଼ିଶାବାସୀଙ୍କ ପାଇଁ ଚିର ସ୍ମରଣୀୟ ହୋଇ ରହିବେ ବୋଲି ବାଚସ୍ପତି ଆରୁଖ କହିଥିଲେ। ଅର୍ଥ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟଜଳ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ବରିଷ୍ଠ ବିଧାୟକ ପ୍ରଫୁଲ୍ଲ ସାମଲ, ବିଧାନସଭା ସଚିବ ଦାଶରଥି ଶତପଥୀ, ଉତ୍କଳ ସମ୍ମିଳନୀ କର୍ମକର୍ତ୍ତା ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ସହକାରୀ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ପଣ୍ଡିତ ନୀଳକଣ୍ଠଙ୍କ ଜୀବନୀ ଆଧାରିତ ସଙ୍ଗୀତ ପରିବେଷଣ କରାଯାଇଥିଲା।




ବିଧାନସଭା ପରିସରରେ ଥିବା ପଣ୍ଡିତ ନୀଳକଣ୍ଠ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଓ ଅନ୍ୟମାନେ।

# ଏସ୍‌ସିବିରେ ପ୍ରଥମ ବ୍ଲାକ୍ ଫଙ୍ଗସ୍ ପ୍ଲାଷ୍ଟିକ ସର୍ଜରି ସଫଳ

- ନୂଆ ଜୀବନ ପାଇଲେ ବ୍ରହ୍ମପୁରର ମେନେକା
- ୩ ମାସ ପରେ ହେବ ଦ୍ୱିତୀୟ ପର୍ଯ୍ୟାୟ ସର୍ଜରି

କଟକ ଅଫିସ, ୫।୮

ଶ୍ରୀରାମ ଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ପ୍ରଥମ ପୋଷ୍ଟ ବ୍ଲାକ ଫଙ୍ଗସ୍ ପ୍ଲାଷ୍ଟିକ ସର୍ଜରି ସଫଳ ହୋଇଛି। ମାରାତ୍ମକ ବ୍ଲାକ୍ ଫଙ୍ଗସ୍ ସଂକ୍ରମଣରେ ମାଢ଼ି ଓ ଦାନ୍ତ ହରାଇ ଏକପ୍ରକାର ଭିନ୍ନକ୍ଷମ ହୋଇପଡ଼ିଥିବା ବ୍ରହ୍ମପୁରର ଏମ୍. ମେନେକା କୁମାରୀଙ୍କ ସଫଳ ମାଢ଼ି ପ୍ରତିରୋପଣ କରାଯାଇଛି। ଏହି ଅସ୍ତ୍ରୋପଚାର ଏସ୍‌ସିବି ମେଡିକାଲ ପ୍ଲାଷ୍ଟିକ ସର୍ଜରି ବିଭାଗ ପକ୍ଷରୁ କରାଯାଇଛି। ୩ମାସ ପରେ ମେନେକାଙ୍କ ଦ୍ୱିତୀୟ ପର୍ଯ୍ୟାୟ ସର୍ଜରି କରାଯାଇ ଦାନ୍ତ ଲଗାଯିବ ବୋଲି ଶୁକ୍ରବାର ବିଭାଗୀୟ ମୁଖ୍ୟ ଡାକ୍ତର ବିଭୂତି ଭୂଷଣ ନାୟକ ସୂଚନା ଦେଇଛନ୍ତି। ଅପରପକ୍ଷେ ନୂତନ ଜୀବନ ପାଇ ମେନେକା ଖୁସି ବ୍ୟକ୍ତ କରିଛନ୍ତି।

ସୂଚନା ଅନୁଯାୟୀ, ୨୦୨୧ରେ କୋଭିଡ୍‌ର ଦ୍ୱିତୀୟ ଲହରରେ ମେନେକା କରୋନାରେ ଆକ୍ରାନ୍ତ ହୋଇଥିଲେ। ତେବେ କରୋନାରୁ ସୁସ୍ଥ ହେବାପରେ ତାଙ୍କ ଉପର ମାଢ଼ି ମ୍ୟୁକର ମାଇକୋସିସ୍ (ବ୍ଲାକ ଫଙ୍ଗସ୍)ରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। କଥା କହିବା ଓ ଖାଇବାରେ ତାଙ୍କୁ ଅସୁବିଧା ହେବା ସହ ଯନ୍ତ୍ରଣା ଭୋଗୁଥିଲେ। ଏହାପରେ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲରେ ତାଙ୍କର ଅସ୍ତ୍ରୋପଚାର କରାଯାଇ ଉପର ମାଢ଼ିକୁ କଢ଼ାଯାଇଥିଲା। ହେଲେ ଏହାପରେ ତାଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ତରଳ ଖାଦ୍ୟ ପାଟି ବାଟେ ଯାଇ ନାକ ବାଟେ ବାହାରି ଆସୁଥିଲା। ଏହାପରେ ଗତ ଜୁଲାଇ ୫ରେ ତାଙ୍କୁ ଏସ୍‌ସିବିରେ ଭର୍ତ୍ତି କରାଯାଇଥିଲା। ଜୁଲାଇ ୧୮ରେ ଏସ୍‌ସିବିରେ ତାଙ୍କର ଉପର ମାଢ଼ି ପ୍ରତିରୋପଣ କରାଯାଇଛି। ବିଭାଗୀୟ ମୁଖ୍ୟ ଡାକ୍ତର ବିଭୂତି ଭୂଷଣ ନାୟକଙ୍କ ନେତୃତ୍ୱରେ ୪ଜଣିଆ ଡାକ୍ତରୀ ଟିମ୍ ୭ଘଣ୍ଟା ଧରି ଏହି ଜଟିଳ ଅପରେଶନ କରିଥିଲେ। ଏଭଳି ପ୍ରତିରୋପଣ ଏସ୍‌ସିବିରେ ପ୍ରଥମ ଥର ପାଇଁ କରାଯାଇଛି। ଏବେ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ରହିଛି। ୩ମାସ ପରେ ତାଙ୍କର ଦାନ୍ତ ପ୍ରତିରୋପଣ କରାଯିବ ବୋଲି ଡାକ୍ତର କହିଛନ୍ତି। ବ୍ଲାକ ଫଙ୍ଗସ୍ ଭୂତାଣୁ ଅତି ମାରାତ୍ମକ। ଶରୀରର ଯେଉଁ ଭାଗରେ ଏହି ସଂକ୍ରମଣ ହେଲା, ସେହି ଭାଗଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥାଏ। ଓଡ଼ିଶାରେ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ଏଭଳି ରୋଗୀ ଚିହ୍ନଟ ହୋଇଥିବା ବେଳେ ଏକାଧିକଙ୍କ ମୃତ୍ୟୁ ଘଟିଛି।



ଡାକ୍ତରୀ ଟିମ୍ ସହ ପୋଷ୍ଟ ବ୍ଲାକ ଫଙ୍ଗସ୍ ପ୍ଲାଷ୍ଟିକ ସର୍ଜରି ହୋଇଥିବା ଏମ୍. ମେନେକା କୁମାରୀ।

## ମାମଲା ପ୍ରତ୍ୟାହାର କଲେ ପୌରାଧକ୍ଷା, ଉପାଧକ୍ଷ

ଢେଙ୍କାନାଳ ଅଫିସ, ୫।୮

ଢେଙ୍କାନାଳ ପୌରସଂସ୍ଥାରେ ବିଜେଡି-ଭାଜପା ବିବାଦର ଆପାତତଃ ଅନ୍ତ ହୋଇଛି। ଉଭୟ ପକ୍ଷ ଶୁକ୍ରବାର ସମସ୍ତ ୬ ମାମଲା ପ୍ରତ୍ୟାହାର କରିନେଇଛନ୍ତି। ସୂଚନାଯୋଗ୍ୟ, ପୌରସଂସ୍ଥାରେ ଭେଣ୍ଡିଂଜୋନ୍ ଆବଣ୍ଟନକୁ କେନ୍ଦ୍ରକରି ଉଭୟ ପକ୍ଷ ମଧ୍ୟରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୌର କାର୍ଯ୍ୟାଳୟରେ ଦୁଇ ଗୋଷ୍ଠୀର ନେତା ମୁହାଁମୁହିଁ ହୋଇଥିଲେ। ଏହାକୁ ନେଇ ଉଭୟ ପକ୍ଷରୁ ଟାଉନ ଥାନାରେ ୬ଟି ମାମଲା ରୁଜୁ ହୋଇଥିଲା। ଜିଲାପାଳଙ୍କ ଉପସ୍ଥିତିରେ ହୋଇଥିବା ମିଳିତ ବୈଠକରେ ସହର ବିକାଶ ପାଇଁ ଦୁଇ ଦଳର ନେତୃବୃନ୍ଦ ସହମତି ପ୍ରକାଶ କରିଥିଲେ। ଏଥିସହ ମାମଲା ଉଠାଇ ନେବାକୁ ରାଜି ହୋଇଥିଲେ। ଟାଉନ ଥାନା ଅଧିକାରୀଙ୍କ ଉପସ୍ଥିତିରେ ପୌରାଧକ୍ଷା ତଥା ଭାଜପା ନେତ୍ରୀ ଜୟନ୍ତୀ ପାତ୍ର ଏବଂ ଉପାଧକ୍ଷ ତଥା ବିଜେଡି ନେତା ପ୍ରକାଶ ଚନ୍ଦ୍ର କୁଅଁରଙ୍କ ମଧ୍ୟରେ ଲିଖିତ ଭାବେ ଆପୋସ ବୁଝାମଣା ହୋଇଛି। ଦୁଇ ଦଳ ମଧ୍ୟରେ ଲାଗି ରହିଥିବା ବିବାଦର ସମାଧାନ ହୋଇଥିବାରୁ ଏହାକୁ ବୁଦ୍ଧିଜୀବୀ ସ୍ୱାଗତ କରିଛନ୍ତି।

## ସ୍କୁଲ ହଷ୍ଟେଲରୁ ୪୧ ଛାତ୍ରୀ କରୋନା ପଜିଟିଭ

- ଆର୍‌ଟି-ପିସିଆର୍ ପାଇଁ ସ୍ୱାବ୍ ସଂଗ୍ରହ
- ବିଭାଗର ଅନ୍ୟ ସ୍କୁଲରେ ସତର୍କତା ପଦକ୍ଷେପ ନେବାକୁ ନିର୍ଦ୍ଦେଶ

ଚନ୍ଦ୍ରପୁର,୫।୮ (ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ସଦର ସ୍ଥିତ ସରକାରୀ ଏଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟର ହଷ୍ଟେଲରୁ ୪୧ ଛାତ୍ରୀ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୁଧବାର ୧୨ ଛାତ୍ରୀ ଏବଂ ଗୁରୁବାର ୨୯ ଛାତ୍ରୀଙ୍କ ଆଣ୍ଟିଜେନ୍ ରିପୋର୍ଟ ପଜିଟିଭ ଆସିଛି। ଏହାପରେ ପିଲାମାନଙ୍କୁ ଆଇସୋଲେଶନରେ ରଖାଯିବା ସହ ଏକ ସ୍ୱାସ୍ଥ୍ୟ ଟିମ୍ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଛନ୍ତି। ଅଧିକ ସଂକ୍ରମଣ ରୋକିବା ନିମନ୍ତେ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଅନ୍ୟପକ୍ଷରେ ଜିଲାପାଳ ସ୍ୱଧା ଦେବ ସିଂଙ୍କ ନିର୍ଦ୍ଦେଶରେ ଉକ୍ତ ୨୯ ଛାତ୍ରୀଙ୍କ ଆର୍‌ଟି-ପିସିଆର୍ ପରୀକ୍ଷା ନିମନ୍ତେ ଶୁକ୍ରବାର ସ୍ୱାବ୍ ନମୁନା ସଂଗ୍ରହ କରାଯାଇଛି। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡିଡବ୍ଲ୍ୟୁଓ ଅଶୋକ କୁମାର ଶତପଥୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୩୦୦ ଛାତ୍ରୀ ଏହି ବିଦ୍ୟାଳୟ ହଷ୍ଟେଲରେ ରହି ପଢୁଛନ୍ତି। ପ୍ରଥମେ କେତେଜଣ ଛାତ୍ରୀ ଅସୁସ୍ଥ ଅନୁଭବ କରିବାରୁ ୩ ତାରିଖରେ ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କ ଆଣ୍ଟିଜେନ୍ ପରୀକ୍ଷା କରାଇଥିଲେ। ଗୋଟିଏ ସ୍କୁଲରୁ ଏତେ ସଂଖ୍ୟାରେ ଛାତ୍ରୀ କରୋନା ପଜିଟିଭ ଚିହ୍ନଟ ହେବାପରେ ପ୍ରଶସନ ଅଧିକ ସତର୍କ ହୋଇଛି। ଜିଲାରେ ମଙ୍ଗଳ ବିଭାଗ ଅଧୀନରେ ଥିବା ଅନ୍ୟ ସ୍କୁଲଗୁଡ଼ିକରେ ମଧ୍ୟ ସତର୍କତା ପଦକ୍ଷେପ ନେବାକୁ ପ୍ରଧାନ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଗରମ ଭାତହାଣ୍ଡିରେ ପଡ଼ି ଶିଶୁ କନ୍ୟା ମୃତ

ଦେବଗଡ଼ ୫।୮ (ଡି.ଏନ୍.ଏ.)

ଗରମ ଭାତ ହାଣ୍ଡିରେ ପଡ଼ି ଶିଶୁ କନ୍ୟାର ମୃତ୍ୟୁ ଘଟିଛି। ଦେବଗଡ଼ ପୌରାଞ୍ଚଳ ଏଗାର ନମ୍ବର ୱାର୍ଡ ମ୍ୟୁନିସିପାଲଟି ସାହିରେ ଏହି ଘଟଣା ଘଟିଛି। ମୃତ ଶିଶୁ କନ୍ୟା ହେଲେ ଉକ୍ତ ସାହିର ମାନସ ରାଓଙ୍କ ୨ ବର୍ଷିଆ ଝିଅ ରୁଦ୍ରାଣୀ। ଗୁରୁବାର ରାତିରେ ଶିଶୁ କନ୍ୟାର ଜେଜେମା ଭାତ ରାନ୍ଧି ଚଟାଣରେ ରଖିଥିବାବେଳେ ଅସାବଧାନତାବଶତଃ ଶିଶୁ କନ୍ୟା ସେଥିରେ ପଡ଼ିଯାଇଥିଲା। ଫଳରେ ଶିଶୁ କନ୍ୟାର ଶରୀରର ନିମ୍ନ ଭାଗ ପୋଡ଼ିଯାଇଥିଲା। ପରିବାର ପକ୍ଷରୁ ତାକୁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ତା'ର ଅବସ୍ଥା ଗୁରୁତର ହେବାରୁ ବୁର୍ଲା ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଶୁକ୍ରବାର ସକାଳେ ବୁର୍ଲା ବଡ ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ଶିଶୁର ମୃତ୍ୟୁ ଘଟିଛି।

# ରତ୍ନଭଣ୍ଡାର ଖୋଲାଯାଇ ଅଳଙ୍କାର ଗଣତି ହେଉ

**ରାଜ୍ୟପାଳଙ୍କୁ ଶ୍ରୀଜଗନ୍ନାଥ ସେନାର ସ୍ମାରକପତ୍ର**

ପୁରୀ ଅଫିସ,୫।୮

ଶ୍ରୀମନ୍ଦିର ମରାମତି ସହ ରତ୍ନଭଣ୍ଡାର ଖୋଲାଯାଇ ଅଳଙ୍କାର ଗଣତି କରାଯିବାକୁ ଶ୍ରୀଜଗନ୍ନାଥ ସେନା ଦାବି କରିଛି। ଏ ନେଇ ଶୁକ୍ରବାର ଶ୍ରୀଜଗନ୍ନାଥ ସେନା ପକ୍ଷରୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଏକ ସ୍ମାରକପତ୍ର ଦିଆଯାଇଛି।

୨୦୧୮ ଏପ୍ରିଲରେ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ୧୭ଜଣିଆ ଟିମ୍ ରତ୍ନଭଣ୍ଡାର ଅନୁଧାନ ପାଇଁ ଯାଇଥିଲା। ତେବେ ଏହି ଟିମ୍ ଭିତର ରତ୍ନଭଣ୍ଡାର ନ ଖୋଲି ଫେରିଲା କାହିଁକି, ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଚାବି ପାଇବା ପରେ ତାହାକୁ ବନ୍ଦ ଲଫାପା ଭିତରେ ଦେଖାଇବା ପରିବର୍ତ୍ତେ ସାର୍ବଜନୀନ କଲେ ନାହିଁ କାହିଁକି ଏବଂ ରଘୁବୀର ଦାଶ କମିଶନ ଅଧୀନରେ ୨୨ ଲକ୍ଷ ୨୭ ହଜାର ଟଙ୍କା ଖର୍ଚ୍ଚ ହୋଇ ତଦନ୍ତ ସରିଥିଲେ ମଧ୍ୟ ବିଧାନସଭାରେ ସେହି ରିପୋର୍ଟ ସାର୍ବଜନୀନ କରାଗଲା ନାହିଁ କାହିଁକି ବୋଲି ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଉକ୍ତ ସ୍ମାରକପତ୍ରରେ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ରତ୍ନଭଣ୍ଡାର ସ୍ଥିତି ସମ୍ପର୍କରେ ହାଇକୋର୍ଟରେ ଏଏସ୍‌ଆଇ ଜଣାଇବା ସତ୍ତ୍ୱେ ରାଜ୍ୟ ସରକାର ଆନୁଷଙ୍ଗିକ ପଦକ୍ଷେପ ନେଉନାହାନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ବି ୧୭ଜଣିଆ ଟିମ୍ ରତ୍ନଭଣ୍ଡାର ଖୋଲି ନ ଥିଲେ। ଏହାଦ୍ୱାରା କୋର୍ଟ ଆଦେଶ ଅବମାନନା ଆଧାରରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ଆଇନତଃ ପ୍ରତି ତିନିବର୍ଷରେ ଥରେ ରତ୍ନଭଣ୍ଡାର ଖୋଲାଯାଇ ସ୍ଥିତି ଯାଞ୍ଚ କରାଯିବା କଥା, ମାତ୍ର ୩୭ ବର୍ଷ ହେବ ରତ୍ନଭଣ୍ଡାର ଖୋଲାଯାଇ ନାହିଁ। ସେହିଭଳି ଶ୍ରୀମନ୍ଦିର ପ୍ରଶାସନ କିମ୍ବା ରାଜ୍ୟ ସରକାର ରତ୍ନଭଣ୍ଡାର ସ୍ଥିତି ସମ୍ପର୍କରେ ଅବଗତ ଥାଇ ମଧ୍ୟ ବଜେଟ୍ ବ୍ୟୟ ବରାଦ ବେଳେ ଏ ଦିଗରେ ଦୃଷ୍ଟି ଦେଉନାହାନ୍ତି। ବାସ୍ତବତା ଏହା ଯେ, ସରକାର ରତ୍ନଭଣ୍ଡାର ଖୋଲିବା ପାଇଁ ଡ଼ରୁଛନ୍ତି। ଶେଷଥର ପାଇଁ ୧୯୭୮ ମସିହାରେ ରତ୍ନଅଳଙ୍କାର ଗଣତି ହୋଇଥିଲା। ସମ୍ପୃକ୍ତ ରତ୍ନ ଅଳଙ୍କାର ସୁରକ୍ଷିତ ରହିଛି କି ନାହିଁ, ତାହାକୁ ଶୀଘ୍ର ମେଳ କରାଯାଉ। ରତ୍ନଭଣ୍ଡାର ଖୋଲିବା ପାଇଁ ସରକାର ତୁରନ୍ତ ନିଷ୍ପତ୍ତି ନିଅନ୍ତୁ। ଅନ୍ୟପକ୍ଷରେ ଲୋକଙ୍କୁ ମିଛ କଥା କହି ଭୁଲେଇଥିବାରୁ ତତ୍କାଳୀନ ଜିଲାପାଳ ଏବଂ ଅନ୍ୟ ଅଧିକାରୀଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ କରାଯିବାକୁ ପଟ୍ଟନାୟକ ଦାବି କରିଛନ୍ତି।

# ହସାଇ ବେଦମ୍ କଲା 'ୱାନ୍ ଅନ୍ ୱାନ୍'

**ବମ୍ବେ କଳାକାରଙ୍କ ୭ କ୍ଷୁଦ୍ର ନାଟକକୁ ଉପଭୋଗ କଲେ ଦର୍ଶକ**

ଭୁବନେଶ୍ୱର,୫।୮ (ବ୍ୟୁରୋ)

ସୁଦୂର ଆମେରିକାରୁ ଜଣେ ଆମେରିକାନ ଦେଶୀ ବୟ ବିବାହ ପାଇଁ କନ୍ୟାକୁ ଭେଟିବାକୁ ଭାରତ ଆସିଛନ୍ତି। ବିମାନ ଯାତ୍ରା ସମୟରେ ସେ ବିଭିନ୍ନ ପ୍ରକାର ଅନୁଭୂତି ସାଉଣ୍ଟିଛନ୍ତି। ଏଥିସହ ବିବାହ ସମୟରେ ଦିଆଯାଉଥିବା ଇନ୍‌ଭେଷ୍ଟମେଣ୍ଟ (ଭାରତୀୟଙ୍କ ଭାବନାରେ ଯୌତୁକ) ପ୍ରକ୍ରିୟାରେ ଏକ ବଡ଼ ରୋମାଞ୍ଚ ଘଟିଛି। ଶିଲ୍ପା ନାମ୍ନୀ କନ୍ୟାକୁ ବାହା ହେବାକୁ ଆସିଥିବା ସେହି ଆମେରିକାନ ବୟ ଜିଗ୍ନେଶ ନାମକ ଏକ ପୁଅକୁ ବାହା ହୋଇଛନ୍ତି। ଇନ୍‌ଭେଷ୍ଟମେଣ୍ଟ ଦେବା ବଦଳରେ ସେ ଓଲଟି ଇନ୍‌ଭେଷ୍ଟମେଣ୍ଟ ପାଇଛନ୍ତି। ୧୩ ମିନିଟ୍‌ର ଏହି କ୍ଷୁଦ୍ର ନାଟକ ଦର୍ଶକଙ୍କ ମୁହଁରେ ହସ ଫୁଟାଇଛି। ବଲିଉଡ୍ ହାସ୍ୟ ଅଭିନେତା ବ୍ରଜେଶ ହିର୍ଜେଙ୍କ ଅଭିନୀତ ଏହି ଇଂଲିଶ ନାଟକ 'ଗେମ୍, ସେଟିଙ୍ଗ୍ ଆଣ୍ଡ ମ୍ୟାଚ୍'ରେ ଦର୍ଶକ ହସି ହସି ବେଦମ୍ ହୋଇଛନ୍ତି।

ପରେ ୧୦ ମିନିଟ୍‌ର ଇଂଲିଶ ନାଟକ 'ଡିଅର ରିଚାର୍ଡ' ବିମାନ ଯାତ୍ରୀଙ୍କ ଖାଦ୍ୟ ସୁରକ୍ଷାକୁ ନେଇ ଭିନ୍ନ ବାର୍ତ୍ତା ଦେଇଥିଲା। ଜଣେ କ୍ରୋଧିତ ଏୟାରଲାଇନ୍ ଯାତ୍ରୀ ବିମାନ ସେବାରେ ଦିଆଯାଉଥିବା ଖାଦ୍ୟକୁ ନେଇ ଅଭିଯୋଗ ଆଣିଛନ୍ତି। ଖରାପ ଖାଦ୍ୟକୁ କିଭଳି ଉନ୍ନତମାନର କହି ପରଷା ଯାଉଛି, ତାହାକୁ ନେଇ ଅଭିନେତା ରଜିତ କପୁର ଉକ୍ତ ନାଟକ ମାଧ୍ୟମରେ ଦର୍ଶକଙ୍କୁ ସଚେତନ କରିଛନ୍ତି। କ୍ରୋଧ ଭିତରେ ଦର୍ଶକଙ୍କୁ ହସାଇବା ଅଭିନୟ ତାଙ୍କର ନିଆରା ଥିଲା। ସେହିଭଳି ହିନ୍ଦୀ ନାଟକ 'ଟିସି ରାସ୍‌ବେହାରି' ୧୩ ମିନିଟ୍ ଧରି ଦର୍ଶକଙ୍କୁ ବେଶି ମଜା ଦେଇଥିଲା। ବିନା କାରଣରେ ଟିକେଟ କଲେକ୍ଟର ରାସବେହାରି ଯାତ୍ରୀଙ୍କ ପାଖରୁ ଓଲଟା ଚାପୁଡ଼ା ଖାଉଥିବା ଦୃଶ୍ୟ ହାସ୍ୟରୋଳ ସୃଷ୍ଟି କରିଥିଲା। ଚାପୁଡ଼ା ପ୍ରତ୍ୟେକ ଥର ସେ ଏହାକୁ ନିଜ ଭୁଲ୍ ବୋଲି ଭାବି ନେଉଥିଲେ। କିନ୍ତୁ ଥରେ ଚାପୁଡ଼ା ଖାଇବା ପରେ ସେ ଅନୁଭବ କଲେ ଏଥର ତାଙ୍କର କିଛି ଭୁଲ୍ ନ ଥିଲା। ରଜିତ କପୁରଙ୍କ ନିର୍ଦ୍ଦେଶିତ ଓ ଗଗନଦେବ ରିୟାରଙ୍କ ଅଭିନୀତ ଏହି ନାଟକ ଦର୍ଶକଙ୍କ ପାଖରୁ ଅନେକ ତାଳି ସାଉଣ୍ଟିଥିଲା। ସେହିପରି ହିନ୍ଦୀ ନାଟକ 'ମଜ୍‌ନୁ' ସୀମାରେ ଦୁଇଜଣ ଭାରତୀୟ ସୈନିକଙ୍କ କଥାବାର୍ତ୍ତାକୁ ପରିପ୍ରକାଶ କରିଥିଲା। ୧୪ ମିନିଟ୍‌ର ଏହି ନାଟକକୁ ଅକର୍ଷ ଖୁରାନା ନିର୍ଦ୍ଦେଶନା ଦେଇଥିବବେଳେ ଅଭିନୟରେ ରଜିତ ଓ ସୁମିତ ବ୍ୟାସ୍ ରହିଛନ୍ତି। ପରବର୍ତ୍ତୀ ନାଟକରେ ଦୁଲ୍‌ହନିୟା ସାଜିଛନ୍ତି ଅଭିନେତ୍ରୀ ଶିଖା ତାଲଶାନିଆ। ସେ ଗୁରପ୍ରୀତ ଚରିତ୍ରରେ ଦର୍ଶକଙ୍କ ମନକୁ ଜିଣିଥିଲେ। ୧୪ ମିନିଟ୍‌ର ହିନ୍ଦୀ ଏବଂ ଇଂଲିଶ ଭାଷାର ଏହି ନାଟକ 'ଦୁଲ୍‌ହନିୟା'ରେ ସେ ତାଙ୍କର ୭ବର୍ଷର ପୁରୁଷ ବନ୍ଧୁଙ୍କୁ ବାହା ହେବାକୁ ଯାଉଛନ୍ତି। ଏହି ସମୟରେ ଉଭୟଙ୍କ ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତର ସମ୍ପର୍କକୁ ନେଇ ବିଭିନ୍ନ ପ୍ରଶ୍ନ ପଚାରୁଛନ୍ତି। ଏଥିସହ ଆଉଏକ ହିନ୍ଦୀ ଓ ଇଂଲିଶ ନାଟକ 'ଖୁନ୍ ପଶିନା ଆକ୍ସନ' ଜଣେ ପ୍ରଯୋଜକ କିପରି ପ୍ରଥମଥର ପାଇଁ ଗୋଟିଏ ବଡ଼ ବଜେଟର ବଲିଉଡ୍ ମୁଭି ପ୍ରସ୍ତୁତ କରିବାକୁ ସଂଘର୍ଷ କରିଛନ୍ତି, ତାହାକୁ ନେଇ ଅଭିନେତା ସୁମିତ୍ ବ୍ୟାସ ନିଖୁଣ ଅଭିନୟ ମାଧ୍ୟମରେ ଦର୍ଶକଙ୍କ ସାମ୍ନାକୁ ଆସିଥିଲେ।





ନାଟକ 'ଡିଅର ରିଚାର୍ଡ' ଓ 'ଗେମ୍, ସେଟିଙ୍ଗ୍ ଆଣ୍ଡ ମ୍ୟାଚ୍'ର ଏକ ଦୃଶ୍ୟ।

ଜେନ୍ ଫାଉଣ୍ଡେଶନ ପକ୍ଷରୁ ଶୁକ୍ରବାର ରବୀନ୍ଦ୍ର ମଣ୍ଡପଠାରେ ଏପରି ୭ କ୍ଷୁଦ୍ର ନାଟକକୁ ନେଇ 'ୱାନ୍ ଅନ୍ ୱାନ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବମ୍ବେର ରେଜ୍ ପ୍ରଡକ୍ସନ ପକ୍ଷରୁ କାର୍ଯ୍ୟକ୍ରମର ପ୍ରଯୋଜନା ଓ ନିର୍ଦ୍ଦେଶନା ଦିଆଯାଇଛି। ବମ୍ବେର କଳାକାର ବ୍ରଜେଶ ହିର୍ଜେ, ରଜିତ କପୁର, ଗଗଂଦେବ ରିଆର, ସୁମିତ ବ୍ୟାସ, ଶିଖା ତାଲସାନିଆ, ଅସିମ ହାତନଗଡି ପ୍ରମୁଖ କଳାକାର ମୁଖ୍ୟ ଆକର୍ଷଣ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଫାଉଣ୍ଡେଶନର ପ୍ରତିଷ୍ଠାତା ଗାର୍ଗି ଭଟ୍ଟାଚାର୍ଯ୍ୟ ଓ ଜିସାନ ଅଲ୍ଲୀ ଫାଉଣ୍ଡେଶନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ମିଡିଆ ପାର୍ଟନର ଥିଲେ।

## ସଂକ୍ଷେପରେ

### ୮୫ ବର୍ଷୀୟା ବୃଦ୍ଧାଙ୍କୁ ବଳାତ୍କାର, ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ



**କୁଆଁରମୁଣ୍ଡା,୫।୮(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା କୁଆଁରମୁଣ୍ଡା ଫାଣ୍ଡି ଗୋବିରା ଅଞ୍ଚଳର ଜଣେ ୮୫ ବର୍ଷୀୟା ବୃଦ୍ଧାଙ୍କୁ ବଳାତ୍କାର କରାଯାଇଛି। ଅଭିଯୁକ୍ତ ଗୋବିରା ଗ୍ରାମ ପୁରୁଣା ଗୀର୍ଜାଟୋଲାର ସୁଶୀଲ କୁଜୁର(୪୫)ଙ୍କୁ ଶୁକ୍ରବାର ଫାଣ୍ଡି ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ବୀରମିତ୍ରପୁର ଥାନାରେ ଏକ ମାମଲା (ନଂ. ୧୫୭/୨୨) ରୁଜୁ ହୋଇଛି। କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଶ୍ୟାମଲାଲ ଓରାମଙ୍କ ସୂଚନା ଅନୁସାରେ, ଗତ ଜୁଲାଇ ୨୭ ରାତି ସାଢ଼େ ୮ଟାରେ ବୃଦ୍ଧା ଘରେ ଏକୁଟିଆ ଥିଲେ। ସୁଶୀଲ ତାଙ୍କ ଘର ଭିତରକୁ ପଶି ତାଙ୍କୁ ବଳାତ୍କାର କରିଥିଲେ। ଏହାପରେ ଘଟଣା ସମ୍ପର୍କରେ କାହାକୁ ନ କହିବାକୁ ବୃଦ୍ଧାଙ୍କୁ ଧମକଚମକ ଦେଇଥିଲେ। ହେଲେ ଘଟଣା ସମ୍ପର୍କରେ ବୃଦ୍ଧା ଜଣଙ୍କ ଝାଡ଼ଖଣ୍ଡ ଅଞ୍ଚଳରେ ରହୁଥିବା ତାଙ୍କ ଭଉଣୀମାନଙ୍କୁ ଜଣାଇବା ପରେ ସେମାନେ ଗୋବିରାକୁ ଆସିଥିଲେ। ହେଲେ ଘଟଣାଟି ଗ୍ରାମରେ ବସି ଫଇସଲା କରିବା ପାଇଁ ଜୋରଦାର ଉଦ୍ୟମ ଚାଲିଥିଲା। ମାତ୍ର ପୀଡିତାଙ୍କ ଭଉଣୀମାନେ ଏ ନେଇ କୁଆଁରମୁଣ୍ଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିବା ପରେ ଅଭିଯୁକ୍ତ ସୁଶୀଲଙ୍କୁ ଗିରଫ କରାଯାଇଥିଲା। ଉଭୟଙ୍କର ନିକଟସ୍ଥ କୁଆଁରମୁଣ୍ଡା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀମାଇନା କରାଯାଇଥିଲା।

### ଚିଙ୍ଗୁଡ଼ି ଘେରିକୁ କେନ୍ଦ୍ର କରି ବୋମାମାଡ଼

### ୩ ଆହତ, ୪ ଅଟକ

**ବ୍ରହ୍ମଗିରି,୫।୮(ଡି.ଏନ୍.ଏ.):** କୃଷ୍ଣପ୍ରସାଦ ବ୍ଲକ ବ୍ରହ୍ମଗିରି ଥାନା ଅନ୍ତର୍ଗତ ଏକ ଚିଙ୍ଗୁଡି ଘେରିକୁ ନେଇ ସିଆରା ଗ୍ରାମରେ ଶୁକ୍ରବାର ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ସହ ବୋମା ମାଡ ହୋଇଛି। ଏହି ସଂଘର୍ଷରେ ୩ଜଣ ଆହତ ହେବା ସହିତ ପୋଲିସ ୪ ଜଣଙ୍କୁ ଅଟକ ରଖିଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଥାନା ଅନ୍ତର୍ଗତ ସିଆରା ଗ୍ରାମ ନିକଟରେ ସାତମାଣ ଖାର ନାମକ ଏକ ଚିଙ୍ଗୁଡି ଘେରି ରହିଛି । ଏହି ଘେରିଟି ୩.୩୦ ଏକର ବିଶିଷ୍ଟ। ଉକ୍ତ ଘେରିରେ ୧୮ ପରିବାରଙ୍କ ମାଲିକାନା ରହିଛି। କିନ୍ତୁ ଏହି ୧୮ଟି ପରିବାର ରାଜନୈତିକ ବିବାଦକୁ ନେଇ ଦୁଇ ଗୋଷ୍ଠୀରେ ବିଭକ୍ତ ହୋଇଛନ୍ତି । ଗୋଟିଏ ଗୋଷ୍ଠୀରେ ୪ଟି ପରିବାର ରହିଥିବା ସମୟରେ ଅନ୍ୟ ଗୋଷ୍ଠୀରେ ୧୪ ପରିବାର ରହିଛନ୍ତି । ଏମାନଙ୍କ ମଧ୍ୟରେ ବିବାଦ ଥିବା ସମୟରେ ୪ ପରିବାର ବିଶିଷ୍ଟ ଗୋଷ୍ଠୀ ପ୍ରଥମେ ଏହି ଘେରିରେ ଚିଙ୍ଗୁଡି ଚାଷ କରିବା ପାଇଁ କିଳାପାଡି କରି ଶୁଭ ଦେଇଥିଲେ। ପରବର୍ତ୍ତୀ ସମୟରେ ୧୪ ପରିବାର ଗୋଷ୍ଠୀ ଏହି ଘେରିରେ ଶୁଭ ଦେବାରେ ଗୁରୁବାର ବିବାଦ ଉପୁଜିଥିଲା। ପୁନର୍ବାର ଏହି ଘଟଣାକୁ ନେଇ ଶୁକ୍ରବାର ଦୁଇ ଗୋଷ୍ଠୀ ମଧ୍ୟରେ ଆକ୍ରମଣ ଓ ପ୍ରତିଆକ୍ରମଣ ହୋଇ ଶେଷରେ ବୋମାମାଡ ହୋଇଥିଲା। ଏହି ବୋମା ମାଡ ଓ ଆକ୍ରମଣ ଯୋଗୁ ୩ ଜଣ ଆହାତ ହୋଇଛନ୍ତି। ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଖବର ପାଇ ବ୍ରହ୍ମଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତ ନିୟନ୍ତ୍ରଣ କରିବା ସହିତ ୪ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଗାଁରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଛନ୍ତି।

### ବଳାତ୍କାର ଅଭିଯୋଗରେ ଜଣେ ଗିରଫ

**କଟକ ସଦର, ୫।୮(ଡି.ଏନ୍.ଏ.):** ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ କନ୍ଦରପୁର ଥାନା ପୋଲିସ ଶୁକ୍ରବାର ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ମଧୁପାଟଣା ଥାନା ଅନ୍ତର୍ଗତ ତିନିଘରିଆ। ଅଞ୍ଚଳର ରବୀନ୍ଦ୍ର ନାଥ ରାଉତ(୪୧)। ଏନେଇ ଥାନାରେ ଏକ ମାମଲା (ନଂ.୧୨୪/୨୨) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂତ୍ରରୁ ପ୍ରକାଶ ଏହି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବୁଲାଇ ନେବା ଆଳରେ ବାହାରକୁ ନେଇଯାଇ ବଳାତ୍କାର କରିଥିଲେ।

# ପ୍ରତିବର୍ଷ ମରୁଛନ୍ତି ୨୦ ବୟସ୍କ ହାତୀ

## ଗଞ୍ଜାମରେ ହାତୀ ବିଲୁପ୍ତ ହେବା ଆଶଙ୍କା

ଭୁବନେଶ୍ୱର, ୫।୮(ବ୍ୟୁରୋ)

ରାଜ୍ୟରେ ବୃଦ୍ଧି ପାଉଛି ହାତୀ ଶିକାର। ଏଥିସହ ଦୁର୍ଘଟଣା ଓ ରୋଗରେ ମଧ ବହୁ ହାତୀଙ୍କ ମୃତ୍ୟୁ ଘଟୁଛି। ବିଶେଷକରି ବୟସ୍କ ପ୍ରଜନନକ୍ଷମ ହାତୀଙ୍କ ମୃତ୍ୟୁ ଏବେ ଚିନ୍ତାର କାରଣ ପାଲଟିଛି। ହାତୀ ବଂଶ ବୃଦ୍ଧି ପାଇଁ ୧୮ରୁ ୨୦ବର୍ଷ ବୟସ୍କ ହାତୀଙ୍କ ଉପସ୍ଥିତି ଜରୁରୀ। ହେଲେ ଏହି ବୟସ୍କ ହାତୀଙ୍କ ମାତ୍ରାଧିକ ଶିକାର ଏବେ ବଂଶ ବୃଦ୍ଧି ଉପରେ ଆଶଙ୍କା ସୃଷ୍ଟି କରୁଛି। ପ୍ରତିବର୍ଷ ବିଭିନ୍ନ କାରଣରୁ ପ୍ରାୟ ୨୦ ବୟସ୍କ ହାତୀ ମରୁଥିବା ରିପୋର୍ଟ କହୁଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗଞ୍ଜାମ ଜିଲାରେ ୫ ବର୍ଷ ତଳେ ୧୧ଟି ବୟସ୍କ ପ୍ରଜନନକ୍ଷମ ହାତୀ ରହିଥିବାବେଳେ ଏବେ ମାତ୍ର ଗୋଟିଏ ରହିଛି। ତେଣୁ ଏହି ଜିଲାରେ ହାତୀ ବଂଶ ବିଲୁପ୍ତ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ୨୦୧୭ ରାଜ୍ୟ ସରକାରଙ୍କ ହାତୀ ଗଣନା ରିପୋର୍ଟ ଅନୁଯାୟୀ, ରାଜ୍ୟରେ ୧,୯୭୬ଟି ହାତୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୩୪୪ ବୟସ୍କ ଅଣ୍ଡିରା ହାତୀ ଅଛନ୍ତି। ତେବେ ଓଡ଼ିଶା ୱାଇଲ୍ଡଲାଇଫ୍ ସୋସାଇଟି(ଡବ୍ଲ୍ୟୁଏସ୍ଓ) ତଥ୍ୟ ଅନୁସାରେ, ଏହି ୫ବର୍ଷ ମଧ୍ୟରେ ଓଡ଼ିଶାରେ ୧୦୪ଟି ଦନ୍ତା ହାତୀଙ୍କ ମୃତ୍ୟୁ ହୋଇଛି, ଯେଉଁମାନଙ୍କ ବୟସ ୧୫ ଉପରେ ଥିଲା। ଶିକାର ଓ ଅପ୍ରାକୃତିକ ମୃତ୍ୟୁ ଯେପରିକି ବିଦ୍ୟୁତଜନିତ, ବିଷକ୍ରିୟା, ଟ୍ରେନ୍ ଧକ୍କା, ରାସ୍ତାରେ ଗାଡ଼ି ଧକ୍କାରେ ଏହି ହାତୀଙ୍କ ଜୀବନ ଯାଇଛି। ଏହାକୁ ହିସାବକୁ ନେଲେ ପ୍ରତିବର୍ଷ ୨୦ଟି ବୟସ୍କ ହାତୀଙ୍କ ମୃତ୍ୟୁ ହେଉଛି। ରାଜ୍ୟ ବହୁ ଜିଲାରେ ହାତୀର ଅବସ୍ଥାନ ଏବେ ପୋଛି ହେବାରେ ଲାଗିଲାଣି। ଗଞ୍ଜାମ, ଖୋର୍ଦ୍ଧା, କଳାହାଣ୍ଡି, ବୌଦ୍ଧ ଓ ସୁବର୍ଣ୍ଣପୁର ଭଳି କେତେକ ଜିଲାରେ ଏପରି ସ୍ଥିତି ଦେଖାଦେଇଛି। ହାତୀ ଗଣନା ଅନୁଯାୟୀ, ଗଞ୍ଜାମ ଜିଲାରେ ମୋଟ ୫୩ଟି ହାତୀ ରହିଥିଲା ଓ ଏଥିମଧ୍ୟରୁ ୧୧ଟି ବୟସ୍କ ଦନ୍ତା ଥିଲେ। ଘୁମୁସର ଉତ୍ତର ବନଖଣ୍ଡରେ ୪ଟି ବୟସ୍କ ଦନ୍ତା ଥିବାବେଳେ ଘୁମୁସର ଦକ୍ଷିଣ ବନଖଣ୍ଡରେ ୫ ଏବଂ ବ୍ରହ୍ମପୁର ବନଖଣ୍ଡରେ ୨ଟି ବୟସ୍କ ଦନ୍ତା ରହିଥିଲେ। ତେବେ ଏହି ୫ବର୍ଷ ମଧ୍ୟରେ ଗଞ୍ଜାମ ଜିଲାରେ ୧୭ଟି ହାତୀଙ୍କ ମୃତ୍ୟୁ ହୋଇଥିବାବେଳେ ଏଥିମଧ୍ୟରୁ ୧୦ଟି ହେଉଛନ୍ତି ବୟସ୍କ ଦନ୍ତା। ଘୁମୁସର ଉତ୍ତର ବନଖଣ୍ଡରେ ୬ଟି, ଘୁମୁସର ଦକ୍ଷିଣ ବନଖଣ୍ଡରେ ୩ଟି ଏବଂ ବ୍ରହ୍ମପୁର ବନଖଣ୍ଡରେ ଗୋଟିଏ ବୟସ୍କ ଦନ୍ତାର ମୃତ୍ୟୁ ଘଟିଛି। ତେଣୁ ଗଞ୍ଜାମ ଜିଲାରେ ଏବେ ଆଉ ମାତ୍ର ଗୋଟିଏ ବୟସ୍କ ଦନ୍ତା ହାତୀ ରହିଛି। ଏ ସମ୍ପର୍କରେ ଡବ୍ଲ୍ୟୁଏସ୍ଓ ସମ୍ପାଦକ ବିଶ୍ୱଜିତ ମହାନ୍ତି କହିଛନ୍ତି, ଯେହେତୁ ପ୍ରାୟତଃ ସବୁ ବୟସ୍କ ଦନ୍ତା ହାତୀଙ୍କ ମୃତ୍ୟୁ ହୋଇଯାଇଥିବାରୁ ଗଞ୍ଜାମରେ ଏବେ ହାତୀ ବିଲୁପ୍ତ ହେବାକୁ ଯାଉଛନ୍ତି।


# ଦିଲ୍ଲୀରେ ଆଦିବାସୀ ସଂଗ୍ରାମୀଙ୍କ ଜୀବନୀ ପୁସ୍ତକ ଉନ୍ମୋଚିତ

## ଓଡ଼ିଶାର ରେଣ୍ଡୋ ମାଝି, ଚକରା ବିଶୋୟୀ, ଲକ୍ଷ୍ମଣ ନାଏକଙ୍କ ଗାଥା

ଭୁବନେଶ୍ୱର, ୫।୮(ବ୍ୟୁରୋ)

ତ୍ରିରଙ୍ଗା' ଉତ୍ସବ ପାଳନ ଅବସରରେ ନୂଆଦିଲ୍ଲୀଠାରେ ୨୨ଜଣ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀ ସମ୍ବଳିତ ଏକ ପୁସ୍ତକ 'ଟ୍ରାଇବାଲ ଲିଡର୍ସ ଅଫ୍ ଦି ଫ୍ରିଡମ୍ ଷ୍ଟ୍ରଗଲ' ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ ପାଇଛି। ଯେଉଁଥିରେ ଓଡ଼ିଶାର ରେଣ୍ଡୋ ମାଝି, ଚକରା ବିଶୋୟୀ ଓ ଲକ୍ଷ୍ମଣ ନାଏକଙ୍କ ଦେଶପ୍ରେମର ଗାଥା ସ୍ଥାନିତ ହୋଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି. କିଶନ ରେଡ୍ଡି, ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏବଂ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ମୀନାକ୍ଷୀ ଲେଖିଙ୍କ ଉପସ୍ଥିତିରେ ଏହି ପୁସ୍ତକ ଉନ୍ମୋଚନ ହୋଇଥିଲା।

କନ୍ଧ ଜାତିର ରେଣ୍ଡୋ ମାଝି ଓ ଚକରା ବିଶୋୟୀ ସେମାନଙ୍କ ପରମ୍ପରା ଉପରେ ବ୍ରିଟିଶ ଶାସନର ହସ୍ତକ୍ଷେପକୁ ବିରୋଧ କରିଥିଲେ। ଶେଷରେ ରେଣ୍ଡୋଙ୍କୁ ଇଂରେଜମାନେ ଫାଶୀ ଦଣ୍ଡ ଦେଇଥିଲେ। ଚକରା ଲୁଚି ରହିଥିବା ସମୟରେ ବ୍ରିଟିଶ ସୈନ୍ୟଙ୍କ ଗୁଳିମାଡ଼ରେ ପ୍ରାଣ ହରାଇଥିଲେ। ସେହିପରି ଲକ୍ଷ୍ମଣ ନାଏକ ଓଡ଼ିଶାର ଜଣେ ଅଗ୍ରଣୀ ସ୍ୱାଧୀନତା ସଂଗ୍ରାମୀ ଥିଲେ। ଆଦିବାସୀଙ୍କ ପାଇଁ ସେ ମାଲକାନଗିରିର ଗାନ୍ଧୀ ଭାବେ ପରିଚିତ ଥିଲେ। ଏକ ହତ୍ୟା ଅଭିଯୋଗରେ ତାଙ୍କୁ ଫାଶୀ ଦିଆଯାଇଥିଲା। ସ୍ୱାଧୀନତା ସଂଗ୍ରାମରେ ଦେଶ ପ୍ରେମ ଏବଂ ଅସୀମ ତ୍ୟାଗର ଉଦାହରଣ ପାଲଟିଥିବା ୭୫ଜଣ ବୀର ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀକୁ ନେଇ ସଂସ୍କୃତି ମନ୍ତ୍ରଣାଳୟ 'ଅମର ଚିତ୍ରକଥା' ସହଯୋଗରେ ପୁସ୍ତକ ପ୍ରକାଶ କରୁଛି। ଏହି ସିରିଜର ପ୍ରଥମ ପୁସ୍ତକରେ ବିସ୍ମୃତି ଗର୍ଭକୁ ଚାଲିଯାଇଥିବା ୨୦ଜଣ ମହିଳା ସ୍ୱାଧୀନତା ସଂଗ୍ରାମୀଙ୍କ କାହାଣୀ ରହିଛି। ଦ୍ୱିତୀୟ ପୁସ୍ତକରେ ନବଗଠିତ ବିଧାନସଭାକୁ ନିର୍ବାଚିତ ହୋଇଥିବା ୧୫ଜଣ ମହିଳାଙ୍କ ଜୀବନୀ ବର୍ଣ୍ଣନା କରାଯାଇଛି। ଏବେ ସ୍ୱାଧୀନତା ସଂଗ୍ରାମର ଇତିହାସରୁ ବିସ୍ମୃତ ହୋଇଯାଇଥିବା ଆଦିବାସୀ ସଂଗ୍ରାମୀଙ୍କ ବୀରତ୍ୱର କାହାଣୀକୁ ବର୍ତ୍ତମାନ ଇତିହାସରେ ଯୋଡ଼ାଯାଇଛି। ସେମାନଙ୍କ ମଧ୍ୟରେ ଓଡ଼ିଶାର ରେଣ୍ଡୋ ମାଝି, ଚକରା ବିଶୋୟୀ ଓ ଲକ୍ଷ୍ମଣ ନାଏକ ରହିଥିବାବେଳେ ଅନ୍ୟ ରାଜ୍ୟରୁ ତିଲକା ମାଝି, ଥାଲାକ୍କାଲ ଚାଣ୍ଡୁ, ବୁଧୁ ଭଗତ, ତିରୋଟ ସିଂହ, ରାଘୋଜୀ ଭାଙ୍ଗ୍ରୀ, ସିଦ୍ଧୁ ମୁର୍ମୁ ଓ କାହ୍ନୁ ମୁର୍ମୁ, ନୀଳାମ୍ବର ଓ ପୀତାମ୍ବର, ରାମ୍‌ଜୀ ଗଣ୍ଡ, ତେଲେଙ୍ଗା ଖଡ଼ିଆ, ତାନ୍ତ୍ୟା ଭୀଲ, ମେଜର ପାଓନା ବ୍ରଜବାସୀ, ବିର୍ସା ମୁଣ୍ଡା, ମତମୁର ଜାମୋହ, ତାନା ଭଗତ, ମାଲତୀ ମେମ୍, ହେଲେନ ଲେପଚା ଏବଂ ପୁଲିମାୟା ଦେବୀପୋଦାର ଅଛନ୍ତି।




# ୧୭ ବର୍ଷରୁ ଭୋଟର ତାଲିକା ପଞ୍ଜୀକରଣ ଲାଗି କରିହେବ ଆବେଦନ

ଭୁବନେଶ୍ୱର, ୫।୮(ବ୍ୟୁରୋ)


ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନିଙ୍କ ଅଧ୍ୟକ୍ଷତାରେ ସମସ୍ତ ଇଆର୍ଓ ତଥା ଉପଜିଲାପାଳମାନଙ୍କୁ ନେଇ ଶୁକ୍ରବାର ଭୁବନେଶ୍ୱର ସ୍ଥିତ ମଧୁସୂଦନ ଏକାଡେମୀଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଲୋକ ପ୍ରତିନିଧି ଆଇନ-୧୯୫୦ ଏବଂ ନିର୍ବାଚନ ପଞ୍ଜୀକରଣ ଆଇନ-୧୯୬୦ରେ କେତେକ ସଂଶୋଧନ କରାଯାଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ଉପସ୍ଥିତ ଅଧିକାରୀଙ୍କୁ ସୂଚନା ଦେଇଛନ୍ତି । ଭୋଟର ତାଲିକା ସହ ଆଧାର ସଂଯୋଗୀକରଣ ପାଇଁ ଜଣେ ଘରେ ରହି ଗୁଗଲ ପ୍ଲେ-ଷ୍ଟୋରରୁ ନିଜ ମୋବାଇଲରେ ଏନ୍‌ଭିଏସ୍‌ପି.ଇନ୍ କିମ୍ବା ଭୋଟର ହେଲ୍‌ପଲାଇନ ଡାଉନ୍‌ଲୋଡ୍ କରି ଆଧାର ସଂଯୋଗୀକରଣ କାର୍ଯ୍ୟ କରିପାରିବେ। ବାର୍ଷିକ ଚିଠା ଭୋଟର ତାଲିକା ପ୍ରକାଶନ ଆସନ୍ତା ନଭେମ୍ବର ୯ରୁ ଡିସେମ୍ବର ୮ ମଧ୍ୟରେ କରିହେବ। ଏହାପରଠାରୁ ଯେଉଁ ନାଗରିକଙ୍କ ବୟସ ୧୭ ବର୍ଷ ପୂରଣ ହେଇଥିବ ସେମାନେ ଭୋଟର ତାଲିକାରେ ନିଜ ନାମ ପଞ୍ଜୀକରଣ ନିମନ୍ତେ ଆଗୁଆ ଆବେଦନ କରିପାରିବେ। ପରବର୍ତ୍ତୀ ଯୋଗ୍ୟତାସୂଚକ ତାରିଖରେ ତାଙ୍କୁ ୧୮ ବର୍ଷ ପୂରଣ ହେଲେ ସେମାନଙ୍କ ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଯିବ। ୨୦୨୩ରେ ଥିବା ଯୋଗ୍ୟତାସୂଚକ ତାରିଖ ସୁଦ୍ଧା ୧୮ ବର୍ଷ ପୂରଣ ହେବାକୁ ଥିବା ଭୋଟରଙ୍କୁ ଆଗୁଆ ନାମ ପଞ୍ଜୀକରଣ ନିମନ୍ତେ ଆବେଦନ କରିବା ସକାଶେ ଉତ୍ସାହିତ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଉପସ୍ଥିତ ଥିବା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।


୧୧ତମ ଜନ୍ମବାର୍ଷିକ ଶୁଭେଚ୍ଛା



ପ୍ରଜ୍ଞା ପରିମୀତା ବନ୍ଛୁର
ବାପା: କୃଷ୍ଣଚନ୍ଦ୍ର ବନ୍ଛୁର
ମାଆ: ଦୀପିକା ସୁନାନୀ
ବାରଗାଡ଼, ସୁନ୍ଦରଗଡ଼
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: ବାପା, ମାଆଁ, ଅଜା, ଆଈ, ଦଦା, ଦାଦୀ, ବଡ଼ମା, ବଡ଼ବାପା, କାକା, କାକୀ, ମାମା, ମାମି, ସମୀର, ଅମୀର, ଲେଖିକା, ନୀହାରିକା, ଉମାକାନ୍ତ, ପ୍ରୟାସ, ପାୟଲ, ପୁନମ, ବଦ୍ରିନାଥ ଓ ବନ୍ଛୁର ପରିବାରବର୍ଗ ।
ଧ-୧୧୯୯

ଜନ୍ମଦିନ ଶୁଭେଚ୍ଛା।



ରାଧାକ୍ରିଷ୍ଣ ଦାଶ
ଖୋଡାସିଙ୍ଗି, ବ୍ରହ୍ମପୁର, ପୋଲସରା, ଗଞ୍ଜାମ
ଆଜିର ଏ ଶୁଭ ଜନ୍ମଦିନ ଅବସରରେ ଏତିକି କାମନା ଏବଂ ପ୍ରାର୍ଥନା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଆମ ପୂଜ୍ୟ ବାବା ଦୀର୍ଘାୟୁ ନୀରୋଗୀ ଏବଂ ସୁସର୍ବଦା ଖୁସି ରୁହନ୍ତୁ।
Thank you for being such a loving Father, you're the best!
Happy Birthday Baba
Yours Loving Family.
D-1189


# 'ଓଡ଼ିଶା ମୋ ପରିବାର'ର ରାଜ୍ୟ ସଂଯୋଜକ ମିହିର ରାୟ

**ଭୁବନେଶ୍ୱର,୫।୮(ବ୍ୟୁରୋ):** ନିକଟରେ ବିଜୁ ଜନତା ଦଳରେ ଯୋଗ ଦେଇଥିବା ଯୁବ ସମାଜସେବୀ ମିହିର ରାୟଙ୍କୁ 'ଓଡ଼ିଶା ମୋ ପରିବାର'ର ନୂତନ ରାଜ୍ୟ ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ 'ଓଡ଼ିଶା ମୋ ପରିବାର'ର ଆବାହକ ଅରୂପ ପଟ୍ଟନାୟକ ରାୟଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ରାୟ ପ୍ରାୟ ୨୫ ବର୍ଷ ଧରି 'ଟାଇମ୍ସ ଅଫ୍ ଇଣ୍ଡିଆ' ଓ 'ଏସିଆନ ଏଜ୍' ଭଳି ପ୍ରମୁଖ ଇଂରାଜୀ ଖବରକାଗଜର ପଶ୍ଚିମ ଓଡ଼ିଶା ପ୍ରତିନିଧି ଭାବେ କାର୍ଯ୍ୟ କରିବା ସହ ରାଉରକେଲାର ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ କ୍ରୀଡ଼ା ସଂଗଠନ ସହ ସଂଯୁକ୍ତ ରହି ନିଜକୁ ସକ୍ରିୟ ଭାବେ ସମାଜସେବାରେ ନିୟୋଜିତ କରିଥିଲେ। ଏବେ 'ଓଡ଼ିଶା ମୋ ପରିବାର' ଭଳି ରାଜ୍ୟର ସର୍ବବୃହତ୍ ସ୍ୱେଚ୍ଛାସେବୀ ସଙ୍ଗଠନରେ କାର୍ଯ୍ୟ କରିବାର ସୁଯୋଗ ମିଳିଥିବାରୁ ମିହିର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ 'ଓଡ଼ିଶା ମୋ ପରିବାର'ର ଆବାହକ ଅରୂପ ପଟ୍ଟନାୟକଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି।

# ପାରିବାରିକ କଳହରୁ ବାପାଙ୍କୁ ହତ୍ୟା

## ପିତୃହନ୍ତା ପୁଅ ଗିରଫ, ଫିନାଇଲ ପିଇ ବୋହୂ ଗୁରୁତର

ଝାରସୁଗୁଡ଼ା ଅଫିସ,୫।୮



ଗିରଫ ଦିଲୀପ।

ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ଅନ୍ତର୍ଗତ ବାଞ୍ଜିପାଲି ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହରୁ ବୃଦ୍ଧ ବାପାଙ୍କୁ ପୁଅ ହତ୍ୟା କରିଛନ୍ତି। ହତ୍ୟାର ଶିକାର ହୋଇଥିବା ବ୍ୟକ୍ତି ହେଲେ କାର୍ତ୍ତିକ ଗିରି(୬୫)। କାର୍ତ୍ତିକଙ୍କ ସ୍ତ୍ରୀ ଗୀତା ରେଙ୍ଗାଲି ଥାନାରେ ପୁଅ ନାମରେ ହତ୍ୟା ଅଭିଯୋଗ ଆଣିଛନ୍ତି। ପୋଲିସ ଆଇପିସି ଦଫା ୩୦୨ରେ ଏକ ମାମଲା (ନଂ୧୩୭/୨୨) ରୁଜୁ କରିଛି। ତଦନ୍ତ ପରେ ପୋଲିସ ପିତୃହନ୍ତା ପୁଅ ଦିଲୀପ ଗିରି(୪୦)ଙ୍କୁ ତାଙ୍କ ଘରୁ ଗିରଫ କରିଛି। ଘଟଣାକୁ ନେଇ କାର୍ତ୍ତିକଙ୍କ ବୋହୂ ନିଲମ ଫିନାଇଲ୍ ପିଇ ଗୁରୁତର ହୋଇଛନ୍ତି। ତାଙ୍କୁ ବେଲପାହାଡ଼ସ୍ଥିତ ଟାଟା କ୍ରୋସାକୀ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଦିଲୀପ ମଦପିଇ ସ୍ତ୍ରୀ ନିଲମଙ୍କ ସହିତ ଝଗଡା କରନ୍ତି। ଗୁରୁବାର ରାତିରେ ଘରେ କଳହ ହେବାରୁ ଏଥିରେ ମ୍ରିୟମାଣ ହୋଇ ନିଲମ ଫିନାଇଲ୍ ପି ଇ ଦେଇଥିଲେ। ଏଥିପାଇଁ କାର୍ତ୍ତିକ ପୁଅକୁ ଦାୟୀ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ପୁଅ ଦିଲୀପ ଘରେ ଥିବା ଏକ ଫୁଲକୁଣ୍ଡ ଉଠାଇ ବାପାଙ୍କ ଉପରେ କଚାଡି ଦେଇଥିଲେ। ବାପା ଆହତ ହୋଇ ତଳେ ପଡିଯିବା ପରେ ଛାତି ଉପରେ ଚଢି ନାଚିଥିଲେ। ଗୁରୁତର ଅବସ୍ଥାରେ କାର୍ତ୍ତିକଙ୍କୁ ପରିବାର ଲୋକେ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ପରୀକ୍ଷା କରି ତାଙ୍କୁ ମୃତ ଘୋଷଣା କରିଥିଲେ।



ମନେ ପଡ଼ନ୍ତି
ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ବିଜୟ ଲକ୍ଷ୍ମୀ ମହାନ୍ତି
ସଂଗ୍ରାମ କ୍ଲବ୍ ଲେନ୍, ବଡ଼ଶଙ୍ଖ, ପୁରୀ
ଆବିର୍ଭାବ: ୦୧।୦୨।୧୯୮୧
ତିରୋଧାନ: ୨୭।୦୭।୨୦୨୨
ମୋ ଆଦରର ମମି! ଅଧବାଟରେ ମତେ ଠକିଦେଇ ଚାଲିଗଲା ତମର ଅକାଳ ବିୟୋଗରେ ଆମେ ମର୍ମାହତ। ତମର ସ୍ନେହ, ଶ୍ରଦ୍ଧା ଓ ଆଦର୍ଶ ଆମର ପାଥେୟ ହେଉ।
ଇତି: ତମର ଅଲିଅଳି ଝିଅ କ୍ରିଷ୍ଣା
ଧ-୧୧୮୬

CLASSIFIED DISPLAY
MORE SPACE • SAME PRICE
TARIFF GST 5%

India's No.1 Company
ପ୍ରଥମ ଥର ଓଡିଶାରେ ଏମିତି ଅଫର୍
ନିଜର ଖାଲିଥିବା ଜମି ଓ ଛାତ Plot ରେ ଟ୍ୱାଓର 4G/5G ବସାଇ ଅଗ୍ରୀମ 80,000,00/- ପାଆନ୍ତୁ ଓ ମାସକୁ ଭଡା 80,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ



Belaundi, Amarpura, Kaimur, Bihar - 821109
Call or SMS
7735130553


# ପାଣି ଉଠିବ, ନଦୀ ଶୁଖିବ

## ୧୨ ସ୍ଲରି ପାଇପ୍ ଲାଇନ୍ ପ୍ରକଳ୍ପକୁ ମଞ୍ଜୁରୀ ପ୍ରସଙ୍ଗ

## ରାଜ୍ୟପାଳଙ୍କୁ ଦାବିପତ୍ର ଦେଲା ନଦୀ ସୁରକ୍ଷା ସମିତି

ଯାଜପୁର ଅଫିସ,୫।୮



ରାଜ୍ୟର ସିଙ୍ଗଲ ୱିଣ୍ଡୋ କ୍ଲିଏରାନ୍ସ ସିଷ୍ଟମ୍ (ଏସ୍‌ଡବ୍ଲ୍ୟୁସିଏସ୍) ମାଧ୍ୟମରେ ଶିଳ୍ପ ସଂସ୍ଥା ଦ୍ୱାରା ସ୍ଲରି ପାଇପ ଲାଇନ ଯୋଗେ ଖଣିଜ ପଦାର୍ଥ ପରିବହନ ପାଇଁ ୧୨ଟି ପ୍ରକଳ୍ପକୁ ଅନୁମୋଦନ ଦିଆଯାଇଛି। ଏହିସବୁ ପ୍ରକଳ୍ପରେ ୭,୮୮୬ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ବୈତରଣୀ ନଦୀରୁ ୫ ପ୍ରକଳ୍ପ, ବ୍ରାହ୍ମଣୀ ଓ ଅରଡେଇ ନଦୀରୁ ଗୋଟିଏ ଲେଖାଏ ପ୍ରକଳ୍ପ ଏବଂ ଅନ୍ୟ ୫ଟି ପ୍ରକଳ୍ପ ପାଇଁ ଜଳ ଉତ୍ସ ନିର୍ଦ୍ଧାରଣ ହୋଇ ନ ଥିବା ଜଣାପଡିଛି। ପ୍ରକଳ୍ପଗୁଡ଼ିକ ପାଇଁ ୧୧୦.୪୬ ଘନମିଟରରୁ ଊର୍ଦ୍ଧ୍ୱ ପରିମାଣର ପାଣି ଆବଶ୍ୟକ। ଏଭଳି ସ୍ଥିତିରେ ଖରାଦିନେ ବୈତରଣୀ ସହ ଅନ୍ୟାନ୍ୟ ନଦୀ ଶୁଷ୍କ ହେବା ନିଶ୍ଚିତ ବୋଲି ନଦୀ ସୁରକ୍ଷା ସମିତି ହୃଦୟଙ୍ଗମ କରିଛି। ଏହି ମର୍ମରେ ଗତ ୧ ତାରିଖରେ ସମିତି ପକ୍ଷରୁ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ମଧ ପ୍ରଦାନ କରାଯାଇଛି। ନିଯୁକ୍ତି ପ୍ରଲୋଭନ ପରବର୍ତ୍ତୀ ସମୟରେ ସ୍ଥାନୀୟ ବେକାର ଯୁବତୀଯୁବକଙ୍କୁ ହତାଶ କରୁଥିବାରୁ ଉପରୋକ୍ତ ପ୍ରତିଶ୍ରୁତି ଧୂଆଁବାଣ ବୋଲି ସାଧାରଣରେ ଆଲୋଚନା ହେଉଛି। ଅନ୍ୟପକ୍ଷରେ ଆଖପାଖ ଅଞ୍ଚଳର ୧ ଲକ୍ଷରୁ ଊର୍ଦ୍ଧ୍ୱ ଟ୍ରକ ମାଲିକ ଓ କର୍ମଚାରୀ ସ୍ଲରି ପାଇପ୍‌ଲାଇନ୍ ଯୋଗୁ କ୍ଷତିଗ୍ରସ୍ତ ହେବେ ବୋଲି ଅଭିଯୋଗ ହେଉଛି।

ସଦ୍ୟ ସମାପ୍ତ ବିଧାନସଭା ଅଧିବେଶନରେ ବିଧାୟକ ମୋହନ ଚରଣ ମାଝିଙ୍କ ଏକ ପ୍ରଶ୍ନର ଉତ୍ତରରେ ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ ଦେଇଥିବା ଉତ୍ତର ଅନୁସାରେ ଜାତୀୟ ରାଜପଥ ପ୍ରାଧିକରଣ, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ବିକାଶ ବିଭାଗ, ଜଳ ସମ୍ପଦ ବିଭାଗ, ଭାରତୀୟ ରେଲୱେଠାରୁ ୧୨ଟି ସ୍ଲରି ପାଇପ ଲାଇନ କାର୍ଯ୍ୟକାରୀ କରିବାକୁ ଅନୁମତି ମିଳିଛି। ଏଥିରେ ଏସାର ଷ୍ଟିଲ ଓଡିଶା ବଡବିଲ-ପାରାଦୀପ ପର୍ଯ୍ୟନ୍ତ ସ୍ଲରି ପାଇପ ଲାଇନ ନିର୍ମାଣ ଚାଲିଛି। ଏହି ପ୍ରକଳ୍ପରେ ୧୦,୭୨୪ କୋଟି ଟଙ୍କାର ବିନିଯୋଗ ହେଉଥିବାବେଳେ ୩୧୮୮ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏଥିପାଇଁ ବୈତରଣୀ ନଦୀରୁ ସେକେଣ୍ଡ ପ୍ରତି ୧୧.୭୭ ଘନମିଟର ପାଣି ବ୍ୟବହାର ହେବ। ବ୍ରାହ୍ମଣୀ ରିଭର୍ସ ପେଲେଟ୍ ଲିଃ ବଡବିଲ-ଢୁବୁରୀ ପର୍ଯ୍ୟନ୍ତ ସ୍ଲରି ପାଇପ ଲାଇନ ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହୋଇ ସାରିଛି। ଏଥିପାଇଁ ବୈତରଣୀ ନଦୀରୁ ୪.୭୦ ଘନମିଟର ପାଣି ବ୍ୟବହାର ହେଉଛି। ଏଥିରେ ୧,୪୮୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିବାବେଳ ୧୧୨୨ ଜଣ ନିଯୁକ୍ତି ପାଇଛନ୍ତି ବୋଲି ରିପୋର୍ଟରେ ଦର୍ଶାଯାଇଛି। ହେଲେ ବାସ୍ତବରେ ଏହି ନିଯୁକ୍ତି ସଂଖ୍ୟା ଉପରେ ତଦନ୍ତ କରାଯିବାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଛି। ସେହିପରି ଯୋଡ଼ା-କୋଇଡ଼ା ପର୍ଯ୍ୟନ୍ତ ସ୍ଲରି ପାଇପ୍‌ଲାଇନରେ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଲିଃ ବୈତରଣୀରୁ ୩୯ ଘନମିଟର ପାଣି ନେବାକୁ ଯୋଜନା ଥିବାବେଳେ ଏଥିରେ ୩୫୦ ଜଣ ନିଯୁକ୍ତି ପାଇବେ। ତ୍ରିବେଣୀ ଆର୍ଥ ମୁଭର୍ସ ପ୍ରାଇଭେଟ ଲିଃ କେନ୍ଦୁଝର-ପାରାଦୀପ ପର୍ଯ୍ୟନ୍ତ ବୈତରଣୀରୁ ୨୮ ଘନମିଟର ପାଣି ନେଉଥିବାବେଳେ ୨୧୭ ଜଣ ନିଯୁକ୍ତି ପାଇବେ, ସୁନ୍ଦରଗଡ଼ ଜିଲା ରୁଙ୍ଗଟା ମାଇନ୍ସ ଲିଃ ବ୍ରାହ୍ମଣୀ ନଦୀରୁ ୧୮.୭୦ ଘନମିଟର ପାଣି ନେବ ଏବଂ ୭୨ ଜଣ ନିଯୁକ୍ତି ଦେବ, ଏସାର୍ ମିନମେଣ୍ଟ ଲିଃ ଧନୁର୍ଯ୍ୟପୁର-ପାରାଦୀପ ପର୍ଯ୍ୟନ୍ତ ବୈତରଣୀରୁ ୭.୧୬ ଘନମିଟର ପାଣି ନେବ ଏବଂ ୧୪୬୮ ଜଣଙ୍କୁ ନିଯୁକ୍ତି ସୁଯୋଗ ଦେବ, ଏମ୍‌ଏସ୍‌ପି ସ୍ପଞ୍ଜ ଆଇରନ ଅରଡେଇ ନଦୀରୁ ୧.୧୩ ଘନମିଟର ପାଣି ନେଇ ୭୬୦ ଜଣ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷେ ବଂଶପାଳ ଅରଡେଣ୍ଟ ଷ୍ଟିଲ ଲିଃ, କୋଇଡା ଏନର୍ଭାକେୟାର ଇନ୍‌ଫ୍ରା ସଲ୍ୟୁସନ ପ୍ରା.ଲି., ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିଃ, ଭୂଷଣ ଷ୍ଟିଲ ଲିଃ ଏବଂ ଜିଭି ମାଇନ୍ସ ମିନେରାଲ୍ସ ଆଣ୍ଡ ମେଟାଲ ପ୍ରା.ଲି, କେଉଁ ନଦୀରୁ କେତେ ପାଣି ନେବ ତାହା ଏଯାଏ ନିର୍ଦ୍ଧାରଣ ହୋଇନାହିଁ। ସ୍ଲରି ପାଇପଲାଇନରେ ବ୍ୟବହାର ହେଉଥିବା ଜଳ ଉପରେ ରାଜସ୍ୱ ଆଦାୟ କରିବାକୁ ନୀତି ନିର୍ଦ୍ଧାରଣ ପାଇଁ ଜଳସମ୍ପଦ ବିଭାଗକୁ ନିର୍ଦ୍ଦେଶ ହୋଇଛି। ଏହାବାଦ୍ ୩୪ ଇଞ୍ଚ ବ୍ୟାସ ପରିମିତ ଏହି ସ୍ଲରି ପାଇପ୍ ଲାଇନ କେନ୍ଦୁଝର, ଯାଜପୁର, କଟକ, କେନ୍ଦ୍ରାପଡ଼ା, କଟକ ଓ ଜଗତ୍‌ସିଂହପୁର ଜିଲାର ୭.୪୫୦ କି.ମି. ନଦୀ, କେନାଲ, ନାଳ, ଡ୍ରେନ ଅତିକ୍ରମ କରିବ। ଏହାସହ ପ୍ରାୟ ୭୦ କି.ମି. ସଂରକ୍ଷିତ ଜଙ୍ଗଲ, ୩୦ କି.ମି. ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଓ ୨୦ କି.ମି. ଅନ୍ୟାନ୍ୟ ଜଙ୍ଗଲ ଦେଇଯାଉଥିବା କୁହାଯାଉଛି । ତେବେ ଏଥିପାଇଁ ନଦୀଗୁଡ଼ିକ ଶୁଷ୍କ ଓ ପ୍ରଦୂଷିତ ହେଉଛି ବୋଲି ନଦୀ ସୁରକ୍ଷା ସମିତି ଅଭିଯୋଗରେ ଦର୍ଶାଇଛନ୍ତି। ତେଣୁ ନଦୀଗୁଡ଼ିକର ସୁରକ୍ଷା କରିବାକୁ ସେମାନେ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ହିନ୍ଦୀ କବି ଲୋଚନଙ୍କ ଓଡ଼ିଆ କାବ୍ୟ 'ମହାନଦୀ'

## ଅତୀତର ବହି



ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ


ଲୋଚନ ପ୍ରସାଦ ଜଣେ ବହୁମୁଖୀ ଲେଖକ। ସେ ହିନ୍ଦୀ, ଇଂରାଜୀ, ବଙ୍ଗଳା ସହିତ ଓଡ଼ିଆରେ ବି ଲେଖିଛନ୍ତି। ତାଙ୍କର ହିନ୍ଦୀ ରଚନା ମଧ୍ୟରେ ଦୌମିତ୍ର (ଉପନ୍ୟାସ-୧୯୦୬), ବାଳିକା ବିନୋଦ (କବିତା) ଦିଲ୍‌ବହଲାନେ କି ଦବା, ବ୍ୟଭିଚାର ବିଭୀଷିକା, ଛତ୍ର ଦୁର୍ଦ୍ଦଶା (ନାଟକ), ମେବାଡଗାଥା (ଖଣ୍ଡକାବ୍ୟ) ପ୍ରେମ ପ୍ରଶଂସା (ନାଟକ), ଜୀବନ ଜ୍ୟୋତି, ମାଧବମଞ୍ଜରୀ ପଦ୍ୟ ପୁଷ୍ପାଞ୍ଜଳି ପ୍ରମୁଖ ପ୍ରଧାନ। ୧୯୧୦ରେ ସେ ହିନ୍ଦୀ କବିତାର ଏକ ପ୍ରତିନିଧି ସ୍ଥାନୀୟ ସଂକଳନ 'କବିତ୍ୱ କୁସୁମ ମାଳା' ପ୍ରକାଶ କରିଥିଲେ। ଇଂରାଜୀ ରଚନା ମଧ୍ୟରେ Letters to my brother, The way to be happy and gay, Radhanath the National poet of Orissa, Lochan's well known man ପ୍ରମୁଖ ପ୍ରଧାନ।


ବିଂଶ ଶତାବ୍ଦୀର ପ୍ରଥମ ଭାଗରେ ଯେତେବେଳେ ସମ୍ବଲପୁର ଅଞ୍ଚଳରେ ହିନ୍ଦୀ ଭାଷା ଓଡ଼ିଆ ଭାଷାକୁ କବଳିତ କରିବାକୁ ବସିଥିଲା, ଠିକ୍ ସେତିକିବେଳେ ନାରାୟଣ ନନ୍ଦ (ପଣ୍ଡିତ ଚିନ୍ତାମଣି ନନ୍ଦଙ୍କ ନାତି) ନିଜର ସହପାଠୀ ଲୋଚନ ପ୍ରସାଦଙ୍କୁ କହିଥିଲେ- "ତୁମେ ହିନ୍ଦୀଭାଷୀ ଲୋକ ଓଡ଼ିଆ ଭାଷାର ପ୍ରାଚୀନତ୍ୱକୁ ନା ସ୍ୱୀକାର କରୁଛ ନା ଓଡ଼ିଆ ସାହିତ୍ୟକୁ ସମ୍ମାନ ଦେଉଛ।" ଏମିତି ଏକ ସାରସ୍ୱତ ଆକ୍ଷେପ ପାଣ୍ଡେୟଙ୍କୁ ଓଡ଼ିଆ ଭାଷା ପ୍ରୀତିର ନିଦର୍ଶନ ପ୍ରକାଶ ପାଇଁ ଅନୁପ୍ରେରିତ କରିଥିଲା।

ପାଣ୍ଡେୟ ପ୍ରଥମ ହିନ୍ଦୀ ଲେଖକ, ଯିଏ ଓଡ଼ିଆ ସାହିତ୍ୟର କୃତିତ୍ୱକୁ ହିନ୍ଦୀ ପତ୍ରପତ୍ରିକାରେ ଆଲୋଚନା କରିଥିଲେ। ରାଧାନାଥ, ଫକୀରମୋହନ, ଗଙ୍ଗାଧର, ମଧୁସୂଦନ, ନନ୍ଦକିଶୋର, ସଚ୍ଚିଦାନନ୍ଦଦେବଙ୍କ ସାରସ୍ୱତ କୃତିର ନିଷ୍କପଟ ଆଲୋଚନା ସେ ହିନ୍ଦୀ ଭାଷାରେ କରିଥିଲେ। ସେ ପ୍ରଥମ ବ୍ୟକ୍ତି ଯିଏ 'ଦାଣ୍ଡି ରାମାୟଣ'ର ଏକ ପ୍ରାମାଣିକ ଆଲୋଚନା ହିନ୍ଦୀ ପତ୍ରିକା 'କଲ୍ୟାଣ' (୧୯୩୦)ରେ ଲେଖିଥିଲେ। ଲୋଚନଙ୍କ ପ୍ରୋତ୍ସାହନରେ ତାଙ୍କର ଦୁଇ ଅନୁଜ ମୁକୁଟଧର ଓ ମୁରଲୀଧର ଫକୀରମୋହନଙ୍କ ମାମୁଁ ଓ ଲଛମା, ଦୀନବନ୍ଧୁ ଗଡ଼ନାୟକଙ୍କ 'ପରିଶ୍ରମ' ଓ ଡାକ୍ତର ଜନାର୍ଦ୍ଦନ ପୂଜାରୀଙ୍କ 'ସୁନାବୋହୂ'ର ହିନ୍ଦୀ ଅନୁବାଦ କରିଥିଲେ। ଲୋଚନ ପ୍ରସାଦ ରାଧାନାଥଙ୍କ 'କେଦାର ଗୌରୀ' ଓ ଗଙ୍ଗାଧରଙ୍କ 'ତପସ୍ୱିନୀ'ର ହିନ୍ଦୀ ଅନୁବାଦ କରିଛନ୍ତି।

ଲୋଚନ ପ୍ରସାଦଙ୍କ ଅନେକ ରଚନା ସମ୍ବଲପୁର ହିତୈଷିଣୀ, ଉତ୍କଳସାହିତ୍ୟ, ଗଡ଼ଜାତ ବାସିନୀ, ମୁକୁର, ସହକାର, ପ୍ରଭୃତି ପତ୍ରପତ୍ରିକାରେ ପ୍ରକାଶିତ। ଓଡ଼ିଆରେ ସେ କବିତା କୁସୁମ (କବିତା ସଂକଳନ-୧୯୦୭), ମହାନଦୀ (କାବ୍ୟ-୧୯୧୫), ପଲାସୀଯୁଦ୍ଧ, ସତ୍ୟହରିଶ୍ଚନ୍ଦ୍ର, ସୀତା ବନବାସ କାବ୍ୟ ରଚନା କରିଥିଲେ। ତାଙ୍କର ଅନେକ ବିକ୍ଷିପ୍ତ ଓଡ଼ିଆ କବିତା ବିଭିନ୍ନ ପତ୍ରପତ୍ରିକାରେ ଲୋକଚକ୍ଷୁର

**ହିନ୍ଦୀ ସାହିତ୍ୟର କୃତବିଦ୍ୟ ସାଧକ ଲୋଚନ ପ୍ରସାଦ ପାଣ୍ଡେୟଙ୍କ ଜନ୍ମ ଛତିଶଗଡ଼ ବିଲାସପୁରର ବାଲପୁରରେ, ୪ ଜାନୁୟାରୀ ୧୮୮୭ରେ ଓ ପରଲୋକ ୧୮ ନଭେମ୍ବର ୧୯୫୯ରେ। ୧୯୦୨ରେ ସେ ସମ୍ବଲପୁର ହାଇସ୍କୁଲରୁ ମିଡିଲ ସ୍କୁଲ୍ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପାସ୍ ଓ ଜିଲାରେ ପ୍ରଥମ ସ୍ଥାନ ଅଧିକାର। ୧୯୦୫ରେ କଲିକତା ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷାରେ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ। ୧୯୧୧ରେ ରାୟଗଡ଼ର ନଟବର ଉଚ୍ଚବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ ନିଯୁକ୍ତି। ପରେ ପ୍ରଶାସନ ଓ ବିଚାର ବ୍ୟବସ୍ଥାରେ କାର୍ଯ୍ୟକରି ଅବସର ଗ୍ରହଣ।**






ଅନ୍ତରାଳରେ ରହିଯାଇଛି। ହିନ୍ଦୀଭାଷୀ ଏହି କବିଙ୍କର ଓଡ଼ିଆ ଭାଷାପ୍ରୀତିରେ ମୁଗ୍ଧ ହୋଇ ୧୦ ଜୁଲାଇ ୧୯୧୧ରେ ବାମଣ୍ଡା ରାଜା ସଚ୍ଚିଦାନନ୍ଦ ଦେବ ତାଙ୍କୁ 'କାବ୍ୟ ବିନୋଦ' ଉପାଧି ପ୍ରଦାନ କରିଥିଲେ। ୧୯୪୮ରେ ଅନୁଷ୍ଠିତ ଅଖିଳ ଭାରତୀୟ ହିନ୍ଦୀ ସାହିତ୍ୟ ସମ୍ମେଳନର ମିରଟ ଅଧିବେଶନରେ ତାଙ୍କୁ 'ସାହିତ୍ୟ ବାଚସ୍ପତି' ଉପାଧି ଦିଆଯାଇଥିଲା। ଉତ୍କଳ ସାହିତ୍ୟ(୧୩/୮) ୧୯୧୦ରେ ପ୍ରକାଶିତ 'ଭାରତ ବନ୍ଦନ' କବିତା ତାଙ୍କ ଜାତିପ୍ରେମର ଅମର ସ୍ୱାକ୍ଷର।

ଲୋଚନଙ୍କ 'ମହାନଦୀ' କାବ୍ୟ 'ସମ୍ବଲପୁର ହିତୈଷିଣୀ' ପତ୍ରିକାରେ ୧୯୧୨ରେ ଧାରାବାହିକ ପ୍ରକାଶପାଇଛି। ଏବଂ ୧୯୧୫ରେ ବାମଣ୍ଡା ହିତୈଷିଣୀ ପ୍ରେସ୍‌ରେ ଏହା ପୁସ୍ତକାକାରରେ ମୁଦ୍ରିତ। ରାଧାନାଥଙ୍କ ଚିଲିକା (୧୮୯୧) ଏବଂ ସୁଭଳଦେବଙ୍କ 'ଚିତ୍ରୋତ୍ପଳା'(୧୮୯୨) କାବ୍ୟ ଦ୍ୱାରା ଅନୁପ୍ରାଣିତ ହୋଇ ପାଣ୍ଡେୟ ଏହି କାବ୍ୟଟି ରଚନା କରିଥିଲେ। ଏଥିରେ 'ମହାନଦୀ'ର ସୃଷ୍ଟିସ୍ଥଳରୁ ସଂଗମସ୍ଥଳ ପର୍ଯ୍ୟନ୍ତ ପ୍ରାକୃତିକ, ଐତିହାସିକ ବର୍ଣ୍ଣନା ରହିଛି। ଯଥା: "ଛତିଶଗଡ଼ରେ ତୁହି ହୋଇ ଜାତ/ ଉତ୍କଳ ଧରାକୁ କଲୁ ତ ସଂଘାତ।" ମହାନଦୀ ତୀରବର୍ତ୍ତୀ ଗଡ଼ଜାତସମୂହର ମହିମା, ତୀର୍ଥସ୍ଥଳର ମହାନତା ଏଥିରେ ବର୍ଣ୍ଣିତ। 'ମହାନଦୀ' ବର୍ଣ୍ଣନାରେ କୃପଣ ରାଧାନାଥଙ୍କୁ ଲକ୍ଷ୍ୟକରି କବି କହିଛନ୍ତି-

"କ୍ଷୁଦ୍ର ସିପ୍ରା ସ୍ରୋତ ବିଖ୍ୟାତ ଜଗତେ/ ମହାନଦୀ ନାମ ରହିଲା ଗୁପତେ।/ 'ଚିଲିକା'ର କବି ଅମର ଅକ୍ଷରେ/ ନ ଚିତ୍ରି ତୋ ଚିତ୍ର ସାହିତ୍ୟ ପଟରେ/ କି ଭାବି ତୋ ପାଇଁ ଦୁଇ ଧାଡ଼ି ମାତ୍ର/ ଲେଖିଲେ, (ଆଶ୍ଚର୍ଯ୍ୟେ ଅସ୍ଥିର ମୋ ଗାତ୍ର)/ ଶୁଣି ସେ କ୍ରନ୍ଦନ ରାଜର୍ଷି ସୁକବି/ କୌଶଳେ ଚିତ୍ରିଲେ 'ଚିତ୍ରୋତ୍ପଳା' ଛବି।"

ମହାନଦୀକୁ ନେଇ ଯେଉଁ କେତୋଟି କାବ୍ୟ ଓଡ଼ିଆରେ ରଚିତ, ସେ ସବୁରେ ଓଡ଼ିଶାର ସ୍ଥାନଗୁଡ଼ିକର ସବିଶେଷ ବର୍ଣ୍ଣନା ଦେଖାଯାଏ। କିନ୍ତୁ ପାଣ୍ଡେୟଙ୍କ ମହାନଦୀରେ ଛତିଶଗଡ଼ ଅଞ୍ଚଳର ବର୍ଣ୍ଣନା ବିଶେଷ ସ୍ଥାନ ପାଇଛି। କବିଙ୍କ ଜନ୍ମସ୍ଥାନ ବିଲାସପୁରଠାରୁ ସମ୍ବଲପୁର ପର୍ଯ୍ୟନ୍ତ ମହାନଦୀର ତୀରବର୍ତ୍ତୀ ଗ୍ରାମ ଓ ବିଦ୍ୱାନ୍ କବିମାନଙ୍କର ଗୁଣଗାନ କରିଛନ୍ତି କବି। ମହାନଦୀ ତୀରରେ ବାସ କରୁଥିବା ପଶୁପକ୍ଷୀଙ୍କ ପ୍ରାକୃତିକ ବର୍ଣ୍ଣନା କାବ୍ୟକୁ ପ୍ରୀତିପଦ କରିଛି।

ଓଡ଼ିଆ ଭାଷା ପ୍ରତି ପାଣ୍ଡେୟଙ୍କ ଆଗ୍ରହ ଓ ଭଲପାଇବା ଉଚ୍ଚକୋଟୀର। ଜଣେ ହିନ୍ଦୀ କବିଙ୍କ ଲେଖନୀରୁ ଓଡ଼ିଆ ଭାଷାରେ 'ମହାନଦୀ' କାବ୍ୟର ସୃଜନ ଅବଶ୍ୟ ସ୍ମରଣୀୟ।

ମୋ: ୯୪୩୭୨୫୬୧୭୬

## କ ବି ତା

### ବିବର୍ଣ୍ଣ ପୃଥିବୀ

ରୋଜାଲିନ ବେହେରା

ମଧ୍ୟାହ୍ନର ଖାଁ ଖାଁରେ
ମୁଁ ବେଶି ତିନ୍ତେ
ମୋ' ଅଜୀର୍ଣ୍ଣ ଅତୀତର
ଅସ୍ତବ୍ୟସ୍ତ ଅନୁତାପରେ
ଆଉ ମୋ' ଗାଢ଼ା ସ୍ୱାଭିମାନର
ମଉଳା ରଙ୍ଗରେ।

ଆଗରେ ବିବାକ ବେଣାପାଟର
ଧୂସରିଆ ଅଭିମାନ
ଏପଟେ କିନ୍ତୁ
ହାତ ବଢ଼େଇ କାନି ଭିଡ଼େ
ମୋ' ଦହଗଞ୍ଜ,
ମୋ' ଜଞ୍ଜାଳପଣ ଏବଂ
ମୋ' ଟାଙ୍ଗରା ଜୀବନର
ଡେଙ୍ଗା ତାଳବଣ।

ସବୁ କିଛି ଆଖିକୁ
ସଜଡ଼ା ସୁନ୍ଦର ଲାଗୁଥିଲେ ବି
ନାଟିକାର ଶେଷଦୃଶ୍ୟ ଭଳି
ଭାଗ୍ୟଟା କିନ୍ତୁ ସତରେ ଅସମ୍ପୂର୍ଣ୍ଣ,
ଠିକ୍ ପାଇବା ହରେଇବାର
ମଧ୍ୟାହ୍ନର।

ତୁଳିକନ୍ଧାର ପାଉଁଶ ତଳୁ
କାଲିର କାଉଲୁ ବାଉଲୁ
ବାଦମାରି ସେମିତି କୁହୁଳୁଥା'ନ୍ତି
ଆଜିର ମାଦକପଣକୁ
ଖତେଇ ହେଇ।

ସାରସ ପକ୍ଷୀର ଡେଣା ନେଇ
ସ୍ୱପ୍ନ ସବୁ ଖୁବ୍ ଉଡ଼େ,
ମାଟି ମଟାଳରେ କିନ୍ତୁ
ଥକା ପାଦ ଲଡ଼ବଡ଼
ଦେହସାରା ଖଇଫୁଟା ମଜରାକୁ
ଘୋଡ଼େଇ ପୋଡ଼େଇ।

ହିଡ଼ ଦାଢ଼ର ଗୟସ ଫୁଲରେ
ପାଖୁଡ଼ାଏ ଖୁସି ବାନ୍ଧୁ ବାନ୍ଧୁ
ଯନ୍ତ୍ରଣାର ଗାଡ଼ିଆଏ କୁହୁଡ଼ି
ବିବର୍ଣ୍ଣ କରିପକାଏ ଚାହୁଁ ଚାହୁଁ
ବିଦାୟୀ ଅରୁଣ ବୋଧ ଦେଇ
ଫେରିଯିବା ବେଳେ
ହୃଦୟଟା ପୁଣି ଛାଏଁ ଛାଏଁ
ରଙ୍ଗିନ୍ ହେଇ ଉଠେ
କୋଉ ଗୋଟେ ନିର୍ଲଜ୍ଜପଣରେ।

ମୋ: ୭୩୭୭୯୩୧୩୮୦

### ସ୍ୱପ୍ନ

ବିନ୍ଦୁସାଗର ଓଝା

ମୁଁ ଦେଖେ ସେଇ ସ୍ୱପ୍ନ
ଯେଉଁ ସ୍ୱପ୍ନରେ ନାହିଁ
ଦେଶ ଦେଶର ସୀମାରେଖା
ଅଛି ଏକାନ୍ତବର୍ତ୍ତିତା
ନାହିଁ ଧର୍ମ-ଅଫିମର ଦୌରାତ୍ମ୍ୟ
ମଣିଷ ମଣିଷର ପୂଜାରୀ
ବାଢ଼ୁଛି ଆଦରର ଅର୍ଘ୍ୟ
ଲିଭିଛି ହୃଦୟ ହୃଦୟର ବ୍ୟବଧାନ।

ଅଛି ସମତ୍ୱ
ନାହିଁ 'ମୋର' ବୋଲି କିଛି
ଯାହା ଅଛି ସଭିଙ୍କର
ହସୁଛି ପ୍ରକୃତି
ଦେଖି ବିଶୁଦ୍ଧତାର ମୂର୍ତ୍ତି
ଶାନ୍ତି ଆଉ ପ୍ରେମର ସଙ୍ଗମ
ଦେଇଛି ଯେଉଁ ଗ୍ରାମକୁ ଜନମ
ସ୍ୱର୍ଗ ସେଇ ଗ୍ରାମର ନାମ
ମୁଁ ଦେଖେ ତାହାରି ସ୍ୱପ୍ନ।

ମୋ: ୭୯୭୮୩୨୯୫୭୯

#### ଗୀତି-କବିତା

### ଘାସଫୁଲର ଗୀତି

ଧନଞ୍ଜୟ ସ୍ୱାଇଁ

ସବୁ କଳା, କଳପନା ତୁମ କାରିଗରି
ସବୁ ସରଜନା ତୁମ ହାତର ଚାତୁରୀ ॥୦॥

ଆଲୁଅରେ ମୁହଁ ଧୋଇ
ଫୁଟିଅଛି ଯେଉଁ କଇଁ
ପାଖୁଡ଼େ ପୁଲକ ଦେଇ
ତୁମେ ତା'ଠି ଭରି
ହେମନ୍ତ ଶିଶିର ନେଇ
ଘାସଫୁଲେ ଦେଲ ଥୋଇ
ପାହାନ୍ତି ରାତିଟି ଯେବେ
ଆସୁଥାଏ ସରି
ସବୁ କଳା, କଳପନା
ତୁମ କାରିଗରି ॥୧॥

ଲୁହ ଓଦା ଆଖିହଳେ
(ସେଠି) ଲାଜର ଭଉଁରି ଖେଳେ
ଅଧାବୁଜା ଶାମୁକାଟି ପରି ଦେଲ ଗଢ଼ି
ଫୁଲେ ଫୁଲେ ରଙ୍ଗ ମାଖି
ତୁମ ତୂଳୀ ଦେଲା ଆଙ୍କି
(ତାକୁ) ଆଦେଶିଲ ସେବିବାକୁ
ଶିରେ ତୁମ ଚଢ଼ି
ସବୁ କଳା, କଳପନା
ତୁମ କାରିଗରି...॥୨॥

ମୋ:୯୪୩୭୦୦୦୬୩୬

## ପୁସ୍ତକ ପରିଚୟ

### ବିଚିତ୍ର ବିବେଚନା




**ଲେଖକ:** ଡ. ବାବାଜୀ ଚରଣ ପଟ୍ଟନାୟକ
**ପ୍ରକାଶକ:** ଅଗ୍ରଦୂତ, କଟକ
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୩୦୦/-

ମୋଟ ୪୪ଟି ବିବେଚନାତ୍ମକ ପ୍ରବନ୍ଧ ଆଲୋଚ୍ୟ ଗ୍ରନ୍ଥରେ ସନ୍ନିବେଶିତ, ଯହିଁର ପ୍ରସଙ୍ଗ ସବୁ ବିଚିତ୍ର। କାହିଁ 'ଦାରୁବ୍ରହ୍ମ' ତ କାହିଁ ଗାନ୍ଧୀଙ୍କ 'ଅରଟ', କାହିଁ 'ରାଷ୍ଟ୍ରୀୟତା' ତ କାହିଁ 'ଖାଦ୍ୟ ବର୍ଣ୍ଣନା'! ଭଞ୍ଜଙ୍କ 'ବୈଦେହୀଶ ବିଳାସ' ବା 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ'ରେ ଥିବା 'ବିଚିତ୍ର' ଓ 'ବିବେଚନ' ଶବ୍ଦର ବ୍ୟଞ୍ଜନା ସହ ପଟ୍ଟନାୟକଙ୍କ 'ବିଚିତ୍ର ବିବେଚନା'ର ସମ୍ବନ୍ଧ ଯଦିଓ କେବଳ ଶବ୍ଦଗତ, ବହିଟିରେ ସ୍ଥାନିତ ପ୍ରବନ୍ଧଗୁଡ଼ିକର ଦୃଷ୍ଟିଗତ ବୈଚିତ୍ର୍ୟ ଓ ସିଦ୍ଧାନ୍ତଗତ ବିଭୂତି କିନ୍ତୁ ପାଠକଙ୍କୁ ବିଭୋର ଓ ଭାବିତ କରିଥାଏ। ସାରଳା ଦାସଙ୍କ 'ମହାଭାରତ'ରେ କୋଣାର୍କ ପ୍ରସଙ୍ଗ ରହିଛି, ମାତ୍ର କୋଣାର୍କ ମନ୍ଦିର କଥା ନାହିଁ କାହିଁକି? 'ମନ୍ଦିର' ଥିଲା ଅଥଚ ଜନ-ଉପେକ୍ଷିତ ଥିବାରୁ 'ମହାଭାରତ'ରେ କବି ମନ୍ଦିର ପ୍ରସଙ୍ଗ ଉଲ୍ଲେଖ କରିନାହାନ୍ତି? ଅନ୍ୟ ପ୍ରବନ୍ଧରେ ଗୋରେଖନାଥଙ୍କ ବର୍ଣ୍ଣନା 'ମହାଭାରତ'ରେ ଥିବାରୁ ଓ ଗୋରେଖ ଏକାଦଶ ଶତାବ୍ଦୀର ହୋଇଥିବାରୁ ସାରଳା କ'ଣ ଏକାଦଶ ଶତାବ୍ଦୀର କି ବୋଲି ପ୍ରଶ୍ନଟିଏ ଉଠାଇଛନ୍ତି ଲେଖକ। ଦୁଇଟିଯାକ ପ୍ରବନ୍ଧ ସାରଳାଙ୍କ ସମ୍ପର୍କରେ ନବନବ ଅଧ୍ୟୟନର ପଥକୁ ଉନ୍ମୁକ୍ତ ରଖନ୍ତି। 'ଓଡ଼ିଆ ଭାଷାରେ ପାଣ୍ଡୋଇ ଶବ୍ଦର ପ୍ରବେଶ' ଓ 'ପାଣ୍ଡୋଇ କଥା ଆଉଥରେ' ଭଳି ପ୍ରବନ୍ଧରେ ବାବାଜୀ ଚରଣ 'ପାଣ୍ଡୋଇ'(ଜୋତା) ଶବ୍ଦ ଓଡ଼ିଆ ଶବ୍ଦଭଣ୍ଡାରକୁ ଊନବିଂଶ ଶତାବ୍ଦୀରେ ନୁହେଁ, ସାରଳା ଦାସଙ୍କ ସମୟରୁ ଆସିଛି ବୋଲି ଯାହା ମତ ଦେଇଛନ୍ତି, ତାହା ଗ୍ରହଣଯୋଗ୍ୟ। ମରହଟ୍ଟୀ ଅଭିଧାନ ଆଶ୍ରୟରେ 'ପାଣ୍ଡୋଇ' ଶବ୍ଦ ଓଡ଼ିଶାକୁ ଊନବିଂଶ ଶତାବ୍ଦୀରେ ଆସିଛି ବୋଲି କେହି କେହି କହିବା କେବଳ ହାସ୍ୟାସ୍ପଦ ନୁହେଁ, ନିର୍ବୋଧତାର ପରିଚୟ। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଧର୍ମ ଓ ରାଷ୍ଟ୍ରପୁରୁଷମାନଙ୍କ ବ୍ୟକ୍ତିତ୍ୱ ଓ କୃତିର ବିବେଚନା ବେଳେ ବାବାଜୀ ଯେଉଁ ବହୁପାଠିତା ଓ ବିଚାରବୁଦ୍ଧିର ପରିଚୟ ଦେଇଛନ୍ତି, ତାହା ଅସାଧାରଣ। 'ସୁଧୀ ସମୀକ୍ଷକ ବାବାଜୀ ଚରଣ' ନିବନ୍ଧରେ ଡ. ନଟବର ଶତପଥୀ ସମୀକ୍ଷକ ଭାବେ ତାଙ୍କର ଯେଉଁ ମୂଲ୍ୟାୟନ କରିଛନ୍ତି, ତାହା ନିରପେକ୍ଷ ଓ ଅଭ୍ରାନ୍ତ ମନେହୁଏ।

### ଓଡ଼ିଶାର ଭାଷା ବୀକ୍ଷା ଓ ସମୀକ୍ଷା




**ଲେଖକ:** ଗଗନେନ୍ଦ୍ର ନାଥ ଦାଶ
**ପ୍ରକାଶକ:** ଫ୍ରେଣ୍ଡ୍‌ସ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୨୫୦/-

ଆଲୋଚ୍ୟ ନିବନ୍ଧଗ୍ରନ୍ଥରେ ମୋଟ ୧୫ଟି ଓଡ଼ିଆ ନିବନ୍ଧ ଓ ପରିଶିଷ୍ଟରେ ତିନୋଟି ଇଂରାଜୀ ନିବନ୍ଧ ସ୍ଥାନିତ। ଓଡ଼ିଆ ବ୍ୟାକରଣ, ଧାତୁ ଓ ଶୈଳୀ ବିଜ୍ଞାନ ସମ୍ପର୍କରେ ଲେଖକଙ୍କର ଆଧୁନିକ ବିଚାରବୋଧ ଓଡ଼ିଆ ଭାଷା-ଚର୍ଚ୍ଚା ପରମ୍ପରାରେ ବହିଟିକୁ ଏକ ସ୍ୱତନ୍ତ୍ର ସାରଣୀରେ ପର୍ଯ୍ୟବସିତ କରେ। ଲେଖକ କହିଛନ୍ତି- ଗୋଲୋକ ବିହାରୀ ଧଳ ଓ ଦେବୀ ପ୍ରସନ୍ନ ପଟ୍ଟନାୟକ ପ୍ରଥମେ ଆଧୁନିକ ଭାଷାବିଜ୍ଞାନସମ୍ମତ ଓଡ଼ିଆ ଭାଷା-ଚର୍ଚ୍ଚା ବିଷୟକ ସଚେତନତା ସୃଷ୍ଟି କରିଥିଲେ ଓ ସେଇ ପଥର ପ୍ରଥମ ପଥିକ ହୋଇଥିଲେ ବିଜୟ ପ୍ରସାଦ ମହାପାତ୍ର ଓ ଲେଖକ ନିଜେ। ଓଡ଼ିଆ ଭାଷାନୁଶୀଳନ କ୍ଷେତ୍ରରେ ନିଜର କେତେକ ନୂତନ ଦିଗ୍‌ଦର୍ଶନ ସମ୍ବନ୍ଧରେ ଉଲ୍ଲେଖ କରି ଗଗନେନ୍ଦ୍ର 'ଓଡ଼ିଆ ବ୍ୟାକରଣର ବିବର୍ତ୍ତନ' ପ୍ରବନ୍ଧରେ କହନ୍ତି: "ଓଡ଼ିଆ ପଦ(word)ର ମୁଁ ସମ୍ପୂର୍ଣ୍ଣ ନୂତନ ଏକ ସଂଜ୍ଞା ନିରୂପଣ କରିଛି, ଅବଶ୍ୟ ଭାଷାବିଜ୍ଞାନୀ ହକେଟ୍‌ଙ୍କ ଅନୁସରଣରେ। ପାରମ୍ପରିକ ବ୍ୟାକରଣରେ ଓଡ଼ିଆ ସମାପିକା କ୍ରିୟାର ଅର୍ଥଭିତ୍ତିରେ ତିନୋଟି କାଳ ଥିବାର କୁହାଯାଉଥିଲା ବେଳେ ମୁଁ ରୂପ ଭିତ୍ତିରେ ଚାରିଗୋଟି କାଳ ଅଛି ବୋଲି ପ୍ରଥମେ କହିଲି, ଯାହା ଏବେ ବି ଗ୍ରହଣୀୟ।" ଲେଖକଙ୍କ ଭାଷାଚର୍ଚ୍ଚାକୁ କେତେକ ଭାଷାଲୋଚକ ପ୍ରତିକୂଳ ଦୃଷ୍ଟିରେ ଦେଖୁଥିବା ପରିପ୍ରେକ୍ଷୀରେ ସେ କହିଛନ୍ତି, ଯିଏ ଯାହା କହନ୍ତୁ ନା କାହିଁକି, ମୋର ଭାଷାଚର୍ଚ୍ଚା ଏଇ ପ୍ରତିପକ୍ଷମାନଙ୍କୁ ଓଡ଼ିଆ ବ୍ୟାକରଣ ପ୍ରସ୍ତୁତ କରିବା କ୍ଷେତ୍ରରେ ନୂତନ ଦୃଷ୍ଟିକୋଣରୁ ଚିନ୍ତା କରିବାକୁ ଅନୁପ୍ରେରିତ କରିଛି। 'ଓଡ଼ିଆ ଭାଷା-ଗବେଷଣାର ଆବଶ୍ୟକତା' ଭଳି ନିବନ୍ଧ ତଥ୍ୟ ଓ ଆବେଦନ ଦୃଷ୍ଟିରୁ ବିରଳ। ବହିଟି ସମକାଳ ଓ ଉତ୍ତରକାଳର ଭାଷା-ଗବେଷକଙ୍କ ପାଇଁ ଯେ ମାର୍ଗଦର୍ଶକ ହେବ, ଏଥିରେ ସନ୍ଦେହ ନାହିଁ।

## ଜୀବନ

ଦେବେନ୍ଦ୍ର କର

**ମିନି ଗଳ୍ପ**

ରାସ୍ତାକଡ଼ ଅପନ୍ତରାର ସେଇ କାମିନୀ ଗଛଟା ଏବେ କିଛି ଦିନ ହେବ ରୁଷିଛି। ଆଉ ତା' ରୁଷିବା ପଛର କାରଣ ବି ଅନେକ। ଆଖପାଖର ଲୋକ ନା କେହି ତା' ମୂଳରେ ଦିନକ ପାଇଁ ପାଣି ଦେଉଛନ୍ତି ନା ତା'ର ଯତ୍ନ ନେଉଛନ୍ତି। ନିଇତି ସକାଳ ହେଲେ ଖଣ୍ଡେ ଖଣ୍ଡେ ନଗି, ଆଙ୍କୁଡ଼ା ଧରି ଧାଇଁ ଆସୁଛନ୍ତି। ଅତି ନିର୍ମମ ଭାବରେ ତା' ଡାଳପତ୍ର ସବୁ ମୋଡ଼ିମକଚି ଦେଉଛନ୍ତି, କୁନିକୁନି କଢ଼ି ସବୁ ଖିନ୍‌ଭିନ୍ କରି ତୋଳି ନେଉଛନ୍ତି। ଅଳିଆ ଆବର୍ଜନାରେ ତା' ଆଖପାଖ ପୂରି ଉଠିଲାଣି। କାମିନୀ ଗଛଟା ସହିବ ବା କେତେ! ରାଗ କ୍ଷୋଭରେ ଅନ୍ତର ଭିତରଟା ତା'ର ଜଳିପୋଡ଼ି ଯାଉଛି। ରାସ୍ତା ସେପଟ ବାବୁଘର ଛାତ ଉପରେ କାହିଁ କେତେ ରକମର ଫୁଲଗଛ ସବୁ ଶୋଭା ପାଉଛନ୍ତି। ବାବୁଙ୍କ ହାତ ସ୍ପର୍ଶରେ ଗଛଗୁଡ଼ିକ ଦିନକୁଦିନ ଖୁବ୍ ଆକର୍ଷଣୀୟ ଦିଶୁଛନ୍ତି। ସବୁ କଥା ଭାବି ଭାବି କାମିନୀ ଗଛଟି ଦିନେ ଖୁବ୍ କାନ୍ଦିଲା। ତା' କଇଁକଇଁ କାନ୍ଦ ଭଗବାନ ସହି ନ ପାରି ସଙ୍ଗେ ସଙ୍ଗେ ଧାଇଁ ଆସିଲେ। ଲୁହ ଛଳଛଳ ଆଖିରେ କାମିନୀ ଗଛଟି କହିଲା ପ୍ରଭୁ ମତେ ମୁକ୍ତି ଦିଅନ୍ତୁ। ମୋର ଆଉ ବଞ୍ଚିବାର ତିଳେମାତ୍ର ଲୋଭ ନାହିଁ। ଏମିତି ଦୁଃଖ କଷ୍ଟରେ କେତେ ଦିନ ବଞ୍ଚିବି ବରଂ ମରିଯିବା ମୋ' ପାଇଁ ଶେଷ ରାସ୍ତା।

ସବୁ କଥା ଶୁଣି ଭଗବାନ କହିଲେ ଆରେ ଜୀବନର ଅନ୍ୟ ନାମ ପା' ସଂଗ୍ରାମ। ଦୁଃଖ କଷ୍ଟ, ସମସ୍ୟା ବିନା ଜୀବନର ପ୍ରକୃତ ସ୍ୱାଦ କ'ଣ ପାଇହୁଏ। ଏ ବିଶାଳ ଜୀବଜଗତର ପ୍ରତ୍ୟେକ ପ୍ରାଣୀ ଜୀବନ ନିର୍ବାହ ପାଇଁ ଅହରହ ସଂଗ୍ରାମ ଚଳାଇଛନ୍ତି। ତୁମେ ଲକ୍ଷ୍ୟ କର ରାସ୍ତାକଡ଼ର ସେଇ କେରାଏ ଘାସକୁ। କେତେ ଯେ ପାଦ ତଳେ ମାଡ଼ିମକଚି ହେଉଚି ତା'ର କଳନା ନାହିଁ। ତଥାପି ସେ ତା' ଜୀବନ ଜିଉଚି। କାମିନୀ ଗଛଟି ସବୁ କଥାକୁ ଏଡ଼ାଇ ଦେଇ କହି ଉଠିଲା ପ୍ରଭୁ ମୁଁ ଦୁର୍ବଳ, ଅସହାୟ, ମୋର ଏଠି କୌଣସି ମୂଲ୍ୟ ନାହିଁ। ମୁକ୍ତି ମୋର ଏକମାତ୍ର କାମନା, ଜୀବନର ସବୁ ଆଶା ଭରସା ମୋର ତୁଟିଗଲାଣି।

ସାହସ ଦେଇ ଭଗବାନ କହିଲେ ତୁମେ ସେମିତି କାହିଁକି ଭାବୁଚ ମୁଁ ପା' ତୁମ ପାଖେପାଖେ ରହିଛି। ମୋର ସେଇମାନେ ପ୍ରିୟ, ଯିଏ ନିଜ ପାଇଁ ନୁହେଁ ବରଂ ଅନ୍ୟ ପାଇଁ ବଞ୍ଚେ। ତ୍ୟାଗ ସମର୍ପଣ ଦ୍ୱାରା ଜୀବନରେ ଯେଉଁ ଆତ୍ମସନ୍ତୋଷ ମିଳେ, ତାହା ସ୍ୱାର୍ଥପୂର୍ଣ୍ଣ ଜୀବନରେ ନ ଥାଏ। ତ୍ୟାଗ ସହନଶୀଳତାର ତୁମେ ଅନନ୍ୟ ନିଦର୍ଶନ। ତୁମ ଦେଉଥିବା ଫୁଲ ପ୍ରତିଦିନ ମୋ' ମଥାରେ ଶୋଭାପାଉଛି। କେତେ କୀଟ, ପତଙ୍ଗ ଆଉ ପକ୍ଷୀଙ୍କ ଅଭିଳାଷ ତୁମେ ହିଁ ପୂରଣ କରୁଚ। ଜୀବଜଗତର ଶ୍ୱାସକ୍ରିୟା ତୁମ ଲାଗି ସମ୍ଭବ ହୁଏ, ତୁମେ ଅସାଧାରଣ, ଅନୁପମ ଅନନ୍ୟ ଗୁଣରେ ପରିପୂର୍ଣ୍ଣ। କାମିନୀ ଗଛଟି ଚୁପ୍ ହୋଇ ସବୁ କଥା ଶୁଣୁଥିଲା। ମନରେ ବସା ବାନ୍ଧିଥିବା ଦୁଃଖ ଅବସୋସ ସବୁ ନିମିଷକ ମଧ୍ୟରେ ଦୂର ହୋଇଗଲା। ହାଲୁକା ପବନ ସ୍ପର୍ଶରେ କାମିନୀ ଗଛର ଶାଖାପ୍ରଶାଖା ସବୁ ଚଳଚଞ୍ଚଳ ହୋଇଉଠିଲା। ଦୃଢ଼ ଆତ୍ମବିଶ୍ୱାସ ତା' ମଧ୍ୟରେ ସ୍ପଷ୍ଟ ରୂପେ ପ୍ରତୀୟମାନ ହେଉଥାଏ। ଭଲରେ ଥାଅ, ତଥାସ୍ତୁ କହି ଭଗବାନ ଏଥର ବିଦାୟ ନେଲେ।

ମୋ: ୯୯୩୭୯୬୩୯୧୦

## କାଳକାଳକୁ

**"ଅନ୍ୟକୁ ତଳକୁ ଟାଣି କେହି ଉପରକୁ ଉଠିନାହିଁ।"**
**- ଆଲ୍‌ଫ୍ରେଡ୍ ଲର୍ଡ ଟେନିସନ୍**



**ଆଲ୍‌ଫ୍ରେଡ୍ ଲର୍ଡ ଟେନିସନ୍‌ଙ୍କ** ଜନ୍ମ ୬ ଅଗଷ୍ଟ ୧୮୦୯ରେ ଓ ପରଲୋକ ୬ ଅକ୍ଟୋବର ୧୮୯୨ରେ, ଇଂଲଣ୍ଡରେ। ପ୍ରଥମ ରଚନା ପାଇଁ ତାଙ୍କୁ ମିଳେ 'ଚାନ୍‌ସେଲର୍ସ ଗୋଲ୍ଡ ମେଡାଲ' ୧୮୨୯ରେ। ୧୮୩୦ରେ ପ୍ରକାଶପାଏ ତାଙ୍କର ଏକକ କବିତା ସଂକଳନ- 'Poems, Chiefly Lyrical'। ଟେନିସନ୍‌ଙ୍କର ବହୁପଠିତ କବିତା ପୁସ୍ତକ ଦ୍ୱୟ ହେଉଛି- 'କ୍ଲାରିବେଲ୍' ଓ 'ମାରିଆନା'। ଶକ୍ତିଶାଳୀ ଦୃଶ୍ୟ ଚିତ୍ରକଳ୍ପର ପ୍ରୟୋଗ ହେଉଛି କବିତାରେ ତାଙ୍କର ଲକ୍ଷଣୀୟ ବିଶେଷତ୍ୱ। ଜୀବନରେ ସେ ଖୁବ୍ ଆଶାବାଦୀ ଓ କହନ୍ତି: "ବନ୍ଧୁମାନେ ଆସ! ଏକ ନବତର ପୃଥିବୀ ପ୍ରତିଷ୍ଠା ପାଇଁ ଖୁବ୍ ବେଶୀ ଡେରି ହୋଇନାହିଁ।"

## ହାୟରେ କପାଳ!

କ୍ଷେତ୍ର ମୋହନ ମହାରଣା

**ଲଘୁ ଗଳ୍ପ**

ଦୂର ଦିଗ୍‌ବଳୟ ତଳେ ବୁଡ଼ନ୍ତା ସୂର୍ଯ୍ୟର ଆଭା... ନୀଡ଼ଫେରନ୍ତା ପକ୍ଷୀର କାକଳି... ଧାବମାନ ଝରଣାର କୁଳୁକୁଳୁ ସ୍ୱନ... ଘରବାହୁଡ଼ା ଗାଈଆଳର ଗୀତ ଲହରି... ଗାଁ ଦାଣ୍ଡରେ କାଖେ କୁମ୍ଭଧାରୀଙ୍କ ମଦାଳସା ଗତି... ଚାଳ ଉପରେ ବୃତ୍ତାକାର ଧୂମକୁଣ୍ଡଳୀ... ସତରେ ଭାରି ସୁନ୍ଦର! ମନୋରମ! ପରେଶ କହିଲା- ଦେଖିଲୁ, କେଡ଼େ ସୁନ୍ଦର ଚିଡ଼ିଆ!

- ଚିଡ଼ିଆ! ଆଖିପତା ମୋର ବିସ୍ମୟରେ ଟେକି ହୋଇଗଲା ଉପରକୁ। ସମୁଦ୍ର ମଧ୍ୟରେ ଜଳଦେଖି ଆନନ୍ଦରେ ଚିତ୍କାର କରିବା, ଅଗ୍ନିକୁଣ୍ଡ ମଧ୍ୟରେ ଅଗ୍ନିନାମ ଉଚ୍ଚାରଣ କରି ବିସ୍ମୟ ପ୍ରକାଶ କରିବା ମାନେ କ'ଣ ହୁଏ? ତେବେ ପ୍ରଶ୍ନ ଉଠେ, କେଉଁ ଜାତିର ପକ୍ଷୀକୁ ଦେଖି ପରେଶ ଏତେ ବିହ୍ୱଳ?

ତା'ପରେ ମୋ' ପ୍ରତି ଗାଳି। ମୁଁ ବୋକା... କିଛି ଜାଣିନି... ସ୍ତ୍ରୀ ହୋଇ ଜନ୍ମ ନ ହେଲି କାହିଁକି... ଶାଢ଼ି ପିନ୍ଧିଥିଲେ ଭଲ ମାନିଥାଆନ୍ତା... ଇତ୍ୟାଦି... ଇତ୍ୟାଦି।

- ଦେଖ୍! ଶଙ୍ଖ ଧବଳ ବର୍ଣ୍ଣବିଭା... ମୀନାକରା ନୟନ ଯୁଗଳ... ଦୋଳାୟିତ କେଶରାଶି... ରୂପସୀ ଷୋଡ଼ଶୀ ନିଶ୍ଚୟ। ତୁ କେମିତି କିଛି ବୁଝିପାରୁନୁ ରମାକାନ୍ତ?

ବୁଝିଲି। ଦୂର ପର୍ବତ ସୁନ୍ଦର। ଦୂରରୁ ଆସୁଥିବା କୌଣସି ଏକ ଯୁବତୀର ସନ୍ଦର୍ଶନରେ ବିହ୍ୱଳିତ ମୋର ବନ୍ଧୁ। କବି ଭାବାପନ୍ନ ଲୋକଟା ତ! କବିତା ଉବୁକି ଉଠୁଛି। ବାଧା ମାନୁନି।

ପରେଶର ଏ ପ୍ରକାର ମୂର୍ଚ୍ଛାଳିଆ କବିତାବୃତ୍ତି ଯୋଗୁ ମୁଁ ବେଳେବେଳେ ବହୁ ଅସୁବିଧାର ସମ୍ମୁଖୀନ ହୁଏ। ହଠାତ୍ କେଉଁଠି ଝିଅଟିଏ ଦେଖିଲା, ମନକୁ ପାଇଗଲା, ବାହାରିଲା କବିତା। ପ୍ରଥମେ ମନେ ମନେ। ତା' ପରେ ପଦାକୁ। ଝିଅଟିର ଚପଲ ସ୍ଥାନାନ୍ତରିତ ହବାର ଆଶା ଦେଖିଲେ ମୋର ବିନୀତ ବଶମ୍ବଦ ଭାବ- ପ୍ଲିଜ୍, ଏକ୍ସକ୍ୟୁଜ୍ ମି... ଡୋଣ୍ଟ ମାଇଣ୍ଡ ଇତ୍ୟାଦି।

- ତୋ' ମାଇଆମି ରଖ। ଆଜିର ନାଟକରେ ମୁଁ ନିର୍ଦ୍ଦେଶକ। ତୋତେ କଳାକାର ସାଜିବାକୁ ପଡ଼ିବ। ଆଉ ମୁଁ ଯାହା କହିବି ଅକ୍ଷରେ ଅକ୍ଷରେ ତାକୁ ତୋତେ ପାଳନ କରିବାକୁ ପଡ଼ିବ। ଚିଡ଼ିଆ ଯେତେବେଳେ ପାଖଦେଇ ଉଡ଼ିଯିବ, ଆମେ ଏକ ସମୟରେ ହୁଇସିଲ୍ ମାରିବା। ରେଫରିର ହୁଇସିଲ୍‌ରେ ଖେଳାଳିର ଗତି ଅଟକି ଯିବା ପରି ଚିଡ଼ିଆ ଅଟକିଯିବ। ତା'ପରେ ତୁ ହୁଏତ ପୃଷ୍ଠଭଙ୍ଗ ଦେଇପାରୁ। ପ୍ଲିଜ୍ ରମାକାନ୍ତ! ମତେ ଏତିକିଟା କୋ-ଅପରେଟ କର।

ମୋର ନାଗ ଚୁଚୁନ୍ଦ୍ରାକୁ ଧରିବା ଅବସ୍ଥା। ଧରିଲେ ମଲି, ଛାଡ଼ିଲେ ମଲି। ପରେଶର କଥା ମାନିଲେ ବିବେକ ବହିର୍ଭୂତ କାର୍ଯ୍ୟ, ନ ମାନିଲେ ବନ୍ଧୁତ୍ୱର ଇତିଶ୍ରୀ।

କହିଲି- ବ୍ୟସ୍ତବହୁଳ ସଂସାରରେ ନିଜ ଚିନ୍ତାରେ ବ୍ୟସ୍ତ ସମସ୍ତେ । ଅଧ୍ୟୟନ, ଚାକିରି, ବ୍ୟବସାୟ, ରାଜନୀତି ଓ କୂଟନୀତିରେ ବିଭୋର ଏ ଦୁନିଆ। ତୋର ଏ ଅଙ୍ଗୁରକୋଳିଖିଆ ବିଲୁଆଡିଆଁ ଶେଷରେ ଖଟା ପ୍ରମାଣିତ ହୋଇପାରେ।

ପରେଶ କିନ୍ତୁ ଚିଡ଼ିଆକୁ ଅଟକାଇବ। ନିଶ୍ଚୟ ଅଟକାଇବ। ଆଉ ତା'ର ସମସ୍ତ ପରକୁ କାଟିଦେଇ ପୁଣି ଛାଡ଼ିଦେବ ଏଇ ମୁକ୍ତ ଆକାଶକୁ। ଇସ୍... କି ମଜା! ହାତ ତାଳି ଦେଇ ନାଚିଗଲା ପରେଶ।

ଲାଲ୍‌ସୂର୍ଯ୍ୟ ଦିଗ୍‌ବଳୟ ତଳେ ଲୋଟୁଛି। ଚିଡ଼ିଆର ଦୂରତା କମିକମି ଆସୁଛି। ମନର ଚଞ୍ଚଳତା ଦ୍ୱିଗୁଣିତ ହେଉଛି। ଆଃ! ଏ ସୂର୍ଯ୍ୟଟାକୁ କିଏ ଗୁଳିମାରି ନଷ୍ଟ କରି ଦିଅନ୍ତାନି! ଆଖିପିଛୁଳାକେ ଘୋଟି ଆସନ୍ତାନି ଅନ୍ଧକାରର ନିବିଡ଼ତା!

ପରେଶର ମନ ଶେଯରେ ଆଦିମ ପ୍ରକୃତିଟା କଡ଼ ଲେଉଟାଇଲା। ହଲ୍‌ଚଲ୍ ହେଲା ଟିକିଏ, ପୁଣି ଚେଇଁ ଉଠିଲା। ସୂର୍ଯ୍ୟଙ୍କ ଆଲୋକ ହଠାତ୍ ଲିଭିଗଲା! ଦୂର ପାହାଡ଼ର ଶାଗୁଆ ସୌନ୍ଦର୍ଯ୍ୟ ଚିହ୍ନି ହୋଇଗଲା। ଖାଲି ଆବୁଡ଼ା ଖାବୁଡ଼ା କଣ୍ଟାଝଣ୍ଟାପୂର୍ଣ୍ଣ। ଆଉ ସେ ଚିଡ଼ିଆ!

- ଭାଇନା ନମସ୍କାର। ପୁରୀରୁ ବାହାରୁ ବାହାରୁ ଡେରି ହୋଇଗଲା। ତେଣୁ ପହଞ୍ଚୁ ପହଞ୍ଚୁ ଅନ୍ଧାର ହୋଇଗଲା। ମୋତେ ଡର ଲାଗୁଛି। ଚାଲ ଘରକୁ ଯିବା। ନୀନା ପରେଶର ଭଉଣୀ। ପୁରୀ କଲେଜର ଛାତ୍ରୀ। ଛୁଟିରେ ଘରକୁ ଫେରୁଛି।

ପରେଶକୁ ଚାହିଁଲି। ମଫସଲର ନବବଧୂ ପରି ବେକଠାରୁ ମୁଣ୍ଡ ତଳକୁ ନଇଁ ପଡ଼ିଛି। କ'ଣ ସେ ଭାବୁଛି? ଚିଡ଼ିଆକୁ ଧରିବ ନା ଛାଡ଼ିଦେବ?

ହାୟରେ କପାଳ!

ମୋ: ୯୦୪୦୧୯୪୪୨୯



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. ORIORI/2011/36305 Postal Regd. No. BN/42/21-23. ରାୟଗଡ଼ା, ଶନିବାର, ଅଗଷ୍ଟ ୬/୨୦୨୨ Rayagada, Saturday, August 6/ 2022




ରାଜ୍ୟଗୋଷ୍ଠୀ କ୍ରୀଡ଼ା ପୁରୁଷ ଫ୍ରିଷ୍ଟାଇଲ ୬୫ କେଜି ରେସ୍‌ଲିଂ ଇଭେଣ୍ଟରେ ମରିସସ୍‌ର ଜେ. ଜୋରିଆଙ୍କ ସହ ମୁକାବିଲା କରୁଛନ୍ତି ଭାରତର ବଜରଙ୍ଗ ପୁନିଆ । ଭାରତର ଅଂଶୁ ମଲିକ ମହିଳା ୫୭କେଜି ଫ୍ରିଷ୍ଟାଇଲ କ୍ୱାର୍ଟରଫାଇନାଲରେ ଅଷ୍ଟ୍ରେଲିଆର ଇରିନେ ସିମୋନିଡିସ୍‌ଙ୍କ ସହିତ ଲଢୁଛନ୍ତି।

# ବଜରଙ୍ଗଙ୍କ ସମେତ ୪ ରେସ୍‌ଲର ଫାଇନାଲରେ

**ବର୍ମିଂହାମ୍, ୫।୮**

ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟ ରେସ୍‌ଲରମାନେ ସେମାନଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛନ୍ତି। ଶୁକ୍ରବାର ବଜରଙ୍ଗ ପୁନିଆ (ପୁରୁଷ ୬୫କେଜି), ସାକ୍ଷୀ ମଲିକ (ମହିଳା ୬୨କେଜି), ଅଂଶୁ ମଲିକ (ମହିଳା ୫୭କେଜି), ଦୀପକ ପୁନିଆ (ପୁରୁଷ ୮୬କେଜି) ସେମାନଙ୍କ ବିଭାଗରେ ଫାଇନାଲକୁ ଉନ୍ନୀତ ହୋଇ ଅତି କମ୍‌ରେ ଗୋଟିଏ ଲେଖାଏ ରୌପ୍ୟ ପଦକ ପକ୍କା କରିଛନ୍ତି। ବଜରଙ୍ଗ ୬୫କେଜି ଫ୍ରିଷ୍ଟାଇଲ ସେମିଫାଇନାଲରେ ଇଂଲଣ୍ଡର ଜର୍ଜ ରାମ୍‌ଙ୍କୁ ହରାଇ ଦେଇଛନ୍ତି। ସେହିପରି ସାକ୍ଷୀ ମଲିକ ମହିଳା ୬୨କେଜି ଫ୍ରିଷ୍ଟାଇଲରେ କାମେରୁନ୍‌ର ବର୍ଥ ଏମିଲିନ୍ ଇଟେନ୍ ଏନ୍‌ଗୋଲୋଙ୍କୁ ପରାସ୍ତ କରିଛନ୍ତି। ଅଂଶୁ ମଲିକ ମହିଳା ଫ୍ରିଷ୍ଟାଇଲ ୫୭କେଜି ଶ୍ରେଣୀରେ ଶ୍ରୀଲଙ୍କାର ନେଥମି ପୁରୁଥୋଟାଗେଙ୍କୁ ହରାଇ ଦେଇଛନ୍ତି। ଦୀପକ ପୁନିଆ ପୁରୁଷ ୮୬କେଜି ଫ୍ରିଷ୍ଟାଇଲରେ କାନାଡାର ଆଲେକ୍‌ଜାଣ୍ଡର ମୁରେଙ୍କ ବିପକ୍ଷରେ ବିଜୟ ହାସଲ କରିଛନ୍ତି। ଅନ୍ୟପକ୍ଷରେ ମହିଳା ଫ୍ରିଷ୍ଟାଇଲ ୬୮କେଜି ରିପିଚେଜ୍ ରାଉଣ୍ଡରେ ଦିବ୍ୟା କାକରନ ରିପିଚେଜ୍ ରାଉଣ୍ଡ-୨ରେ କାମେରୁନ୍‌ର ବ୍ଲାଣ୍ଡିନ ନିଏଏନ୍‌ଗିରିଙ୍କୁ ପରାସ୍ତ କରି ବ୍ରୋଞ୍ଜ ପଦକ ଦୌଡ଼ରେ ରହିଛନ୍ତି।

**ସିନ୍ଧୁ, ଶ୍ରୀକାନ୍ତ କ୍ୱାର୍ଟରଫାଇନାଲରେ**

ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ଓ କିଡାମ୍ବି ଶ୍ରୀକାନ୍ତ ଯଥାକ୍ରମେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହିଳା ଓ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ୨୦୧୮ ସଂସ୍କରଣ ରୌପ୍ୟବିଜୟିନୀ ସିନ୍ଧୁ ପ୍ରି-କ୍ୱାର୍ଟରରେ ଉଗାଣ୍ଡାର ହୁସିନା କୋବୁଗାବେଙ୍କ ବିପକ୍ଷରେ ୨୧-୧୦, ୨୧-୯ରେ ସହଜ ବିଜୟ ହାସଲ କରିଥିଲେ। ଗୋଲ୍ଡକୋଷ୍ଟଠାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଶ୍ରୀକାନ୍ତଙ୍କୁ ମଧ୍ୟ ଅଧିକ ପରିଶ୍ରମ କରିବାକୁ ପଡ଼ି ନାହିଁ। ସେ ତାଙ୍କ ପୁରୁଷ ପ୍ରି-କ୍ୱାର୍ଟରଫାଇନାଲ ମ୍ୟାଚରେ ଶ୍ରୀଲଙ୍କାର ଡୁମିଣ୍ଡୁ ଆବେବିକ୍ରମାଙ୍କୁ ୨୧-୯, ୨୧-୧୨ରେ ପରାସ୍ତ କରିଛନ୍ତି। ପୂର୍ବରୁ ଭାରତୀୟ ମହିଳା ଯୋଡ଼ି ଗାୟତ୍ରୀ ଗୋପୀଚାନ୍ଦ ଓ ଟ୍ରିସା ଜୋଲି ମରିସସ୍‌ର ଜେମିମା ଲିଅଙ୍ଗ୍ ଫର ସାଙ୍ଗ୍ ଏବଂ ଗଣେଶ ମୁଙ୍ଗ୍ରାଙ୍କୁ ୨୧-୨, ୨୧-୪ରେ ହରାଇ କ୍ୱାର୍ଟରଫାଇନାଲରେ ପ୍ରବେଶ କରିସାରିଛନ୍ତି। ଡବଲ ଅଲିମ୍ପିକ ପଦକ ବିଜୟିନୀ ସିନ୍ଧୁ ପରବର୍ତ୍ତୀ ରାଉଣ୍ଡରେ ମାଲେସିଆର ଜୋ ଜିନ୍ ୱିଙ୍କୁ ଭେଟିବେ।



ମ୍ୟାଚ୍ ଜିତିବା ପରେ ପି.ଭି. ସିନ୍ଧୁ।

**ମନିକା ବାତ୍ରା, ଶ୍ରୀଜା ଆକୁଲା କ୍ୱାର୍ଟରଫାଇନାଲରେ**

ଭାରତର ମନିକା ବାତ୍ରା ଓ ଶ୍ରୀଜା ଆକୁଲା ରାଜ୍ୟଗୋଷ୍ଠୀ କ୍ରୀଡ଼ା ଟେବୁଲ ଟେନିସ ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ବାତ୍ରା ଅଷ୍ଟ୍ରେଲିଆର ଜି ମିନ୍‌ୟୁଙ୍ଗଙ୍କୁ ୧୧-୪, ୧୧-୮, ୧୧-୬, ୧୨-୧୦ରେ ପରାସ୍ତ କରିଥିଲେ। ୨୭ ବର୍ଷୀୟା ଷ୍ଟାର ଖେଳାଳି ବର୍ତ୍ତମାନ ସିଙ୍ଗାପୁରର ଜିଆନ୍ ଜେଙ୍ଗ୍‌ଙ୍କୁ ଭେଟିବେ। ଅନ୍ୟପକ୍ଷରେ ଶ୍ରୀଜା ୱେଲ୍ସର ଚାର୍ଲୋଟ କାର୍ଲେଙ୍କ ବିପକ୍ଷରେ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଛନ୍ତି। ସେ ୮-୧୧, ୧୧-୭, ୧୨-୧୪, ୯-୧୧, ୧୧-୪, ୧୫-୧୩, ୧୨-୧୦ରେ ମ୍ୟାଚ ଜିତିଛନ୍ତି। ଶ୍ରୀଜା କ୍ୱାର୍ଟରଫାଇନାଲରେ କାନାଡାର ମୋ ଝାଙ୍ଗଙ୍କ ସହ ମୁକାବିଲା କରିବେ। ପୂର୍ବରୁ ଉଭୟ ମନିକା ଓ ଶ୍ରୀଜା ସେମାନଙ୍କ ପାର୍ଟନର ସହ ମିକ୍ସଡ ଡବଲ୍ସ ଇଭେଣ୍ଟରେ କ୍ୱାର୍ଟରଫାଇନାଲରେ ପ୍ରବେଶ କରିସାରିଛନ୍ତି। ଅନ୍ୟପକ୍ଷରେ ଶରଥ କମଲ ଓ ସାଥିୟାଁ ଜ୍ଞାନସେଖରନ ପୁରୁଷ ଡବଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ସେମାନେ ୧୧-୬, ୧୧-୧, ୧୧-୪ରେ ବାଂଲାଦେଶର ବାମ୍‌ରାମହିମ୍‌ଲିଆନ ଓ ରିଦୟ ମୋହୁତାସିନ୍ ଅହମଦଙ୍କୁ ହରାଇ ଦେଇଛନ୍ତି।

**ପାରା ଲିଫ୍ଟିଂରେ ସୁଧୀରଙ୍କୁ ସ୍ୱର୍ଣ୍ଣ, ପଦକ ପକ୍କା କଲେ ଭବିନା**

ରାଜ୍ୟଗୋଷ୍ଠୀ କ୍ରୀଡା ୨୦୨୨ରେ ପାରା ଆଥଲେଟମାନଙ୍କ ବିଭିନ୍ନ କ୍ରୀଡା ବର୍ଗ ଗୁରୁବାରଠାରୁ ଆରମ୍ଭ ହୋଇଛି। ଗୁରୁବାର ବିଳମ୍ବିତ ରାତିରେ ହେଭି ୱେଟ୍ ଲିଫ୍ଟିଂ ବର୍ଗରେ ସୁଧୀର କୁମାର ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସୁଧୀର ନିଜର ଦୁଇ ପ୍ରୟାସରେ ୨୦୮ ଓ ୨୧୨ କିଗ୍ରା ଓଜନ ଉଠାଇବା ସହିତ ୧୩୪.୫ ପଏଣ୍ଟ ସହିତ ରାଜ୍ୟଗୋଷ୍ଠୀ ରେକର୍ଡ କରିଥିଲେ। ସୁଧୀରଙ୍କ ଏହି ସଫଳତା ପରେ ପ୍ରଧାନମନ୍ତ୍ରୀ ମୋଦି ଟୁଇଟ୍ କରି ପ୍ରଶଂସା କରିଥିଲେ। ଶୁକ୍ରବାର କ୍ଲାସ୍ ୩-୫ ପାରା ଟେବଲ ଟେନିସର ଫାଇନାଲରେ ପହଞ୍ଚିବା ସହିତ ଭାରତ ପାଇଁ ପଦକ ପକ୍କା କରିଛନ୍ତି ଭବିନା ବେନ୍ ପଟେଲ। ପାରାଲିମ୍ପିକ୍ସ ରୌପ୍ୟ ପଦକ ବିଜୟିନୀ ୩୫ ବର୍ଷୀୟ ଭବିନା ଇଂଲଣ୍ଡର ସୁ ବେଲିଙ୍କୁ ୧୧-୬, ୧୧-୬ ଓ ୧୧-୬ ସେଟରେ ପରାସ୍ତ କରିଛନ୍ତି। ଶନିବାର ନାଇଜେରିଆର କ୍ରିଷ୍ଟିଆନା ଇକପୋଇଙ୍କୁ ସେ ଭେଟିବେ। ଅନ୍ୟତମ ପାରାଲିମ୍ପିକ୍ସ ପଦକ ବିଜୟିନୀ ସୋନାଲ ବେନ୍ ପଟେଲ କିନ୍ତୁ ନିଜ ମୁକାବିଲାରେ ୧୧-୮, ୬-୧୧, ୪-୧୧ ଓ ୭-୧୧ରେ ପରାଜିତ ହୋଇଛନ୍ତି। ବ୍ରୋଞ୍ଜ ପଦକ ମୁକାବିଲାରେ ସେ ଇଂଲଣ୍ଡର ସୁ ବେଲିଙ୍କୁ ଭେଟିବେ। କ୍ଲାସ୍ ୩-୫ ପାରା ଟେବଲ ଟେନିସ ପୁରୁଷ ବର୍ଗ ସେମିରେ ପରାସ୍ତ ହୋଇଛନ୍ତି ରାଜ ଅରବିନ୍ଦନ ଅଲଗାର। ସେ ୧୧-୭, ୮-୧୧, ୪-୧୧ ଓ ୭-୧୧ ସେଟରେ ନାଇଜେରିଆର ନାସିରୁ ସୁଲେଙ୍କଠାରୁ ପରାଜିତ ହୋଇଛନ୍ତି। ରବିବାର ବ୍ରୋଞ୍ଜ ମେଡାଲ ପ୍ଲେ ଅଫ୍‌ରେ ନାଇଜେରିଆର ଇସାଉ ଓଗୁଙ୍କୁନଲେଙ୍କୁ ଭେଟିବେ।

**ଅଧାରେ ଅଟକିଲା କୁସ୍ତି ମ୍ୟାଚ୍**

ରାଜ୍ୟଗୋଷ୍ଠୀ କ୍ରୀଡା ୨୦୨୨ର କୁସ୍ତି ଇଭେଣ୍ଟ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ତେବେ ଜଣେ ସ୍ପିକର ତଳକୁ ଖସିଯିବାରୁ ମ୍ୟାଚଗୁଡିକ ବିଳମ୍ବିତ ହୋଇଥିଲା। ମ୍ୟାଚ ଚାଲିଥିବା ସମୟରେ ମ୍ୟାଟ୍ ନିକଟକୁ ଛାତରୁ ସ୍ପିକର ଜଣଙ୍କ ଖସିବା ସହିତ କିଛି ସମୟ ପାଇଁ ହଲରୁ ସମସ୍ତ ଦର୍ଶକଙ୍କୁ ଖାଲି କରାଯାଇଥିଲା। ଦୀପକ ପୁନିଆଙ୍କ ପ୍ରିକ୍ୱାର୍ଟର ଫାଇନାଲ ମୁକାବିଲା ଶେଷ ହେବା ପରେ ଏହି ଅଭାବନୀୟ ଘଟଣା ଘଟିଥିଲା। ସମସ୍ତ ଦର୍ଶକଙ୍କୁ ଖାଲି କରାଯିବା ସହିତ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବା ସହିତ ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ ଆଉଥରେ ଅନୁଧ୍ୟାନ କରାଯାଇଥିଲା। ଅନୁଧ୍ୟାନ ପରେ ସ୍ଥାନୀୟ ସମୟ ୧୨.୪୫ ବା ଭାରତୀୟ ସମୟ ୬.୦୦ରେ ପୁନର୍ବାର ଖେଳ ଆରମ୍ଭ ହୋଇଥିଲା।

**ଲନ୍ ବୋଲ୍: ଭାରତୀୟ ମହିଳା ଯୋଡ଼ି ପରାସ୍ତ**

ଭାରତୀୟ ମହିଳା ଯୋଡ଼ି ଲଭ୍‌ଲି ଚୌବେ ଓ ନୟନମୋନି ସାଇକାଇ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହିଳା କ୍ୱାର୍ଟରଫାଇନାଲରୁ ବିଦାୟ ନେଇଛନ୍ତି। ଭାରତୀୟ ଯୋଡ଼ି ଇଂଲଣ୍ଡର ସୋଫି ଟୋ ଟୋଲଚାର୍ଡ ଓ ଆମି ଫାରୋଙ୍କଠାରୁ ୧୮-୧୪ରେ ହାରିଯାଇଛନ୍ତି। ଇଂଲଣ୍ଡ ବର୍ତ୍ତମାନ ସେମିଫାଇନାଲରେ ନ୍ୟୁଜିଲାଣ୍ଡକୁ ଏବଂ ଅଷ୍ଟ୍ରେଲିଆ ମାଲେସିଆକୁ ଭେଟିବ।

### ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ତାଲିକା

| ଦଳ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଅଷ୍ଟ୍ରେଲିଆ | ୫୦ | ୪୨ | ୪୧ | ୧୩୩ |
| ଇଂଲଣ୍ଡ | ୪୩ | ୪୪ | ୩୩ | ୧୨୦ |
| କାନାଡ଼ା | ୧୭ | ୨୦ | ୨୨ | ୫୯ |
| ନ୍ୟୁଜିଲାଣ୍ଡ | ୧୬ | ୧୦ | ୧୧ | ୩୭ |
| ସ୍କଟଲାଣ୍ଡ | ୮ | ୮ | ୧୯ | ୩୫ |
| ଦକ୍ଷିଣ ଆଫ୍ରିକା | ୭ | ୭ | ୮ | ୨୨ |
| **ଭାରତ** | **୬** | **୭** | **୭** | **୨୦** |
| ନାଇଜେରିଆ। | ୫ | ୩ | ୫ | ୧୩ |
| ୱେଲ୍ସ | ୪ | ୫ | ୧୦ | ୧୯ |
| ମାଲେସିଆ | ୪ | ୩ | ୩ | ୧୦ |
| ଜାମାଇକା | ୨ | ୨ | ୧ | ୫ |
| ସାଇପ୍ରସ୍ | ୨ | ୧ | ୪ | ୭ |

(ଶୁକ୍ରବାର ରାତି ୧୦ ଟା ସୁଦ୍ଧା)




## ଫ୍ଲୋରିଡାରେ ୪ର୍ଥ ଟି୨୦ ଆଜି

**ଫୋର୍ଟ ଲଡରହିଲ୍, ୫।୮(ପି.ଟି):** ଭାରତ ଏବଂ ୱେଷ୍ଟଇଣ୍ଡିଜ ମଧ୍ୟରେ ଚତୁର୍ଥ ଟି୨୦ ଅନ୍ତର୍ଜାତୀୟ ମୁକାବିଲା ଆମେରିକାର ଫ୍ଲୋରିଡାରେ ଖେଳାଯିବ। ୨-୧ରେ ଆଗୁଆ ରହିଥିବା ଭାରତ ଏହି ମୁକାବିଲା ଜିତିବା ସହିତ ଆଗୁଆ ସିରିଜରେ ବିଜୟୀ ହେବାକୁ ପ୍ରୟାସ କରିବ। ତେବେ ଏହି ମ୍ୟାଚ୍ ପୂର୍ବରୁ ଦଳରେ ନିଜ ସ୍ଥାନକୁ ନେଇ ସଙ୍କଟରେ ରହିଛନ୍ତି ଶ୍ରେୟାସ୍ ଆୟାର ଓ ଦୀପକ ହୁଡା। ଉଭୟ ଖେଳାଳିଙ୍କ ମଧ୍ୟରେ ହୁଡାଙ୍କ ପ୍ରଦର୍ଶନ ସ୍ଥିର ରହିଥିବା ବେଳେ ଚଳିତ ସିରିଜରେ ଆୟାରଙ୍କ ପ୍ରଦର୍ଶନକୁ ନେଇ ଉଠିଛି ଅନେକ ପ୍ରଶ୍ନବାଚୀ। ଆୟାରଙ୍କ ବ୍ୟାଟ ନୀରବ ରହିଥିବା ବେଳେ ୩ ମ୍ୟାଚରେ ୩୪ ରନ୍ (୦, ୧୦ ଓ ୨୪) କରିଛନ୍ତି। ଷ୍ଟ୍ରାଇକ୍ ରେଟ୍ ୧୦୦ରୁ କମ୍ ରହିଥିବା ବେଳେ ଶର୍ଟ ପିଚ୍ ଓ ଦ୍ରୁତ ବୋଲିଂ ବିରୋଧରେ ତାଙ୍କ ଟେକ୍ନିକ୍ ଦୁର୍ବଳ ରହିଛି। ମିଳିଥିବା ସୀମିତ ସୁଯୋଗର ଭରପୂର ଫାଇଦା ଉଠାଇଛନ୍ତି ହୁଡା। ତେବେ ଏସିଆ କପ୍ ଓ ଟି୨୦ ବିଶ୍ୱକପ ପାଇଁ ତାଙ୍କର ଚୟନ ଟିକିଏ କଷ୍ଟକର ମନେହେଉଛି। ବିରାଟ କୋହଲି ଏବଂ କେ. ଏଲ୍. ରାହୁଲଙ୍କ ପ୍ରତ୍ୟାବର୍ତ୍ତନ ପରେ ମିଡିଲ ଅର୍ଡରରେ ଏହି ଦୁଇ ଖେଳାଳିଙ୍କ ମଧ୍ୟରୁ ଜଣେ ହିଁ ଫିଟ୍ ହୋଇ ପାରିବେ।

ପିଠି ଯନ୍ତ୍ରଣା ପାଇଁ ରିଟାୟର୍ଡ ହର୍ଟ ହୋଇଥିବା ରୋହିତ ଶର୍ମା ଫେରିବା ସମ୍ଭାବନା ଥିବା ବେଳେ ପୁଣି ଥରେ ଓପନ କରିପାରନ୍ତି ସୂର୍ଯ୍ୟକୁମାର। ରୋହିତ ଫିଟ୍ ନ ରହିଲେ ପନ୍ତ ଓ ସୂର୍ଯ୍ୟକୁମାର ଓପନ କରିବେ। ତୃତୀୟ ମୁକାବିଲାରେ ରିଷଭ ପନ୍ତ ଅପରାଜିତ ୨୪ ରନର ଇନିଂସ ଖେଳିଥିବା ବେଳେ ବୋଲିଂରେ ଆଭେଶ୍ ଖାନଙ୍କୁ ଆଉ ଏକ ସୁଯୋଗ ମିଳିପାରେ। ଆଭେଶ ଖାନ୍ ମହଙ୍ଗା ସାବ୍ୟସ୍ତ ହେଉଥିଲେ ହେଁ ହର୍ଷଲ ପଟେଲଙ୍କ ପଞ୍ଜରା ହାଡରେ ଆଘାତ ଏଯାଏ ଠିକ୍ ହୋଇନାହିଁ।

**ମ୍ୟାଚ ଆରମ୍ଭ : ରାତି ୮ଟା**

## ଓପନ ବର୍ଗରେ ଜିତିଲେ ଭାରତ ଏ, ବି

**ଚେସ୍ ଅଲିମ୍ପିଆଡ୍**



ତାନିଆ ସଚଦେବ

**ମାମଲ୍ଲାପୁରମ୍, ୫।୮ (ପି.ଟି):** ଚେନ୍ନାଇର ମାମଲ୍ଲାପୁରମରେ ଖେଳାଯାଉଥିବା ୪୪ତମ ଫିଡେ ଚେସ୍ ଅଲିମ୍ପିଆଡର ଓପନ ବର୍ଗରେ ଭାରତ ଏ ଓ ବି ବିଜୟୀ ହୋଇଛନ୍ତି। ଭାରତ ଏ ଓ ଭାରତ ସି ମଧ୍ୟରେ ମୁକାବିଲାକୁ ସିନୟର ଦଳ ୩-୧ରେ ଜିତି ନେଇଥିଲା। ଅର୍ଜୁନ ଇରିଗାସୀ ଏବଂ ଏସ୍ ଏଲ୍ ନାରାୟଣନ ଯଥାକ୍ରମେ ଅଭିଜିତ୍ ଗୁପ୍ତା ଓ ଅଭିମନ୍ୟୁ ପୁରାଣିକଙ୍କୁ ପରାସ୍ତ କରିଥିଲେ। କ୍ୟୁବାକୁ ୩.୫-୦.୫ ବ୍ୟବଧାନରେ ପରାସ୍ତ କରିଛି ଇଣ୍ଡିଆ ବି। ଗ୍ରାଣ୍ଡମାଷ୍ଟର ଡି ଗୁକେଶ କ୍ୟୁବାର କାର୍ଲୋସ୍ ଆଲବୋର୍ନୋଜ କାବ୍ରେରାଙ୍କୁ ହରାଇ ଲଗାତାର ସପ୍ତମ ବିଜୟ ହାସଲ କରିଥିବା ବେଳେ ଭାରତ ବି ବିଜୟୀ ହୋଇଛି। ଭାରତ ବି ୭ଟି ମ୍ୟାଚରୁ ୬ଟିରେ ବିଜୟୀ ହୋଇଥିବା ବେଳେ ଆର. ପ୍ରଜ୍ଞାନନ୍ଦ, ନିହାଲ ସରିନ୍ ଏବଂ ବି ଅଧିବନ୍ ମଧ୍ୟ ସମାନ ସଂଖ୍ୟକ ମ୍ୟାଚରେ ବିଜୟୀ ହୋଇଛନ୍ତି।

ମହିଳା ବର୍ଗରେ ଟପ୍ ସିଡ୍ ଭାରତ ଏ ୨.୫-୧.୫ ରେ ଆଜରବୈଜାନକୁ ପରାସ୍ତ କରିଛି। କୋନେରୁ ହମ୍ପିଙ୍କୁ ଗୁନାୟ ମାମ୍ମାଦଜାଦା ପରାସ୍ତ କରିଥିବା ବେଳେ ଡି ହାରିକାଙ୍କ ମ୍ୟାଚ ଡ୍ରରେ ଶେଷ ହୋଇଥିଲା। ତେବେ ତାନିଆ ସଚଦେବ ଓ ଆର. ବୈଶାଳୀଙ୍କ ବିଜୟ ସହିତ ଭାରତ ପଛରୁ ଆସି ମ୍ୟାଚ୍ ଜିତିବା ସହିତ ଅପରାଜେୟ ଧାରା ବଜାୟ ରଖିଥିଲା। ଭାରତ ବି ଦଳ ୧.୫ -୨.୫ ପଏଣ୍ଟରେ ଗ୍ରୀସ ନିକଟରୁ ପରାଜିତ ହୋଇଛି। ଭାନ୍ତିକା ଅଗ୍ରୱାଲ ଓ ସୌମ୍ୟା ସ୍ୱାମୀନାଥନ ନିଜ ମୁକାବିଲାରେ ପରାଜିତ ହୋଇଥିଲେ। ଇଣ୍ଡିଆ ସି ପକ୍ଷରୁ ଇଶା କରାବଡେ ଓ ପି ଭି ନନ୍ଦିଆ ବିଜୟୀ ହୋଇଥିବା ବେଳେ ସ୍ୱିଜରଲାଣ୍ଡ ବିପକ୍ଷରେ ଦଳ ୨.୫-୦.୫ରେ ଅଗ୍ରଣୀ ରହିଛି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



**ରୂପାଲଙ୍କୁ ଦୁଇ ପଦକ**

୨୦ବର୍ଷରୁ କମ୍ ବିଶ୍ୱ ଆଥ୍ଲେଟିକ୍ସ ଚାମ୍ପିୟନଶିପ୍‌ରେ ପ୍ରଥମ ଭାରତୀୟ ଆଥ୍ଲେଟ ଭାବେ ଦୁଇଟି ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି ରୂପାଲ ଚୌଧାରୀ।

୦୮

୦୨

**ସୀତା ଚରିତ୍ର ପାଇଁ ଅଫର ମିଳିନି**

ବଲିଉଡ୍‌ରେ ନିର୍ମାଣହେବାକୁ ଥିବା 'ରାମାୟଣ' ଫିଲ୍ମରେ ସୀତା ଚରିତ୍ର ପାଇଁ କୌଣସି ଅଫର ମିଳି ନ ଥିବା ହିନ୍ଦୀ ଫିଲ୍ମ ତାରକା କରିନା କପୁର ଖାନ୍ କହିଛନ୍ତି।



**ଦରବୃଦ୍ଧି ପ୍ରତିବାଦ**

# କଂଗ୍ରେସ ପାଳିଲା 'କଳା ଶୁକ୍ରବାର'

**ନୂଆଦିଲ୍ଲୀ,୫।୮**

ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ମୂଲ୍ୟବୃଦ୍ଧି ଏବଂ ବେରୋଜଗାରୀ ପ୍ରସଙ୍ଗକୁ ନେଇ କଂଗ୍ରେସ ପକ୍ଷରୁ ଦେଶବ୍ୟାପୀ 'କଳା ଶୁକ୍ରବାର' ପାଳନ କରାଯାଇଛି। ଦଳୀୟ ଏମ୍‌ପିମାନେ ପାର୍ଲାମେଣ୍ଟ ପରିସରରେ କଳା କୁର୍ତ୍ତା ଓ ପଗଡ଼ି

## ରାହୁଲ, ପ୍ରିୟଙ୍କାଙ୍କ ସମେତ ବହୁ ନେତା ଅଟକ

ପିନ୍ଧି କେନ୍ଦ୍ର ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଷ୍ଟ୍ରପତି ଭବନ ଅଭିମୁଖେ ଯିବାବେଳେ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ଶଶୀ ଥରୁରଙ୍କ ସମେତ ବହୁ କଂଗ୍ରେସ ନେତାଙ୍କୁ ଦିଲ୍ଲୀ ପୋଲିସ ଅଟକ ରଖିଛି।

ପୁରୁଷ କଂଗ୍ରେସ ଏମ୍‌ପିମାନେ କଳା କୁର୍ତ୍ତା, ଶାର୍ଟ, ପଗଡ଼ି, ସ୍କାର୍ପ ପିନ୍ଧିଥିବାବେଳେ ମହିଳା ଏମ୍‌ପିମାନେ ମଧ୍ୟ କଳା ବର୍ଣ୍ଣର ଥିବା ଶାଢ଼ୀ ପିନ୍ଧିଥିଲେ। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ। ରାହୁଲ ଗାନ୍ଧୀ ଏଆଇସିସି ମୁଖ୍ୟାଳୟରେ ଖବରଦାତା ସମ୍ମିଳନୀରେ ଉଦ୍‌ବୋଧନ ଦେବା ପରେ ପାର୍ଲାମେଣ୍ଟ ଭବନ ପରିସରରେ କଳା ସାର୍ଟ ପ୍ୟାଣ୍ଟ ପିନ୍ଧି ବିକ୍ଷୋଭରେ ସାମିଲ ହୋଇଥିଲେ। ସେହିପରି ପ୍ରିୟଙ୍କା କଳା ସାଲୱାର ସୁଟ୍ ପିନ୍ଧି ଏଆଇସିସି କାର୍ଯ୍ୟାଳୟ ବାହାରେ ଧାରଣାରେ ବସିଥିଲେ। ସେ ବ୍ୟାରିକେଡ୍ ଅତିକ୍ରମ କରିବାକୁ ଉଦ୍ୟମ କଲାବେଳେ ପୋଲିସ ତାଙ୍କୁ ଜବରଦସ୍ତ ଘୋଷାଡ଼ି ନେଇ ଗାଡ଼ିରେ ବସାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମ, ତାଙ୍କ ପୁଅ ତଥା ଏମ୍‌ପି କାର୍ତ୍ତି ଚିଦାମ୍ବରମ, ଲୋକ ସଭାର କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ, ଗୌରବ ଗୋଗୋଇ, କେ.ସି. ବେଣୁଗୋପାଳ, ଦୀପେନ୍ଦର ହୁଡା, ନାସିର ହୁସେନ, ଇମ୍ରାନ ପ୍ରତାପଗର୍ହି ପ୍ରମୁଖ କଳା ପୋଷାକ ପିନ୍ଧି ବିକ୍ଷୋଭରେ ସାମିଲ ☞ପୃଷ୍ଠା-୭



ନୂଆଦିଲ୍ଲୀସ୍ଥିତ ଏଆଇସିସି କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ବିକ୍ଷୋଭ ବେଳେ ଟଣାଓଟରା କରୁଛନ୍ତି ଦିଲ୍ଲୀ ପୋଲିସ।

# ଖାଲି ପଦବୀ ପୂରଣ କର

## ବିଭାଗଗୁଡ଼ିକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୫।୮(ବ୍ୟୁରୋ)**

- **କୋଭିଡ୍ ପାଇଁ ଦରଖାସ୍ତ, ପରୀକ୍ଷା ଫି' ଛାଡ଼**
- **୨୦୨୧ରୁ ୨୦୨୩ ବର୍ଷ ନିମନ୍ତେ ବୟସ ସୀମା ୩୮କୁ ବୃଦ୍ଧି**

ରାଜ୍ୟ ସରକାରଙ୍କ ଅଧୀନ ବିଭିନ୍ନ କ୍ୟାଡରରେ ଖାଲିଥିବା ପଦବୀ ପୂରଣ ପାଇଁ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଶୁକ୍ରବାର ଲୋକସେବା ଭବନରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ପର୍ଯ୍ୟନ୍ତ ହୋଇଥିବା ନିଯୁକ୍ତି ପ୍ରକ୍ରିୟା ଅଗ୍ରଗତିର ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ଚୟନ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ନିମନ୍ତେ ଓଡ଼ିଶା ପବ୍ଲିକ୍ ସର୍ଭିସ୍ କମିଶନ, ଷ୍ଟାଫ୍ ସିଲେକ୍ସନ୍ କମିଶନ, ସବ୍‌ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ୍ କମିଶନ, ପୋଲିସ ନିଯୁକ୍ତି ବୋର୍ଡକୁ ପରାମର୍ଶ ଦେଇଛନ୍ତି।

ଯେଉଁ ପଦବୀଗୁଡ଼ିକ ପାଇଁ ପରୀକ୍ଷା ଓ ମୂଲ୍ୟାୟନ ସରିଛି ସେସବୁର ଚୟନ ତାଲିକା ତୁରନ୍ତ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିଯୁକ୍ତି ନିମନ୍ତେ ସୁପାରିସ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। କୋଭିଡ୍ ପରବର୍ତ୍ତୀ ସ୍ଥିତିରେ ରାଜ୍ୟ ସରକାର ବିଭିନ୍ନ ପଦବୀ ନିମନ୍ତେ ଦରଖାସ୍ତ ଓ ପରୀକ୍ଷା ଫି' ଛାଡ଼ କରିଛନ୍ତି। ୨୦୨୧, ୨୦୨୨ ଏବଂ ୨୦୨୩ ଏହି ତିନି ବର୍ଷ ପାଇଁ ସରକାରୀ ଚାକିରି ପ୍ରବେଶ ବୟସ ସୀମା ମଧ୍ୟ ୩୨ରୁ ୩୮କୁ ବୃଦ୍ଧି କରିଛନ୍ତି। ତଦନୁଯାୟୀ ସଂରକ୍ଷିତ ଶ୍ରେଣୀ ବର୍ଗଙ୍କ ପାଇଁ ମଧ୍ୟ ନିୟମ ଅନୁସାରେ ବୟସ ସୀମା କୋହଳ କରାଯାଇଛି। ସମୀକ୍ଷାରୁ ଜଣାପଡ଼ିଛି ଯେ ୨୦୨୧-୨୨ ଏବଂ ଚଳିତ ୨୦୨୨-୨୩ ବର୍ଷରେ ବର୍ତ୍ତମାନ ପର୍ଯ୍ୟନ୍ତ ଓଡ଼ିଶା ପବ୍ଲିକ୍ ସର୍ଭିସ୍ କମିଶନ ମାଧ୍ୟମରେ ୨୮୪୮ ପଦବୀ, ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ ମାଧ୍ୟମରେ ୨୫୫୫ ପଦବୀ ଏବଂ ସବ୍-ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ କମିଶନ ମାଧ୍ୟମରେ ୧୦୩୫୫ ପଦବୀ ପାଇଁ ପ୍ରାର୍ଥୀ ଚୟନ କରାଯାଇଛି। ଏହାଛଡ଼ା ବର୍ତ୍ତମାନ ସୁଦ୍ଧା ଓଡ଼ିଶା ପବ୍ଲିକ୍ ସର୍ଭିସ କମିଶନ ୫୮୯୩ ଗ୍ରୁପ୍-ଏ ଓ ଗ୍ରୁପ୍-ବି (ଦରମା ସ୍ତର-୧୦ ରୁ ଅଧିକ) ପଦବୀ ପାଇଁ ଚୟନ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଷ୍ଟାଫ୍ ସିଲେକ୍ସନ୍ କମିଶନ ୨୩୭୬ ଗ୍ରୁପ୍-ବି(ଦରମା ସ୍ତର-୯) ଏବଂ ଗ୍ରୁପ୍-ସି ପଦବୀ ପାଇଁ ମଧ୍ୟ ଚୟନ ପ୍ରକ୍ରିୟା ତ୍ୱରାନ୍ୱିତ କରିଛନ୍ତି। ଏମାନେ ସମସ୍ତେ ଷ୍ଟେଟ୍ କ୍ୟାଡର୍ ଅନ୍ତର୍ଭୁକ୍ତ ହେବେ। ସେହିପରି ସବ୍‌ଅର୍ଡିନେଟ୍ ଷ୍ଟାଫ ସିଲେକ୍ସନ କମିଶନ ଜିଲା କ୍ୟାଡର ଅନ୍ତର୍ଭୁକ୍ତ। ଗ୍ରୁପ୍-ବି ଏବଂ ଗ୍ରୁପ୍-ସି ପଦବୀ ପାଇଁ ମଧ୍ୟ ବିଜ୍ଞାପନ, ପରୀକ୍ଷା ଓ ଚୟନ ପ୍ରକ୍ରିୟା ଚାଲୁ ରଖିଛନ୍ତି। ☞ପୃଷ୍ଠା-୭

"ମୁଁ ପ୍ରତିଦିନ, ପ୍ରତ୍ୟେକ ଭଉଣୀ ଓ ତାଙ୍କ ପରିବାରର ସ୍ୱାସ୍ଥ୍ୟକୁ ରକ୍ଷା କରିବା ପାଇଁ ପ୍ରତିବଦ୍ଧ ।"

Swami Ramdev



PATANJALI FOODS LTD.

FORMERLY KNOWN AS RUCHI SOYA INDUSTRIES LIMITED

ରକ୍ଷାବନ୍ଧନ, ଭାଇଦୂଜରୁ ଆରମ୍ଭ କରି ପ୍ରତ୍ୟେକ ପର୍ବପର୍ବାଣି ଓ ଖୁସିର ଅବସରରେ ନିଜ ଘରକୁ ପତଞ୍ଜଳି ଗାଈ ଘିଅ, କଚ୍ଚୀ ଘାନି ସୋରିଷ ତେଲ, ରାଇସ୍ ବ୍ରାନ ଅଏଲ୍ ତଥା

ପତଞ୍ଜଳିର ଶୁଦ୍ଧ-ସାତ୍ତ୍ୱିକ ପୁଷ୍ଟିକର ଉତ୍ପାଦ ହିଁ ଘରକୁ ଆଣନ୍ତୁ ଏବଂ ନିଜ ପରିବାରକୁ ଅପମିଶ୍ରଣର ବିଷରୁ ରକ୍ଷା କରନ୍ତୁ ।

ଅଶୁଦ୍ଧ ଆହାରର ଗୋଟିଏ କଣିକା ମଧ ଯଦି ଆପଣଙ୍କ ଶରୀରରେ ପ୍ରବେଶ କରେ, ତେବେ ତାହା ଆପଣଙ୍କ ରକ୍ତରୁ ଆରମ୍ଭ କରି ଡି.ଏନ୍.ଏ. ପର୍ଯ୍ୟନ୍ତ ବିଧ୍ୱଂସ କରି ଆପଣଙ୍କୁ ବାର୍ଦ୍ଧକ୍ୟ ଆଡ଼କୁ ଠେଲିଦେଇଥାଏ । (ରେଫରେନ୍ସ : ଆୟୁର୍ବେଦ, ଭଗବଦ୍ ଗୀତା ଓ ଉପନିଷଦ)




ପତଞ୍ଜଳି ଗାଈ ଘିଅ ଶାରୀରିକ ଶକ୍ତି, ପ୍ରଖର ମସ୍ତିଷ୍କ, ସ୍ମୃତିଶକ୍ତି, ସୁସ୍ଥ ହୃଦୟ, ଆଖିର ଜ୍ୟୋତି, ଦୀର୍ଘାୟୁ, ପାଚନ ଶକ୍ତି ଏବଂ ଉଜ୍ଜ୍ୱଳ ତ୍ୱଚା ପାଇଁ ସର୍ବଶ୍ରେଷ୍ଠ ଅଟେ ।

ଏହା ପ୍ରାକୃତିକ ଓରାଇଜେନଲରେ ଭରପୂର ଅଟେ, ଯାହା ଉଚ୍ଚ କୋଲେଷ୍ଟରଲ ସ୍ତର ଓ ଡାଇବେଟିସ୍‌ରୁ ରକ୍ଷା କରେ ଓ ଆପଣଙ୍କ ହୃଦୟକୁ ସୁସ୍ଥ ରଖେ । ଏହା ସହିତ ଇମ୍ୟୁନିଟି ବଢ଼ାଏ, ଭିଟାମିନ୍ A ଓ D ଗୁଣଯୁକ୍ତ ।

ବଜାରରେ ବିକ୍ରି ହେଉଥିବା ଅଧିକାଂଶ ସୋରିଷ ତେଲରେ ପାମ୍ ଅଏଲ୍ ଏବଂ ଅନ୍ୟ ଶସ୍ତା ତେଲର ଅପମିଶ୍ରଣ ହୋଇଥାଏ । ବିନା କେମିକାଲ୍ ପ୍ରୋସେସ୍‌ରେ ପ୍ରସ୍ତୁତ କଚ୍ଚୀ ଘାନି 100% ଶୁଦ୍ଧ ସୋରିଷ ତେଲ ।

ଗହମର ବାଦାମୀ ହାଇ-ଫାଇବର୍ ଅଟା, ବି12 ଓ ଆଇରନ୍‌ରେ ଭରପୂର ଫୋର୍ଟିଫାଏଡ୍ ଟ୍ରାଡିସନାଲ ଚକ୍କି ଅଟା ଓ ହାଇ-ଫାଇବର୍ ପ୍ରୋଟିନଯୁକ୍ତ ବେସନ ଆପଣାନ୍ତୁ ।

ପଲିଶ୍ ହୋଇ ନ ଥିବା ପ୍ରାକୃତିକ ଡାଲି ଯାହା ପ୍ରୋଟିନ୍, ସ୍ୱାଦ ଓ ପ୍ରାକୃତିକ ପୋଷକ ତତ୍ତ୍ୱରେ ଭରପୂର ଏବଂ ସ୍ୱାସ୍ଥ୍ୟକର କରେ ।




ପ୍ରାକୃତିକ ଓ ଶୁଦ୍ଧ ତତ୍ତ୍ୱରେ ପ୍ରସ୍ତୁତ, ଅପମିଶ୍ରଣରୁ ମୁକ୍ତ ପତଞ୍ଜଳି ମସଲା, ଆପଣଙ୍କ ପାଚନ ତନ୍ତ୍ରକୁ ସୁସ୍ଥ ରଖି ସ୍ୱାସ୍ଥ୍ୟରେ ଭରପୂର ସ୍ୱାଦ ଦେଇଥାଏ ।

ପତଞ୍ଜଳି ରାଇସ୍, ସବୁଠାରୁ ନାଇସ୍ । ଦୁଇବର୍ଷ ପୁରୁଣା ବାସମତୀ ଓ ଅନ୍ୟ ପ୍ରକାର ଚାଉଳର ସମ୍ପୂର୍ଣ୍ଣ ରେଞ୍ଜ ।

ପତଞ୍ଜଳି ହନି ଶୁଦ୍ଧତାର 100ରୁ ଅଧିକ ମାନଦଣ୍ଡରେ ଉତ୍ତୀର୍ଣ୍ଣ, ପ୍ରାକୃତିକ ଇମ୍ୟୁନିଟି ବୁଷ୍ଟର୍ ଅଟେ ।

ପତଞ୍ଜଳି ଡ୍ରାଏଫ୍ରୁଟ୍‌ସ ଖଜୁରି, ବାଦାମ, କାଜୁ, କିସ୍‌ମିସ୍, ଅଞ୍ଜିର ଆଦିର ରେଞ୍ଜ ।

ଇନ୍‌ଫ୍ଲାମେଶନ୍ ହ୍ରାସ କରି, ଇମ୍ୟୁନିଟି ବୃଦ୍ଧି କରି, ରେସ୍ପିରେଟରୀ ସିଷ୍ଟମ୍‌କୁ ଷ୍ଟ୍ରଙ୍ଗ୍ କରିବା ଓ ସବୁ ରୋଗ ସହ ଲଢ଼ିବାର ଶକ୍ତି ଦେଇଥାଏ ।

Shop Online- www.patanjaliayurved.net | Customer Care Number - 18001804108 | Email ID - feedback@patanjaliayurved.org | Website - www.patanjaliayurved.org

# ହିନ୍ଦୁ ରୀତିନୀତିରେ ବାହାହେଲେ ବିଦେଶୀ



**ଦିଶପୁର:** ପ୍ରେମ ମାନେନି କୌଣସି ପ୍ରକାର ବନ୍ଧବାଡ଼। ତାହାକୁ ପ୍ରମାଣ କରି ଦେଖାଇଛନ୍ତି ଏହି ପ୍ରେମୀ ଯୁଗଳ। ପ୍ରେମିକଙ୍କ ଘର ରୁଷିଆରେ ହୋଇଥିବାବେଳେ ୟୁକ୍ରେନ୍‌ରେ ପ୍ରେମିକା ଏଲୋନାଙ୍କ ଘର। ଦୁହେଁ ଦୁଇବର୍ଷ ଧରି ହିମାଚଳ ପ୍ରଦେଶର ଧର୍ମଶାଳାରେ ରହିଆସୁଛନ୍ତି। ନିକଟରେ ସେମାନେ ବିବାହ ବନ୍ଧନରେ ବାନ୍ଧି ହୋଇଥିବାବେଳେ ସ୍ଥାନୀୟ ରାଧାକୃଷ୍ଣ ମନ୍ଦିରରେ ହିନ୍ଦୁ ରୀତିନୀତିରେ ସେମାନଙ୍କ ବାହାଘର ସମ୍ପନ୍ନ ହୋଇଛି। କନ୍ୟା ବର ହିମାଚଳ ପ୍ରଦେଶର ପାରମ୍ପରିକ ବିବାହ ପୋଷାକ ପରିଧାନ କରିଥିବାବେଳେ ସ୍ଥାନୀୟ ଲୋକେ ଏହି ସମାରୋହରେ ଯୋଗ ଦେଇଥିଲେ। ବାହାଘରରେ ପାରମ୍ପରିକ ନାଚ, ଗୀତର ଆସର ଜମି ଥିବାର ଦେଖିବାକୁ ମିଳିଥିଲା। ତେବେ ବିବାହର ଭିଡିଓ ଓ ଫଟୋ ସାମାଜିକ ଗଣମାଧ୍ୟମରେ ଶେୟାର କରାଯାଇଥିବାବେଳେ ସୋସିଆଲ ମିଡିଆ ୟୁଜର ଦୁହିଁଙ୍କୁ ପ୍ରଶଂସା କରିବା ସହ ବାହାଘରରେ ସ୍ଥାନୀୟ ଅଞ୍ଚଳ ଲୋକଙ୍କ ସହଯୋଗକୁ ମଧ୍ୟ ଗ୍ରହଣ କରିଥିବା ଜଣାପଡ଼ିଛି।

# ସୀତା ଚରିତ୍ର ପାଇଁ ଅଫର ମିଳିନି

ମୁମ୍ବାଇ

କିଛିଦିନ ଧରି ଏକାଧିକ ଗଣମାଧ୍ୟମ ଏବଂ ସୋସିଆଲ ମିଡିଆରେ ନିର୍ମାଣ ହେବାକୁ ଥିବା 'ରାମାୟଣ' ଫିଲ୍ମର ସୀତା ଭୂମିକାକୁ ନେଇ ବିଭିନ୍ନ ଖବର ପ୍ରସାରିତ ହୋଇଛି। ଏ ଖବର ଭିତରେ କରିନା କପୁର ଖାନ୍‌ଙ୍କ ନାମ ସାମିଲ କରାଯାଇଥିବା ବେଳେ ସୀତା ଚରିତ୍ରରେ ଅଭିନୟ କରିବା ପାଇଁ କରୀନା କୁଆଡ଼େ ୧୨ କୋଟି ଦାବି କରୁଥିବା ଖବର ମଧ୍ୟ ପ୍ରକାଶ ପାଇଛି। ଗୁଡ଼ିଏ ଦିନ ଏ ନେଇ ଖବର ପ୍ରଘଟ ହେବା ପରେ କରିନା କପୁର ମୁହଁ ଖୋଲିଛନ୍ତି। ସେ କହିଛନ୍ତି, ମୋତେ ବର୍ତ୍ତମାନ ସୁଦ୍ଧା ରାମାୟଣ ଫିଲ୍ମରେ ସୀତା ଚରିତ୍ରରେ ଅଭିନୟ କରିବା ପାଇଁ କୌଣସି ଅଫର ମିଳି ନାହିଁ। ଦିନ ପ୍ରତିଦିନ ସୋସିଆଲ ମିଡିଆରେ ସୀତା ଚରିତ୍ରକୁ ନେଇ ମିଛ ଖବର ପ୍ରସାରିତ ହେବାରେ ଲାଗିଛି। ଫିଲ୍ମରେ ତାଙ୍କର କୌଣସି ପ୍ରକାର ସମ୍ପୃକ୍ତି ନ ଥିବା କାରଣରୁ ସେ ଏ ପର୍ଯ୍ୟନ୍ତ ଚୁପ୍ ଥିବା କହିଛନ୍ତି। ଅନ୍ୟପଟେ ଫିଲ୍ମରେ ଅଭିନୟ କରିବା ପାଇଁ କରିନା ନିଜ ଆୟର ଦ୍ୱିଗୁଣା ଦାବି କରିବା ନେଇ ଏହା ହିନ୍ଦୁ ମାନଙ୍କୁ ଆଘାତ ଦେଇଥିବା ଖବର ମଧ୍ୟ ପ୍ରକାଶ ପାଇଥିଲା। ତେବେ ଏସବୁ ମିଛ ଖବର ବୋଲି କରିନା କହିଛନ୍ତି। ସୂଚନାଯୋଗ୍ୟ ରାମାୟଣ ଫିଲ୍ମରେ ସୈଫ୍ ଅଲି ଖାନ୍ ରାବଣ ଭୂମିକାରେ ନଜରକୁ ଆସିବେ। ଆସନ୍ତା ୧୧ରେ କରିନାଙ୍କ ଦ୍ୱାରା ଅଭିନୀତ ଚଳଚ୍ଚିତ୍ର 'ଲାଲ୍ ସିଂ ଚଡ୍ଢା' ମୁକ୍ତିଲାଭ କରିବ।



କରିନା କପୁର ଖାନ୍

# ରାମ୍ପରେ ଚାଲିବାରୁ ୫ ଅଧିକାରୀଙ୍କ ବଦଳି

ଚେନ୍ନାଇ

ତାମିଲନାଡୁର ନାଗାପଟ୍ଟିନମରେ ୫ ପୋଲିସ ଅଧିକାରୀଙ୍କ ବଦଳି କରାଯାଇଛି। ତେବେ ଏକକାଳୀନ ୫ ପୋଲିସ ଅଧିକାରୀଙ୍କ ବଦଳି ପଛର କାରଣ ଜାଣିଲେ ପାଠକମାନେ ଆଶ୍ଚର୍ଯ୍ୟ ହେବେ ନିଶ୍ଚୟ। ସ୍ଥାନୀୟ ଅଞ୍ଚଳରେ ଆୟୋଜିତ ଏକ ସୁନ୍ଦରୀ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ପୋଲିସ ଅଧିକାରୀଙ୍କ ଡ୍ୟୁଟି ପଡ଼ିଥିଲା। ତେବେ ଉକ୍ତ କର୍ମଚାରୀ ଡ୍ୟୁଟି ରାମ୍ପରେ ଚାଲିବା କାରଣରୁ ସ୍ଥାନୀୟ ଅଞ୍ଚଳ ଏସ୍‌ପି ସେମାନଙ୍କୁ ବଦଳି କରିଛନ୍ତି। ମାୟିଲାଦୁଥୁରାଇ ଜିଲା ସେମ୍ବାନାରକୋଭିଲ ସହରରେ ମୟୂରା ମଡେଲିଂ ଏଜେନ୍ସି ତରଫରୁ ଏକ ସୁନ୍ଦରୀ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଛୋଟ ଶିଶୁଙ୍କଠାରୁ ଆରମ୍ଭ କରି ମଧ୍ୟ ବୟସ୍କା ମହିଳାଙ୍କ ପର୍ଯ୍ୟନ୍ତ ସବୁ ବର୍ଗର ଲୋକେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବହୁଚର୍ଚ୍ଚିତ 'ସିଂଘମ' ମ୍ୟୁଜିକ୍‌ର ତାଳେ ତାଳେ ପୋଲିସ ଅଧିକରୀ ରାମ୍ପରେ ଚାଲିବା ପରେ ଏହା ବିଶୃଙ୍ଖଳା ଆଚରଣ ଦର୍ଶାଇ ଜାୱାଗର ଏସ୍‌ପି ସେମାନଙ୍କ ବଦଳି କରିଛନ୍ତି।



# ଶାନ୍ତି ହିଁ ବିକାଶର ପ୍ରଥମ ସୋପାନ

**ଶା**ନ୍ତି ହିଁ ବିକାଶର ପ୍ରଥମ ପାହାଚ। ଏହାଦ୍ୱାରା ବିଶ୍ୱରେ ଭାତୃତ୍ୱ ବନ୍ଧନ ସୃଷ୍ଟି ହୋଇଥାଏ। ଯୁଦ୍ଧ ସବୁ ଧ୍ୱଂସ କରୁଥିବାବେଳେ ଶାନ୍ତି ଏକ ଅନ୍ୟନ ଧାରା ଆଣିଥାଏ। ଯୁଦ୍ଧ ବିଭୀଷିକା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ୬ ଅଗଷ୍ଟରେ ହିରୋସୀମା ଦିବସ ପାଳନ କରାଯାଇଥାଏ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନର ହିରୋସୀମା ସହର ଉପରେ ୧୯୪୫

## ହିରୋସୀମା ଦିବସ

ଅଗଷ୍ଟ ୬ରେ ଆମେରିକା ଲିଟିଲ ବୟ ନାମକ ପରମାଣୁ ବୋମା ପକାଇ ଥିଲା। ହିରୋସୀମା ଉପରେ ପଡିଥିବା ପରମାଣୁ ବୋମା ପାଇଁ ଲିଟିଲ ବୟର କୋଡେନାମ ରଖାଥିଲା ଯାହା ଏକ ୟୁରାନିୟମ ବୋମା ଥିଲା। ଏଥିରେ ୨୦ ହଜାରରୁ ଅଧିକ ସୈନିକ ଏବଂ ପ୍ରାୟ ୭୦ ହଜାରରୁ ଅଧିକ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିଲା। ଲକ୍ଷେ ୨୬ ହଜାରେରୁ ଅଧିକ ଲୋକଙ୍କ ମୃତ୍ୟୁ ଏହାଯୋଗୁ ଘଟିଥିବା ମଧ୍ୟ କୁହାଯାଏ। ହିରୋସୀମାରେ ସକାଳ ୮ଟା ୧୬ରେ ବୋମା ପଡ଼ିବା ପୂର୍ବରୁ ୪୩ ହଜାର ସୈନ୍ୟ, ୨୦୦ ଡାକ୍ତର, ୧,୭୮୦ ନର୍ସ ଥିଲେ। ତେବେ ବୋମା ପଡ଼ିବା ପରେ ସୈନ୍ୟଙ୍କ ସଂଖ୍ୟା ୨୩ ହଜାରକୁ କମି ଆସିଥିବାବେଳେ ଡାକ୍ତରଙ୍କ ସଂଖ୍ୟା ୨୦ ଏବଂ ନର୍ସଙ୍କ ସଂଖ୍ୟା ୧୫୦ ଥିଲା। ଅଢ଼େଇ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଏହି ବୋମା ସବୁକିଛି ଧ୍ୱଂସ କରିଥିଲା। ଆହତଙ୍କୁ ନେଇ ବଡ଼ ସମସ୍ୟା ଉପୁଜି ଥିଲା। ଏହି ବୋମା ପ୍ରଭାବ ବହୁ ବର୍ଷ ଧରି ଅନୁଭୁତ ହୋଇଥିଲା। ବିକିରଣ ଯୋଗୁ ନାନା ପ୍ରକାର ରୋଗ, ପୋଡାଜଳା ଏବଂ ଅନ୍ୟାନ୍ୟ କ୍ଷତ ଯୋଗୁଁ ଲୋକମାନଙ୍କର ମୃତ୍ୟୁ ଘଟିଥିଲା। ବିକିରଣର ପ୍ରଭାବ ଦଶନ୍ଧି ଧରି ଜାରି ରହିଲା, ବଞ୍ଚିଥିବା ଲୋକମାନଙ୍କ ମଧ୍ୟରେ କର୍କଟ, ଜନ୍ମଗତ ତ୍ରୁଟି ଏବଂ ଅନ୍ୟାନ୍ୟ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଥିଲା। ତିନି ଦିନ ପରେ ଜାପାନର ଅନ୍ୟ ଏକ ସହର ନାଗାସାକି ଉପରେ ଫ୍ୟାଟ ମ୍ୟାନ୍ ନାମକ ଏକ ବୋମା ପକାଇଥିଲା। ଏଥିରେ ୮୦ ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥିଲା। ୧୫ ଅଗଷ୍ଟ ୧୯୪୫ରେ, ଜାପାନ ଆତ୍ମସମର୍ପଣ କଲା। ଯୁଦ୍ଧ ଆନୁଷ୍ଠାନିକ ଭାବରେ ୨ସେପ୍ଟେମ୍ବରରେ ସମାପ୍ତ ହେଲା। ଜାପାନରେ, ପରମାଣୁ ବୋମା ବିସ୍ଫୋରଣରୁ ବଞ୍ଚିଥିବା ଲୋକଙ୍କୁ ହିବାକୁଶା କୁହାଯାଏ।

## ରାଜ୍ୟ ଖବର

# ପାରିବାରିକ କଳହ: ବିଷ ପିଇଲେ ମା', ୨ ବର୍ଷର ଝିଅକୁ ପିଆଇଲେ

ବ୍ରହ୍ମବରଦା,୫ା୮(ଡି.ଏନ.ଏ.)

ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ ସାମନ୍ତରାପୁର ପଞ୍ଚାୟତ ରସୁଣା ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ପରିବାର ମଧ୍ୟରେ ଝଗଡ଼ା ହେବାରୁ ମା' ବିଷ ପିଇବା ସହ ତାଙ୍କ ଦୁଇ ବର୍ଷର ଝିଅକୁ ବିଷ ପିଆଇ ଦେଇଛନ୍ତି। ଉଭୟଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ଗ୍ରାମର ବିଜୁ ସାହୁଙ୍କ ସ୍ତ୍ରୀ ରଶ୍ମିତା(୩୦) ଓ ତାଙ୍କ ୨ ବର୍ଷର ଝିଅ।

ସୂଚନା ଅନୁସାରେ, ବିଜୁଙ୍କ ପରିବାର ମଧ୍ୟରେ ଶୁକ୍ରବାର ସକାଳେ ପୈତୃକ ସମ୍ପତ୍ତିର ମାପଚୁପ କରାଯାଇଥିଲା। ଏହି ସମୟରେ କୌଣସି କାରଣରୁ ପରିବାର ମଧ୍ୟରେ ଝଗଡ଼ା ସୃଷ୍ଟି ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ରଶ୍ମିତା ଘରେ ବିଲରେ ପକାଯିବାକୁ ଥିବା ବିଷକୁ ପିଇବା ସହ ତାଙ୍କ ଦୁଇ ବର୍ଷର ଝିଅକୁ ପିଆଇ ଦେଇଥିଲେ। ପରିବାର ଲୋକେ ଏହା ଜାଣିବା ପରେ ସେମାନଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଦୁହିଁଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ପରିବାର ତରଫରୁ ଜଣାପଡ଼ିଛି।

# ଜେଲଗଲେ ଚାଳକ, ଫାଶୀଦଣ୍ଡ ଦାବି

## ଗାଡ଼ି ମଡ଼ାଇ ମା'ଝିଅଙ୍କୁ ହତ୍ୟା ଘଟଣା

ଧର୍ମଶାଳା/ଚଢ଼େଇଧରା, ୫ା୮(ଡି.ଏନ.ଏ.)

ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ୫୩ ନଂ. ଜାତୀୟ ରାଜପଥର ବରଡ଼ା ଛକ ନିକଟରେ ଟିପ୍ପର(ଓଆର୍୧୬ଡି ୬୪୦୮) ଚଢ଼ାଇ ମା' ଓ ଝିଅଙ୍କୁ ହତ୍ୟା କରିଥିବା ଚାଳକ ଅମର ସ୍ୱାଇଁଙ୍କୁ ଶୁକ୍ରବାର ଚଣ୍ଡିଖୋଲ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ରଗଡ଼ି ଜେଲ୍‌କୁ ପଠାଇ ଦିଆଯାଇଛି। ତେବେ ପୋଲିସ ଆଗରେ ଅଭିଯୁକ୍ତ ଅମର ସବୁ ସତ ମାନିଥିବାବେଳେ କୋର୍ଟଚାଲାଣ ସମୟରେ ଗଣମାଧ୍ୟମକୁ ଭିନ୍ନ କଥା କହିଛନ୍ତି। ଦୁର୍ଘଟଣା କିପରି ହେଲା ବୋଲି ଗଣମାଧ୍ୟମ ପ୍ରତିନିଧି ତାଙ୍କୁ ପ୍ରଶ୍ନ କରିଥିଲେ। ଉତ୍ତରରେ ସେ କହିଥିଲେ, ଗାଡ଼ିର ବ୍ରେକ ଫେଲ୍ ହୋଇଗଲା। ସେଥିପାଇଁ ସେମାନଙ୍କ ଉପରେ ଗାଡ଼ି ଚଢ଼ିଗଲା। ଅନ୍ୟପକ୍ଷରେ ମୃତକଙ୍କ ପରିବାର ପକ୍ଷରୁ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡ ଦିଆଯାଉ ବୋଲି ଦାବି ହୋଇଛି।

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅଧୀନ ରଥପଡ଼ିଆର ଅଶୋକ ଚକ୍ରବର୍ତ୍ତୀଙ୍କ ସ୍ତ୍ରୀ ଶ୍ରୀତିକା ଚକ୍ରବର୍ତ୍ତୀ ଓ ତାଙ୍କ ଝିଅ ସୋମାଲୀ ଚକ୍ରବର୍ତ୍ତୀ ବୁଧବାର କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ାରୁ ସ୍କୁଟିରେ ଘରକୁ ଫେରୁଥିଲେ। ଚଣ୍ଡିଖୋଲ ନିକଟରୁ ଗାଡ଼ି ଚାଳକ ଅମର ଶ୍ରୀତିକା ଓ ସୋମାଲୀଙ୍କୁ ଅଶ୍ଳୀଳ କମେଣ୍ଟ ମାରିବା ସହିତ ଜୋରରେ ହର୍ଣ୍ଣ ମାରି ବ୍ୟସ୍ତ କରିପକାଇଥିଲେ। ଗାଡ଼ିଟି ଆରୁହାରେ ଅଟକିବା ପରେ ଶ୍ରୀତିକା ଓ ସୋମାଲୀ ଚାଳକଙ୍କୁ ପଚାରିବାରେ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସ୍ଥାନୀୟ ଲୋକେ ବୁଝାଶୁଝା କରି ଉଭୟଙ୍କୁ ସେଠାରୁ ଚାଲିଯିବାକୁ କହିବା ସହିତ ପ୍ରଥମେ ଶ୍ରୀତିକା ଓ ସୋମାଲୀଙ୍କୁ ପଠାଇ ଦେଇଥିଲେ। ଆଉ କିଛି ଦୁର୍ଘଟଣାର ଆଶଙ୍କା ନ କରି ଲୋକେ ଚାଲିଯାଇଥିଲେ। ତେବେ ରାସ୍ତା ଉପରେ ସର୍ବସମ୍ମୁଖରେ ମା'ଝିଅଙ୍କ ଅପମାନର ଜ୍ୱାଳାରେ ଜର୍ଜରିତ ହୋଇଥିଲେ ଟ୍ରକ୍ ଚାଳକ ଅମର। ପ୍ରତିଶୋଧର ନିଆଁରେ ନିଜର କ୍ରୋଧକୁ ନିୟନ୍ତ୍ରଣ କରିପାରି ନ ଥିଲେ। ତେଣୁ ଟ୍ରକ୍ ଚଢାଇ ମା'ଝିଅକୁ ଜୀବନରୁ ମାରିଦେବା ପାଇଁ ଚରମ ନିଷ୍ପତ୍ତି ନେଇଥିଲେ। ସେମାନଙ୍କୁ ମାରିବା ପାଇଁ ୭ କି.ମି. ପର୍ଯ୍ୟନ୍ତ ଆସିଥିଲେ। ଶ୍ରୀତିକା ଓ ସୋମାଲୀ ରାସ୍ତାର ପୂରା ପାର୍ଶ୍ୱକୁ ଚାଲିଯାଇଥିଲେ ମଧ୍ୟ ଚାଳକ ତାଙ୍କୁ ପିଛା କରି ମାଟିଗଦା ସହିତ ମଡ଼ାଇ ଦେଇଥିଲେ। ଫଳରେ ଘଟଣା ସ୍ଥଳରେ ମା'ଝିଅଙ୍କ ମୃତ୍ୟୁ ହୋଇଥିଲା। ଏଥିସହିତ ଗାଡ଼ିଟି ଓଲଟି ପଡ଼ିଥିଲା। ଗିରଫ ସମୟରେ ପ୍ରଥମେ ପୋଲିସକୁ ବ୍ରେକ୍ ଫେଲ୍ ହୋଇଗଲା ବୋଲି ଅମର କହିଥିଲେ। ତେବେ ଜେରା ସମୟରେ ଅମର ସବୁ କିଛି ସତ ମାନିଥିଲେ ବୋଲି ପୋଲିସ କହିଛି। ଏହି ଘଟଣା ସମଗ୍ର ଜିଲାରେ ଚାଞ୍ଚଲ୍ୟ ଖେଳାଇ ଦେଇଛି।



ଗାଡ଼ି ଚାଳକଙ୍କୁ କୋର୍ଟଚାଲାଣ କରାଯାଉଛି।

# ନବଜାତକର ମୃତ୍ୟୁକୁ ନେଇ ଉତ୍ତେଜନା

ବାଲେଶ୍ୱର ଅଫିସ, ୫ା୮

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ ନବଜାତକର ମୃତ୍ୟୁକୁ ନେଇ ଶୁକ୍ରବାର ଉତ୍ତେଜନା ଦେଖାଦେଇଛି। ଚିକିତ୍ସା ଅବହେଳାରୁ ଶିଶୁଟିର ମୃତ୍ୟୁ ହୋଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରି ଧାରଣାରେ ବସିଥିଲେ। ଘଟଣାସ୍ଥଳରେ ମେଡିକାଲ ଅଧିକାରୀ ଓ ଟାଉନ ଥାନା ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତ ନିୟନ୍ତ୍ରଣାଧୀନ ହୋଇଥିଲା।

ବାଲିଆପାଳ ବ୍ଲକ ବଡ଼ସିମୁଳିଆ ଅଞ୍ଚଳର ଦିଲ୍ଲୀପ କୁମାର ବୀର ତାଙ୍କ ସ୍ତ୍ରୀ ରବିନା ନାୟକଙ୍କୁ ପ୍ରସବ ପାଇଁ ମଙ୍ଗଳବାର ସନ୍ଧ୍ୟାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଗୁରୁବାର ସନ୍ଧ୍ୟାରେ ରବିନାଙ୍କର ଅଧିକ ପ୍ରସବ ଯନ୍ତ୍ରଣା ହୋଇଥିଲା। ପାଖରେ ଥିବା ପରିବାର ଲୋକ ସେବିକାଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ ସେମାନେ କୌଣସି ଅସୁବିଧା ନାହିଁ ବୋଲି କହି ଏଡ଼ାଇ ଦେଇଥିଲେ। ରାତି ପ୍ରାୟ ୮ଟା ବେଳେ ଡାକ୍ତର ପହଞ୍ଚି ରବିନାଙ୍କର ପ୍ରସବ କରାଇଥିଲେ। ଏହାର କିଛି ସମୟ ମଧ୍ୟରେ ଶିଶୁଟିର ମୃତ୍ୟୁ ହୋଇଥିବା ଡାକ୍ତର ଦିଲୀପଙ୍କୁ ଜଣାଇଥିଲେ। ଚିକିତ୍ସା ଅବହେଳାରୁ ଶିଶୁଟିର ମୃତ୍ୟୁ ହୋଇଥିବା ଅଭିଯୋଗ କରି ପରିବାର ଲୋକେ ସ୍ତ୍ରୀ ଓ ପ୍ରସୂତି ବିଭାଗ ସମ୍ମୁଖରେ ରଖି ଧାରଣାରେ ବସିଥିଲେ।



ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗ ସମ୍ମୁଖରେ ଧାରଣାରତ ମୃତ ନବଜାତକର ପରିବାର।

# ଅବହେଳାରୁ ଦ୍ୱିତୀୟ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଅଭିଯୋଗ

## ମୃତଦେହ ଧରି ସ୍କୁଲ ଆଗରେ ଗ୍ରାମବାସୀଙ୍କ ପ୍ରତିବାଦ

ନୀଳଗିରି, ୫ା୮(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଧୋବଶିଳା ପଞ୍ଚାୟତ ଅଧୀନ ଖଇରବଣି ସରକାରୀ ପ୍ରାଥମିକ ବିଦ୍ୟାଳୟ ହଷ୍ଟେଲରେ ରହୁଥିବା ଦ୍ୱିତୀୟ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ଅବହେଳାରୁ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ତାଙ୍କ ପରିବାର ଲୋକଙ୍କ ସହ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଘଟଣାର ନିରପେକ୍ଷ ତଦନ୍ତ ଓ କ୍ଷତିପୂରଣ ଦାବିରେ ସ୍କୁଲ୍ ସମ୍ମୁଖରେ ଛାତ୍ରଙ୍କ ମୃତଦେହ ଧରି ପ୍ରତିବାଦ କରିଥିଲେ। ଏନେଇ ପ୍ରଶାସନ ପକ୍ଷରୁ ନୀଳଗିରି ତହସିଲଦାର ଅଶେଷ କୁମାର ନାୟକ, ଅତିରିକ୍ତ ମଙ୍ଗଳ ଅଧିକାରୀ ରଞ୍ଜନ ଦାସ, ବ୍ଲକ ମଙ୍ଗଳ ଅଧିକାରୀ ଶୈଳେନ୍ଦ୍ର ଶତପଥୀ, ସିଆର୍‌ସି ସୁଶୀଲ କୁମାର ବେହେରା, ନୀଳଗିରି ପୋଲିସ, ଏବିଇଓ, ବିଆରସିସି, ସ୍ଥାନୀୟ ସରପଞ୍ଚ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ।




ବିଦ୍ୟାଳୟ ପରିସରରେ ଉତ୍ତେଜନା।

ଉଭୟ ପକ୍ଷ ଆଲୋଚନା ପରେ ହଷ୍ଟେଲ ଦାୟିତ୍ୱରେ ଥିବା ଶିକ୍ଷକଙ୍କୁ ବହିଷ୍କାର କରି ଶିକ୍ଷୟିତ୍ରୀ କିରଣବାଳାଙ୍କୁ ଅସ୍ଥାୟୀ ଭାବେ ଦାୟିତ୍ୱ ହସ୍ତାନ୍ତର, ଅନ୍ତେଷ୍ଟିକ୍ରିୟା ପାଇଁ ରେଡକ୍ରସରୁ ୧୦ହଜାର, ସ୍କୁଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ୧୦ହଜାର, ଏମ୍‌ପି ପ୍ରତାପ ଷଡଙ୍ଗୀଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ୫ହଜାର ଟଙ୍କା ସହ ଡେଥ ସାର୍ଟିଫିକେଟ୍ ଆସିବା ପରେ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ଦିଆଯିବା ବ୍ୟବସ୍ଥା କରାଯିବାର ପ୍ରତିଶ୍ରୁତି ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏହାପରେ ଛାତ୍ରଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା।

ଆଇଟିଡିଏ ଅଧୀନ ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଏଠାରେ ରହିବା ଲାଗି ୪୦ଶଯ୍ୟା ବିଶିଷ୍ଟ ହଷ୍ଟେଲ ଥିବାରୁ ଆଖପାଖ ଅଞ୍ଚଳର ପିଲାମାନେ ପଢ଼ିଥାନ୍ତି। ରାବୁଡୁସାହି ଗ୍ରାମର ପୂର୍ଣ୍ଣଚନ୍ଦ୍ର ସିଂଙ୍କ ୭ ବର୍ଷର ପୁଅ ଉକ୍ତ ହଷ୍ଟେଲରେ ରହି ଦ୍ୱିତୀୟ ଶ୍ରେଣୀରେ ପଢୁଥିଲେ। ଗତ ୪ ଦିନ ହେବ ତାଙ୍କର ଦେହ ଅସୁସ୍ଥ ଥିବା ସହ ଥଣ୍ଡାଜ୍ୱରରେ ମଧ୍ୟ ପୀଡ଼ିତ ଥିଲେ। ଉକ୍ତ ସମୟ ମଧ୍ୟରେ ହଷ୍ଟେଲ ରୋଷେୟା କରୋନାରେ ସଂକ୍ରମିତ ଥିଲେ। ତେବେ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ମନ୍ମଥ କୁମାର ମଲ୍ଲିକ ଓ ପ୍ରଧାନ ଶିକ୍ଷୟିତ୍ରୀ କିରଣ ବାଳା ମଲ୍ଲିକ ଛାତ୍ରଙ୍କୁ ମେଡ଼ିକାଲ ନେଇ ଚିକିତ୍ସା କରିବା ବଦଳରେ ଗୁରୁବାର ପୂର୍ବାହ୍ନରେ ତାଙ୍କ ବାପାଙ୍କୁ ଡକାଇ ଘରକୁ ପଠାଇ ଦେଇଥିଲେ। ଶୁକ୍ରବାର ସକାଳେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡ଼ିବାରୁ ପରିବାର ଲୋକେ ତାଙ୍କୁ ନୀଳଗିରି ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

## ସଂକ୍ଷେପରେ

### ଜିଲା ମୁଖ୍ୟ ଚିକିତ୍ସାଳୟକୁ ୨ ଆକ୍ରାନ୍ତ ସ୍ଥାନାନ୍ତର

#### ତୁଳସୀପଦରରେ ଝାଡ଼ାବାନ୍ତି ବ୍ୟାପିବା ଘଟଣା

ପାପଡ଼ାହାଣ୍ଡି,୫।୮(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମୈଦଲପୁର ପଞ୍ଚାୟତର ତୁଳସୀପଦର ଗ୍ରାମରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ଘଟଣାରେ ଶୁକ୍ରବାର ମନୁ ଜାନି ଓ ରସୁନା ସାନ୍ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତୁଳସୀପଦର ଗ୍ରାମର ୫ଜଣ ବର୍ତ୍ତମାନ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ରୁକା ସାନ୍ତା, ମନୁ ସାନ୍ତା ଓ ରସୁନା ସାନ୍ତାଙ୍କ ସ୍ୱାସ୍ଥ୍ୟ ଗୁରୁତର ଥିବାବେଳେ ପଦ୍ମା ସାନ୍ତା ଓ ମାମୁନି ସାନ୍ତାଙ୍କ ଅବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ଜିଲା ମୁଖ୍ୟ ଚିକିତ୍ସାଳୟର ଆଇସୋଲେସନ ୱାର୍ଡରେ ମୋଟ ୧୩ଜଣ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ଚିକିତ୍ସା ଚାଲିଛି। ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଧନରସ ସାନ୍ତା ଚିକିତ୍ସିତ ହେଉଛନ୍ତି। ଗୁରୁବାର ଏଡିଏମ୍ଏଓ ଡ. ମଳୟ ରଞ୍ଜନ ତ୍ରିପାଠୀ ତୁଳସୀପଦର ଯାଇ ପରିସ୍ଥିତି ଅନୁଧ୍ୟାନ କରିଥିଲେ।

### ଜମି ଗାତରେ ପଡ଼ି ନାବାଳିକା ମୃତ

ଉମରକୋଟ, ୫।୮(ସ୍ୱ.ପ୍ର.)- ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ବୁର୍ଜା ଗ୍ରାମରେ ଏକ ଜମି ଭିତରେ ରହିଥିବ ଗାତରେ ପଡ଼ି ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମୁର୍ତୁମା ଗାଁର ଲକିନାଥ କମାରଙ୍କ ଝିଅ ଚେଚବତି (୧୩)। ଚେଚବତି ଶୁକ୍ରାବାର ଜମି ନିକଟ ଥିବା ଗାତ ରେ ଶୌଚ ପାଇଁ ଯାଇଥିବା ସମୟରେ ତାଙ୍କ ଗୋଡ଼ ଖସି ଯାଇଥିଲା। ପାଣିରେ ବୁଡ଼ିଯାଇ ତାଙ୍କର ମୃତ୍ୟୁ ହୋଇଛି। ସେ ମୁକ ଓ ସାମାନ୍ୟ ମାନସିକ ବିକୃତ ଥିଲେ ବୋଲି ତାଙ୍କ ସମ୍ପର୍କୀୟ ଭାଇ ଗୋପୀନାଥ କମାର ଉମରକୋଟ ଥାନାରେ ଏତଲାରେ ଦର୍ଶାଇଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନାବାଳିକାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଉମରକୋଟ ହସ୍ପିଟାଲ୍‌କୁ ପଠାଇଛନ୍ତି। ଏନେଇ ଉମରକୋଟ ଥାନାରେ କେସ୍ ନଂ. ୫୯/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

### ରାଇଘର କୋର୍ଟରେ ଚାରାରୋପଣ



ରାଇଘର, ୫।୮(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ରାଇଘର କୋର୍ଟ ପରିସରରେ ଶୁକ୍ରବାର ଚାରାରୋପଣ କରାଯାଇଛି। ରାଇଘର କୋର୍ଟ ଜେଏମ୍ଏଫ୍‌ସି ସବ୍ୟସାଚୀ ପଣ୍ଡା, ଏପିପି ରାନୁ ଶୋଭେଦା କୁମାର, ରାଇଘର ବାର୍ ଆସୋସିଏଶନ ସଭାପତି ପୁରୁଷୋତ୍ତମ ମହାପାତ୍ର, ସମ୍ପାଦକ କିରଣ କୁମାର ପଟ୍ଟନାୟକ, ବରିଷ୍ଠ ସଦସ୍ୟ କମଳ ବଛାର, ରାଜେନ୍ଦ୍ର ସାହୁ, ପରିମଳ ମଣ୍ଡଳ, ବାଦଲ ଦାସ, କମଲେଶ କୀର୍ତ୍ତନିଆ, ପୂର୍ଣ୍ଣଚନ୍ଦ୍ର ଗଣ୍ଡଙ୍କ ସମେତ ରାଇଘରର ସମସ୍ତ ଆଇନଜୀବୀ, କୋର୍ଟ କର୍ମଚାରୀ ଓ ସିଏସ୍ଆଇ ଖଗପତି ହଲବାଙ୍କ ଉପସ୍ଥିତିରେ ନଡିଆ, ଲିଚୁ, ଲେମ୍ବୁ ଓ ଗୁଆ ଚାରା ଲଗାଯାଇଛି।

# ଦରଦାମ ବୃଦ୍ଧି ବିରୋଧରେ କଂଗ୍ରେସର ବିକ୍ଷୋଭ, ପ୍ରତିବାଦ

- କେନ୍ଦ୍ର, ରାଜ୍ୟ ସରକାରଙ୍କୁ ସମାଲୋଚନା
- ୩୭ ଜଣ ଦଳୀୟ ନେତା, କର୍ମୀଙ୍କୁ ଥାନାକୁ ଉଠାଇ ଆଣିଲା ପୋଲିସ

ନବରଙ୍ଗପୁର,୫।୮(ବି.ପ୍ର.)



ବିକ୍ଷୋଭ ପ୍ରଦର୍ଶନ ବେଳେ ପୋଲିସ କଂଗ୍ରେସ ଜିଲା ସଭାପତି ମୁନା ତ୍ରିପାଠୀଙ୍କୁ ଥାନାକୁ ଉଠାଇ ନେଉଛନ୍ତି ।

ଦରଦାମ ବୃଦ୍ଧି ପ୍ରତିବାଦରେ ନବରଙ୍ଗପୁର ଜିଲା କଂଗ୍ରେସ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ଗର୍ଜିଛି। ଜେଲ ଭର ଆନ୍ଦୋଳନ କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିଲେ କଂଗ୍ରେସର କର୍ମକର୍ତ୍ତା ଓ କର୍ମୀ ।

କେନ୍ଦ୍ର ସରକାର ଗ୍ୟାସ, ପେଟ୍ରୋଲ, ଡିଜେଲ, ନିତ୍ୟ ବ୍ୟବହାର ସାମଗ୍ରୀର ଦରଦାମ ବୃଦ୍ଧି ସହ ଜିଏସ୍‌ଟି ଲଗାଇ ସାଧାରଣ ଲୋକଙ୍କ ଉପରେ ଆର୍ଥିକ ଚାପ ପକାଉଛନ୍ତି। ରାଜ୍ୟ ସରକାର କାଳିଆ ଯୋଜନା, ପିଠା ଯୋଜନାର ଅନୁଦାନ କୁଆଡେନେଲେ ବୋଲି କଂଗ୍ରେସ ପ୍ରଶ୍ନ କରିଛି। ଚାଷୀଙ୍କୁ ମଣ୍ଡିରେ ଟୋକନ ମିଳୁନାହିଁ। ମଣ୍ଡି ପରବର୍ତ୍ତୀ ବଳକା ଧାନ ଚାଷୀର କିଣିବ କିଏ ବୋଲି ପ୍ରଶ୍ନ କରିଛି କଂଗ୍ରେସ। ସେହିଭଳି ୟୁରିଆ ପଟାସ ସାର ମିଳୁନାହିଁ। ମୋଦୀ ସରକାର ପ୍ରତି ଆକାଉଣ୍ଟକୁ ୧୫ ଲକ୍ଷ ଟଙ୍କା ଆସିବ କହିଥିଲେ। ଉକ୍ତ ଟଙ୍କା କୁଆଡେ ଗଲା କହି କର୍ମୀମାନେ ନାରାବାଜି କରିଥିଲେ। କଂଗ୍ରେସ କର୍ମୀମାନେ ବିକ୍ଷୋଭ କରିବାସହ ଜିଲାପାଳଙ୍କ କାର୍ଯ୍ୟାଳୟର ମୁଖ୍ୟ ଫାଟକ ଉପରକୁ ଚଢ଼ି ଭାଜପା ଓ ବିଜେଡିକୁ ସମାଲୋଚନା କରିଥିଲେ। ପୋଲିସ ବିକ୍ଷୋଭକାରୀଙ୍କୁ ଗିରଫ କରିବା ପରେ ନବରଙ୍ଗପୁର ଥାନାକୁ ଆଣିଥିଲା। ଥାନାରେ କଂଗ୍ରେସ କର୍ମୀ ମାନେ ଜିଲା ସଭାପତି ମୁନା ତ୍ରିପାଠୀଙ୍କ ୫୫ତମ ଜନ୍ମଦିନ ପାଳନ କରି କେକ କାଟି ଥିଲେ। ପୋଲିସ ଥାନାକୁ ଆଣିଥିବା ଜିଲା ସଭାପତି, ଦିଲ୍ଲୀପ ବେହେରା, ପିସିସି ଉପସଭାପତି ତଥା ପୂର୍ବତନ ବିଧାୟକ ସଦନ ନାୟକ, ପିସିସି ସଭ୍ୟ ଧରମ ସିଂ, ଜିଲାପରିଷଦ ସଭ୍ୟା ଲିପିକା ମାଝି, ହରାବତୀ ଗଣ୍ଡ, ଅଗ୍ନିପୁର ସରପଞ୍ଚ ଦିବାକର ପୂଜାରୀ, ଦିଲୀପ ପ୍ରଧାନୀ, ସଂରଜ ଗଣ୍ଡ, ଯୁବ କଂଗ୍ରେସ ସଭାପତି ଦ୍ୱାରିକା ମହାପାତ୍ର, ନନ୍ଦାହାଣ୍ଡି ବ୍ଲକ ସଭାପତି ବୃନ୍ଦାବନ ତ୍ରିପାଠୀ ସମେତ ୩୭ ଜଣଙ୍କୁ ପୋଲିସ ବ୍ୟକ୍ତିଗତ ମୁଚଲିକାରେ ଛାଡିଛି।

# ବିବାଦ ପରେ ଡେପୁଟେଶନରେ ଗଲେ ଶିକ୍ଷୟିତ୍ରୀ ରଚିତା

## ଭାଟିଶାଳଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୁଣି ବିବାଦ

ନବରଙ୍ଗପୁର,୫।୮(ବି.ପ୍ର.)

ନବରଙ୍ଗପୁର ଜିଲା ସଦର ମହାକୁମାର ଭାଟିଶାଳଗୁଡା ଉନ୍ନୀତ ପ୍ରାଥମିକ ବିଦ୍ୟାଳୟରେ ପୁଣି ଅଶାନ୍ତି। କାର୍ଯ୍ୟରତ ଶିକ୍ଷୟିତ୍ରୀ ରଚିତା ରାଉତ ଓ ପ୍ରଧାନ ଶିକ୍ଷୟତ୍ରୀ କାମିନୀ ସାହୁ ଶୁକ୍ରବାର ପୁଣି ନବରଙ୍ଗପୁର ଥାନାରେ। ଏହାପରେ ଶିକ୍ଷୟିତ୍ରୀଙ୍କ ପୂର୍ବ ବିବାହ ଓ ଶୁକ୍ରବାର ଘଟଣା ଆଧାରରେ ତାଙ୍କୁ ଡେପୁଟେଶନରେ ପଠାଯାଇଛି।

ପ୍ରକାଶ ଯେ, ଶିକ୍ଷୟତ୍ରୀ ରଚିତା ରାଉତ ଶୁକ୍ରବାର ଜଣେ ୮ମ ଶ୍ରେଣୀ ଛାତ୍ରଙ୍କ କଲର ଧରିବାରୁ ଛାତ୍ରଜଣଙ୍କ ବିଦ୍ୟାଳୟ ଛାଡି ଚାଲିଯାଇଥିଲେ। ଏହି ସମୟରେ ପ୍ରଧାନ ଶିକ୍ଷୟିତ୍ରୀ କାମିନୀ ସାହୁ ଅଫିସ କାମରେ ପୋଷ୍ଟ ଅଫିସ ଯାଇଥିଲେ। ସେ ଫେରିବା ପରେ ରଚିତା ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଛାତ୍ରଜଣଙ୍କ ବିଦ୍ୟାଳୟ ଛାଡି ଚାଲିଯାଇଥିବା ଘଟଣା ସମ୍ପର୍କରେ ଜଣାଇଥିଲେ। ପ୍ରଧାନ ଶିକ୍ଷୟତ୍ରୀ ଛାତ୍ରଙ୍କୁ ଡାକି ବିଦ୍ୟାଳୟକୁ ଆଣିଲେ। ଏହାପରେ ଶିକ୍ଷୟିତ୍ରୀ ରଚିତା ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ଝଗଡା କରିଥିଲେ। ରଚିତା ଜଣେ ସାମାଜିକକର୍ମୀଙ୍କୁ ପ୍ରଧାନଶିକ୍ଷତ୍ରିଙ୍କ ବିରୋଧରେ କହିଥିଲେ। ସାମାଜିକ କର୍ମୀ ଜଣକ ପୋଲିସକୁ ଖବର ଦେଇଥିଲେ। ପୋଲିସ ପୁଣି ବିଦ୍ୟାଳୟରେ ଝଗଡା ଲାଗିବା ଖବରପାଇ ସ୍କୁଲକୁ ଯାଇ ଶିକ୍ଷୟିତ୍ରୀ ରଚିତା ଓ ପ୍ରଧାନ ଶିକ୍ଷୟତ୍ରୀଙ୍କୁ ଥାନାକୁ ଡାକି ବୁଝାଶୁଝା କରିଥିଲେ। ଇତି ମଧ୍ୟରେ ଶିକ୍ଷୟତ୍ରୀ ରଚିତାଙ୍କ ସପକ୍ଷରେ ସାମାଜିକ କର୍ମୀ ପୋଲିସକୁ ଅନେକ ଥର ଫୋନ୍ କରିଥିଲେ। ପୋଲିସ ଓ ପ୍ରଶାସନ ବିଦ୍ୟାଳୟ ଘଟଣାର ସମାଧାନ କିଭଳି ହେବ ଚିନ୍ତା କରୁଥିବାବେଳେ ରଚିତାଙ୍କ ସପକ୍ଷରେ ଅନେକ କଲ ଅଧିକାରୀମାନଙ୍କୁ ଆସୁଥିଲା ଓ ଚାପ ସୃଷ୍ଟି କରାଯାଉ ଥିଲା। ଶେଷରେ ରଚିତାଙ୍କ ପୂର୍ବରୁ ରହିଥିବା ବିଭିନ୍ନ ଘଟଣାର ତଦନ୍ତ ରିପୋର୍ଟ ଓ ବର୍ତ୍ତମାନର ପରିସ୍ଥିତିକୁ ଆଧାର କରି ଜିଲାପାଳଙ୍କ ଅନୁମତି କ୍ରମେ ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ ଶିକ୍ଷୟତ୍ରୀ ରଚିତାଙ୍କୁ ଅଟକବେଡା ବିଦ୍ୟାଳୟକୁ ଚିଠି ନମ୍ବର ୫୧୩୭/୨୨ ଅନୁଯାଇ ଡେପୁଟେଶନରେ ପଠାଇଛନ୍ତି। ପ୍ରକାଶଯେ, ପୂର୍ବରୁ ଶିକ୍ଷୟତ୍ରୀ ରଚିତାଙ୍କ ବିରୋଧରେ ବିଦ୍ୟାଳୟର ରୋଷେୟା ଓ ପ୍ରଧାନ ଶିକ୍ଷୟିତ୍ରୀ ନବରଙ୍ଗପୁର ଥାନାରେ ଜୁଲାଇ ୨୮ରେ ଥାନାରେ ଅଭିଯୋଗ କରିଥିଲେ। ଶିକ୍ଷୟିତ୍ରୀ ରଚିତା ମଧ ପ୍ରଧାନ ଶିକ୍ଷୟତ୍ରୀଙ୍କ ବିରୋଧରେ ପାଲଟା ଏତଲା ଦେଇଥିଲେ।

# 'ମା' କ୍ଷୀର ଶିଶୁ ପାଇଁ ଅମୃତ ତୁଲ୍ୟ'



ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଉପଲକ୍ଷେ ନବରଙ୍ଗପୁର ଜିଲା ଉମରକୋଟ ତୋହାରା ଗ୍ରାମରେ ଆୟୋଜିତ କାର୍ଯ୍ୟକ୍ରମରେ ମହିଳା, ଅଙ୍ଗନୱାଡି କର୍ମୀମାନେ ସ୍ତନ୍ୟପାନର ଉପକାରିତା ସମ୍ପର୍କରେ ଅବଗତ କରାଉଛନ୍ତି।

ଉମରକୋଟ, ୫।୮(ସ୍ୱ.ପ୍ର.)

ଉମରକୋଟ ଶିଶୁ ବିକାଶ ବିଭାଗ କୁର୍ସୀ ସେକ୍ଟର ଅଧୀନରେ ଆସୁଥିବା ତୋହାରା ଗ୍ରାମଠାରେ ବିଶ୍ୱ ସ୍ତନପାନ ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ ତୋହରା ଗ୍ରାମରୁ ଏକ ଶୋଭାଯାତ୍ରା ବାହାରିଥିଲା। ଉକ୍ତ କାର୍ଯ୍ୟକ୍ରମରେ ଗର୍ଭବତୀ, ପ୍ରସୂତି, ଶିଶୁ, ଅଙ୍ଗନୱାଡ଼ି କର୍ମୀ, ଏସ୍ଏଚ୍‌ଜି ମହିଳାମାନେ ଯୋଗ ଦେଇଥିଲେ। ମା'କ୍ଷୀର ଶିଶୁ ପାଇଁ ଅମୃତ ତୂଲ୍ୟ, ମା' କ୍ଷୀରର ଉପକାରିତା, ମା କ୍ଷୀର କିପରି ଦେବା, ସୁସ୍ଥ ଶିଶୁ, ସୁସ୍ଥ ମା, ସ୍ୱାସ୍ଥ୍ୟର ଯତ୍ନ, ସୁ ପୋଷଣ ଖାଦ୍ୟ, ପରିଷ୍କାର ପରିଚ୍ଛନତା ବିଷୟରେ ଉପସ୍ଥିତ ମହିଳାଙ୍କୁ ଅବଗତ କରାଯାଇଥିଲା। ଶୋଭାଯାତ୍ରାରେ ସ୍ତନପାନ ଉପରେ ଗୁରୁତ୍ୱ ପାଇଁ ବିଭିନ୍ନ ସ୍ଲୋଗାନ ଦିଆ ଯାଇଥିଲା। ମା' କସ କ୍ଷୀର ପିଲାଙ୍କୁ ନିଶ୍ଚୟ ଦେବା , ଏହା ପ୍ରଥମ ଟିକା ସହ ସମାନ କହି ସ୍ଲୋଗାନ କରି ଲୋକଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ରାଇସିଂ ମାଝି, ଯୁବ ସମାଜିକ କର୍ମୀ ଜିତୁ ମାଝି, ଆଇସିଡିଏସ୍ ବିଭାଗ ପରିଦର୍ଶିକା ସରିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ୩ ଫେରାର ଅଭିଯୁକ୍ତ ଗିରଫ

ଚନ୍ଦାହାଣ୍ଡି, ୫।୮(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ନ୍ଦାହାଣ୍ଡି ଥାନା ଅଧୀନ ଦହିମାଲ ଗ୍ରାମରେ ୧୫ ନଭେମ୍ବର ୨୦୨୧ ବିଳମ୍ବିତ ରାତିରେ ତିନି ଜଣଙ୍କୁ ମାଡମାରି ଫେରାର ହୋଇଥିବା ୩ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଝରିଗାଁ ଥାନା ଅଞ୍ଚଳ ଭିତରକରମରି ଗ୍ରାମର ବାଲ୍ମୀକି ଧୁରୁଆ ଏବଂ ଚିକଲପଦର ଗ୍ରାମର ବବି ଗୌଡ଼ ଓ ରାମ ନାୟକ। ସମସ୍ତ ଅଭିଯୁକ୍ତଙ୍କୁ ଶୁକ୍ରବାର ଚନ୍ଦାହାଣ୍ଡି ପ୍ରଥମ ଶ୍ରେଣୀ ବିଚାରପତିଙ୍କ ଅଦାଲତକୁ ପଠାଯାଇଛି। ଅଭିଯୁକ୍ତମାନଙ୍କ ଜାମିନ ଆବେଦନ ଖାରଜ ହେବାରୁ ଜେଲ୍ ହାଜତକୁ ପଠେଇ ଦିଆଯାଇଥିବା ଛନ୍ଦାହାଣ୍ଡି ଥାନାଧିକାରୀ ପରମାନନ୍ଦ ସୁନାନୀ କହିଛନ୍ତି।

ପ୍ରକାଶଯେ, ୨୦୨୧ ନଭେମ୍ବର ୧୫ରେ ରାତି ପ୍ରାୟ ୧୨ଟାରେ ପ୍ରାୟ ୬ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ଦହିମାଲ ଗ୍ରାମକୁ ଆସି ପାଟିତୁଣ୍ଡ କରିଥିଲେ। ପାଟି ଶୁଣି ଅରକ୍ଷିତ ବଞ୍ଜାରା ଏବଂ ତାଙ୍କ ସ୍ତ୍ରୀ ଘରୁ ବାହାରକୁ ଆସିବାରୁ ଉକ୍ତ ଦୁର୍ବୃତ୍ତମାନେ ତାଙ୍କୁ ମାଡ଼ମାରି ରକ୍ତାକ୍ତ କରିଦେଇଥିଲେ। ପାଟିଶୁଣି ପାଖ ଘରେ ଶୋଇଥିବା ତାଙ୍କ ବାପା ଓ ଭାଇ ଆସି ଅଟକାଇବାରୁ ଦୁର୍ବୃତ୍ତମାନେ ଠେଙ୍ଗା ଓ ପଥରରେ ସେମାନଙ୍କୁ ଆକ୍ରମଣ କରି ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ପରଦିନ ଅରକ୍ଷିତ ଚନ୍ଦାହାଣ୍ଡି ଥାନାରେ ଏତଲା ଦେଇଥିଲେ। ଚନ୍ଦାହାଣ୍ଡି ଥାନା ପୋଲିସ କେସ୍ ନମ୍ବର ୧୪୭/୨୧ରେ ଆଇପିସି ଧାରା ୧୪୭/୧୪୮/୩୨୩/୩୦୭/୫୦୬/୧୪୯ରେ ମାମଲା ରୁଜୁ ହୋଇଥିଲା। ଏସ୍ଆଇ ଶିବ ପ୍ରସାଦ ମହାନ୍ତି ଘଟଣାର ତଦନ୍ତ କରୁଛନ୍ତି।

# ନାବାଳିକା ବଳାତ୍କାରୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ନବରଙ୍ଗପୁର,୫।୮(ବି.ପ୍ର.)

ନାବାଳିକାକୁ ବଳତ୍କାର ମାମଲାର ଶୁଣାଣୀ କରି ଅତିରିକ୍ତ ଜିଲା ଓ ଦେରାଜଜ୍ ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ରାୟ ଶୁଣାଇଛନ୍ତି। ଅର୍ଥ ଅନାଦେୟ କ୍ଷେତ୍ରରେ ଅଧିକ ୧ବର୍ଷ ଜେଲ୍ ଦଣ୍ଡ ଭୋଗିବେ ବୋଲି ରାୟରେ କୁହାଯାଇଛି।

କୋଡିଗାଁ ଥାନା ଅଞ୍ଚଳର ଜଣେ ଆଶ୍ରମ ସ୍କୁଲ ନାବାଳିକା ଛୁଟିରେ ଘରକୁ ଯାଇଥିଲେ। ଛୁଟି ସରିବା ପରେ ନାବାଳିକା ଜଣଙ୍କ ସମ୍ପର୍କୀୟ ଭାଇ ନବରଙ୍ଗପୁର ସହରର ଚାଉଁରିଆଗୁଡ଼ାର ରାଜେନ୍ଦ୍ର ହରିଜନଙ୍କ ସହ ସହ ସ୍କୁଲକୁ ଆସିଥିଲେ। ରାଜେନ୍ଦ୍ର କିନ୍ତୁ ନାବାଳିକାଙ୍କୁ ସ୍କୁଲ ପରିବର୍ତ୍ତେ ଚପଲ କିଣିବା ପାଇଁ ନବରଙ୍ଗପୁର ବଜାରକୁ ଆଣିଥିଲେ। ବଜାରେ ଚପଲ କିଣିବା ପରେ ରାଜେନ୍ଦ୍ର ନାବାଳିକାଙ୍କୁ ନିଜ ଘରକୁ ନେଇ ବଳତ୍କାର କରିଥିଲେ। ନାବାଳିକା ଜଣକ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇବାପରେ ତାଙ୍କ ବାପା ନବରଙ୍ଗପୁର ଥାନାରେ ୨୦୧୪ ଜୁଲାଇ ୧୧ରେ ଅଭିଯୋଗ କରିଥିଲେ। ଥାନା କେସ ନଂ ୨୧୦/୧୪ରେ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ କରିବା ସହପୋଲିସ ଅଭିଯୋଗ ଫର୍ଦ୍ଦ କୋର୍ଟରେ ଦାଖଲ କରିଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଆଡହକ୍ ଅତିରିକ୍ତ ଜିଲା ଓ ଦେରାଜଜ୍ ତଥା ଫାଷ୍ଟଟ୍ରାକ ସ୍ୱତନ୍ତ୍ର ଅଦାଲତ (ପୋକସ) ଜଜ ନିରଞ୍ଜନ ସାହ ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ୧୦ ହଜାର ଟଙ୍କାରେ ଦଣ୍ଡିତ କରିଛନ୍ତି। ମାମଲାକୁ ଅତିରିକ୍ତ ସରକାରୀ ଆଇନଜୀବୀ ସନ୍ତୋଷ କୁମାର ମିଶ୍ର ପରିଚାଳନା କରୁଥିଲେ।

# ସାପ କାମୁଡ଼ାରେ ଜଣେ ମହିଳା ମୃତ

ଡାବୁଗାଁ,୫।୮(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ବୋରିଗାଁ ପଞ୍ଚାୟତ ଅଧୀନ ନୂଆଗୁଡା ଗ୍ରାମର ମନ୍ମତି ଭତ୍ରା (୬୫)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ମୃତକଙ୍କ ସ୍ୱାମୀ ବେଣୁ ଭତ୍ରା ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନା ଏଏସ୍ଆଇ ପୁଷ୍ପଲତା ସୁନାନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏନେଇ ଥାନା କେସ ନଂ ୨୧/୨୨ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

ସୂଚନାନୁଯାୟୀ, ଶୋଇଥିବା ଅବସ୍ଥାରେ ବୁଧବାର ଭୋରରେ ଏକ ବିଷାକ୍ତ ସାପ ମନ୍ମତିଙ୍କୁ କାମୁଡ଼ି ଥିଲା। ପରିବାର ଲୋକେ ତାଙ୍କୁ ଡାବୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଗୁରୁତର ହେବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଶୁକ୍ରବାର ଚିକତ୍ସରଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

# ଅଭିଭାବକ, ଶିକ୍ଷକ ବୈଠକ

ତେନ୍ତୁଳିଖୁଣ୍ଟି, ୫।୮(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଲକଡ଼ିପାଲାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ଅଭିଭାବକ ଓ ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ଅବିନାଶ ସାହୁଙ୍କ ପୌରହିତ୍ୟରେ ଅନୁଠିେତ ବୈଠକର ସଂଯୋଜନା ପବିତ୍ର ମୋହନ ନାୟକ କରିଥିଲେ। ସବୁବେଳେ ୟୁନିଫର୍ମ ପିନ୍ଧି ସ୍କୁଲକୁ ଆସିବାକୁ ପିଲାମାନଙ୍କୁ ପରାମର୍ଶ ଦିଆଯାଇଛି। ସ୍କୁଲକୁ ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ଦେବାକୁ ସରକାରଙ୍କୁ ଚିଠି କରାଯାଇଛି। ବିଦ୍ୟାଳୟକୁ ଠିକ୍ ସମୟରେ ପହଞ୍ଚିବାକୁ ତାଗିଦ କରିଥିଲେ। ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ସହଯୋଗ ମିଳିଲେ ଏହି ବିଦ୍ୟାଳୟ ଶିକ୍ଷା ଓ କ୍ରୀଡାରେ ଏକ ନମ୍ବର ହୋଇପାରିବ ଏ ନେଇ ସମସ୍ତଙ୍କ ସହଯୋଗ ଦରକାର ବୋଲି ବୈଠକରେ ଆଲୋଚନା ହୋଇଛି। ଅଶ୍ୱିନୀ ଆଚାର୍ଯ୍ୟ ଅଭିଭାବକଙ୍କ ମତ ଉପସ୍ଥାପନ କରିଥିଲେ। ଶିକ୍ଷକ ଯଶବନ୍ତ ପାଇକରାୟ, ଜ୍ୟୋତ୍ସ୍ନାରାଣୀ ରଣା, ସୁମିତ ସୁନା, ସୁବ୍ରତ ପଟେଲ, ଶ୍ରୀରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ଛାତ୍ରୀଛାତ୍ରଙ୍କ ମାସିକ ପରୀକ୍ଷା ଫଳ ଘୋଷଣା କରିଛନ୍ତି। ପବିତ୍ର ମୋହନ ନାୟକ ଧନ୍ୟବାଦ ଦେଇଥିଲେ।

GAYATRI
GROUP OF INSTITUTIONS
BRAHMAPUR, BHUBANESWAR, BHAWANIPATNA, KEONJHAR, BOLANGIR
ADMISSION OPEN FOR (BRAHMAPUR BRANCH)
MBA (Finance, HR, Marketing)
BCA & BBA
Bsc. Bio-Tech
Msc. Computer Sc. & Msc. Bio-Tech.
B.Tech. in Civil, Mech., IT, CSE, ETC, EEE (Regular & LE)
(Affiliated to BPUT, Approved by AICTE)
Contact Brahmapur Branch at : Near Income Tax Office, Ambapua
Mob : 9938044536, 7008177328, 9437962526

BODYLINE
Monsoon MEGA SALE
upto 50% OFF
ON ALL FITNESS EQUIPMENT
500 models to choose from world's renowned brands
Motorised Treadmill W 267 — MRP ₹71,000 OFFER PRICE ₹39,500
Motorised Treadmill (AC Motor) JF 46 — MRP ₹96,000 OFFER PRICE ₹58,900
Motorised Treadmill (AC Motor) T 908 — MRP ₹1,63,000 OFFER PRICE ₹1,03,000
Home Multi Gym (Free Weight) KH 4500 — MRP ₹80,000 OFFER PRICE ₹36,500
Cross Trainer KH 653 — MRP ₹1,02,000 OFFER PRICE ₹64,500
Platinum Delux Air Bike — MRP ₹14,700 OFFER PRICE ₹8,900
Recumbent Bike JFR 20 — MRP ₹42,750 OFFER PRICE ₹25,900
Vibra Plate V 850 — MRP ₹19,800 OFFER PRICE ₹12,500
Multi Adjustable Bench WB 2112 — MRP ₹12,500 OFFER PRICE ₹7,500
Leg Massager SL C30 A — MRP ₹53,600 OFFER PRICE ₹33,900
Massage Chair Full Body SLA 51 — MRP ₹1,83,000 OFFER PRICE ₹1,14,500
Fitness Accessories — UPTO 20% OFF
*Conditions apply. *Taxes extra, as applicable.
For Online Purchase Visit- www.bodylinesports.co.in
EMI@0%
Bodyline Sports: 501, Kharvela Nagar (1st floor), opp. Gurudwara, Janpath, Bhubaneswar-751 001
Call: 0674 2380824 / 2380925
For Inquiry, Call: 97763 77999 / 91789 22047
BODY LINE Inspiring Fitness
An ISO 9001:2015 Certified company
E-mail: bodylinesports@gmail.com
For complete gym set-up for Corporates, Hotels, Clubs, Residential Complex, call: 97763 77999

## ସଂକ୍ଷେପରେ

### ୪ ବାଇକ୍ ଚୋର ଗିରଫ ୬ ଚୋରି ବାଇକ୍ ଜବତ

ଚିତ୍ରକୁଣ୍ଡା, ୫।୮ (ଡି.ଏନ.ଏ.)- ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପୋଲିସ ୬ଟି ଚୋରି ବାଇକ୍ ଜବତ କରି ୪ଜଣଙ୍କୁ ଗିରଫ କରିଛି। ଗତ କିଛିଦିନ ହେବ ଚିତ୍ରକୋଣ୍ଡା ଅଞ୍ଚଳରେ ବିନା ନମ୍ବର ପ୍ଲେଟ୍‌ରେ କିଛି ବାଇକ୍ ବୁଲୁଥିବା ପୋଲିସ ଖବର ପାଇଥିଲା। ଏସଆଇ ସର୍ବେଶ୍ୱର ଭୋଇଙ୍କ ନେତୃତ୍ୱରେ ପୋଲିସର ଏକ ଟିମ ଗୁରୁବାର ଚିତ୍ରକୋଣ୍ଡାର ବିଭିନ୍ନ ସ୍ଥାନରେ ଚଢ଼ଉ କରି ବିନା ନମ୍ବର ପ୍ଲେଟ ଓ ବିନା କାଗଜପତ୍ର ଥିବା ୬ଟି ବାଇକ୍ ଜବତ କରିବା ସହ ୪ଜଣଙ୍କୁ ଗିରଫ କରିଥିଲେ। ଗିରଫ ୪ଜଣ ହେଲେ ଅପରେଟର କଲୋନୀରେ ରହୁଥିବା ମୋହନ ହାନ୍ତାଳ, ଶିବ ପାଙ୍ଗି, ଧନ ପାଙ୍ଗି ଓ ସନ୍ୟାସୀ ରାଓ ହାନ୍ତାଳ। ସନ୍ୟାସୀଙ୍କ ଘର ପଡୋଶୀ ଆନ୍ଧ୍ରପ୍ରଦେଶର ପେଦାବାଇଲି ପଞ୍ଚାୟତ ଅନ୍ତର୍ଗତ ତାଗୁପଡା ଗ୍ରାମରେ । ଚୋରି ଗାଡିଗୁଡିକ ପଡ଼ୋଶୀ ଆନ୍ଧ୍ରରୁ ଚୋରି କରି ଓଡ଼ିଶାରେ ବିକ୍ରି କରୁଥିବା ମୁଖ୍ୟ ଅଭିଯୁକ୍ତ ସନ୍ୟାସି ଓ ଅନ୍ୟ ୩ ଅଭିଯୁକ୍ତ ପଚରାଉଚରା ବେଳେ ସ୍ୱୀକାର କରିଛନ୍ତି ବୋଲି ଥାନା ଅଧିକାରୀ ଅନିଲ ପରିଡା କହିଛନ୍ତି। ଚିତ୍ରକୋଣ୍ଡା ଥାନା କେସ ନଂ ୯୩।୨୨ ଅନୁଯାୟୀ ମାମଲା ରୁଜୁ କରାଯାଇ ଗିରଫ ୪ ଅଭିଯୁକ୍ତଙ୍କୁ ମାଲକାନଗିରି ଜିଲା କୋର୍ଟରେ ହାଜର କରାଯାଇଥିବା ଥାନା ଅଧିକାରୀ କହିଛନ୍ତି।

### କୋର୍ଟ ପରିସରରେ ଚାରାରୋପଣ



ଚନ୍ଦାହାଣ୍ଡି, ୫।୮ (ଡି.ଏନ୍.ଏ.)- ଚନ୍ଦାହାଣ୍ଡି ସଦରସ୍ଥିତ ପ୍ରଥମ ଶ୍ରେଣୀ ବିଚାରପତିଙ୍କ ଅଦାଲତ ପରିସରରେ ଚାରାରୋପଣ କରାଯାଇଛି। ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ସୁମନ୍ତ କୁମାର କୁଣ୍ଡୁ ବିଭିନ୍ନ ପ୍ରକାର ଚାରା ଯୋଗାଇ ଥିଲେ। ଚନ୍ଦାହାଣ୍ଡି ପ୍ରଥମ ଶ୍ରେଣୀ ବିଚାରପତି ହିମାଂଶୁ ଶେଖର ଆଚାର୍ଯ୍ୟଙ୍କ ଉପସ୍ଥିତିରେ ଚାରାରୋପଣ କରାଯିବା ସହ କୋର୍ଟ ଚର୍ତୁପାଶ୍ୱରେ ଫୁଲ ବଗିଚା କରି କୋର୍ଟ ର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ନିମନ୍ତେ ସମସ୍ତ ଓକିଲମାନେ ନିଷ୍ପତ୍ତି ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ମହମ୍ମଦ ହୁସେନ, ହୀରାଧର ମାଳି, ଜୟଦେବ ଖମାରୀ, ହୁମେଶ୍ୱର ହଂସ, କୋର୍ଟ କର୍ମଚାରୀ କେଦାରଗୌରୀ ପାଣ୍ଡିଆ, କେଶରୀ ମାନହାର, ସର୍ବେଶ୍ୱର ପୁଜାରୀ, ରେଣୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଦେଶୀ ମହୁଲି ମଦ ଜବତ, ଜଣେ ଗିରଫ

ମାଲକାନଗିରି,୫।୮ (ଡି.ଏନ୍.ଏ.)- ମାଲକାନଗିରି ଜିଲା ଅବକାରୀ ବିଭାଗ ଦ୍ୱାରା ଦେଶୀ ମହୁଲି ମଦ ଜବତ ହୋଇଛଇ। ଏଥିରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରାଯାଇଛି। ଗୁରୁବାର ସକାଳେ ଏମ୍.ଭି.-୫ ଗ୍ରାମ ନିକଟରେ ଅବକାରୀ ବିଭାଗ ଏସ୍.ଆଇ. ଅଶେଷ ନାୟକଙ୍କ ନେତୃତ୍ୱରେ ପାଟ୍ରୋଲିଂ ଚାଲିଥିବା ସମୟରେ ଜଣେ ବ୍ୟକ୍ତି କିଛି ପ୍ଲାଷ୍ଟିକ ଡବା ଧରି ଯାଉଥିବା ଦେଖି ତାଙ୍କୁ ସନ୍ଦେହରେ ଅଟକାଇ ଯାଞ୍ଚ କରାଯାଇଥିଲା। ତାଙ୍କ ନିକଟରୁ ୬ଟି ପ୍ଲାଷ୍ଟିକ ଡବାରେ ଥିବା ୨୩ ଲିଟର ଦେଶୀ ମହୁଲି ମଦ ମିଳିଥିଲା। ପରେ ଏହି ମଦ ଜବତ କରାଯାଇ ତାଙ୍କୁ ଗିରଫ କରାଯାଇଥିଲା। ସମ୍ପୃକ୍ତ ବ୍ୟକ୍ତି ଜଣକ ଏମ୍.ଭି.-୫ ଗ୍ରାମର ଚୈତନ୍ୟ ମୁଣ୍ଡା ବୋଲି ଜଣାପଡିଛି। ପେଟ୍ରୋଲିଂ ସମୟରେ ଅବକାରୀ ବିଭାଗର ଜ୍ଞାନ ରଞ୍ଜନ ସାହୁ, ପ୍ରଦୀପ ନାୟକ, ପ୍ରବୀଣ ସାହୁ, ସରିତା ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଲଘୁ ଖଣିଜ ଦ୍ରବ୍ୟକୁ ନେଇ ଗ୍ରାମସଭା

କୋରୁକୋଣ୍ଡା,୫।୮ (ଡି.ଏନ.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦର ପଞ୍ଚାୟତସ୍ଥିତ ବୈଠକ ଭବନରେ ପଞ୍ଚାୟତରେ ଥିବା ଲଘୁ ଖଣିଜ ଦ୍ରବ୍ୟ ଉପରେ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଏହାକୁ ବିଡିଓ ପରିଚାଳନା କରିଥିଲେ। କୋରୁକୋଣ୍ଡା ସରପଞ୍ଚ ଉକ୍ତ ବୈଠକରେ ସଭାପତିତ୍ୱ କରିଥିଲେ। ଗ୍ରାମ ପଞ୍ଚାୟତ ଅଧିକାରୀଙ୍କ ସମେତ ନାଏବ ସରପଞ୍ଚ, କୋରୁକୋଣ୍ଡା ସମିତିସଭ୍ୟା ଏବଂ କୋରୁକୋଣ୍ଡା ପଞ୍ଚାୟତ ଅଧୀନ ଗ୍ରାମରୁ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

କୋରୁକୋଣ୍ଡା ପଞ୍ଚାୟତ ଅଧୀନରେ ୨ଟି ପଥର କ୍ୱାରି ରହିଛି। ଗୋଟିଏ ମୋରମ କ୍ୱାରି ଅଛି। ଉକ୍ତ ପଥର କ୍ୱାରିଗୁଡିକରୁ ଗୋଟିଏ କୋରୁକୋଣ୍ଡା ଗ୍ରାମ ନିକଟରେ ଥିବା ବେଳେ ଅନ୍ୟଟି କୋଇଲିପାରି ଗ୍ରାମ ନିକଟରେ ରହିଛି। ସେହିପରି ବୁଡୁଗୁଡାଠାରେ ଗୋଟିଏ ମୋରମ କ୍ୱାରି ରହିଛି। ପୂର୍ବରୁ କୋରୁକୋଣ୍ଡା ଗ୍ରାମ ନିକଟରେ ଥିବା କ୍ୱାରି ଦ୍ୱାରା ଚାଷଜମିରେ ସମସ୍ୟା ସୃଷ୍ଟି ହେଉଥିଲା। ନିକଟରେ ଥିବା ବସ୍ତି ଲୋକମାନେ ମଧ୍ୟ ସମସ୍ୟାରେ ପଡୁଥିଲେ। ଏନେଇ ମାଲକାନଗିରି ତହସିଲଦାରଙ୍କୁ ଜଣାଇବା ସହ ନିର୍ଦ୍ଧାରିତ ସ୍ଥାନରେ ପଥର କ୍ୱାରି ନ କରିବାକୁ ଦାବି କରାଯାଇଥିଲା ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଗୁରୁବାର ପୁଣି ଥରେ ଉକ୍ତ ପଥର କ୍ୱାରି ନେଇ ଗ୍ରାମବସୀ ଅଭିଯୋଗ ଉଠାଇଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ପଥର କ୍ୱାରି ଦ୍ୱାରା ପାଖରେ ଥିବା ଚାଷଜମି ପ୍ରଭାବିତ ହେଉଛି। ପଥର ଗୁଣ୍ଡ ଉଡି ଲୋକଙ୍କୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ବହୁ ପ୍ରକାର ଚର୍ମରୋଗ ହେବାର ସମ୍ଭାବନା ରହିଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି ।

ସେହିପରି କୋଇଲିପାରିଠାରେ ଥିବା ପଥର କ୍ୱାରି ପାଇଁ ରାସ୍ତାଗୁଡିକ ଶୀଘ୍ର ଖରାପ ହୋଇଯାଉଛି। କ୍ୱାରି ପାଖରେ ଥିବା ଚାଷଜମିଗୁଡିକ ଚାଷ ଉପଯୋଗୀ ହୋଇପାରୁ ନାହିଁ। ଜମିମାଲିକଙ୍କୁ କ୍ଷତିପୂରଣ ବାବଦରେ ମଧ୍ୟ କିଛି ମିଳୁନାହିଁ ବୋଲି ଗ୍ରାମ ବାସୀ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ସେଠାରେ ପୁନର୍ବାର ପଥର କ୍ୱାରି ପାଇଁ ଅନୁମତି ନ ଦେବାକୁ ବସୀ ଦାବି କରିଛନ୍ତି।

ସେହିପରି କୋରୁକୋଣ୍ଡା ପଞ୍ଚାୟତ ଅଧୀନ ବୁଡୁଗୁଡା ଗ୍ରାମ ନିକଟରେ ଥିବା ମୋରମ କ୍ୱାରିକୁ ମଧ୍ୟ ଅଞ୍ଚଳବାସୀ ବିରୋଧ କରିଛନ୍ତି। ପଥର କ୍ୱାରି ପାଇଁ ଅନୁମତି ନ ଦେବାକୁ ଦାବି କରିଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ ସେଠାରେ ମୋରମ କ୍ୱାରି ପାଇଁ ଅନୁମତି ଦେବା ଦ୍ୱାରା ଅଞ୍ଚଳର ପରିବେଶ ନଷ୍ଟ ହେଉଛି। ଜଙ୍ଗଲ ଜମି ମଧ୍ୟ ନଷ୍ଟ ହେଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ । ଅଭିଯୋଗ ଅନୁସାରେ କୋରୁକୋଣ୍ଡା ପଥରକ୍ୱାରି ଖାତା ନଂ-୬୨୩୦ ୧୩୬, କୋଇଲିପାରି ପଥର କ୍ୱାରି ଖାତା ନଂ-୧୩୭ ଏବଂ ବୁଡୁଗୁଡାସ୍ଥିତ ମୋରମ କ୍ୱାରି ଖାତା ନଂ-୨୬୨କୁ ଅନୁମତି ନ ଦେବାକୁ ଗ୍ରାମବାସୀ ପ୍ରଶାସନକୁ ଅନୁରୋଧ କରିଥିଲେ ବୋଲି କୋରୁକୋଣ୍ଡା ଗ୍ରାମ ପଞ୍ଚାୟତ ଅଧିକାରୀ ରାମଚନ୍ଦ୍ର ହାଁସଦା କହିଛନ୍ତି। ଏ ସମସ୍ତ ଅଭିଯୋଗ ବିଡିଓଙ୍କୁ ଅବଗତ କରାଯିବ ବୋଲି ସେ କହିଛନ୍ତି।

## କୁମ୍ଭାରଶାଳ ମରାମତି ପ୍ରକଳ୍ପ ଶୁଭଦେଲେ ବିଧାୟକ



ତେନ୍ତୁଳିଖୁଣ୍ଟି, ୫।୮ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ପରଜାବାରଙ୍ଗପଦର ପଞ୍ଚାୟତ ଅଧୀନ ଖାତିଗୁଡା କୁମ୍ଭାରଶାଳ ମରାମତି ନିମନ୍ତେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ନବରଙ୍ଗପୁର ପାଞ୍ଚ ବାର୍ଷିକ ଯୋଜନାରେ ୧୦ଲକ୍ଷ ଟଙ୍କା ଅନୁଦାନ ଦେଇଛି। ଏହାକୁ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀଙ୍କ ଦ୍ୱାରା ପ୍ରଦାନ କରାଯାଇଛି। ସରପଞ୍ଚ ବନ୍ଦିତା ନାୟକ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମରାମତି ପାଇଁ ଆସିଥିବା ପ୍ରକଳ୍ପର ଶୁଭ ବିଧାୟକ ସଦାଶିବ ପ୍ରଧାନୀ ଦେଇଥିଲେ। ତେନ୍ତୁଳିଖୁଣ୍ଟି ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାଗ, ପୂର୍ବତନ ଜିଲା ପରିଷଦ ସଭ୍ୟ ସଦା ଜାନୀ, ଜିଲା ପରିଷଦ ସଭ୍ୟ ରତିକାନ୍ତ ପଣ୍ଡା, ସମିତି ସଭ୍ୟ ସୁଧୀର ଖୁରା, ସମିତି ସଭ୍ୟା ସୁକାନ୍ତି ମହାନ୍ତି, ପ୍ରଶାନ୍ତ ମହାନ୍ତି , ଯୁବନେତା ବାବୁନି ନାୟକ, ତେନ୍ତୁଳିଖୁଣ୍ଟି ବ୍ଲକ ଅଧକ୍ଷ ନିଲେନ୍ଦ୍ରୀ ନାୟକ, ଉପାଧକ୍ଷ ରାଜେନ୍ଦ୍ର ବିଷୋୟୀ, ଯୁବନେତା ତିର ନାଗ ପ୍ରମୁଖ ଉପସ୍ଥିତ ଥିଲେ। ଇନ୍ଦ୍ରାବତୀରୁ ଗୋଟିଏ ଗୋଟିଏ ବିଭାଗ ଉଠି ଯାଉଥିବା ବେଳେ ଇଣ୍ଡୋର ବ୍ୟାଡମିଣ୍ଟନ ଅଭ୍ୟାସ ପାଇଁ ବ୍ୟବହୃତ କ୍ଲବ ଅନ୍ୟ କେଉଁ ବିଭାଗକୁ ହସ୍ତାନ୍ତର ପୂର୍ବରୁ ଜିଲା କ୍ରୀଡା ବିଭାଗକୁ ହସ୍ତାନ୍ତର କରାଯାଉ ବିଧାୟକଙ୍କୁ ଇନ୍ଦ୍ରାବତୀ ଯୁବ କ୍ରୀଡା ସଂଗଠନ ନିବେଦନ କରିଛି। ବିଧାୟକ ଏହାର ମରାମତି ପାଇଁ ୩ଲକ୍ଷ ଟଙ୍କାର ଅନୁଦାନ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅବସରରେ ସଚେତନତା

କୋରାପୁଟ,୫।୮ (ସ୍ୱ.ପ୍ର.)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ଚଳିତମାସ ୧ରୁ୭ ଯାଏ ଚାଲିଥିବା ବିଶ୍ୱ ସ୍ତନ୍ୟପାନ ସପ୍ତାହ-୨୦୨୨ ଉପରେ ଅଧିକ ଜନସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ଶୁକ୍ରବାର କୋରାପୁଟ ଜିଲା ସ୍ୱାସ୍ଥ୍ୟ ସେବା ସମିତି ପକ୍ଷରୁ ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସଭାଗୃହ ପରିସରରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ତନ୍ୟପାନକୁ ବ୍ୟାପକ ଭାବେ ପ୍ରଚାରପ୍ରସାର କରିବା ଉଦ୍ଦେଶ୍ୟରେ କରାଯାଉଥିବା ଏହି କାର୍ଯ୍ୟକ୍ରମରେ ଡିପିଏମ ଶୁଭକାନ୍ତ ଗନ୍ତାୟତ ଯୋଗଦେଇ ଏହାର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ବୈଠକରେ କୋରାପୁଟ ଜିଲା ମ୍ୟାଲେରିଆ ଅଧିକାରୀ ଡାକ୍ତର ସୁଶାନ୍ତ ଦାସ ଯୋଗଦେଇ ମା' କ୍ଷୀର ମହତ୍ୱ ଉପରେ ଆଲୋକପାତ କରି ଶିଶୁକୁ ଜନ୍ମରୁ ୨ ବର୍ଷ ଯାଏ ସ୍ତନ୍ୟପାନ କରାଇବାକୁ ପରାମର୍ଶ ଦେଇଥିଲେ । ଯଦି ଦୁଇ ବର୍ଷ ଯାଏ ଶିଶୁ ମା' କ୍ଷୀର ଖାଏ ତେବେ ଉଭୟ ମାଆ ଓ ଶିଶୁଙ୍କ ଶରୀର ସୁସ୍ଥ ରହିଥାଏ ବୋଲି ସେ ପ୍ରକାଶ କରିଥିଲେ। କୋଭିଡ ସମୟରେ କିପରୁ ସୁରକ୍ଷିତ ଭାବେ ଶିଶୁମାନଙ୍କୁ ମା' କ୍ଷୀର ପ୍ରଦାନ କରାଯିବ ସେ ନେଇ ସେ ଗୁରୁତ୍ୱାରୋପ କରିଥିଲେ। ପ୍ରତିବର୍ଷ ଜିଲାରେ ୩୦ ହଜାର ଶିଶୁ ଜନ୍ମ ହେଉଛନ୍ତି। ପ୍ରତି ଦୁଇ ବର୍ଷରେ ଜିଲାର ୬୦ ହଜାର ଶିଶୁ କିପରି ମା' କ୍ଷୀର କିପରି ଗ୍ରହଣ କରିବେ ସେନେଇ ଜିଲା ସ୍ୱାସ୍ଥ୍ୟ ସେବା ସମିତି ପକ୍ଷରୁ ଜିଲାର ଗ୍ରାମାଞ୍ଚଳରଠାରୁ ଆରମ୍ଭ କରି ସହରାଞ୍ଚଳ ଯାଏ ପ୍ରତିଘରକୁ ଘର ଯାଇ ମା' ମାମାନଙ୍କୁ ସଚେତନ କରାଯାଉଥିବା ଡାକ୍ତର ଦାସ କହିଥିଲେ । ବୈଠକକୁ ଏଡିପିଏଚଓ ଶୁଭ ନାରାୟଣ ନାୟକ ପରିଚାଳନା କରିଥିଲେ। ଡିପିଏଲଏମ ଏ. ଗୌରାଚାନ୍ଦଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ପ୍ରଶାସନିକ ଅଧିକାରୀ ଭାସ୍କର ଚନ୍ଦ୍ର ତୁରୁକଙ୍କ ଶେଷକୃତ୍ୟ

ଲକ୍ଷ୍ମୀପୁର ୫।୮ (ସ୍ୱ.ପ୍ର.)

ଭାସ୍କର ଚନ୍ଦ୍ର ତୁରୁକଙ୍କ ଜନ୍ମମାଟି ଲକ୍ଷ୍ମୀପୁର ବ୍ଲକ ଗୌଡ଼ଗୁଡା ପଞ୍ଚାୟତର ବଡ଼ନେରେକା ଗ୍ରାମରେ ତାଙ୍କ ଶେଷକୃତ ସମ୍ପନ୍ନ ହୋଇଛି। ଭାସ୍କର ଓଡିଶା ସରକାରଙ୍କ ଜଙ୍ଗଲ ଏବଂ ପରିବେଶ ବିଭାଗର ଉପ ସଚିବ ଥିଲେ । ତାଙ୍କର ୪ ତାରିଖ ରାତିରେ ଭୁବନଶ୍ୱରସ୍ଥିତ ବାସ ଭବନରେ ପରଲୋକ ହୋଇଥିଲା। କିଛି ଦିନ ହେଲା ସେ ମଧୁମେହ, ରୋଗରେ ପୀଡିତ ଥିଲେ । ୪ ତାରିଖ ସକାଳୁ ତାଙ୍କ ମୃତ୍ୟୁ ଖବର ଜଣାପଡିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। କୋରାପୁଟ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ ଲକ୍ଷ୍ମୀପୁର ତହସିଲଦାର ବନବିହାରୀ ଦିଣ୍ଡା, କାକିରିଗୁମା ଥାନା ଅଧିକାରୀ ଉଲ୍ଲାସ ରାଉତ, ପୂର୍ବତନ ସାଂସଦ ଝିନ ହିକକା, ରାୟଗଡା ବିଧାୟକ ମକରନ୍ଦ ମୁଦୁଲି, କୋରାପୁଟ ବିଧାୟକ କୃଷ୍ଣ କୁଲଦୀପଙ୍କ ସହ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଖ୍ରୀଷ୍ଟିଆନ ଧର୍ମ ଅନୁସାରେ ତାଙ୍କୁ କବର ଦିଆଯାଇଥିଲା। ତୁରୁକ ୧।୬।୧୯୬୪ରେ ଲକ୍ଷ୍ମୀପୁର ବ୍ଲକ ଗୌଡ଼ଗୁଡା ପଞ୍ଚାୟତର ବଡନେରେକା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ପ୍ରାଥମିକ ଶିକ୍ଷା ପରେ ରେଭେନସା ମହାବିଦ୍ୟାଳୟରେ ଅଧ୍ୟୟନକରିଥିଲେ। ୧୯୯୧ରେ ସେ ଓଡିଶା ପ୍ରଶାସନିକ ପରୀକ୍ଷାରେ ଉତୀର୍ଣ୍ଣ ହୋଇ ପ୍ରଥମେ ନବରଙ୍ଗପୁର ଜିଲାର ଇନ୍ଦ୍ରାବତୀ ପ୍ରକଳ୍ପରେ ଲ୍ୟାଣ୍ଡ ଅଫିସର, ପରେ ମାଲକାନଗିରି, ନୂଆପଡା ଜିଲାର ଉପଜିଲାପାଳ, ଜିଲା ପ୍ରକଳ୍ପଅଧିକାରୀ ରୂପେ କାର୍ଯ୍ୟ କରିଥିଲେ। ତାଙ୍କର ଶେଷ ସମୟ ବେଳକୁ ସେ ଜଙ୍ଗଲ ଓ ପରିବେଶ ମନ୍ତ୍ରାଣାଳୟର ଉପ ସଚିବ ରୂପେ କାର୍ଯ୍ୟରତ ଥିଲେ ।

## ଦୁଇ ଠିକାସଂସ୍ଥାକୁ କାରଣ ଦର୍ଶାଅ ନୋଟିସ କଲେ ଡିଇଓ

କୋରାପୁଟ,୫।୮ (ସ୍ୱ.ପ୍ର.)

**ମଧ୍ୟାହ୍ନ ଭୋଜନ ଚାଉଳ ଯୋଗାଣରେ ଦୁର୍ନୀତି ଘଟଣା**

କୋରାପୁଟ ଜିଲାରେ ମଧ୍ୟାହ୍ନ ଭୋଜନ (ଏମ୍‌ଡିଏମ୍) ଚାଉଳ ଯୋଗାଣରେ ଦୁର୍ନୀତି ଘଟଣାରେ ଜିଲା ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଚାଉଳ ଯୋଗାଣ ଦାୟିତ୍ୱରେ ଥିବା ଜୟପୁର ସ୍ଥିତ ଠିକାସଂସ୍ଥା ସିଂଘଲ ଟ୍ରାନ୍ସପୋର୍ଟ ଏବଂ ସୁନାବେଡ଼ା ସ୍ଥିତ ଓମ୍ ଏଣ୍ଟରପ୍ରାଇଜେସ୍‌କୁ ଡିଇଓ ରାମଚନ୍ଦ୍ର ନାହାକ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ବସ୍ତାରେ ଚାଉଳର ପରିମାଣ କମ୍ କାହିଁକି ଥିଲା ଏବଂ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ କାହିଁକି ଗ୍ରହଣ କରାଯିବନି ସପ୍ତାହେ ମଧ୍ୟରେ ତାହାର କାରଣ ଦର୍ଶାଇବାକୁ କହିଛନ୍ତି। ସୂଚନାଯୋଗ୍ୟ, କୋରାପୁଟ ଜିଲାରେ ମଧ୍ୟାହ୍ନ ଭୋଜନ ଚାଉଳ ଯୋଗାଣରେ ଦୁର୍ନୀତି ବିଷୟରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପୂର୍ବରୁ ସିଆର୍‌ସିଏସ୍ ଓ ଡାଟା ଏଣ୍ଟ୍ରି ଅପରେଟରଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଥିଲା।

## ଦୁଇମାସ ଧରି ଘରକୁ ଫେରିନାହାନ୍ତି କ୍ରିଷ୍ଣା

ପଟ୍ଟାଙ୍ଗୀ,୫।୮ (ଡି.ଏନ.ଏ.)



**ଅଭିଯୋଗ ପରେ ମଧ ପୋଲିସ ହାତ ଖାଲି**

ଦୁଇ ମାସ ତଳେ ରୋଜଗାର ପାଇଁ ବାହାର ଜିଲାକୁ ଯାଇଥିବା ଜଣେ ଯୁବକଙ୍କ ଏଯାଏ କୋଣସି ଖୋଜ ଖବର ମିଳୁନାହିଁ। ଏନେଇ ପରିବାର ଲୋକେ ଚିନ୍ତାରେ ରହିଛନ୍ତି। ପୋଲିସ ନିକଟରେ ଲିଖିତ ଅଭିଯୋଗ ହୋଇଥିଲେ ମଧ ପୋଲିସ ଏଯାଏ ହାତ ଖାଲି ରହିଛି। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ପଟ୍ଟାଙ୍ଗୀ ଥାନା ଅନ୍ତର୍ଗତ ତଥା ଦେଓପଟ୍ଟାଙ୍ଗୀ ପଞ୍ଚାୟତର ଝିରଝିରା ଗ୍ରାମରେ। ଉକ୍ତ ଗ୍ରାମର କ୍ରିଷ୍ଣା ମାରି ପରିବାର ଭରଣପୋଷଣ ପାଇଁ ମେ ୩ରେ ଘରୁ ନିଜ ସାଙ୍ଗ ବୋରିଗୁମ୍ମା ବି.ସିଂହପୁର ଗ୍ରାମର ଟେଁଲ ପୂଜାରୀଙ୍କ ସହ ପରାଦୀପ ଯାଇଥିଲେ। ଉକ୍ତ କମ୍ପାନୀରେ କିଛି ଦିନ କାମ କରିବା ପରେ ସେ ମେ ୨୫ରେ ନିଜ ଗ୍ରାମ ପଟ୍ଟାଙ୍ଗୀ ବ୍ଲକର ଝିରଝିରାକୁ ଆସିଥିଲେ। ମାତ୍ର ସେ ଘରେ ପହଞ୍ଚି ନ ଥିଲେ। ପରିବାର ଲୋକେ କ୍ରିଷ୍ଣାଙ୍କ ସାଙ୍ଗଙ୍କୁ ଯୋଗାଯୋଗ କରି ଖବର ନେବାକୁ ଚାହିଁଥିଲେ ମଧ ସଫଳ ହୋଇ ନ ଥିଲେ। ମେ ୨୮ରେ କ୍ରିଷ୍ଣାଙ୍କ ବଡ଼ ଭାଇ ରାମାରାଓ ମାରିପଟ୍ଟାଙ୍ଗୀ ପୋଲିସ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ଚୁପ ରହିଥିଲା। କ୍ରିଷ୍ଣା କେଉଁଠି ଅଛନ୍ତି ତାଙ୍କୁ ଖୋଜି ବାହାର କରିବାକୁ ପୋଲିସ କୌଣସି ତତ୍ପରତା ଦେଖାଇ ନ ଥିଲା। ପୋଲିସର ଏପରି ନୀରବତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ପରୀକ୍ଷାମୂଳକ ଭାବେ ଭୁବନେଶ୍ୱରରୁ ଜୟପୁର ବିମାନ ଉଡାଣ

ଜୟପୁର, ୫।୮ (ନି.ପ୍ର.)

ପରୀକ୍ଷାମୂଳକ ଭାବେ ଭୁବନେଶ୍ୱରରୁ ଜୟପୁର ଦ୍ୱିତୀୟ ଥର ପାଇଁ ବିମାନ ଚଳାଚଳ ଆରମ୍ଭ ହୋଇଛି। ଶୁକ୍ରବାର ସାଢେ ୧୧ଟାରେ ବିମାନ ଜୟପୁର ଏରାୟପୋର୍ଟରେ ପହଞ୍ଚିଥିବା ବେଳେ ୧ଟା ସମୟରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛି । ପରୀକ୍ଷା ମୂଳକ ଭାବେ ୯ସିଟ୍ ବିଶିଷ୍ଟ ବିମାନ ଭୁନେଶ୍ୱରରୁ ଜୟପୁର ମଧ୍ୟରେ ଉଡାଣ କରିଛି । ଘରୋଇ ଇଣ୍ଡିଆ ୱାନ ଏୟାରର ଅଧିକାରୀମାନେ ଜୟପୁର ଏୟାରପୋର୍ଟରେ ଉଡାଣ ବେଳେ କଣ ସମସ୍ୟା ରହୁଛି ତାର ସମୀକ୍ଷା କରିଥିଲେ। ଭିତ୍ତିଭୂମିରେ ସୁଧାର ଆସିବା ପରେ ନିୟମିତ ଯାତ୍ରୀ ସେବା ଆରମ୍ଭ ହେବ । ଶନିବାର ମଧ୍ୟ ପରୀକ୍ଷା ମୁଳକ ଭାବେ ଇଣ୍ଡିଆ ୱାନ ଏୟାର ଜୟପୁର ଏୟାର ପୋର୍ଟରେ ପହଞ୍ଚିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି । ବର୍ତ୍ତମାନ ସୁଦ୍ଧା ବିମାନ ଉଡାଣ ପାଇଁ ଡିଜିସିଏ ଅନୁମତି ଦେଇ ନ ଥିବା ଜୟପୁର ରାସ୍ତା ଓ ଗୃହ ବିଭାଗ ନିବାହୀଯନ୍ତ୍ରୀ ଭାସ୍କର ସାମନ୍ତରାୟ କହିଛନ୍ତି।

## ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

କୋରାପୁଟ,୫।୮ (ସ୍ୱ.ପ୍ର.)

କୋରାପୁଟ ବିଦ୍ୟୁତ ବିଭାଗ ପକ୍ଷରୁ ଚାଲିଥିବା ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ବିଭାଗୀୟ ନିର୍ବାହୀଯନ୍ତ୍ରୀ ଭଗବାନ ପ୍ରଧାନ ମୁଖ୍ୟଅତିଥିଭାବେ ଯୋଗଦେଇ ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ବିଦ୍ୟୁତର ସୁରକ୍ଷା ଏବଂ ବିଦ୍ୟୁତ ଦ୍ୱାରା ଘଟୁଥିବା ଦୁର୍ଘଟଣାରୁ ନିଜକୁ କିପରି ଦୁରେଇ ରଖିବା ସେନେଇ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଆୟୋଜିତ କୁଇଜ, ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ କର୍ମଚାରୀ ଓ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟୁତ ସୁରକ୍ଷା ଅଧିକାରୀ ବିନୟ ମହାପାତ୍ର ଓ ସହକାରୀ ଯନ୍ତ୍ରୀ ବିଜୟ ଶଙ୍କର ପଣ୍ଡା ପରିଚାଳନା କରିଥିଲେ। ସହକାରୀ ଯନ୍ତ୍ରୀ ମନୋରଞ୍ଜନ ମାର୍ଥା ଓ ବାବୁଲା ଓରାମ ସହଯୋଗ କରିଥିଲେ।

# ଆଗକୁ ରାଖୀ, ଦୋକାନରେ ଜମୁଛି ଭିଡ଼

ଉମରକୋଟ, ୫।୮ (ସ୍ୱ.ପ୍ର.)


ହିନ୍ଦୁ ପରମ୍ପରା ଅନୁଯାୟୀ ବାର ମାସରେ ତେର ପର୍ବ ପାଳିତ ହୋଇଥାଏ। ଭାଇଭଉଣୀଙ୍କ ସ୍ନେହ ପ୍ରୀତିର ବନ୍ଧନ ହେଉଛି ରାଖୀ। ଏହାକୁ ଖୁବ୍ ଉତ୍ସାହର ସହ ସବୁ ବର୍ଗର ଲୋକ ପାଳନ୍ତି। ରାଖୀ ପାଇଁ ଏବେ ବଜାର ଚଳଚଞ୍ଚଳ। ଅଗଷ୍ଟ ୧୧ରେ ରକ୍ଷାବନ୍ଧନ ଥିବାବେଳେ ଏବେଠାରୁ ରଙ୍ଗବେରଙ୍ଗର ରାଖୀ ଦୋକାନରେ ବିକ୍ରିହେଲାଣି। ୨ବର୍ଷ କରୋନା ଯୋଗୁ ରାଖୀ ବ୍ୟବସାୟ ଏତେ ଭଲ ନ ଥିଲା। ଚଳିତ ବର୍ଷ ଭଲ ବେପାର ହେବ ବୋଲି ଆଶା ବାନ୍ଧିଛନ୍ତି ବେପାରୀ। ଯେତେ ଦିନ ପାଖେଇ ଆସିବ ସେତେ ବେପାର ବଢ଼ିବ ବୋଲି ବ୍ୟବସାୟୀ କହିଛନ୍ତି। ବର୍ତ୍ତମାନ ଡିଜିଟାଲ ଯୁଗ। ତେଣୁ ଅନେକେ ଘରେ ବସି ଅନ୍‌ଲାଇନରୁ ରାଖୀ କିଣୁଛନ୍ତି। ଏହା ବେପାର ଉପରେ କିଛିଟା ପ୍ରଭାବ ପକାଉଛି ବୋଲି ବ୍ୟବସାୟୀମାନେ କହିଛନ୍ତି।



ଉମରକୋଟ ପୁରୁଣା ବସ୍‌ଷ୍ଟାଣ୍ଡସ୍ଥିତ ଏକ ଦୋକାନରୁ ଗ୍ରାହକମାନେ ରାଖୀ କିଣୁଛନ୍ତି ।

### ପିଲାଙ୍କ ପାଇଁ କାର୍ଟୁନ, ଲାଇଟ୍ ରାଖୀ

ପିଲାମାନଙ୍କ ମନକୁ ପାଇବା ଭଳି ବଜାରରେ କାର୍ଟୁନ ରାଖୀ ମିଳୁଛି। ବିଶେଷକରି ମୋଟୁ ପତଲୁ, ଡୋରେମନ ରାଖୀର ବେଶି ଚାହିଦା ରହିଛି। ଗୋଟିଏ ରାଖୀର ମୂଲ୍ୟ ୩୦ଟଙ୍କାରୁ ଆରମ୍ଭ ହେଉଛି। ଏଥିସହ ଚଳିତ ବର୍ଷ ବଜାରରେ ଲାଇଟ୍ ରାଖୀ ମିଳୁଛି। ଉକ୍ତ ରାଖୀର




ଚାରିପଟେ ଲାଇଟ୍ ଲାଗିଛି। ଏହା ବ୍ୟାଟେରିରେ ଜଳୁଛି। ଏହି ରାଖୀର ମୂଲ୍ୟ ୫୦ଟଙ୍କାରୁ ଆରମ୍ଭ ହୋଇଛି।

### ଜଗନ୍ନାଥ ରାଖୀ


ଜଗନ୍ନାଥ ରାଖୀ ବହୁ ପୁରୁଣା। କିନ୍ତୁ ଏବେ ମଧ ଏହାର ଚାହିଦା ଲୋକଙ୍କ ମଧ୍ୟରେ



ରହିଛି। ଏହି ରାଖୀର ମଝିରେ ଜଗନ୍ନାଥଙ୍କ ଫଟୋ ରହିବା ସହ ଚାରିପଟେ ସୁନେଲି କିମ୍ବା ସିଲ୍‌ଭର ରଙ୍ଗର ଜରିକାମ ହୋଇଥାଏ। ଏହି ରାଖୀ ଦେଖିବାକୁ ବେଶ୍ ସୁନ୍ଦର। ଏହା ଛୋଟ ଓ ବଡ଼ ଦୁଇ ପ୍ରକାର ସାଇଜ୍‌ରେ ମିଳେ। ଏହି ରାଖୀର ମୂଲ୍ୟ ୩୦ ଟଙ୍କାରୁ ଆରମ୍ଭ। ଏଥିସହ ଗଣେଶ ରାଖୀ ମଧ ବଜାରରେ ଉପଲବ୍ଧ। ଏହାର ଚାହିଦା ମଧ ଲୋକଙ୍କ ମଧ୍ୟରେ ବେଶ୍ ରହିଛି।

### ବ୍ରେସ୍‌ଲେଟ୍ ରାଖୀ

ଯୁବଗୋଷ୍ଠୀଙ୍କ ପ୍ରଥମ ପସନ୍ଦ ପାଲଟିଛି ବେସ୍‌ଲେଟ୍ ରାଖୀ। ମେଟାଲ ବେସ୍ ଏହି ରାଖୀରେ କିଛିଟା ରଙ୍ଗିନ ଷ୍ଟୋନ୍ ବ୍ୟବହାର କରାଯାଏ। ଏହା ହାତରେ ଖୁବ୍ ସୁନ୍ଦର ଦିଶେ। ବଲିଉଡ୍ ଷ୍ଟାର ସଲ୍‌ମାନ ଖାନ୍ ତାଙ୍କ ହାତରେ ପିନ୍ଧୁଥିବା ବେସ୍‌ଲେଟ୍‌ର ଅବିକଳ ବଜାରରେ ଉପଲବ୍ଧ ହେଉଛି। ଏହି ରାଖୀକୁ ତାଙ୍କ ଭାଇଙ୍କ ପାଇଁ ନେବାକୁ ଭଉଣୀମାନଙ୍କ ପ୍ରଥମ ପସନ୍ଦ ପାଲଟିଛି।



ଏହାଛଡ଼ା ଗୋଲ୍‌ଡେନ୍ ରଙ୍ଗର ଚେନ୍ ସହ ମଝିରେ ଲାଲ ରଙ୍ଗର ଷ୍ଟୋନ ଖଚିତ ରାଖୀ ବିକ୍ରି ହେଉଛି।

### ଫ୍ରାନ୍ସି ରାଖୀ

ରଙ୍ଗବେରଙ୍ଗ ରେଶମ ସୂତା,କଲରଫୁଲ୍ ଷ୍ଟୋନକୁ ନେଇ ଫ୍ରାନ୍ସି ରାଖୀ ବଜାରରେ ଉପଲବ୍ଧ। ଏହି ରାଖୀ ଯୁବବର୍ଗଙ୍କ ପସନ୍ଦ ପାଲଟିଛି। ହାଇସ୍କୁଲ କିମ୍ବା କଲେଜ ଯାଉଥିବା ଭାଇଙ୍କ ପାଇଁ



ସେମାନଙ୍କ ଭଉଣୀମାନେ ଏହି ରାଖୀ ବାଛି ନେଉଛନ୍ତି। ଏହାର ସାଧରଣ ଲୁକ୍ ସମସ୍ତଙ୍କୁ ବେଶ୍ ପସନ୍ଦ। ଏହି ରାଖୀର ମୂଲ୍ୟ ୩୦ରୁ ଆରମ୍ଭ ହୋଇ ୧୫୦ଟଙ୍କା ପର୍ଯ୍ୟନ୍ତ ରହିଛି।

ରାଖୀରେ ହିନ୍ଦୁ ଦେବଦେବୀଙ୍କର ମଧ ସ୍ୱତନ୍ତ୍ର ପୂଜା ରହିଛି। ଉକ୍ତ ଦିନ ପ୍ରଭୁ ବଳଭଦ୍ରଙ୍କ ଜନ୍ମଦିନ। ଠାକୁରଙ୍କ ପାଖରେ ତୁଳା ରାଖୀ ଲାଗି ହୁଏ। ଏଥିସହ ଉକ୍ତ ଦିନ ଗୋପୂଜନ କରାଯାଏ। ଏହା ସହିତ ତାଙ୍କଠାରେ ପାଳ ଦଉଡିରେ ତିଆରି ରାଖୀ ଲଗାଯାଏ। ଏହାକୁ ଗୋପାଳ ସମ୍ପ୍ରଦାୟ ଓ ଚାଷୀମାନେ ନିଜ ହାତରେ ତିଆରି କରିଥାନ୍ତି।

## ଅନକାଡେଲିରେ ସଚେତନତା ରାଲି

କୋରାପୁଟ/ଅନକାଡେଲି,୫।୮ (ସ୍ୱ.ପ୍ର)

କୋରାପୁଟ ଜିଲାର ଅନକାଡେଲିର ପଚଂାୟତ କାର୍ଯ୍ୟାଳୟଠାରେ ବିଶ୍ୱ ସ୍ତନ୍ୟପାନ ସାପ୍ତାହିକ ଦିବସ ପାଳିତ ହୋଇଯାଇଛି। ଏଥିରେ ଲମତାପୁଟ ବ୍ଲକ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ସଂନ୍ଧ୍ୟାରାଣୀ ପାତ୍ର ଉପସ୍ଥିତ ରହି ସ୍ତନ୍ୟପାନ ଉପକାରିତା, ଗୁରୁତ୍ୱ, ଶିଶୁ ପାଇଁ ପ୍ରଧାନ୍ୟ ପୃଷ୍ଟିକାରକ ବୋଲି ବୁଝାଇଥିଲେ । ଏଥିରେ ପଚଂାତର ସମସ୍ତ ଅଙ୍ଗନବାଡି କର୍ମୀ , ସ୍ୱାସ୍ଥ୍ୟ କର୍ମୀ ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠି ଓ ପ୍ରସୁତି ମାଆମାନେ ଯୋଗଦେଇଥିଲେ ।



**ସଂକ୍ଷେପରେ**

## ପ୍ରଶାସନର ହସ୍ତକ୍ଷେପ ପରେ ସ୍ୱାଭାବିକ ହେବ ଏମଭି-୧୦୪ ଅଙ୍ଗନୱାଡ଼ି କେନ୍ଦ୍ର

କୋରୁକୋଣ୍ଡା, ୫।୮(ଡି.ଏନ୍.ଏ.)-

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବିଚାରପାଲି-୩ ପଞ୍ଚାୟତ ଅଧୀନ ଏମଭି-୧୦୪ ଗ୍ରାମରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ବିଭିନ୍ନ ସମସ୍ୟାକୁ ନେଇ ଲାଗି ରହିଥିବା ବିବାଦ ପ୍ରଶାସନର ହସ୍ତକ୍ଷେପ ପରେ ଅନ୍ତ ଘଟିଛି। ଗତ କିଛିଦିନ ହେଲା ଏମ୍ଭି-୧୦୪ଗ୍ରାମରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରର ବିଭିନ୍ନ ସମସ୍ୟା ନେଇ ଗ୍ରାମବାସୀମାନେ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଉକ୍ତ ଅଙ୍ଗନୱାଡି କେନ୍ଦ୍ରର କାର୍ଯ୍ୟରତ କର୍ମୀଙ୍କ ବଦଳି ଦାବିରେ ପାକ ଶିକ୍ଷା ସହ ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ମିଳୁଥିବା ସରକାରୀ ସୁବିଧାକୁ ଗ୍ରହଣ କରି ନ ଥିଲେ। ପ୍ରଶାସନ ଉକ୍ତ ଦାବିକୁ ଅଣଦେଖା କରିବାରୁ ଗ୍ରାମବାସୀ ୨।୮।୨୦୨୨ରୁ ଗ୍ରାମରେ ଅସ୍ଥାୟୀ ରୂପେ ଏକ ଅଙ୍ଗନୱାଡ଼ି କେନ୍ଦ୍ର ଆରମ୍ଭ କରି ଅଭିନବ ପ୍ରତିବାଦ କରିଥିଲେ। ଗୁରୁବାର ଏନେଇ କୋରୁକୋଣ୍ଡା ବିଡ଼ିଓ ଅଂଶୁମାନ ମହାପାତ୍ର, ସିଡିପିଓ ନିଲିମା ମଣ୍ଡଳଙ୍କ ସମେତ ଅନ୍ୟ ଅଧିକାରୀମାନେ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଉକ୍ତ କେନ୍ଦ୍ରରେ କାର୍ଯ୍ୟରତ କର୍ମୀଙ୍କୁ ମଧ ତାଗିଦ କରିଥିଲେ। ପ୍ରଶାସନ ସହ ଗ୍ରାମବାସୀଙ୍କ ସହ ଆଲୋଚନା ପରେ ଆସନ୍ତା କାଲିଠାରୁ ଅଙ୍ଗନୱାଡି କେନ୍ଦ୍ରରେ ଗ୍ରାମବାସୀ ପାକ ଶିକ୍ଷା ନିମନ୍ତେ ଛାତ୍ରୀଛାତ୍ରଙ୍କୁ ଛାଡିବା ନିମନ୍ତେ ରାଜି ହୋଇଥିଲେ।

## ସୌରଚାଳିତ ପାନୀୟଜଳ ଯୋଗାଣ ପ୍ରକଳ୍ପ ଉଦଘାଟିତ

ସୁନାବେଡା, ସେମିଳିଗୁଡା,୫।୮(ସ୍ୱ.ପ୍ର.)

ସେମିଳିଗୁଡା ବ୍ଲକ ଅଧିନ ଦଳେଇଗୁଡା ପଞ୍ଚାୟତର ତେନ୍ତୁଳିଗୁଡା ଗ୍ରାମବାସୀଙ୍କ ପାଇଁ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ସୌରଚାଳିତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କୁ ଗୁରୁବାର ବିଡିଓ ସବ୍ୟସାଚୀ ବେହେରା ଉଦଘାଟନ କରିଛନ୍ତି । ଏହି ସୌର ଚାଳିତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଦ୍ୱାରା ଗ୍ରାମବାସୀଙ୍କ ପାନୀୟ ଜଳ ସମସ୍ୟା ଦୂର ହୋଇପାରିବ ବୋଲି ବିଡିଓ ବେହେରା କହିଛନ୍ତି। କାର୍ଯ୍ୟକ୍ରମରେ ହିଣ୍ଡାଲକୋ କମ୍ପାନୀର ୟୁନିଟ ହେଡ ମନୋଜ ନାୟକ , ଏଚଆରର ମୁଖ୍ୟ ଅମିତ ସରଙ୍କ ସମେତ କମ୍ପାନୀର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସନ୍ତୋଷ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କଲ୍ୟାଣସିଂହପୁରରେ ଲୋକଙ୍କୁ ସଚେତନ କଲେ ମନ୍ତ୍ରୀ

**ଖାଡ଼ାବାନ୍ତି ପ୍ରଭାବିତ ଅଞ୍ଚଳ ଗସ୍ତ**

ରାୟଗଡ଼ା ଅଫିସ,୫।୮-



ମନ୍ତ୍ରୀ ଜଗନ୍ନାଥ ସାରକା ଖାଡ଼ାବାନ୍ତି ପ୍ରଭାବିତ ଅଞ୍ଚଳରେ ସଚେତନ କରୁଛନ୍ତି ।

ରାୟଗଡ଼ା ଜିଲା କାଶୀପୁର ବ୍ଲକ ପରେ ପଡ଼ୋଶୀ କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ସିକରପାଇ ଓ ବୁଡ଼ାଗୁଡ଼ା ପଞ୍ଚାୟତରେ ଖାଡ଼ାବାନ୍ତି ବ୍ୟାପିଛି। ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଶୁକ୍ରବାର ବ୍ଲକ ଗସ୍ତକରି ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଛନ୍ତି। ସେହିପରି ଖାଡ଼ାବାନ୍ତିରୁ ରକ୍ଷା ପାଇବା ନିମନ୍ତେ ଲୋକଙ୍କୁ ସଚେତନ କରିଛନ୍ତି। ମନ୍ତ୍ରୀ ପ୍ରଥମେ ସିକରପାଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ସେଠାରେ ଚିକିତ୍ସାଧୀନ ୩ ଅକ୍ରାନ୍ତ ସୁରେଶ କଣ୍ଡପାଣି(୨୦), ଜନମନ ପ୍ରଧାନ(୪୦), ହାପି ଝିଆକା(୫୦)ଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ଚିକିତ୍ସା ସୁବିଧା ଓ ଅନ୍ୟ ସମସ୍ୟା ନେଇ ରୋଗୀଙ୍କ ସହ ମଧ ଆଲୋଚନା କରିଥିଲେ। ପରେ ସିକରପାଇ ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପରେ ଖାଡ଼ାବାନ୍ତିରେ ପ୍ରଭାବିତ ବୁଡ଼ାଗୁଡ଼ା ପଞ୍ଚାୟତର ଗୁରୁଡୁଲୀ ଗାଁକୁ ଯାଇ ଲୋକଙ୍କୁ ଫୁଟାପାଣି ପିଇବା, ଗରମ ଖାଦ୍ୟ ଖାଇବା, ଖାଦ୍ୟ ଖାଇବା ପୂର୍ବରୁ ଭଲରେ ହାତ ଧୋଇବା ନିମନ୍ତେ ସଚେତନ କରିଥିଲେ। ମନ୍ତ୍ରୀଙ୍କ ଗସ୍ତ ସମୟରେ ସ୍ଥାନୀୟ ବିଡିଓ ତାପସ କୁମାର ଭୋଇ, ଏବିଡିଓ ବଳରାମ ପାତ୍ର, ଏସ୍ଆଇ ସଞ୍ଜୟ କୁମାର ମୁଣ୍ଡ଼ି, ବ୍ଲକ ବିଜେଡି ସଭାପତି ସୁନ୍ଦର ରାଓ ବାଗ, ଏମ୍. ଧର୍ମେନ୍ଦ୍ର, ଜିଲା ପରିଷଦ ସଦସ୍ୟ ବି. ୱାରା ପ୍ରସାଦ ରାଓଙ୍କ ସମେତ ଦଳୀୟ କର୍ମୀ ଓ ନେତା ଉପସ୍ଥିତ ଥିଲେ।

# କୋରାପୁଟ ପ୍ରତିଯୋଗୀଙ୍କୁ ୭ ସ୍ୱର୍ଣ୍ଣ

**ଅନ୍ତରାଷ୍ଟ୍ରୀୟ କରାଟେ ପ୍ରତିଯୋଗିତା**

କୋରାପୁଟ,୫।୮(ସ୍ୱ.ପ୍ର.)

କଲକତାସ୍ଥିତ ନେତାଜୀ ଇନୋଡାର ଷ୍ଟାଡିୟମଠାରେ ଅନୁଷ୍ଠିତ ଆନ୍ତରାଷ୍ଟ୍ରୀୟ କରାଟେ ପ୍ରତିଯୋଗିତାରେ କୋରାପୁଟ ଜିଲାର ୧୦ ଜଣ ପ୍ରତିଯୋଗୀ ଯୋଗଦେଇଥିଲେ । ସେମାନଙ୍କୁ ୭ଟି ସ୍ୱର୍ଣ୍ଣ ୩ ରୋପ୍ୟ ଓ ୬ଟି କାଂସ୍ୟ ପଦକ ମିଳିଥିବା ପ୍ରତିଯୋଗୀମାନଙ୍କ ମୁଖ୍ୟ ପ୍ରଶିକ୍ଷକ ତଥା ସିହାନ ରମେଶ ଦାସ ସୂଚନା ଦେଇଛନ୍ତି। ଅଲ ଇଣ୍ଡିଆ ସେଇସିନକାଲ କରାଟେ ଫେଡେରେଶନ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାରେ କୋରାପୁଟର ଇଣ୍ଟରନ୍ୟାଶନାଲ ସିଟୋରିୟୁ ସ୍କୁଲର ମାନସୀ ବିଡିକା ୬ ବର୍ଷ କାତାରେ ସ୍ୱର୍ଣ୍ଣ ଏବଂ କୁମୁତେରେ ରୌପ୍ୟ ପଦକ ପାଇଛନ୍ତି। ମୟଙ୍କ ପାତିକା ୩ ବର୍ଷ କାତାରେ ସ୍ୱର୍ଣ୍ଣ, ଆକାଶ ସାଗର ୮ ବର୍ଷ କାତାରେ ସ୍ୱର୍ଣ୍ଣ ଏବଂ କୁମତେରେ ରୌପ୍ୟ, ଗିରିଜା ଶଙ୍କର ନାୟକ ୧୦ ବର୍ଷ କାତାରେ ସ୍ୱର୍ଣ୍ଣ ଏବଂ କୁମୁତେରେ ସ୍ୱର୍ଣ୍ଣ, ଶିବାଂଶୁ ନାୟକ ୧୦ ବର୍ଷ କାତାରେ କାଂସ୍ୟ ପଦକ, ଆଭାସ ମିଶ୍ର ୧୧ ବର୍ଷ କାତାରେ ସ୍ୱର୍ଣ୍ଣ ଏବଂ କୁମୁତେରେ ସ୍ୱର୍ଣ୍ଣ, ଅକସରା ରାଉତ ୧୨ରୁ ୧୩ ବର୍ଷ କାତାରେ ସ୍ୱର୍ଣ୍ଣ ଏବଂ ସିନିୟର କାଟୋଗରିରେ ୧୮ ବର୍ଷ ଉର୍ଦ୍ଧ୍ୱରେ ପି.ରୋହିତ କାତାରେ କାଂସ୍ୟ ପଦକ, ବିନୟ ମାଝି କାତାରେ କାଂସ୍ୟ ଏବଂ ନିଖିଲ ଖିଲ



କାତାରେ ରୌପ୍ୟ ଏବଂ କୁମୁତେରେ କାଂସ୍ୟ ପଦକ ପାଇଛନ୍ତି। ଇଣ୍ଟରନ୍ୟାଶନାଲ ସିଟୋରିୟୁ କରାଟେ ସ୍କୁଲର ମୁଖ୍ୟ ସିହାନ ରମେଶ ଦାସ ଏବଂ ମୁଖ୍ୟ ପ୍ରଶିକ୍ଷକ ଶିବ ରାଉତଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗୀମାନଙ୍କୁ ଏହି ସଫଳତା ମିଳିଛି।

# ବନ୍ୟା ସମୟରେ ଧନଜୀବନ ସୁରକ୍ଷା କୌଶଳ ପ୍ରଦର୍ଶନ



କାର୍ଯ୍ୟକ୍ରମରେ ଉପସ୍ଥିତ ଏନ୍ଡିଆର୍ଏଫ୍ ଅଧିକାରୀ ଓ ଅନ୍ୟମାନେ ।

ବିଷମକଟକ,୫।୮(ଡି.ଏନ୍.ଏ.)-

**ଏନ୍ଡିଆର୍ଏଫ୍ ପକ୍ଷରୁ ମକ୍ଡ୍ରିଲ**

ରାୟଗଡ଼ା ଜିଲା ବିଷମକଟକ ବ୍ଲକ କୁତ୍ରାଗଡ଼ ସଦର ପଞ୍ଚାୟତରେ ବଂଶଧାରା ନଦୀ ତଟବର୍ତ୍ତୀ ଅଞ୍ଚଳବାସୀଙ୍କୁ ବନ୍ୟା ସମୟରେ ଧନ ଓ ଜୀବନ ସୁରକ୍ଷା ନିମନ୍ତେ ଏନ୍ଡିଆର୍ଏଫ୍ ପକ୍ଷରୁ ବିଭିନ୍ନ କୌଶଳ ଶିକ୍ଷା ପ୍ରଦାନ କରାଯାଇଥିଲା। ବିଷମକଟକ ବିଡିଓ ଆଲବର୍ଟ ଲାକଡ଼ାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହେଇଥିଲା। ଏନ୍ଡିଆର୍ଏଫ୍ ଟିମ୍ କୁତ୍ରାଗଡ଼ ସ୍ଥିତ ବନ୍ୟା ଆଶ୍ରୟସ୍ଥଳୀରେ ପହଞ୍ଚି ମକଡ୍ରିଲ୍ ମାଧ୍ୟମରେ ବିଭିନ୍ନ ସୁରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କୁତ୍ରାଗଡ଼ ସରପଞ୍ଚ ଇଲାମୟୀ ପିଡିକାକା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ବ୍ଲକ ସହକାରୀ ଯନ୍ତ୍ରୀ ପ୍ରତ୍ୟୁଷ କୁମାର ତ୍ରିପାଠୀ, କନିଷ୍ଠ ଯନ୍ତ୍ରୀ ନିରଞ୍ଜନ ବେହେରା ଯୋଗ ଦେଇଥିବା ବେଳେ ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ମାଁ ମାଣିକେଶ୍ୱରୀ ବିଦ୍ୟାଳୟର ପ୍ରାୟ ୧୫୦ ଛାତ୍ରୀଛାତ୍ର ଶିବିରରେ ଉପସ୍ଥିତ ଥିଲେ। ପରିଚାଳନା ଦାୟିତ୍ୱରେ ଏନଡିଆରଏଫ୍ର ଇନିସ୍ପେକ୍ଟର ବିବେକ କୁମାର ପଣ୍ଡା, ଇନ୍ସପେକ୍ଟର ଆର୍. ରୁନୁ ସିଙ୍ଗ ପ୍ରମୁଖ ରହିଥିଲେ। ଏଥିରେ ବନ୍ୟା ସମୟରେ ସାପ କାମୁଡ଼ିଲେ, ଆକସ୍ମିକ ଦୁର୍ଘଟଣାରେ ରକ୍ତସ୍ରାବ ହେଲେ ଏବଂ ଶିଶୁମାନେ ମୁଦ୍ରା ଗିଳିଦେଲେ କିପରି ଜରୁରୀ ପ୍ରଥମିକ ଚିକିତ୍ସା ସେବ ଯୋଗାଇବେ ସେ ବିଷୟରେ ବୁଝାଇଥିଲେ। ନିଜେ ଷ୍ଟ୍ରେଚର ତିଆରି କରି କିପରି ରୋଗୀଙ୍କୁ ସ୍ଥାନାନ୍ତର କରିବେ, ବନ୍ୟା ସମୟରେ ପାଣି ଘେରରେ ଫଶି ରହିଥିବା ଲୋକଙ୍କୁ କିପରି ବାହାର କରିବେ ସେ ବିଷୟରେ ମଧ ବିଭିନ୍ନ କୌଶଳ ଶିଖାଇଥିଲେ।

# ଗୁଣପୁର କଲେଜରେ ବିପର୍ଯ୍ୟୟ ପ୍ରଶମନ ଶିବିର

ଗୁଣପୁର,୫।୮(ଡି.ଏନ୍.ଏ.)-

କଟକର ମୁଣ୍ଡୁଳୀ ସ୍ଥିତ ରାଷ୍ଟ୍ରୀୟ ବିପର୍ଯ୍ୟୟ ପ୍ରଶମନ ବଳ ତୃତୀୟ ବାହିନୀ ଦ୍ୱାରା ବିପର୍ଯ୍ୟୟ ମୁକାବିଲା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୁଧବାର ଗୁଣପୁର କଲେଜରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୁଣପୁର କଲେଜର ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକଙ୍କ ସମେତ ସ୍ଥାନୀୟ ଥାୟରାମ୍ମା ମହିଳା ମହାବିଦ୍ୟାଳୟର ଛାତ୍ରୀ ଏବଂ ଅଧ୍ୟାପିକା, ଅଧ୍ୟାପକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ତଥା ମୁଖ୍ୟବକ୍ତା ରୂପେ ଏନ୍ଡିଆର୍ଏଫ୍ ଇନ୍ସପେକ୍ଟର ଆର୍. ରୁଙ୍ଗ୍ସୁଙ୍ଗ୍ ଓ ବିବେକ ପାଣ୍ଡେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଯଥା ବନ୍ୟା, ବାତ୍ୟା, ବଜ୍ରପାତ, ଭୂମିକମ୍ପ ଆଦିରୁ କିପରି ରକ୍ଷା ପାଇପାରିବେ ସେ ବିଷୟରେ ସୂଚନା ଦେଇଥିଲେ। ସେହିପରି ଉକ୍ତ ଦଳର ଶୁଭେନ୍ଦୁ ପତି ଓ ସୁଧାଂଶୁ ଶେଖର ପତି ବ୍ୟାବହାରିକ ରୀତିରେ ସରଞ୍ଜାମଗୁଡ଼ିକ ପ୍ରଦର୍ଶନ କରିଥିଲେ। କୌଣସି ବିପର୍ଯ୍ୟୟର ସମ୍ମୁଖୀନ ହେଲେ ଛାତ୍ରୀଛାତ୍ର କିପରି ନିଜ ସମେତ ଅନ୍ୟମାନଙ୍କ ସୁରକ୍ଷା କରିପାରିବେ ତାହାର କୌଶଳ ଶିଖାଇଥିଲେ। କାର୍ଯ୍ୟକ୍ରମରେ ଗୁଣପୁର କଲେଜର ଏନ୍ସିସି କ୍ୟାଡେଟ ଓ ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀ ଯୋଗଦେଇ କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ।

# ଆଦିବାସୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ କାମ କରିବ ସିନି

ବିଷମକଟକ,୫।୮(ଡି.ଏନ୍.ଏ.)-

**ଶିକ୍ଷା, ସ୍ୱାସ୍ଥ୍ୟ, ପୁଷ୍ଟିକର ଖାଦ୍ୟକୁ ଗୁରୁତ୍ୱ**

ରାୟଗଡ଼ା ଜିଲା ପ୍ରଶାସନର ପ୍ରତ୍ୟକ୍ଷ ସହଯୋଗରେ ଆଦିମ ଜନଜାତି ତଥା ଆଦିବାସୀ ସମ୍ପ୍ରଦାୟର ମହିଳା ଓ ଶିଶୁଙ୍କ ସ୍ୱାସ୍ଥ୍ୟ ସୁରକ୍ଷା, ସେମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା, ସ୍କୁଲ ଛାଡ଼ିଥିବା କିଶୋରୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବିକା ସୁରକ୍ଷା ଦିଗରେ ଚାଇଲ୍ଡଇନ୍‌ନିଡ ଇନଷ୍ଟିଚ୍ୟୁଟ୍(ସିନି) ଏବଂ ସେନାପତି ଟ୍ରଷ୍ଟ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ସରକାରଙ୍କ ପକ୍ଷରୁ ଅଦିବାସୀ ମହିଳା, ଶିଶୁ, କିଶୋରୀଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ସୁବିଧା ସୁଯୋଗ ସେମାନଙ୍କ ନିକଟରେ ପହଞ୍ଚାଇବା ଦିଗରେ ଦୁଇ ସଂସ୍ଥା ୫ ବର୍ଷ ପାଇଁ କାର୍ଯ୍ୟ କରିବେ। କିଛିଦିନ ତଳେ ଏ ନେଇ ବିଷମକଟକ ବ୍ଲକ ଚାଟିକଣା ଟିଆଇସି କୋଠା ସ୍ଥିତ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟରେ ଏକ ବୈଠକ ହୋଇଥିଲା। ଏଥିରେ ବିଭିନ୍ନ ଉଚ୍ଚ ପଦସ୍ଥ ସରକାରୀ ଅଧିକାରୀ, ସରକାରୀ କର୍ମକର୍ତ୍ତା, ଉପଜିଲାପାଳ ତଥା ଆଇଟିଡିଏ ପିଏ ଲୋକନାଥ ଦଳବେହେରା ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

ବିଷମକଟକ ବ୍ଲକର ଖମ୍ଭେସୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳରେ ଥିବା ଆଦିମ ଜନଜାତି ଓ ଆଦିବାସୀ ସମ୍ପ୍ରଦାୟର ପ୍ରାୟ ୧୮୩୧୨ ଅଧିବାସୀଙ୍କ ସ୍ୱାସ୍ଥ୍ୟ, ପୁଷ୍ଟି ଏବଂ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସେନାପତି ଟ୍ରଷ୍ଟ ଆବଶ୍ୟକ ସହାୟତା ପ୍ରଦାନ କରିବ। ଏହି ପାଞ୍ଚ ବର୍ଷୀୟ ପ୍ରକଳ୍ପଟି ଆଇସିଡିଏସ୍, ସ୍ୱାସ୍ଥ୍ୟ, ଶିକ୍ଷା, ଏବଂ ଓପିଲିପ୍ ଆଦି କାର୍ଯ୍ୟକ୍ରମଗୁଡ଼ିକର ସେବା ଓ ସୁବିଧାକୁ ତ୍ୱରାନ୍ୱିତ କରାଇ ମାତୃ, ଶିଶୁ ଓ କିଶୋରୀଙ୍କୁ ସଶକ୍ତ କରିବ। ସିନି ସଂସ୍ଥା ୨୦୧୬ ରୁ ଓଡ଼ିଶାରେ କାମ କରୁଛି। ସେହିପରି ସେନାପତି ଟ୍ରଷ୍ଟ ଆମେରିକାରେ ଅବସ୍ଥାପିତ ପୁରୀ ଜିଲାର ଡାକ୍ତର ଶିଶିର ସେନାପତିଙ୍କ ଦ୍ୱାରା ଗଠନ ହୋଇଛି। ଗରିବ, ଅସୁରକ୍ଷିତ ସମ୍ପ୍ରଦାୟର ବିକାଶ ପାଇଁ ନିୟମିତ ସହାୟତା ପ୍ରଦାନ କରିଆସୁଛି। ସଭାରେ ଡିଏସ୍‌ଡବ୍ଲୁଓ ଯାଜ୍ଞସେନୀ ବେହେରା, ବିଡିଓ ଆଲବର୍ଟ ଲାକ୍ରା,ବ୍ଲକ ଅଧକ୍ଷା ଯଶୋଦା ହୁଇକା, ବିଷମକଟକ ମେଡିକାଲ ଇନ୍‌ଚାର୍ଜ ଡାକ୍ତର ଅଂଶୁପ୍ରଭା ଚୌଧୁରୀ, ସପନ ବିକାଶ ସାହା, ଚୈତନ୍ୟ ମାଝି, ଶାଶ୍ୱତୀ ନାୟକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ଜିଲାପାଳଙ୍କ ଅଫିସ ଘେରିଲା କଂଗ୍ରେସ

ରାୟଗଡ଼ା ଅଫିସ,୫।୮-

**୫୦ରୁ ଊର୍ଦ୍ଧ୍ୱ କର୍ମୀ ଗିରଫ**

ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶ କ୍ରମେ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ସହ ଅନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ଦରଦାମ ବୃଦ୍ଧି ଏବଂ ବେକାରୀ ସମସ୍ୟାକୁ ବିରୋଧ କରି ରାୟଗଡ଼ା ଜିଲା କଂଗ୍ରେସ ପକ୍ଷରୁ ଶୁକ୍ରବର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦର ନିୟନ୍ତ୍ରଣରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତା ନେଇ କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ବେକାରୀ ସମସ୍ୟା ସମେତ ଅଗ୍ନିପଥ ଯୋଜନା, ମୁଢି,ଚୁଡ଼ା, ଖଇ ଆଦି ଉପରେ ଜିଏସ୍‌ଟି ଲାଗୁ ପ୍ରଭୃତିର ପ୍ରତିବାଦରେ କଂଗ୍ରେସ ବିକ୍ଷୋଭ ପ୍ରଦର୍ଶନ କରିଥିଲା। କଂଗ୍ରେସ କମିଟି ସଭାପତି ଦୁର୍ଗା ପ୍ରସାଦ ପଣ୍ଡାଙ୍କ ନେତୃତ୍ୱରେ କର୍ମୀମାନେ ସର୍କିଟ ହାଉସ ଠାରୁ ଏକ ଶୋଭାଯାତ୍ରାରେ ଯାଇ କଂଗ୍ରେସ କର୍ମୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନାରାବାଜି କରିଥିଲେ। କାର୍ଯ୍ୟାଳୟ ମଧ୍ୟକୁ ଧସେଇ ପଶିବାକୁ ଉଦ୍ୟମ କରିବା ସମୟରେ ରାୟଗଡ଼ା ଟାଉନ ଥାନା ପୋଲିସ ୫୦ ରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀଙ୍କୁ ଗିରଫ କରିଛି। କୋରାପୁଟ ଏମ୍‌ପି ସପ୍ତଗିରି ଉଲାକାଙ୍କ ପ୍ରତିନିଧି ବାପି ପଟ୍ଟନାୟକ ବେଲ୍‌ବଣ୍ଡ କରି ସମସ୍ତଙ୍କୁ ମୁକୁଳାଇଥିଲେ। ବିକ୍ଷୋଭ ସମୟରେ ଦଳୀୟ ନେତା ଆପଲ ସ୍ୱାମୀ କାଡ୍ରାକାଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

**Government of Odisha** No. C-951

**"e" Procurement Notice**

**Bid Identification No. 21/2022-23**

| | | | |
|---|---|---|---|
| 1. | Name of the work | : | 1 No. of work |
| 2. | Estimated Cost | : | 35.44 lakh |
| 3. | Period of Completion | : | Two Months |
| 4. | Date & Time of availability of bid document in the portal | : | From 11.00 A.M. of 12.08.2022 to 5.00 P.M. of 26.08.2022 |
| 5. | Last date/time for receipt of bids in the portal | : | 5.00 P.M. of 26.08.2022 |
| 6. | Name and address of the Officer Inviting Bid | : | Superintending Engineer, P.H. Division, Bhubaneswar |

Further details can be seen from e-procurement portal in the website **(http://tendersorissa.gov.in)**.

**Sd./- Superintending Engineer**
**P.H. Division, Bhubaneswar**
OIPR-13205/11/0029/2223

**ପୁରୀ ପୌରସଂସ୍ଥା କାର୍ଯ୍ୟାଳୟ, ପୁରୀ**

ସଂଖ୍ୟା: ୧୦୪୧୦ ତାରିଖ: ୦୪।୦୮।୨୦୨୨

**ସୂଚନା**

No. C-957: ଏତଦ୍ୱାରା ପୁରୀ ସହରର ସମସ୍ତ ନାଗରିକମାନଙ୍କର ଗୋଚରାର୍ଥେ ଜଣାଇ ଦିଆଯାଉଅଛି ଯେ, ଚଳିତବର୍ଷ ସ୍ୱଚ୍ଛ ସର୍ଭେକ୍ଷଣ ୨୦୨୨-୨୩ ଅନ୍ତର୍ଗତ ପୁରୀ ପୌରପାଳିକା ଦ୍ୱାରା ସମସ୍ତ ୩୨ଟି ୱାର୍ଡ଼କୁ ODF+ + ଘୋଷଣା କରାଯିବା ନିମନ୍ତେ ବିଜ୍ଞାପନ ପ୍ରକାଶ କରାଯାଇ ଏବଂ ଏଥି ନିମନ୍ତେ କୌଣସି ସଂସ୍ଥା/ବ୍ୟକ୍ତି ବିଶେଷଙ୍କର ଯଦି କିଛି ଆପତ୍ତି/ଅଭିଯୋଗ/ମତାମତ ରହିଥାଏ ତେବେ ଅତ୍ର ବିଜ୍ଞାପନ ପ୍ରକାଶନର ୭ଦିନ ମଧ୍ୟରେ ଯେ କୌଣସି କାର୍ଯ୍ୟ ଦିବସରେ ଲିଖିତ ଭାବରେ ପୁରୀ ପୌର କାର୍ଯ୍ୟାଳୟରେ ଦାଖଲ କରିବାର ସମୟ ଦିଆଯାଇଥିଲା।

ଏହି ପରିପ୍ରେକ୍ଷୀରେ ୭ଦିନର ସମୟ ଅତିକ୍ରାନ୍ତ କରିଥିଲେ ହେଁ କୌଣସି ଆପତ୍ତି/ଅଭିଯୋଗ/ମତାମତ ଅଦ୍ୟାବଧି ପୁରୀ ପୌରସଂସ୍ଥାଙ୍କ ହସ୍ତଗତ ହୋଇନାହିଁ। ଏଣୁ ନିୟମ ଅନୁଯାୟୀ ପୁରୀ ପୌରସଂସ୍ଥାକୁ ODF+ + ଘୋଷଣା କରାଗଲା।

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ
ପୁରୀ ପୌରସଂସ୍ଥା, ପୁରୀ
OIPR-13159/11/0019/2223

**ODISHA UNIVERSITY OF AGRICULTURE AND TECHNOLOGY, BHUBANESWAR - 751 003**

No. Acd-I-64/22/13295/UAT Dt. 5th August, 2022

**ADMISSION NOTICE**

No. KK-108: Applications are invited ONLINE from the eligible candidates for Admission into Diploma in Agro-Polytechnic Courses (Agriculture Science, Horticulture Science, Animal Science, Fishery Science) under OUAT for the Academic Session, 2022-23.

**Eligibility:** Students having +2 Science with minimum of 45% mark in aggregate (40% in case of SC/ST/PwD) including extra optional are eligible. Please refer Clause - 3 of the Prospectus 2022-23 for details information.

**Age:** The candidate must have completed 17 years of age by 31.12.2022 (Born on or before 31.12.2005).

The candidates are advised to download the Diploma in Agro-Polytechinc Prospectus 2022-23 from OUAT website **www.ouat.nic.in**, read carefully and follow the instructions refer to Clause No. 6 and Annexure - I there in while filling the application Form. The candidate can have access to the Application Form by visiting the website **www.ouat.nic.in** or **http://ouat-lokaseba-odisha.in**. **Candidates must log in with correct and valid e-mail and mobile number to submit application form with payment of Rs.750/- as application fee through online payment gateway using** internet Banking/ Debit Card/Credit Card of any Bank/UPI. Application without payment of fees will be rejected. Candidates are advised to be careful in entering correct marks at the time of submission of application Form refer to the clauses 6.4 and 6.5 of Prospectus. Application form is editable till the last date of submission of application.

The candidates are advised not to send any hard copy of the application and documents to the University.

**IMPORTANT EVENTS AND DATES**

1) Submission of Application Online : 05.08.2022 to 05.09.2022 (Edit option available till last date of application)
2) Last date of payment of application form\ : 06.09.2022

**Help Line Number:**
to be contacted only during office hours (10 A.M. to 5 P.M.) on working days only.

1. Common Service Centre Help Line Number : 9938838538
2. Asst. Registrar (Academic) : 0674-2397970, Extn.- 111, 218
3. Controller of Examination : 0674-2397970, Extn.- 187
4. Help desk e-mail ID : **ouat.helpline@gmail.com**

OIPR-01036/11/0010/2223 Sd./- Registrar

**WORKS DEPARTMENT**
**OFFICE OF THE SUPERINTENDING ENGINEER, ROURKELA (R&B) DIVISION, UDITNAGAR, ROURKELA**

No. B-446 E-Mail Id -eepwdrkl@gmail.com

**Government of Orissa "e" Procurement Notice**

**Bid Identification No. 25/2022-2023 Dated: 29.07.2022**

1. Number of works : 06 (Six) number of works
2. Estimated Cost : Rs.52.34 lakhs to Rs.86.05 lakhs
3. Period of Completion : 3 (Three) Calendar Months
4. Date & time of availability of bid document in the portal : Dt.17.08.2022 at 11.00 A.M.
5. Last date/time for receipt of bids in the portal : Dt.29.08.2022 upto 05.00 P.M.
6. Date of Opening of Bid : Dt.30.08.2022 at 11.00 A.M.
7. Name and Address of the Officer Inviting Bid : Superintending Engineer, (R&B) Division, Rourkela, Uditnagar

Further details can be seen from the e-procurement portal **http// tendersorissa.gov.in**.

**Sd./- Superintending Engineer**
**R&B Division, Rourkela**
**OIPR-34068/11/0021/2223**

**BHUBANESWAR DEVELOPMENT AUTHORITY**
**AKASH SHOVA BUILDING**
**SACHIVALAYA MARG, BHUBANESWAR - 751001**
**Visit us at: http://www.bda.gov.in**

**INVITATIONS FOR BIDS (IFB)**

**Bid Identification No. 950** **dated. 04.08.2022**

**No.CAD-1390:-** Executive Engineer, Division-IV, BDA, Bhubaneswar on behalf of Bhubaneswar Development Authority invites percentage rate bids in Double Cover system in ONLINE MODE conforming to the Detailed Tender Call Notice (DTCN) from Electrical Contractors having valid H.T. license registered under Government of Odisha and having PAN and valid EPF & ESI registration No., GST Certificate and the Agencies Authorized by the Manufacturer (from the makes mentioned in the Technical Specification) for the work mentioned in the table below.

| Sl. No. | Name of work | Estimated Cost (in Rs.) | EMD (in Rs.) | Cost of Tender Paper | Period of Completion |
|---|---|---|---|---|---|
| (1) | (2) | (3) | (4) | (5) | (6) |
| 1. | Providing power supply and illumination the pathway of nature play Park, Bharatpur, Bhubaneswar | 38,12,747.00 | Submission of **Bid Security declaration** | 6000.00 + 18% GST | 45 (Forty five) days |
| 2. | Providing power supply and illumination the pathway of all Age liner Park, BSNL Colony, SP-7, Bhubaneswar | 12,42,454.00 | -do- | 6000.00 + 18% GST | -do- |
| 3. | Providing power supply and illumination the pathway of 9 Square Plaza Park, Bhoi Nagar, Unit-9, Bhubaneswar | 17,72,033.00 | -do- | 6000.00 + 18% GST | -do- |
| 4. | Providing power supply and illumination of Sponge Park, Bhoi Nagar, Bhubaneswar | 9,78,622.00 | -do- | 4000.00 + 18% GST | -do- |

N.B: The quoted rate should be all inclusive but excluding GST applicable under works contract. As per requirement under GST act 2017, the supplier of goods or service or both should submit tax invoice for release of payment and Tax invoice should include all particulars and content as required under section 31 of CGST/SGST Act, 2017.

Bidders not registered with Government of Odisha, should be registered under Odisha Government before the award of contract failing which the bid security shall be forfeited. The Bid documents will be available in the website: https://tendersodisha.gov.in from **08.8.2022 to 22.8.2022 up to 17.00 Hrs**. Any addendum / corrigendum / cancellation of tender can only be seen in the said website. Other details can be seen in the bidding documents. All corrigendum and Addendum will be published in the website https://tendersodisha.gov.in only. The authority reserves the right to cancel any or all bids without assigning any reason thereof.

OIPR-13033/11/0216/2223 **Sd./- Executive Engineer, Division-IV, BDA, BBSR**

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
E-mail ID: cebuildings_orissa@yahoo.co.in, Tel.: (0674) 2391523

**INVITATIONS FOR BIDS (IFB)**

File No. B-III-sports-70/22 No. 30218 Dt. 04th Aug. 2022

No. B-441 **Invitation for Bids**

**Bid Identification No. OSD C.E. (B) - 17/2022-23**

| | | | |
|---|---|---|---|
| 1. | The OSD Chief Engineer (Buildings), Odisha, Bhubaneswar, on behalf of Works Deptt., Govt. of Odisha, invites percentage rate bids in double cover system in ONLINE MODE only, for the work "(Supply, Installation, Testing, Commissioning and Charging of Stadium Mast Lighting System at Football training field, Unit - 1, Bhubaneswar amounting to Rs.3,53,85,000/- as detailed below)". | | |
| 2. | Nature of Work | : | Electrical Installation Work |
| 3. | No. of Work | : | 01 No. |
| 4. | Bid Cost | : | Rs.10,000/- |
| 5. | Class of Contractor | : | Manufacturer of flood light/ contractor possessing valid LT/MV/ HT licence from ELBO & having authorisation from manufacturer |
| 6. | Availability of Bid documents in the website | : | From Dt.08.08.2022 to 17.00 hours of Dt.19.08.2022. |
| 7. | Date of opening of Bid | : | Dt.20.08.2022 at 11.30 A.M. |
| 8. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

**Sd./- OSD Chief Engineer (Buildings) Odisha**
OIPR-34117/11/0042/2223

## ସଂକ୍ଷେପରେ

### ଗଞ୍ଜେଇ ଚାଲାଣ ବେଳେ ୩ ଗିରଫ
### ୧୦ କୁଇଣ୍ଟାଲ ଗଞ୍ଜେଇ ଜବତ

ମାଲକାନଗିରି, ୫।୮ (ଡି.ଏନ.ଏ.)- ଗଞ୍ଜେଇ ଚାଲାଣ ବେଳେ ମାଲକାନଗିରି ଜିଲ୍ଲା ମାଥିଲି ପୋଲିସ ୧୦ କୁଇଣ୍ଟାଲ ଗଞ୍ଜେଇ ଜବତ କରି ୩ ଜଣଙ୍କୁ ଗିରଫ କରିଛି। ଗୁରୁବାର ବିଳମ୍ବିତ ରାତିରେ ମାଥିଲି ଥାନା ଅଧିକାରୀ ସୂର୍ଯ୍ୟପ୍ରକାଶ ନାୟକ ପୋଲିସ ଟିମ ସହ ରାତ୍ରୀକାଳିନ ପାଟ୍ରୋଲିଂ କରୁଥିବା ବେଳେ ଏକ ପିକପ ଗାଡିରେ ଗଞ୍ଜେଇ ବୋଝେଇ ଚାଲାଣ ହେଉଥିବା ଖବର ପାଇଥିଲେ। ପୋଲିସ ବହୁ ଖୋଜାଖୋଜି କରି ଗାଡିକୁ ଗୋବିନ୍ଦପାଲି ନିକଟସ୍ଥ ସପ୍ତଧାରା ନଦୀ ନିକଟରେ ଧରିଥିଲେ। ପରେ ଏହାକୁ ଯାଞ୍ଚ କରିବାରୁ ୧୦କୁଇଣ୍ଟାଲ ଗଞ୍ଜେଇ ମିଳିଥିଲା। ଗାଡିରେ ଥିବା ଜଣେ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଥିଲା। ଏଥିସହ ଗଞ୍ଜେଇ ଗାଡିକୁ ସୁରକ୍ଷା ଦେଇ ରାସ୍ତା କଢାଇ ନେଉଥିବା ଦୁଇଜଣ ବ୍ୟକ୍ତିଙ୍କୁ ମଧ୍ୟ ପୋଲିସ ଗିରଫ କରି ବାଇକ୍ ଜବତ କରିଛି। ଉଭୟଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ନାୟକ ପ୍ରକାଶ କରିଛନ୍ତି।

### ନଦୀରେ ଭାସି ଜଣେ ମାଓବାଦୀ ନିଖୋଜ

ମାଲକାନଗିରି, ୫।୮ (ଡି.ଏନ.ଏ.)- ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ବଡଗାଉଁ ଅଞ୍ଚଳରେ ଥିବା ମୋଟକୀ ନଦୀରେ ଜଣେ ମାଓବାଦୀ ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ଛତିଶଗଡର ବଡଗାଓଁରେ ମାଓବାଦୀ ସଙ୍ଗଠନ ସକ୍ରିୟ ରହିଛି। ମାଓବାଦୀମାନେ ଜଙ୍ଗଲ ରାସ୍ତାରେ ଯାଇ ମୋଟକୀ ନଦୀ ପାର ହେଉଥିବା ବେଳେ ଜଣେ ମାଓବାଦୀ ଏହି ନଦୀରେ ଭାସି ଯାଇଥିଲେ। ତାଙ୍କର କୌଣସି ପତ୍ତା ମିଳୁ ନ ଥିବା ବସ୍ତର ମାଓବାଦୀ ଡିଭିଜନ ପକ୍ଷରୁ କୁହାଯାଇଛି। ନିଖୋଜ ମାଓବାଦୀଙ୍କ ନାମ ସୁରେଶ ହିଡକୋ ବୋଲି ଜଣାପଡିଛି।

### ଚିତ୍ରକୋଣ୍ଡାରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ

ଚିତ୍ରକୋଣ୍ଡା,୫।୮ (ଡି.ଏନ.ଏ.)-ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଆଇସିଡିଏସ ଆନୁକୂଲ୍ୟରେ ସମସ୍ତ ଅଙ୍ଗନୱାଡି କର୍ମୀଙ୍କୁ ନେଇ ବ୍ଲକସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ଚିତ୍ରକୋଣ୍ଡାର ସମସ୍ତ ଆଇସିଡ଼ିଏସ କର୍ମଚାରୀ ହାତରେ ପ୍ଲାକାର୍ଡ, ବ୍ୟାନର ଓ ପୋଷ୍ଟର ଧରି ଚିତ୍ରକୋଣ୍ଡା ସହର ପରିକ୍ରମା କରି ସ୍ତନ୍ୟପାନ ସମ୍ପର୍କରେ ବୁଝାଇଥିଲେ। ଶିଶୁକୁ ଜନ୍ମରୁ ୬ମାସ ପର୍ଯ୍ୟନ୍ତ ନିୟମିତ ମା କ୍ଷୀର ଦେବାକୁ ପରାମର୍ଶ ଦେଇଥିଲେ।

### ଚୋରି ମାମଲାରେ ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୫।୮ (ନି.ପ୍ର.)-ଏକ ଚୋରି ମାମଲାର ଫେରାର ଅଭିଯୁକ୍ତଙ୍କୁ ଜୟପୁର ଟାଉନଥାନା ପୋଲିସ କରିଛି। ସେହେଲେ ବାପୁଜୀନଗରର ଚନ୍ଦ୍ର ଶେଖର ନାୟକ (୨୬)। ଚନ୍ଦ୍ର ଶେଖର ନାୟକଙ୍କ ନାମରେ ୨୦୧୯ରେ ଏକ ଚୋରି ମାମଲା ରହିଥିଲା। ସେବେଠାରୁ ସେ ଫେରାର ଥିଲେ। ସେ ଜୟପୁରରେ ଥିବା ସୂଚନା ପଇ ପୋଲିସ ଚଢାଉ କରି ତାଙ୍କୁ ଗିରଫ କରିଥିଲା।

### ଜଙ୍ଗଲରେ ଅବକାରୀ ଚଢାଉ

ଜୟପୁର, ୫।୮ (ନି.ପ୍ର.)-ଜୟପୁର ଅବକାରୀ ବିଭାଗ ଚଢାଉ କରି ସଦର ଥାନା ଅନ୍ତର୍ଗତ ଡିମଲା ଜଙ୍ଗଲରୁ ମଦ ବ୍ୟବସାୟୀମାନେ ଲୁଚାଇ ରଖିଥିବା ମଦ ଓ ପୋଚ ଜବତ କରିଛି। ୧୯ ଶହ ଲିଟର ପୋଚ ଓ ୭୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଛି। ଚଢାଉରେ ଅବକାରୀ ନିରୀକ୍ଷକ ଦୁର୍ଗାଦଳ ବିଶ୍ୱାଳ, ଓଆଇସି ସଞ୍ଜୟ ତାଣ୍ଡି, ଏଏସ୍ଆଇ ଏମ. ଲକ୍ଷ୍ମଣ ରାଓ, ମାଧବେଶ ମାଣ୍ଡି ପ୍ରମୁଖ ସାମିଲ ହୋଇଥିଲେ।

### ଚିତ୍ରକୋଣ୍ଡାରେ ଡ୍ରେନେଜ ଅବସ୍ଥା ଶୋଚନୀୟ

ଚିତ୍ରକୋଣ୍ଡା,୫।୮ (ଡି.ଏନ.ଏ.)- ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଅଞ୍ଚଳରେ ଲଗାଣ ବର୍ଷା ଯୋଗୁ ଡ୍ରେନେଜ୍ ଅବସ୍ଥା ଅତି ଖରାପ ହୋଇପଡିଛି। ଟିକେ ବର୍ଷା ହେଲେ ଡ୍ରେନଗୁଡିକରେ ପାଣି ଭର୍ତ୍ତି ହୋଇ ଅଳିଆ ଆବର୍ଜନା ରାସ୍ତା ଉପରେ ଗଦା ହେଉଛି। ଫଳରେ ଲୋକଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଡ୍ରେନଗୁଡିକ ଦୀର୍ଘ ଦିନ ହେଲା ମରାମତି ହେହାଇ ନ ଥିବାରୁ କୁଢ଼ କୁଢ଼ ଅଳିଆ ବାହାରେ ଏଣେତେଣେ ପଡିରହି ଅପରିଷ୍କାର ପରିବେଶ ସୃଷ୍ଟି କରୁଛି।

# ଛାତ୍ରୀଛାତ୍ରଙ୍କୁ ଡେଙ୍ଗୁ, ମ୍ୟାଲେରିଆ ଆଶଙ୍କା

ମାଲକାନଗିରି,୫।୮ (ଡି.ଏନ.ଏ.)

ବର୍ତ୍ତମାନ କୋଭିଡ ମହାମାରୀ ରୂପେ ବୃଦ୍ଧି ପାଉଥିବା ବେଳେ ନୂତନ ମହାମାରୀ ରୂପେ ଦେଖାଦେଇଛି ମଙ୍କିପକ୍ସ। ଏହାକୁ ନେଇ ରାଜ୍ୟ ସରକାର ଓ ସ୍ୱାସ୍ଥ୍ୟ ବିଭାଗ ଚିନ୍ତାରେ ପଡିଛି। ମାଲକାନଗିରି ଜିଲ୍ଲାରେ ବିଭିନ୍ନ ଅଞ୍ଚଳରେ ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ପ୍ରଶାସନ ସଚେତନତା ସୃଷ୍ଟି କରୁଛି। ଜିଲ୍ଲା ସଦର ମହକୁମା ବୁଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୬୮୦ ଜଣ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବଗିଡିବା ସ୍ଥିତିରେ ପହଞ୍ଚିଛି। ବିଦ୍ୟାଳୟ ପରିସରରେ ପୌର ପରିଷଦ ବର୍ଷା ଜଳ ସଂଗ୍ରହ ପାଇଁ ଗାତ ଖୋଳିଛି। ଜଳ ଯେପରି ଲିକ୍ ନ ହେବ ସେଥିପାଇଁ ସିମେଣ୍ଟ କଂକ୍ରିଟ କୁଣ୍ଡ ତିଆରି କରିଛି। ତେବେ ଏହା ଉପରେ ଜାଲି ଦେବା ନିୟମ ଥିଲେ ମଧ୍ୟ ଏହାକୁ ଅଣଦେଖା କରାଯାଉଛି। ନିୟମ ଅନୁଯାୟୀ କାର୍ଯ୍ୟ ହୋଇ ନ ଥିବାରୁ ଗାତର ବର୍ଷା ଜଳ ଉପରକୁ ଉଠି ବିଦ୍ୟାଳୟ ପରିସର ଜଳମଗ୍ନ ହେଉଛି। ବିଦ୍ୟାଳୟ ଛାତ୍ରାବାସରେ ରହୁଥିବା ୨୦୦ ଛାତ୍ରୀଛାତ୍ର ପାଇଖାନାକୁ ଯିବାକୁ ହେଲେ ପାଣି ଭିତରେ ପଶି ଯାତାୟାତ କରୁଛନ୍ତି। ବିଦ୍ୟାଳୟଟି ମାଲକାନଗିରି ବାଲିମେଳା



ଅପରିଷ୍କାର ରାସ୍ତାଦେଇ ଛାତ୍ରୀମାନେ ବିଦ୍ୟାଳୟ ଯାଉଛନ୍ତି।

**ବିଦ୍ୟାଳୟ ପରିସର କୃତ୍ରିମ ଜଳାଶୟ**

ମୁଖ୍ୟରାସ୍ତାର ସାପ୍ତାହିକ ହାଟ ନିକଟରେ ରହିଛି। ହାଟର ଆବର୍ଜନା ମୁଖ୍ୟ ନାଳ ଦେଇ ବିଦ୍ୟାଳୟ ଭିତରକୁ ପ୍ରବେଶ କରୁଛି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ନାୟକ ବାରମ୍ବାର ପୌର ପରିଷଦକୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଏନେଇ ମାଲକାନଗିରି ପୌର ନିର୍ବାହୀ ଅଧିକାରୀ କେ. ଅଶୋକ ଚକ୍ରବର୍ତ୍ତୀଙ୍କୁ ପଚାରିବାରୁ ସେ କହିଲେ ଯେ, ଏସମ୍ପର୍କରେ କେହି ମୋ ଦୃଷ୍ଟିକୁ ଆଣିନାହାନ୍ତି। ମୁଁ ଖୁବ୍ ଶୀଘ୍ର ବିଦ୍ୟାଳୟ ପରିଦର୍ଶନ କରିପଦକ୍ଷେପ ନେବି।

# ଜିଲାପାଳଙ୍କ କାର୍ଯ୍ୟାଳୟକୁ ଧସେଇ ପଶିଲେ କର୍ମୀ



କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

କୋରାପୁଟ,୫।୮ (ସ୍ୱ.ପ୍ର.)

**ଦରଦାମ ବୃଦ୍ଧି ପ୍ରତିବାଦରେ ଜିଲ୍ଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ**

ଦରଦାମ ବୃଦ୍ଧି ପ୍ରତିବାଦରେ ଶୁକ୍ରବାର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ରାଜ୍ୟବ୍ୟାପୀ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କୋରାପୁଟ ଜିଲା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମକର୍ତ୍ତା ସ୍ଥାନୀୟ ଗୁଣ୍ଡିଚା ଛକଠାରୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। କଂଗ୍ରେସର ଏହି ବିକ୍ଷୋଭ ସମାବେଶକୁ ଦୃଷ୍ଟିରେ ରଖି କୋରାପୁଟ ପୋଲିସ ପକ୍ଷରୁ ଏସଡିପିଓ ମୋନଜ ପୂଜାରିଙ୍କ ତତ୍ତ୍ୱାବଧାନରେ ଟାଉନଥାନା ଅଧିକାରୀ ଧୀରେନ ପଟ୍ଟନାୟକ, ସଦର ଥାନା ଅଧିକାରୀ କିରଣବାଳା ସାମଲଙ୍କ ତତ୍ତ୍ୱାବଧାନରେ ୨ ପ୍ଲାଟୁନ ପୋଲିସ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୃତୟନ ହୋଇଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯିବାକୁ ଥିବା ମୁଖ୍ୟ ଗେଟ ପୂର୍ବରୁ ପୋଲିସ ବନ୍ଦ ରଖିବା ସତ୍ତ୍ୱେ ଶତାଧିକ କଂଗ୍ରେସ କର୍ମୀ ଗେଟ ସମ୍ମୁଖରେ ହୋ ହାଲ୍ଲା କରି କାର୍ଯ୍ୟାଳୟକୁ ଧସେଇ ପଶିଥିଲେ। ସେହିପରି ଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ଗ୍ରୀଲକୁ ଡାଡି ଶତାଧିକ କଂଗ୍ରେସ କର୍ମୀ କାର୍ଯ୍ୟାଳୟ ଭିତରକୁ ପଶି ସେଠାରେ କେନ୍ଦ୍ର ଭାଜପା ଓ ଓ ରାଜ୍ୟ ବିଜେଡି ସରକାରଙ୍କ ବିରୋଧରେ ସ୍ଲୋଗାନମାନ ଦେଇଥିଲେ। କେନ୍ଦ୍ର ସରକାର ବିଭିନ୍ନ ସାମଗ୍ରୀରେ ଜିଏସଟି ବୃଦ୍ଧି କରିବାରୁ ସାଧାରଣ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଜିଲା ସଭାନେତ୍ରୀ ମିନାକ୍ଷୀ ବାହିନୀପତି ଅଭିଯୋଗ କରିଥିଲେ। ଏହି ବିକ୍ଷୋଭ ପ୍ରଦର୍ଶନରେ ପୂର୍ବତନ ବିଧାୟକ ନିମାଇଁ ସରକାର, ରାମଚନ୍ଦ୍ର କାଡାମ, ବରିଷ୍ଠ କଂଗ୍ରେସ ନେତା କୃଷ୍ଣ କୁଲଦୀପ, ଭଗବାନ ବାହିନୀପତିଙ୍କ ସମେତ ଶତାଧିକ କର୍ମକର୍ତ୍ତା ସାମିଲ ହୋଇଥିଲେ। ଏସ୍‌ଡିପିଓ ମନୋଜ ପୂଜାରୀଙ୍କ ନିର୍ଦ୍ଦେଶରେ ପୋଲିସ ବିକ୍ଷୋଭ ପ୍ରଦର୍ଶନରେ ନେତୃତ୍ୱ ନେଉଥିବା ନେତାଙ୍କୁ ଉଠାଇ ନେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଦରଦାମ ବୃଦ୍ଧି ଉପରେ ତୁରନ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ପୁଣି କଂଗ୍ରେସ ଆନ୍ଦୋଳନକୁ ତୀବ୍ର କରିବ ବୋଲି କୃଷ୍ଣ କୁଳଦୀପ ଚେତାବନୀ ଦେଇଥିଲେ।

# ଯୋଗ କଲେ ରୋଗ ଛୁଇଁବନି

ଦାମନଯୋଡି,୫।୮ (ଡି.ଏନ.ଏ.)

**ପତଞ୍ଜଳି ଯୋଗ ସମିତିର ଜଡ଼ିବୁଟି ଦିବସ**

ପତଞ୍ଜଳି ଯୋଗ ସମିତି ପକ୍ଷରୁ ନାଲକୋ କମୁନିଟି ସେଣ୍ଟରଠାରେ ଗୁରୁବାର ଜଡ଼ିବୁଟି ଦିବସ ପାଳିତ ହୋଇଛି। ପୂଜ୍ୟ ଆଚାର୍ଯ୍ୟ ବାଳକୃଷ୍ଣଜୀଙ୍କ ଜନ୍ମ ଦିନକୁ ପତଞ୍ଜଳି ଯୋଗପୀଠ ହରିଦ୍ୱାରଠାରୁ ଆରମ୍ଭ କରି ସାରା ଭାରତ ବର୍ଷରେ ପତଞ୍ଜଳି ଯୋଗ ସମିତିରେ ଜଡ଼ି ବୁଟି ଦିବସ ପାଳନ ହେଉଛି। ମୁଖ୍ୟ ଯୋଗ ଶିକ୍ଷକ ଡ. ନିରୋଦ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଦାମନଯୋଡି ମିଡ଼ିଆ ହାଉସ ସଭାପତି ନରସିଂହ ବ୍ରହ୍ମା ମୁଖ୍ୟଅତିଥି ଓ ପଟ୍ଟାଙ୍ଗୀ ସରକାରୀ ହସ୍ପିଟାଲର ଡାକ୍ତର ହରିପ୍ରସାଦ ରଥ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରତିଦିନ ଯୋଗ କଲେ ଆମକୁ ରୋଗ ଛୁଇଁବ ନାହିଁ ବୋଲି ଅତିଥିମାନେ ପ୍ରକାଶ କରିବା ସହ ଆମ ଚାରିପାଖରେ ଥିବା ବାଡିବଗିଚାରେ ଥିବା ଚେରମୂଳି ଔଷଧୀୟ ଗଛକୁ ବ୍ୟବହାର କରି ଆମେ ରୋଗମୁକ୍ତ ରହିପାରିବା ବୋଲି କହିଥିଲେ। ମୁଖ୍ୟବକ୍ତା ବ୍ରହ୍ମା ଆମ ପୂର୍ବଜ ମାନେ ପୁରାଣ ,ମହାଭାରତ ସମୟରୁ ଜଡ଼ି ବୁଟିର ବ୍ୟବହାର କରି ରୋଗରୁ ଉପଶମ ପାଉଥିଲେ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ବ୍ରହ୍ମାନନ୍ଦ ସାମଲ ପରିଚାଳନା କରିଥିଲେ। ପ୍ରକାଶ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ। ଯୋଗିନ୍ଦ୍ର ସେଠୀ, ଭିମା ରାଓ ,ରବି କୁମାର, ଅନାମ ନାୟକ,ନିର୍ମଳ ନାୟକ, ଅନିତା ଖରା, ସୁନନ୍ଦା ବେହେରା,ସରିତା ସାହୁ , ନୟନା ପ୍ରଧାନ ,ବନିତା ପ୍ରଧାନ,ନିବେଦିତା ନାୟକ ଙ୍କ ସମେତ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

# ଭାଲୁ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ

ଦଶମନ୍ତପୁର,୫।୮ (ଡି.ଏନ.ଏ.)–

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପୋଡାଗଡ଼ ପଞ୍ଚାୟତରେ ଭାଲୁ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଦୁଦୁରିଆଗୁଡା ଗ୍ରାମର ଦୈମତୀ ପାଇକ (୫୫)। ତେବେ ଗ୍ରାମରେ ବିବାହ କରିଥିବା ସାନ ଝିଅ ପୂର୍ଣ୍ଣିମା ଘରେ ରହୁଥିଲେ। ଗତ ବୁଧବାର ଗ୍ରାମ ନିକଟସ୍ଥ ଦାଦିବୁଡା ପାହାଡ଼ରେ ବାଉଁଶ କରଡି ସଂଗ୍ରହ କରିବାକୁ ଯାଇଥିବା ବେଳେ ଭାଲୁ ଆକ୍ରମଣର ଶିକାର ହୋଇଥିଲେ। ସେ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ଗ୍ରାମବାସୀ ତାଙ୍କୁ ଜଙ୍ଗଲରେ ଖୋଜାଖୋଜି କରିଥିଲେ। ଜଙ୍ଗଲରୁ ତାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପାଇଥିଲେ। ପରେ ଗ୍ରାମବାସୀ ବନବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ଲାଗି କୋରାପୁଟ ପଠାଯାଇଛି।

# ସ୍ମାର୍ଟ ପାର୍କର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ

ସୁନାବେଡା/ସେମିଳିଗୁଡା,୫।୮ (ସ୍ୱ. ପ୍ର.)

ସୁନାବେଡା ପୌର ପରିଷଦ ୨୩ ନଂ ୱାର୍ଡର ଆମ୍ବେଡକର ନଗର ନିକଟସ୍ଥ ପଡିଆରେ ସ୍ମାର୍ଟପାର୍କର ଭିତିପ୍ରସ୍ତର ସ୍ଥାପନ ହୋଇଛି। କୋରାପୁଟ ବିଧାୟକ ରଘୁରାମ ପଡ଼ାଲ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପାର୍କ ପାଇଁ ପ୍ରାଥମିକ ପର୍ଯ୍ୟାୟରେ ୧ କୋଟି ଟଙ୍କା ଅନୁଦାନ ମିଳିଥିବା ସେ ସୂଚନା ଦେଇଥିଲେ। ସ୍ମାର୍ଟପାର୍କର ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ। ଏହି ପାର୍କ ଦ୍ୱାରା ଆମ୍ବେଡକର ନଗର, ଗାନ୍ଧୀ ନଗର, ସାଲିମନଗର ଏବଂ ଆଲମଗୁଡା ଅଞ୍ଚଳବାସୀ ଉପକୃତ ହେବେ ବୋଲି ବିଧାୟକ ପଡ଼ାଲ କହିଥିଲେ। କାର୍ଯ୍ୟକ୍ରମରେ ସୁନାବେଡା ପୋରାଧ୍ୟକ୍ଷ ଡ଼ ରାଜେନ୍ଦ୍ର କୁମାର ପାତ୍ର, ଉପାଧ୍ୟକ୍ଷା ରତ୍ନୁ କଣ୍ଟା, ପୌର ନିର୍ବାହୀ ଅଧିକାରୀ ଗୋବିନ୍ଦ ଦନସେନା, ଗୋଷ୍ଠୀ ସଂଯୋଜକ ଚିତ୍ତରଞ୍ଜନ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


OFFICE OF THE CDM & PHO cum DMD, NUAPADA
DISTRICT PROGRAMME MANAGEMENT UNIT, NHM
E-mail: nhmnuapada@gmail.com, Phone: (06678) 223346
Letter No.2983/DPMU/NHM/2022 Date: 3.8.2022

NOTICE INVITING TENDER

No.E-375:- Sealed tenders / bids are hereby invited from Individual / Travel Agency / reputed supplier / reputed distributor regarding procurement or empanelment for following items on annual rate contract basis to Office of the CDM & PHO, Nuapada on annual rate contract basis for ZSS, Nuapada.
- BID 1 - Tender for Hiring of Vehicles under NHM, Nuapada.
- BID 2 - Empanelment for supply of lunch, tea and snacks.
- BID 3 - Empanelment for providing Lodging and boarding services.

Details terms and conditions may be downloaded from www.nuapada.nic.in the sealed tender should reach the office of the undersigned on or before 19.08.2022 till 1.00 P.M. along with the required documents. The tender will be opened on 19.08.2022 at 4.00 P.M. in the office chamber of the undersigned. The undersigned reserves the right to reject any or all the quotation without assigning any reason thereof.

Sd./- CDM & PHO cum DMD
Nuapada
OIPR-10055/11/0015/2223



OFFICE OF THE
JALESWAR MUNICIPALITY, JALESWAR
No. 3183 Date: 03.08.2022

QUOTATION CALL NOTICE

No. C-944: The Executive Officer, Jaleswar Municipality on behalf of Jaleswar Municipal Council, Balasore invites sealed quotation from intending supplying firms regarding supply of street furniture's under Jaleswar Municipality area in the prescribed format.
Submission of QCN : 05.08.2022 to 23.08.2022 at 4.00 P.M.
Opening of Tender : 23.08.2022 at 4.30 P.M.
The tender must be accompanied with GST, PAN, Experience Certificate etc. The detail of tender will be available on **www.jaleswarmunicipality.in**.

Sd./- Executive Officer
Jaleswar Municipality
OIPR-13126/11/0024/2223



GOVERNMENT OF ODISHA
HIGHER EDUCATION DEPARTMENT
SUBMISSION OF ONLINE APPLICATION FOR AWARD OF SCHOLARSHIP (BOTH FRESH & RENEWAL) FOR THE ADMISSION YEAR 2021-22

No. N-25: The Higher Education Department, Government of Odisha invites online application for award of scholarship under "Gopabandhu Sikhya Sahayata Yojana" for the year 2021-22. **Students can apply for Scholarship under URL www.scholarship.odisha.gov.in**. Detailed guidelines along with the eligibility criteria are also available at the State Scholarship portal of the Higher Education Department under URL **www.scholarship.odisha.gov.in**.
The details of the scholarship is given in a tabular form

| Sl. No. | Category of Merit | Rate of Scholarship per Year | Amount of Scholarship to be paid at a time | Remarks |
|---|---|---|---|---|
| 1 | Gopabandhu Sikhya Sahayata Yojana Scholarship | Rs.20000/- per year | To be paid on yearly basis | Eligible students will get GSSY scholarship irrespective of are getting other scholarship |

N.B. (1) Aadhaar is made mandatory for availing scholarship. Please provide correct Aadhaar number of self in the Online Application form. In case it is found that Aadhaar Number provided by the student is wrong or is not his/her, the application is liable to be rejected.
(2) Applicants have to be very careful while furnishing their Bank Account information in the specified box of the Online application. Any wrong entry or mismatch of the Savings Bank Account and IFSC Code, this Department will not be held responsible for miscredit/no credit.

Scheduled Timeline for Online Application

| Sl. No. | Activities | Timeline |
|---|---|---|
| 01 | Opening date of Online Application for Students<br>Last date of Online Application for Students | 15.08.2022<br>15.10.2022 |
| 02 | Validation of students record by Principal/Head of the Institution (Both SAMS & Non-SAMS) | 15.08.2022 to 31.10.2022 |

ELIGIBILITY CONDITIONS AND DOCUMENTS TO BE UPLOADED
- Please see the concerned Guidelines and Bank related Advisory.

In case of any problem faced by the students at the time of filling up the application online, they may refer to FAQs available on the home page of the website or take the help of **Sanjog Helpline (Toll Free) Number 155335/18003456770** or e-mail on **scholarshiphed@gmail.com**.
OIPR-11001/11/0015/2223 Sd./- Joint Secretary to Government



OFFICE OF THE
MUNICIPAL COUNCIL, BELPAHAR
Ph.: 06645-250458, Fax: 06645-250236
E-mail: municipalitybelpahar@gmail.com
No. 2675 Dt.03.08.2022

QUOTATION CALL NOTICE

No. C-946: Sealed quotations are invited in plain paper/printed froms from the intending registered genuine order suppliers/manufacturers/registered traders for supply of fitting materials of Borewell & Pipeline conforming I.S.I. specification, subject to the following terms and conditions. The quotations will be received upto 1.00 P.M. on Dt.12.08.2022 at specified tender box in the office of the undersigned and will be opened at 4.00 P.M. on the same day in presence of quotationers or their authorized persons, who may be present at the time of opening of the quotation in the office of the undersigned. If the office happens to be closed on the date of the receipt & opening of the quotation as specified the quotation will be received & opened on the next working day at the same time & venue. The supplier/firm desirous to supply the same may submit their quotation paper along with Xerox copy of their PAN/GST/Own authorization of stockiest & distributorship certificate of ISI mark company. No quotations will be accepted beyond scheduled time and date. Quotations without valid PAN and GST are liable for rejection. The authority reserves the right to reject all or any quotation without assigning any reason thereof.

**Terms & Conditions:**
1. Stock is to be delivered in the Belpahar Municipality office within 7 (Seven) days from the date of issue of supply order.
2. Defective in size of quality or the materials will not be accepted.
3. Other taxes if any to be charged should be written separately.
4. Transportation charges if any will be mentioned separately.
5. If the firms or individuals failed to supply the materials within time limit the supply order automatically stands as cancelled and no further orders are to place by the Municipality.

The details list of the materilas can be obtained from the office of the undersigned during office hour of any working day.

Sd./- Executive Officer
Belpahar Municipality
OIPR-13050/11/0004/2223



GOVERNMENT OF ODISHA No. A-437
DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER
Rushikulya Bahuda Basin, Berhampur - 760004
e-mail id: se_sicbam@yahoo.com

e-Procurement Notice No. ACE, RBB - 15/2022-23

1. Type of Work : System Improvement Works
2. Total No. of Works : 04 (Four) Nos.
3. Amount put to tender : Rs.294.65 lakh to 595.64 lakh
4. Period of Completion : 11 (Eleven) to 14 (Fourteen) Calendar Months

| Procurement Officer | Bid Identification No. | Bid Amount (Rs. in Lakh) | Availability & Submission of Bid Online |
|---|---|---|---|
| Additional Chief Engineer, Rushikulya Bahuda Basin, Berhampur | ACE, RBB (BNID) - 30/2022-23 | 595.64 | From 19.08.2022, 10.00 A.M. to 03.09.2022, 5.00 P.M. |
| | ACE, RBB (BNID) - 31/2022-23 | 573.10 | |
| | ACE, RBB (BNID) - 32/2022-23 | 410.72 | |
| | ACE, RBB (BNID) - 33/2022-23 | 294.65 | |

Date of Opening of the Technical Bid : 05.09.2022 at 11.30 A.M.
Further details can be seen from the Govt. website **www.tendersodisha.gov.in**.

Sd./- Additional Chief Engineer
OIPR-32411/11/0021/2223 Rushikulya Bahuda Basin, Berhampur



DIRECTORATE OF PRISONS AND CORRECTIONAL SERVICES, ODISHA
Notification No. 12087 Date: 04.08.2022
FE(C) Misc. 10/2021

ADVERTISEMENT

No. D-130: Application in plain paper with the following details are invited from the MBBS and Retired Medical Officers (MBBS) of State and Central Government within the age limit of 70 years (in case of Retired Doctors) for Contractual Engagement as Jail Medical Officers (Full Time Basis) in 81 (Eigthy One) Jails at Berhampur, Bhawanipatna, Bolangir, Dhenkanal, Keonjhar, Rourkela, Bonaigarh, Boudh, Deogarh, Bargarh, Jajpur, Jharsuguda, Kendrapara, Malkangiri, Aska, Athamallik, Baliguda, Banapur, Barbil, Birmaharajpur, Bissam-Cuttack, Champua, Chhatrapur, Daspalla, Dharmagarh, Digapahandi, G.Udayagiri, Gunupur, Jajpur Road, Jaleswar, Kantabanji, Karanjia, Khariar, Khandapada, Kodala, Kotpad, M.Rampur, Narsinghpur, Nilagiri, Nimapara, Padampur, R.Udayagiri, Rairkhol, Ranpur, Salipur, Sohela, Sonepur, Sorada, Titlagarh, Talcher, Anandapur, Kuchinda, Rairangpur, Umerkote, Bhadrak, Athgarh, Banki, Baramba, Hindol, Jagatsinghpur, Jeypore, Kamakshyanagar, Khordha, Kujanga, Nabarangpur, Nayagarh, Nuapara, Pallahara, Paralakhemundi, Patanagarh, Rayagada, Soro, Udala, Sambalpur, Koraput, Angul, Balasore, Phulbani, Sundergarh, Bhanjanagar and Biju Pattanaik Open Air Ashram, Jamujhari with a consolidated monthly remuneration of Rs.55,000/- (Fifty five thousand) only per month. The intended Medical Officers will submit the application to the Office of the **D.G. of Prisons and Director, Correctional Services, Odisha, Bhubaneswar, Heads of Department Building, 3rd Floor, Southern Wing, Unit - V, Bhubaneswar - 751001, Odisha on or before 31.08.2022, 5.30 P.M. in person or through Speed Post/E-Mail (E-Mail ID: prisons.od@nic.in)**. Application received will be considered on merit cum suitability as per existing provision and guidelines issued by the Government in Home Department as well as Health and Family Welfare Department. For details please go through our website **https://prisons.odisha.gov.in** and application form can be downloaded.

Sd./- D.G. of Prisons & Director
OIPR-12019/11/0002/2223 Correctional Services, Odisha



ODISHA LIFT IRRIGATION CORPORATION LTD.
(A GOVT. OF ODISHA UNDERTAKING)
OFFICE OF THE EXECUTIVE ENGINEER, LIFT IRRIGATION DIVISION, BHUBANESWAR
(Email: eeolicdivn.bbsr@ymail.com)
Tender Call Notice No. 2386/2022-23 Dt.02.08.2022

No. CAD-1377:- Sealed tenders on prescribed schedules on percentage rate contract basis are invited from the reputed firms, authorised dealers, manufacturer for supply and installation for RENOVATION OF ELECTRICAL INSTRUMENTS OF PUMP TESTING LABORATORY (PTL), L.I. DIVISION, BHUBANESWAR in TURNKEY BASIS as mentioned below.

| Pkg. No. | Name of the Block | Name of the Work | Approx. Estimated Cost (Rs.) | EMD to be Deposited (Rs.) | Cost of Tender Paper (Rs.) | Time of Completion of Work |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | KHORDHA | RENOVATION OF ELECTRICAL INSTRUMENTS OF PUMP TESTING LABORATORY (PTL), L.I. DIVISION, BHUBANESWAR | 176075 | 1761 | 600+ 5% GST on reverse charge basis | 30 days |

Tender papers for the above works will be sold at office of the Executive Engineer, L.I. Division, Bhubaneswar during office hours on working days from **dt. 08.08.2022 to 17.08.2022 (11 AM to 4 PM)** on payment of requisite tender paper cost (non-refundable) as mentioned above in shape of Bank Draft/Bankers Cheque drawn in favour of Executive Engineer, Lift Irrigation Division, Bhubaneswar payable at Bhubaneswar. The sealed tender papers will be received at L.I. Division Office, Bhubaneswar from **dt. 08.08.2022 to 17.08.2022 (11 AM to 4 PM)** and will be opened on **dt. 17.08.2022 at 04.30 P.M.** in the office of the undersigned in presence of the Tenderer who wish to attend or their authorized representative if any. The details term and condition of the Tender, scope of work, technical specification etc. can be obtained from the Office of the E.E., L.I. Division, Bhubaneswar.

The Tenders must be accompanied with self attested copies of valid License, PAN Card, GST certificate and E.M.D. in shape of National Savings Certificate/ Post Office Saving Bank Account/ Post Office Time Deposit Account/ Kissan Vikas Patra/ deposit receipt of schedule Bank payable at Bhubaneswar only duly pledged in favour of Executive Engineer, L.I. Division, Bhubaneswar & GST as applicable on the tender paper will be paid by the buyer directly on reverse charge basis (OLIC GSTIN: 21AAACO5986G1ZF) failing which tender will not be considered. OLIC will not be responsible for any lapses.

The undersigned reserves the right to cancel the tender at any point of time to increase or decrease the quantity of work, accept or reject any or all the tenders without assigning any reason thereof.

OIPR-32432/11/0010/2223 Sd./- (Er. S.K. Mohanty), EXECUTIVE ENGINEER, L.I. DIVISION, BHUBANESWAR



OFFICE OF THE SORO MUNICIPALITY
SORO, BALASORE
No. 1766 Date 03.08.2022

"e" Procurement Notice
BID Identification No. SOROM_02_2022_23

No. C-945:- Bid Documents consisting of Work, Estimated Cost, Cost of Tender paper, EMD, Time of completion, Class of contractors and the set of terms and conditions of contract and other necessary documents can be seen in Government website i.e. www.tendersodisha.gov.in

| | | |
|---|---|---|
| 1. | Name of the Work | Construction of Civil Work as mentioned in DTCN |
| 2. | No. of Works | 108 nos. |
| 3. | Estimated Cost | As per Work List |
| 4. | Period of Completion | 60-90 days |
| 5. | Date & Time of availability of Bid documents in the Portal | 06.08.22 at 10.00 A.M. to 22.08.22 up to 5.00 P.M. |
| 6. | Last date & time for receipt of bids in the portal | 22.08.22 up to 05.00 P.M. |
| 7. | Bids received online shall be opened on | 23.08.22 at 10.00 A.M. |
| 8. | Name and address of the officer inviting Bid | Executive Officer, Soro Municipality |

Further details can be seen from the procurement portal i.e. www.tendersorissa.gov.in and Soro Municipality portal i.e. www.soromunicipality.in

Sd./- Executive Officer
OIPR - 13166/11/0003/2223 Soro Municipality


See Career Appointment on every Wednesday & Saturday

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୮,୭୧,୧୦,୦୫୩ | ୬୪,୩୧,୫୫୭ | ୫୫,୭୨,୧୭,୪୨୫ |
| ଭାରତ | ୪,୪୧,୦୭,୫୮୮ | ୫,୨୬,୬୦୦ | ୪,୩୪,୪୫,୬୨୪ |
| ଓଡ଼ିଶା | ୧୩,୧୭,୩୦୯ | ୯୧୪୫(+୫୩) | ୧୩,୦୨,୯୪୧ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର






ଶିଶୁ ସାମ୍ବାଦିକ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥି।

# ଶିଶୁ ସାମ୍ବାଦିକ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ଆରମ୍ଭ

**କେନ୍ଦୁଝର, ୫।୮ (ସ୍ୱ.ପ୍ର.)**

ୟୁନିସେଫ ସହାୟତାରେ କେନ୍ଦୁଝର ସହର ପାନ୍ଥଶାଳାରେ ତିନିଦିନିଆ ଶିଶୁ ସାମ୍ବାଦିକ ତାଲିମ ଶିବିର ଆରମ୍ଭ ହୋଇଛି। ପିକକ୍ ଅନୁଷ୍ଠାନ ଏବଂ 'ଧରିତ୍ରୀ' ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାର ପାଖାପାଖି ୫୦ ଶିଶୁ ଯୋଗଦେଇ ତାଲିମ ନେଇଥିଲେ। ଏହାକୁ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ସମଗ୍ର ଶିକ୍ଷାର ଅଧିକାରୀ ପୀତବାସ ସାହୁ, ପିକକ୍ ସଙ୍ଗଠନ ସମ୍ପାଦକ ରଞ୍ଜନ କୁମାର ମହାନ୍ତି, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନୁରାଧା ମହାନ୍ତି, ୟୁନିସେଫ୍‌ର କମ୍ୟୁନିକେଶନ ଆଡଭୋକେସି ବିଶେଷଜ୍ଞ ରାଧିକା ଶ୍ରୀବାସ୍ତବ, ୟୁନିସେଫର ଅପରେଶନ ଆସୋସିଏଟ ସକିର ଜାମେଲ, 'ଧରିତ୍ରୀ' ଜିଲା ପ୍ରତିନିଧି ନରେଶ ଚନ୍ଦ୍ର ପଟ୍ଟନାୟକଙ୍କ ସମେତ ଅନ୍ୟ ଅତିଥିମାନେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ୟୁନିସେଫର ଶିଶୁ ସୁରକ୍ଷା ବିଶେଷଜ୍ଞ କୁନି କୁନି ପିଲାଙ୍କୁ ସେମାନଙ୍କ ଅଧିକାର ବିଷୟରେ ଅବଗତ କରିଥିଲେ। ପିଲାମାନଙ୍କୁ ବିଭିନ୍ନ ଗ୍ରୁପରେ ବିଭକ୍ତ କରି ସେମାନଙ୍କ ମଧ୍ୟରେ ଗ୍ରୁପ ଆଲୋଚନା, ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଶିଶୁମାନେ ସେମାନଙ୍କ ଅଭିଜ୍ଞତା ଓ ଅଧିକାର ବିଷୟରେ ଆଲୋଚନା କରିଥିଲେ। ସେମାନଙ୍କ ନେତୃତ୍ୱର ବିକାଶ ତଥା ରିପୋର୍ଟିଂ ଦକ୍ଷତା ବୃଦ୍ଧି ଆଦି ବିଷୟରେ ପ୍ରଶିକ୍ଷକମାନେ ତାଲିମ ଦେଇଥିଲେ।

# ନ୍ୟାୟ ଦାବିରେ ଶିଶୁପୁତ୍ରକୁ ଧରି ଧାରଣା

## ପ୍ରେମିକ ଘର ଆଗରେ ୪ ଦିନ

**ବ୍ରହ୍ମପୁର ଅଫିସ, ୫।୮**

ବ୍ରହ୍ମପୁର ଦେଶୀବେହେରା ସାହିସ୍ଥିତ ପ୍ରେମିକଙ୍କ ଘର ଆଗରେ ଜଣେ ଯୁବତୀ ଦେଢ଼ ବର୍ଷର ଶିଶୁପୁତ୍ରକୁ ଧରି ୪ ଦିନ ହେଲା ଧାରଣାରେ ବସିଛନ୍ତି। ପ୍ରେମିକ ତାଙ୍କୁ ବିବାହ କରି ପୁଅକୁ ବାପାର ପରିଚୟ ଦେବା ଦାବି ନେଇ ଯୁବତୀ ଜଣକ ଧାରଣା ଦେଇଛନ୍ତି। ବଡ଼ବଜାର ଥାନା ପକ୍ଷରୁ ସେଠାରେ ୨ଜଣ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କୋର୍ଟରେ ଡିଭି (ପାରିବାରିକ ହିଂସା) ଆକ୍ଟରେ ଏକ ମାମଲା ହୋଇଛି। ଏହାକୁ ଗ୍ରହଣ କରି ଉପଜିଲାପାଳ ଜଣେ ସୁରକ୍ଷା ଅଧିକାରୀ (ପ୍ରୋଟେକ୍ସନ ଅଫିସର୍) ଏବଂ ଜଣେ ଏସଡବ୍ଲୁଓ (ସୋସିଆଲ୍ ୱେଲଫେୟାର୍ ଅଫିସର)ଙ୍କୁ ନିଯୁକ୍ତ କରିଥିଲେ। ଏପରିକି ମହିଳା ସୁରକ୍ଷା ଅଧିକାରୀଙ୍କ ହସ୍ତକ୍ଷେପ ପରେ ମଧ୍ୟ ଶୁକ୍ରବାର ରାତି ସୁଦ୍ଧା କୌଣସି ସମାଧାନର ବାଟ ଫିଟିନି। ଆଇନ ପ୍ରକାରେ ଉଭୟଙ୍କ ବିବାଦ ଶୀଘ୍ର ସମାଧାନ କରାଯିବାକୁ ପୋଲିସ ପ୍ରୟାସ ଜାରି ରଖିଛି।

ଯୁବତୀ ଅଭିଯୋଗ କରିଛନ୍ତି ଯେ, ପ୍ରାୟ ଦୁଇ ବର୍ଷ ତଳେ ଦେଶୀବେହେରା ସାହିର ସମ୍ପୃକ୍ତ ଯୁବକଙ୍କ ସହ ତାଙ୍କର ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ବିବାହ ପ୍ରଲୋଭନ ଦେଖାଇ ପ୍ରେମିକ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। କିଛିଦିନ ପରେ ଗର୍ଭବତୀ ହେବା ଜଣାପଡ଼ିବାରୁ ପ୍ରେମିକ ବିବାହ କରିବାକୁ ରାଜି ହୋଇ ନ ଥିଲେ। ଏନେଇ ଟାଉନ୍ ଥାନାରେ ଅଭିଯୋଗ ହେବାରୁ ପ୍ରେମିକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ମାମଲା କୋର୍ଟରେ ବିଚାରାଧୀନ ଥିବାବେଳେ ପ୍ରେମିକ ସର୍ତ୍ତମୂଳକ ଜାମିନରେ ମୁକୁଳିଛନ୍ତି। ଏହାମଧ୍ୟରେ ଯୁବତୀଙ୍କ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ତା'ର ଡିଏନ୍ଏ ପରୀକ୍ଷା ମଧ୍ୟ କରାଯାଇଛି। ତେବେ ପ୍ରେମିକ ଅନ୍ୟ ଜଣଙ୍କୁ ବିବାହ କରିବେ ବୋଲି ଖବରପାଇ ଶିଶୁପୁତ୍ର ସହ ଯୁବତୀ ଗତ ୪ଦିନ ତଳେ ତାଙ୍କ ଘରକୁ ଆସି ନ୍ୟାୟ ଦାବି କରିଥିଲେ। ପ୍ରେମିକଙ୍କ ପରିବାର ଲୋକେ ତାଙ୍କୁ ଘରୁ ବାହାର କରି ଦେଇଥିବାରୁ ନ୍ୟାୟ ପାଇଁ ଦାଣ୍ଡରେ ଧାରଣାରେ ବସିଛନ୍ତି।

# ରାଜ୍ୟ ସଭାରେ ୩ ବିଲ୍ ଉପସ୍ଥାପନ କଲେ ସସ୍ମିତ ପାତ୍ର

**ଭୁବନେଶ୍ୱର, ୫।୮ (ବ୍ୟୁରୋ)**

ବିଜେଡି ଏମ୍‌ପି ସସ୍ମିତ ପାତ୍ର ରାଜ୍ୟ ସଭାରେ ୩ଟି ବିଲ୍ ଉପସ୍ଥାପନ କରିଛନ୍ତି। ପ୍ରଥମେ ଶାଳପତ୍ର ସଂଗ୍ରହକାରୀ ଏବଂ ବ୍ୟବସାୟୀଙ୍କ କଲ୍ୟାଣ ପାଣ୍ଠି ବିଲ୍-୨୦୨୨ ଉପସ୍ଥାପନ କରିଥିଲେ। ଏହି ବିଲ୍‌ରେ ଶାଳପତ୍ର ସଂଗ୍ରହକାରୀ ଏବଂ ବ୍ୟବସାୟୀଙ୍କ ମଙ୍ଗଳ ପାଇଁ ଏକ ବୋର୍ଡ ଗଠନ କରିବା ପାଇଁ ବ୍ୟବସ୍ଥା ରହିଛି। ଦ୍ୱିତୀୟରେ ମାନବ ଚାଲାଣ (ନିରୋଧୀ, ସୁରକ୍ଷା ଏବଂ ଥଇଥାନ) ବିଲ୍-୨୦୨୨ ଉପସ୍ଥାପନ କରିଛନ୍ତି। ଏହି ବିଲ୍ ମାଧ୍ୟମରେ ମହିଳା ଓ ଶିଶୁ ଚାଲାଣ ରୋକିବା ସହ ସେମାନଙ୍କ ସୁରକ୍ଷା ଏବଂ ଥଇଥାନ ପାଇଁ ବ୍ୟବସ୍ଥା ରହିଛି। ଏଥିସହ ଦୋଷୀଙ୍କୁ କଡ଼ା ଦଣ୍ଡ ଦେବା ନେଇ ମଧ୍ୟ ବ୍ୟବସ୍ଥା କରାଯାଇଛି। ତୃତୀୟରେ ରାଜ୍ୟ ପୁନର୍ଗଠନ କମିଶନ ବିଲ୍-୨୦୨୨ ଉପସ୍ଥାପନ କରିଛନ୍ତି। ଏହାଦ୍ୱାରା ଭାଷାଗତ, ସାଂସ୍କୃତିକ, ଆର୍ଥିକ ଏବଂ ପ୍ରଶାସନିକ ଦୃଷ୍ଟିକୋଣରୁ ଲୋକଙ୍କ ମଙ୍ଗଳ ପାଇଁ ରାଜ୍ୟର ପୁନର୍ଗଠନ ଲାଗି ଏକ କମିଶନ ଗଠନ ହେବ।

ପ୍ରଥମ ପୃଷ୍ଠାରୁ...

## କଂଗ୍ରେସ ପାଳିଲା...

ହୋଇଥିଲେ। ପାର୍ଲାମେଣ୍ଟରେ ମୂଲ୍ୟବୃଦ୍ଧି ପ୍ରସଙ୍ଗରେ ଆଲୋଚନା ଚାଲିଥିବାବେଳେ ଭାଜପା ସଦସ୍ୟମାନେ ମୁଦ୍ରାସ୍ଫୀତି ଦେଖିପାରୁ ନ ଥିବା କହିଥିଲେ। ସେଥିପାଇଁ ଆମେ କଳା ପୋଷାକ ପିନ୍ଧି ଜନସାଧାରଣଙ୍କ କ୍ରୋଧର ପରିପ୍ରକାଶ କରୁଛୁ। ସରକାର ଆଖି ଖୋଲି ଦେଶର ବାସ୍ତବତାକୁ ଦେଖନ୍ତୁ ବୋଲି କଂଗ୍ରେସ ନେତା ଗୋଗୋଇ କହିଛନ୍ତି। ଭାରତରେ ଗଣତନ୍ତ୍ରର ମୃତ୍ୟୁ ଘଟିଛି। ସରକାର ମୁଦ୍ରାସ୍ଫୀତି ସମ୍ପର୍କରେ ଶୁଣିବାକୁ ପ୍ରସ୍ତୁତ ନୁହନ୍ତି। ସେଥିପାଇଁ କଂଗ୍ରେସ ଏହାକୁ କଳାଦିବସ ଭାବେ ପାଳନ କରି ବିକ୍ଷୋଭ କରୁଛି ବୋଲି ରାହୁଲ କହିଥିଲେ। ମହିଳା ଏମ୍‌ପିମାନଙ୍କ ସହ ସୋନିଆ ଗାନ୍ଧୀ ପାର୍ଲାମେଣ୍ଟର ୧ ନମ୍ବର ଗେଟ୍ ବାହାରେ ବ୍ୟାନର ଧରି ଛିଡ଼ା ହୋଇଥିବା ଦେଖାଯାଇଥିଲା। ତେବେ ସେ ଶୋଭାଯାତ୍ରାରେ ଭାଗ ନେଇ ନ ଥିଲେ। ଅନ୍ୟ ଏମ୍‌ପିମାନଙ୍କୁ ବିଜୟ ଚୌକଠାରେ ଅଟକ ରଖାଯାଇଥିଲା।

## ଖାଲି ପଦବୀ...

ଏହିସବୁ ପଦବୀରେ ଚୟନ ଓ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି। ମୁଖ୍ୟତଃ ଅଧିକ ସଂଖ୍ୟାରେ ଜୁନିୟର ଇଞ୍ଜିନିୟର, ଷ୍ଟେନୋଗ୍ରାଫର, ଅବକାରୀ ଏସ୍ଆଇ, ଡାଟା ଏଣ୍ଟ୍ରି ଅପରେଟର, ବ୍ଲକ୍ ସାମାଜିକ ସୁରକ୍ଷା ଅଫିସର, ଅଡିଟର, ଆରଆଇ, ଅମିନ, ଫରେଷ୍ଟ ଗାର୍ଡ, ଅବକାରୀ କନଷ୍ଟେବଲ, ନର୍ସିଂ ଅଫିସର, ପ୍ରାଣୀଧନ ନିରୀକ୍ଷକମାନଙ୍କୁ ଚୟନ କରାଯିବ। ଏହାଛଡ଼ା ଓଡ଼ିଶା ସିଭିଲ ସର୍ଭିସେସ୍ ଅନ୍ତର୍ଭୁକ୍ତ ବିଭିନ୍ନ ପଦବୀ, ମେଡିକାଲ କଲେଜ ପାଇଁ ଅତିରିକ୍ତ ପ୍ରଫେସର, କୃଷି ଅଧିକାରୀ, ସ୍ନାତକୋତ୍ତର ଶିକ୍ଷକ, ଭୂତତ୍ତ୍ୱବିତ୍, ବିଭିନ୍ନ ସରକାରୀ ମହାବିଦ୍ୟାଳୟ ନିମନ୍ତେ ଅତିରିକ୍ତ ପ୍ରଫେସର ଆଦି ପଦବୀ ପାଇଁ ଚୟନ ଓ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି।

ପୋଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ, ପ୍ରମୁଖ ଶାସନ ସଚିବ ଓ ସବ୍ଅର୍ଡିନେଟ ଷ୍ଟାଫ୍ ସିଲେକଶନ କମିଶନ ଅଧ୍ୟକ୍ଷ ଶାଶ୍ୱତ ମିଶ୍ର, ଷ୍ଟାଫ୍ ସିଲେକଶନ କମିଶନ ଅଧ୍ୟକ୍ଷ ଅଭୟ, ପବ୍ଲିକ୍ ସର୍ଭିସ୍ କମିଶନ ସେକ୍ରେଟାରି ପ୍ରମୋଦ ମିଶ୍ରଙ୍କ ସମେତ ସଂପୃକ୍ତ କମିଶନମାନଙ୍କର ସେକ୍ରେଟାରି ଓ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ବୈଠକରେ ଯୋଗ ଦେଇଥିଲେ।

# ପାରାଦୀପ ପୋର୍ଟ ସିଏମ୍‌ଇଙ୍କ ସମେତ ୪ ଗିରଫ

## ଲାଞ୍ଚ ଷଡ଼ଯନ୍ତ୍ର: ରହସ୍ୟ ଉନ୍ମୋଚନ କଲା ସିବିଆଇ

### ୩ ଅଭିଯୁକ୍ତ ୪ ଦିନିଆ ରିମାଣ୍ଡରେ ଗଲେ

**କଟକ ଅଫିସ/ଭୁବନେଶ୍ୱର (ବ୍ୟୁରୋ), ୫।୮**

ପାରାଦୀପ ବନ୍ଦରର ଏକ କନ୍‌ଭେୟର ବେଲ୍ଟ ମରାମତି ପାଇଁ ବଡ଼ଧରଣର ଲାଞ୍ଚ କାରବାର ହୋଇଛି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଗୁରୁବାର ୧୫ ସ୍ଥାନରେ ଚଢ଼ାଉ କରିବା ପରେ ଏହି ପର୍ଦ୍ଦାଫାଶ୍ କରିଛି। ଘରୋଇ କମ୍ପାନୀ ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍ (ଓଏସ୍ଏଲ୍)କୁ ଲାଭ ପହଞ୍ଚାଇବା ପାଇଁ ପାରାଦୀପ ପୋର୍ଟ ଟ୍ରଷ୍ଟର ବ୍ୟାପକ କ୍ଷତି କରାଯାଇଛି। ପୋର୍ଟ ଟ୍ରଷ୍ଟର ଚିଫ୍ ମେକାନିକାଲ ଇଞ୍ଜିନିୟର(ସିଏମ୍ଇ) ସରୋଜ କୁମାର ଦାସ ଏହି ଷଡ଼ଯନ୍ତ୍ର କରିଥିବା ସିବିଆଇ ଶୁକ୍ରବାର ପ୍ରେସ୍‌ବିଜ୍ଞପ୍ତି ମାଧ୍ୟମରେ ସ୍ପଷ୍ଟ କରିଛି। ଏହି ଘଟଣାରେ ସିଏମ୍ଇ ସରୋଜ ଦାସ, ମଧ୍ୟସ୍ଥ ସୁମନ୍ତ ରାଉତ ଓରଫ ବନ, ଓସିଏଲ୍‌ର ଡିଜିଏମ୍ (ଅପରେଶନ) ସୂର୍ଯ୍ୟନାରାୟଣ ସାହୁଙ୍କୁ ଓଡ଼ିଶାରୁ ଏବଂ କେସିଟି ଗ୍ରୁପ୍‌ର ପୋର୍ଟ ଅପରେଶନ ମ୍ୟାନେଜର ଶଙ୍ଖଶୁଭ୍ର ମିତ୍ରଙ୍କୁ କୋଲକାତାରୁ ଶୁକ୍ରବାର ଗିରଫ କରାଯାଇଛି। ସିଏମ୍ଇ ଦାସ, ସୁମନ୍ତ ଏବଂ ସୂର୍ଯ୍ୟନାରାୟଣଙ୍କୁ ସିବିଆଇ ସ୍ପେଶାଲ କୋର୍ଟକୁ ଚାଲାଣ କରାଯାଇଛି। କୋର୍ଟଙ୍କ ଅନୁମତି ପରେ ସେମାନଙ୍କୁ ସିବିଆଇ ୪ ଦିନ ପାଇଁ ରିମାଣ୍ଡରେ ନେଇଛି। ଅନ୍ୟପକ୍ଷରେ ଶଙ୍ଖଶୁଭ୍ରଙ୍କୁ ସିବିଆଇ ଶନିବାର ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣିପାରେ ବୋଲି ସୂଚନା ମିଳିଛି।

ମାମଲାରେ ସିବିଆଇ ୭ ଜଣଙ୍କୁ ଅଭିଯୁକ୍ତ ଦର୍ଶାଇଛି। ସେମାନଙ୍କ ମଧ୍ୟରେ ଅଛନ୍ତି କେସିଟି ଗ୍ରୁପ୍‌ର ଦେବପ୍ରିୟ ମହାନ୍ତି ଏବଂ ଓସିଏଲ୍‌ର ନିର୍ଦ୍ଦେଶକ ତଥା ଶିଳ୍ପପତି ମହିମା ମିଶ୍ରଙ୍କ ସାନପୁଅ ଚର୍ଚ୍ଚିତ ମିଶ୍ର। ଚଢ଼ାଉ ବେଳେ ମୋଟ ୮୪.୫ ଲକ୍ଷ ଟଙ୍କା ମଧ୍ୟ ଜବତ କରାଯାଇଥିବା ସିବିଆଇ ପକ୍ଷରୁ କୁହାଯାଇଛି। ଗୁରୁବାର ମହିମାଙ୍କ ବଡ଼ପୁଅ ଚନ୍ଦନଙ୍କୁ ସିବିଆଇ ପଚରାଉଚରା କରିଥିଲା। ଶୁକ୍ରବାର ମହିମାଙ୍କୁ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟକୁ ଡାକି ସିବିଆଇ ପଚରାଉଚରା କରିଛି। ସିବିଆଇ କାର୍ଯ୍ୟାଳୟକୁ ଯିବାବେଳେ ମହିମା ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନରେ କହିଥିଲେ, କିଛି ଜାଣିନି, ଗଲେ କଥା ହେଲେ ଜଣାପଡ଼ିବ। ବେନିୟମ କାମ ହୋଇନାହିଁ। ତାଙ୍କୁ ସିବିଆଇ ନୋଟିସ୍ ପଠାଇଥିଲା ବୋଲି ସେ କହିଛନ୍ତି।

ସିବିଆଇ ପ୍ରେସ୍‌ବିଜ୍ଞପ୍ତି ଅନୁଯାୟୀ, ପାରାଦୀପ ବନ୍ଦର ଟ୍ରଷ୍ଟର ସିଏମ୍ଇ ଦାସ ବନ୍ଦର ମଧ୍ୟରେ କାର୍ଯ୍ୟ କରୁଥିବା ବିଭିନ୍ନ ଘରୋଇ ସଂସ୍ଥାଠାରୁ ଅଭ୍ୟାସଗତ ଭାବେ ଲାଞ୍ଚ ନେଇଥାନ୍ତି। ଲାଞ୍ଚ କାରବାର ପାଇଁ ତାଙ୍କର ଏକ ଘନିଷ୍ଠ ଦଲାଲ ରହିଛନ୍ତି, ଯାହାଙ୍କ ଜରିଆରେ ସେ ଲାଞ୍ଚ ଅର୍ଥର ପରିମାଣ ଦାବି କରନ୍ତି ଓ ଗ୍ରହଣ ମଧ୍ୟ କରିଥାନ୍ତି। ଏହାଦ୍ୱାରା ବନ୍ଦର ମଧ୍ୟରେ ମାଲ ପରିବହନ କାର୍ଯ୍ୟରେ ନିୟୋଜିତ ସଂସ୍ଥାଗୁଡ଼ିକ ସେମାନଙ୍କ କାର୍ଯ୍ୟ ସମ୍ପାଦନ କରିବାରେ ନାନା ସୁବିଧାସୁଯୋଗ ହାସଲ କରନ୍ତି। ସେହି ଦଲାଲ ପୋର୍ଟ ଅପରେଶନ ମ୍ୟାନେଜରଙ୍କ ସହ ବିଭିନ୍ନ ବ୍ୟକ୍ତି ଓ ସମ୍ପୃକ୍ତ ଘରୋଇ ସଂସ୍ଥାଗୁଡ଼ିକ ମଧ୍ୟରେ ଯୋଗସୂତ୍ର ରକ୍ଷା କରିବାରେ ମଧ୍ୟସ୍ଥ ଭଳି କାର୍ଯ୍ୟ କରିଥାନ୍ତି। ତେବେ ଘରୋଇ କମ୍ପାନୀ (ଓସିଏଲ୍) ପକ୍ଷରୁ ପାରାଦୀପ ବନ୍ଦରରେ ମାଲ୍ ଖଲାସ (ଅନ୍‌ଲୋଡ୍) ସମୟରେ ସେଠାରେ ଚାଲୁଥିବା ଏକ କନ୍‌ଭେୟର ବେଲ୍ଟ ନଷ୍ଟ ହୋଇଯାଇଥିଲା। ଉକ୍ତ ବେଲ୍ଟର ମରାମତି ବା ନୂତନ ଭାବେ ଲଗାଇବା ବ୍ୟୟବହୁଳ। ତେଣୁ ଉକ୍ତ କମ୍ପାନୀକୁ ସୁରକ୍ଷା ଦେବା ସହ ବହୁ ପରିମାଣର ଅର୍ଥ ହାତେଇବା ପାଇଁ ସିଏମ୍ଇ ଦାସ ମଧ୍ୟସ୍ଥଙ୍କ ଜରିଆରେ ସମ୍ପୃକ୍ତ କମ୍ପାନୀର ନିର୍ଦ୍ଦେଶକଙ୍କ ସହ ଯୋଜନା କରିଥିଲେ। ସେ ବନ୍ଦର ପକ୍ଷରୁ ବିପୁଳ ଅର୍ଥ ଖର୍ଚ୍ଚ କରି ଉକ୍ତ ବେଲ୍ଟକୁ ମରାମତି କରାଇ ନିଜେ ମାଲାମାଲ ହେବାର ଯୋଜନାକୁ ସଫଳ କରାଇଥିଲେ। ପ୍ରତି ବଦଳରେ ୬୦ ଲକ୍ଷ ଟଙ୍କା ଲାଞ୍ଚ ଆକାରରେ ମଧ୍ୟସ୍ଥ ଜରିଆରେ ସିଏମ୍ଇ ଦାସ ଉକ୍ତ କମ୍ପାନିକୁ ଦାବି କରିଥିଲେ। ତଦନୁସାରେ, ଉକ୍ତ ମଧ୍ୟସ୍ଥ କଟକରୁ ୨୫ ଲକ୍ଷ ଟଙ୍କାର ଲାଞ୍ଚ ଅର୍ଥ ଗ୍ରହଣ କରିଥିଲେ। ସେଥିରେ ୧୦ ଲକ୍ଷ ଟଙ୍କା ମଧ୍ୟସ୍ଥ ନିଜ ପାଖରେ ରଖି ଆଉ ୧୦ ଲକ୍ଷ ଟଙ୍କା ଭୁବନେଶ୍ୱରର ଏକ ରିଅଲ ଇଷ୍ଟେଟ ଡେଭଲପରଙ୍କୁ ଦେଇଥିଲେ, ଯାହାଙ୍କଠାରୁ ସିଏମ୍ଇ ଦାସ ଏକ ସମ୍ପତ୍ତି କ୍ରୟ କରିବା ନିମନ୍ତେ ବୁକ୍ କରିଥିଲେ। ତେବେ ସିବିଆଇ ଚଢ଼ାଉ ସମୟରେ ପାରାଦୀପର ମଧ୍ୟସ୍ଥଙ୍କ ଠାରୁ ୫ ଲକ୍ଷ ଟଙ୍କା ଜବତ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ୧୮.୩ ଲକ୍ଷ ଟଙ୍କା ମଧ୍ୟ ଜବତ କରାଯାଇଛି। ସେହିପରି ପ୍ରାୟ ୨୦.୨୫ ଲକ୍ଷ ଟଙ୍କାର ଅଳଙ୍କାର ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜ ସିଏମ୍ଇ ଦାସଙ୍କଠାରୁ ଜବତ କରାଯାଇଛି। ସୂଚନାଥାଉ କି, ଗୁରୁବାର ମହିମାଙ୍କ ବାସଭବନ, କାର୍ଯ୍ୟାଳୟ ସମେତ ପାରାଦୀପ, କଟକ, ଜଗତସିଂହପୁର ଏବଂ ଭୁବନେଶ୍ୱରର ୧୫ ସ୍ଥାନରେ ଚଢ଼ାଉ ହୋଇଥିଲା। ଚଢ଼ାଉ ସମୟରେ ଓଏସ୍ଏଲ୍ ଡିଜିଏମ୍ ସୂର୍ଯ୍ୟନାରାୟଣଙ୍କଠାରୁ ୪୧ ଲକ୍ଷ ଟଙ୍କା ଜବତ ହୋଇଥିବା ସିବିଆଇ ସୂତ୍ରରୁ ଜଣାପଡ଼ିଛି।

# ଚିଲିକାରୁ ୩୫୦ ଏକର ଚିଙ୍ଗୁଡ଼ି ଘେରି ଉଚ୍ଛେଦ



ପ୍ରଶାସନ ପକ୍ଷରୁ ଘେରି ଉଚ୍ଛେଦ କରାଯାଉଛି।

**ବାଲୁଗାଁ, ୫।୮ (ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ପ୍ରଶାସନର ଟାସ୍କ ଫୋର୍ସ ଟିମ୍ ପକ୍ଷରୁ ଶୁକ୍ରବାର ବାଲୁଗାଁ ଚିଲିକା କୂଳ ସଂଲଗ୍ନ ବଡ଼କୂଳ ଠାରୁ କଳିଯୁଗେଶ୍ୱର ପାହାଡ଼ ମଧ୍ୟରେ ବେଆଇନ ଭାବେ ଗଢ଼ିଉଠିଥିବା ୩୫୦ଏକର ପରିବ୍ୟାପ୍ତ ୧୫ଟି ଚିଙ୍ଗୁଡ଼ି ଘେରିକୁ ଉଚ୍ଛେଦ କରାଯାଇଛି। ପ୍ରଶାସନର ଏଭଳି କାର୍ଯ୍ୟାନୁଷ୍ଠାନ ଫଳରେ ଘେରି ମାଫିଆଙ୍କ ମଧ୍ୟରେ ଛନକା ପଶିଛି। ସୂଚନା ମୁତାବକ, ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ଜିଲା ଅଧୀନ ୧୪୫ରୁ ଊର୍ଦ୍ଧ୍ୱ ଗ୍ରାମର ମତ୍ସ୍ୟଜୀବୀ ଚିଲିକାରୁ ମାଛ ମାରି ପରିବାର ପ୍ରତିପୋଷଣ କରିଆସୁଛନ୍ତି। ବିଗତ କେତେବର୍ଷ ହେବ ଅଣମତ୍ସ୍ୟଜୀବୀମାନେ ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ବେଆଇନ ଭାବେ ଚିଙ୍ଗୁଡ଼ି ଘେରି ନିର୍ମାଣ କରିଛନ୍ତି। ଫଳରେ ମତ୍ସ୍ୟଜୀବୀମାନେ ଚିଲିକା ମଧ୍ୟକୁ ଯାତାୟାତ କରିବାରେ ହଇରାଣ ହେବା ସହ ମାଛ ମାରି ନ ପାରି ନିଜର କୂଳବେଉସା ହରାଇ ବସିଛନ୍ତି। ଏନେଇ ମତ୍ସ୍ୟଜୀବୀ ମହାସଂଘ ପକ୍ଷରୁ ଚିଲିକାକୁ ସମ୍ପୂର୍ଣ୍ଣ ଘେରି ମୁକ୍ତ ନିମନ୍ତେ ସରକାର ଓ ପ୍ରଶାସନ ନିକଟରେ ଦାବି ହୋଇଆସୁଛି। ଏହି ପରିପ୍ରେକ୍ଷୀରେ ଚିଲିକାକୁ ସମ୍ପୂର୍ଣ୍ଣ ଘେରି ମୁକ୍ତ ନିମନ୍ତେ ଖୋର୍ଦ୍ଧା ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ତଦନୁଯାୟୀ ଚିଲିକା ତହସିଲଦାର ସୁରେଶ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ଠାରୁ ପର୍ଯ୍ୟାୟକ୍ରମେ ଚିଲିକାରୁ ଘେରି ଉଚ୍ଛେଦ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି। ବାଲୁଗାଁ ରାଜସ୍ୱ ନିରୀକ୍ଷକ ନିକୁଞ୍ଜ ପ୍ରଧାନ, ସହନିରୀକ୍ଷକ ଶୁଶାନ୍ତ କୁମାର ଗିରି, ଅମିନ ଭାଗୀରଥି ଜେନାଙ୍କ ସମେତ ବାଲୁଗାଁ ପୋଲିସ, ମତ୍ସ୍ୟ ବିଭାଗ ଓ ସିଡିଏର କର୍ମଚାରୀ ମିଳିତଭାବେ ପୂର୍ବାହ୍ନ ୧୦ଟା ରୁ ଅପରାହ୍ନ ପର୍ଯ୍ୟନ୍ତ ବଡ଼କୂଳ ଠାରୁ କଳିଯୁଗେଶ୍ୱର ପାହାଡ଼ ମଧ୍ୟରେ ପ୍ରଥମ ପର୍ଯ୍ୟାୟରେ ଏହି ଉଚ୍ଛେଦ ଅଭିଯାନ ଆରମ୍ଭ କରିଥିଲେ। ଉଚ୍ଛେଦ କାର୍ଯ୍ୟରେ ୩ଟି ଡଙ୍ଗା ନିୟୋଜିତ ହୋଇଥିବା ବେଳେ ଶାନ୍ତିଶୃଙ୍ଖଳା ପାଇଁ ଏକ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ଜବତ ଜାଲ ଓ ବାଉଁଶକୁ କାର୍ଯ୍ୟାଳୟ ପରିସରରେ ରଖାଯାଇଛି। ଏଗୁଡ଼ିକ ଶୁଖିବା ପରେ ପୋଡ଼ି ନଷ୍ଟ କରିଦିଆଯିବ ବୋଲି ରାଜସ୍ୱ ବିଭାଗ ପକ୍ଷରୁ କୁହାଯାଇଛି। ପର୍ଯ୍ୟାୟକ୍ରମେ ଏହି ଉଚ୍ଛେଦ ଅଭିଯାନ ଜାରି ରହିବ ବୋଲି ଜଣାପଡ଼ିଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRED
Young candidates for Electricity Meter Reading work in Bhubaneswar. Attractive salary package.
Contact:
6371044387, 7848995395

WANTED
LADIES FOR OFFICIAL WORK
FOODING, ACCOMMODATION FREE+ 7500 TO 15000/-
Nakhara, Cuttack
7809525452

WALK IN INTERVIEW JCB
Kalinga Group, JCB division requires following candidates for Bhubaneswar, Berhampur, Dhenkanal, Bhadrak, Boudh, Jajpur and Paradeep.
**Sales Executive:** Diploma & ITI up to 2-3 years experience in Automobile commercial vehicle, Construction Equipment, Tractor & Agriculture equipment all are sales background.
**Date of Interview-3rd Aug 2022,TIME-10 AM TO 2 PM**
**Service Engineer:** ITI/Diploma or equivalent & minimum 3-4 yrs experience in vehicle maintenance. **Date of Interview-4th Aug 2022, TIME-10 AM TO 2 PM**
**Spare Parts Executive:** ITI/Diploma/Graduate & having 4-5 years experience in Spare parts.
**Date of Interview-5th Aug 2022, TIME-10 AM TO 2 PM**
(Salary is not a constraint for desirable experience or fresher candidates.)
KA GROUP KALINGA AUTOMOBILES
Plot-B, Unit-1, Rajpath, Bhubaneswar,
Phone No: 9937292011 & 7735733180
**Date of Interview for all post- 3rd, 4th & 5th Aug 2022**
Time: 10 am to 2 pm or Send your CV:hrofficer@kttorissa.com

WANTED
ଧରିତ୍ରୀ DHARITRI Oriya daily
is looking for
CIRCULATION MANAGERS
- Graduates, having good communication & leadership skills with 2 years+ sales experience in print media will be given preference.
- Proficiency in MS Office will be an added advantage.
RECOVERY MANAGERS
- Candidates should have good communication skills & atleast 3 years of experience in the field of recovery.
- Good performance will be rewarded with extra incentive.
Apply immediately to :
recruitment@dharitri.com
Attractive salary commensurate with experience

IBPS प्रज्ञाविभावनम्
इंस्टीट्यूट ऑफ बैंकिंग पर्सोनेल सिलेक्शन
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
असेसमेंट में, हम पर भरोसा रखता है भारत — In assessment, India trusts us
वेबसाइट देखने हेतु स्कैन करें Scan to visit Website
ପ୍ରାଧିକୃତ ୱେବ୍‌ସାଇଟ୍: www.ibps.in
କୌଣସି ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି https://cgrs.ibps.in/ ରେ ଲଗ୍ ଇନ୍ କରନ୍ତୁ
**ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ପ୍ରୋବେସନାରି ଅଫିସର୍ସ/ ମ୍ୟାନେଜମେଣ୍ଟ ଟ୍ରେନିଙ୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା (୨୦୨୩-୨୪ର ଖାଲି ପଦବୀ ପାଇଁ ସିଆର୍‌ପି ପିଓ/ଏମ୍‌ଟି-XII)**
ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ପ୍ରୋବେସନାରି ଅଫିସର/ମ୍ୟାନେଜମେଣ୍ଟ ଟ୍ରେନି ପଦବୀଗୁଡ଼ିକ ନିମନ୍ତେ କର୍ମଚାରୀ ଚୟନ ଲାଗି ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା ପାଇଁ ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରି ଓ ମେନ୍) ଅକ୍ଟୋବର ୨୦୨୨/ନଭେମ୍ବର ୨୦୨୨ରେ ଅନୁଷ୍ଠିତ ହେବା ସମ୍ଭାବନା ରହିଛି ।
କାର୍ଯ୍ୟକ୍ରମର ସମ୍ଭାବ୍ୟ ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଅନ୍-ଲାଇନ୍ ପଞ୍ଜୀକରଣ, ପ୍ରାର୍ଥୀଙ୍କ ଦ୍ୱାରା ଦରଖାସ୍ତ ସମ୍ପାଦନ/ ସଂଶୋଧନ ସମେତ | ୦୨।୦୮।୨୦୨୨ରୁ ୨୨।୦୮।୨୦୨୨ |
| ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଦେୟ ପୈଠ (ଅନ୍‌ଲାଇନ୍) | ୦୨।୦୮।୨୦୨୨ରୁ ୨୨।୦୮।୨୦୨୨ |
| ପ୍ରାକ୍-ପରୀକ୍ଷା ତାଲିମ ଲାଗି କଲ୍ ଲେଟର୍ ଡାଉନଲୋଡ୍* | ସେପ୍ଟେମ୍ବର/ଅକ୍ଟୋବର ୨୦୨୨ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ* | ସେପ୍ଟେମ୍ବର/ଅକ୍ଟୋବର ୨୦୨୨ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରି ପାଇଁ କଲ୍ ଲେଟର୍ ଡାଉନଲୋଡ୍ | ଅକ୍ଟୋବର ୨୦୨୨ |
| **ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି** | **ଅକ୍ଟୋବର ୨୦୨୨** |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରିର ଫଳାଫଳ | ନଭେମ୍ବର ୨୦୨୨ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍ ପାଇଁ କଲ୍ ଲେଟର୍ ଡାଉନଲୋଡ୍ | ନଭେମ୍ବର ୨୦୨୨ |
| **ଅନ୍‌ଲାଇନ୍ ପରୀକ୍ଷା - ମେନ୍** | **ନଭେମ୍ବର ୨୦୨୨** |
| ପରୀକ୍ଷାଫଳ ଘୋଷଣା – ମେନ୍ | ଡିସେମ୍ବର ୨୦୨୨ |
| ସାକ୍ଷାତ୍କାର ପାଇଁ କଲ୍ ଲେଟର୍ ଡାଉନଲୋଡ୍ | ଜାନୁୟାରୀ/ଫେବୃୟାରୀ ୨୦୨୩ |
| ସାକ୍ଷାତ୍କାର ସଞ୍ଚାଳନ | ଜାନୁୟାରୀ/ଫେବୃୟାରୀ ୨୦୨୩ |
| ପରୀକ୍ଷାମୂଳକ ଆବଣ୍ଟନ | ଏପ୍ରିଲ ୨୦୨୩ |

*ପିଇଟି ଆୟୋଜନ ସମ୍ଭବ ଓ ସୁରକ୍ଷିତ ହୋଇଥିଲେ
ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ପ୍ରାଧିକୃତ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।
ମୁମ୍ବାଇ
ତାରିଖ: ୦୨।୦୮।୨୦୨୨ — ନିର୍ଦ୍ଦେଶକ



କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ୨୦ ବର୍ଷରୁ କମ୍ ସାଫ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଚାମ୍ପିୟନ ଭାରତୀୟ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

# ଭାରତ ୪X୪୦୦ ମିଟର ରିଲେ ଫାଇନାଲରେ

**ରାଜ୍ୟଗୋଷ୍ଠୀ କ୍ରୀଡ଼ା**

**ବର୍ମିଂହାମ୍, ୫।୮ (ପି.ଟି.):** ରାଜ୍ୟଗୋଷ୍ଠୀ କ୍ରୀଡ଼ା ପୁରୁଷ ୪X ୪୦୦ ମିଟର ରିଲେ ଦୌଡ଼ରେ ଭାରତୀୟ ପୁରୁଷ ଦଳ ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ହିଟ୍‌ରେ ମହମ୍ମଦ ଆନାସ ୟାହିୟା, ନୋଆ ନର୍ମିଲ ଟମ୍, ମହମ୍ମଦ ଅଜମଲ ଓ ଆମୋଜ ଜାକବଙ୍କୁ ନେଇ ଗଠିତ ଭାରତୀୟ ଦଳ ୩: ୦୬.୯୭ ସେକେଣ୍ଡ ଟାଇମିଂରେ କେନିୟା ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲା। ଦୁଇଟି ହିଟ୍‌ରେ ଓଭରାଲ ଭାରତ ୬ଷ୍ଠ ସ୍ଥାନରେ ରହିଥିଲା। ବତ୍ସ୍ୱାନା ୩: ୦୫.୧୧ ସେକେଣ୍ଡ ଟାଇମିଂରେ ସବୁଠାରୁ ଦ୍ରୁତତମ ରହିଥିଲା। ଅନ୍ୟପକ୍ଷରେ ମହିଳା ୧୦୦ ମିଟର ଦୌଡ଼ରେ ଜାତୀୟ ରେକର୍ଡଧାରୀ ଜ୍ୟୋତି ୟାରାଜୀଙ୍କ ପ୍ରଦର୍ଶନ ଆଶାନୁରୂପ ନ ଥିଲା। ଦ୍ୱିତୀୟ ହିଟ୍‌ରେ ୧୩.୧୮ମିନିଟ ଟାଇମିଂ ସହ ସେ ଚତୁର୍ଥ ହୋଇଥିବା ବେଳେ ଓଭରାଲ ୧୦ମ ସ୍ଥାନରେ ରହିଥିଲେ। ତାଙ୍କର ନାମରେ ୧୩.୦୪ ସେକେଣ୍ଡ ଟାଇମିଂରେ ଜାତୀୟ ରେକର୍ଡ ରହିଛି।






# ଗୁରକିରଟଙ୍କ ୪ ଗୋଲ, ଭାରତ ଚାମ୍ପିୟନ

**ସାଫ୍ ଫୁଟ୍‌ବଲ**

**ଭୁବନେଶ୍ୱର, ୫।୮ (କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ସାଫ୍ (ସାଉଥ୍ ଏସିଆନ ଫୁଟବଲ ଫେଡେରେଶନ) ଫୁଟବଲ ଚାମ୍ପିୟନଶିପ୍‌ରେ ଭାରତ ଚାମ୍ପିୟନ ହୋଇଛି। ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଭାରତ ୫-୨ ଗୋଲରେ ବାଂଲାଦେଶକୁ ହରାଇ ଟାଇଟଲ ବଜାୟ ରଖିଛି। ମ୍ୟାଚ ଆରମ୍ଭରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଡ଼ିଆ ମଧ୍ୟକୁ ଆସି ଦୁଇ ଦଳର ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ, ବିଧାୟକ ଭୂପିନ୍ଦର ସିଂ ଏବଂ କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା ଅତିଥିଭାବେ ଯୋଗଦେଇ ପୁରାସ୍କାର ପ୍ରଦାନ କରିଥିଲେ। ପୂର୍ବ ସଂସ୍କରଣ ଅର୍ଥାତ୍ ୨୦୧୮ ଫାଇନାଲରେ ମଧ୍ୟ ଭାରତ ଫାଇନାଲରେ ବାଂଲାଦେଶକୁ ୨-୧ ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା।

ମ୍ୟାଚ ଆରମ୍ଭ ହେବାର ପ୍ରଥମ ମିନିଟରେ ଅର୍ଥାତ୍ ୨୫ତମ ସେକେଣ୍ଡରେ ବାଂଲାଦେଶ ଖେଳାଳିଙ୍କ ଫାଉଲ୍ ଯୋଗୁ ଭାରତକୁ ସ୍ପଟ୍ କିକ୍ ମାରିବା ସୁଯୋଗ ମିଳିଥିଲା। ଗୁରକୀରଟ ସିଂ ଏହାକୁ ଗୋଲରେ ପରିଣତ କରି ଘରୋଇ ଦଳକୁ ଅଗ୍ରଣୀ କରିଥିଲେ। ତେବେ ପ୍ରଥମାର୍ଦ୍ଧ ଶେଷ ହେବାର ୧ ମିନିଟ ପୂର୍ବରୁ ବାଂଲାଦେଶର ରାଜନ ହୋଲାଦର ଗୋଲଟିକୁ ପରିଶୋଧ କରି ଦେଇଥିଲେ। ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ବାଂଲାଦେଶ ଶାହିନଙ୍କ ଗୋଲ ବଳରେ ଅଗ୍ରଣୀ ନେଇ ମ୍ୟାଚରେ ଉଷ୍ମତା ଭରିଥିଲା। ମାତ୍ର ଗୁରକୀରଟ ଗୋଲଟି ପରିଶୋଧ କରିଦେବାରୁ ନିର୍ଦ୍ଧାରିତ ସମୟ ଖେଳ ୨-୨ ଗୋଲରେ ଶେଷ ହୋଇଥିଲା। ଫଳରେ ଅତିରିକ୍ତ ସମୟ ପାଇଁ ଖେଳ ହୋଇଥିଲା। ଏହି ପର୍ଯ୍ୟାୟରେ ଭାରତ ପକ୍ଷରୁ ହିମାଂଶୁ ଜାଙ୍ଗ୍ରା ଗୋଟିଏ ଓ ଗୁରକୀରଟ ୨ଟି ଗୋଲ ଦେଇଥିଲେ। ଫଳରେ ଭାରତ ବଡ଼ ବ୍ୟବଧାନରେ ଜିତି ଲିଗ୍ ପର୍ଯ୍ୟାୟ ପରାଜୟର ପ୍ରତିଶୋଧ ନେଇଥିଲା। ଲିଗ୍ ପର୍ଯ୍ୟାୟରେ ବାଂଲାଦେଶ ୨-୧ ଗୋଲରେ ଭାରତକୁ ପରାସ୍ତ କରିଥିଲା। ଫାଇନାଲ ଦେଖିବା ପାଇଁ ବହୁ ପରିମାଣରେ ଦର୍ଶକଙ୍କ ସମାଗମ ହୋଇଥିଲା। ଦର୍ଶକଙ୍କ ଉପସ୍ଥିତି ଏବଂ କୋଳାହଳ ମଧ୍ୟ ଭାରତୀୟ ଖେଳାଳିଙ୍କୁ ବେଶ୍ ଉତ୍ସାହିତ କରିଥିଲା।

# ଆଇଟା ଟେନିସ: ଜୟପ୍ରକାଶ ଚାମ୍ପିୟନ

**ଭୁବନେଶ୍ୱର,୫।୮ (ସ୍ପୋର୍ଟ୍ସ ବ୍ୟୁରୋ)**

ଆଇଟା ଟେନିସ ପ୍ରତିଯୋଗିତାରେ ବିଜୟୀ ହୋଇଛନ୍ତି ତାମିଲନାଡୁର ଓଜେସ ଥେଜୋ ଜୟପ୍ରକାଶ। ସେହିପରି ଡବଲ୍ସରେ ତାମିଲନାଡୁର ଓଜେସ ଥେଜୋ ଜୟପ୍ରକାଶ ଓ ସିଦ୍ଧାର୍ଥ ଆର୍ଯ୍ୟଙ୍କ ଯୋଡି ବିଜେତା ହୋଇଛନ୍ତି। ଆଇଟା ଓ ଓଟିଏ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତା ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ପକ୍ଷରୁ କେ.ଟି ଗ୍ଲୋବାଲ ସ୍କୁଲ ପରିସରରେ ଅଗଷ୍ଟ ୧ ତାରିଖରୁ ଆରମ୍ଭ ହୋଇ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପୁରୁଷ ସିଙ୍ଗଲ୍ସରେ ତାମିଲନାଡୁର ଓଜେସ ଥେଜୋ ଜୟପ୍ରକାଶ ବିଜେତା ହୋଇଥିବା ବେଳେ ଉପବିଜେତା ହୋଇଛନ୍ତି ପଶ୍ଚିମବଙ୍ଗର ଅଭିନାଂଶୁ ବୋର୍ଥାକର। ଅନ୍ୟପଟେ ପୁରୁଷ ଡବଲ୍ସରେ ତାମିଲନାଡୁର ଓଜେସ ଥେଜୋ ଜୟପ୍ରକାଶ ଓ ସିଦ୍ଧାର୍ଥ ଆର୍ଯ୍ୟଙ୍କ ଯୋଡି ବିଜେତା ହୋଇଥିବା ବେଳେ ପଶ୍ଚିମବଙ୍ଗର ଅଭିନାଂଶୁ ବୋର୍ଥାକର ଓ ମହମ୍ମଦ ଫରଦିନ୍ ଯୋଡ଼ି ଉପବିଜେତା ହୋଇଛନ୍ତି। ବିଜେତା ଓ ଉପବିଜେତା ଖେଳାଳିଙ୍କୁ ଟ୍ରଫି ସହ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଆଇଟା ପ୍ରତିଯୋଗିତାରେ ପାଖପାଖି୧୦୦ ଜଣ ପ୍ରତିଯୋଗୀ ସାରା ଦେଶରୁ ଅଂଶଗ୍ରହଣ କରିଥିଲେ। ବିଜେତା ଓ ଉପବିଜେତାଙ୍କ ସହ ସେମିଫାଇନାଲିଷ୍ଟମାନଙ୍କୁ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଟପ୍ ରେଟିଂର ୩୨ ଜଣ ଖେଳାଳିଙ୍କୁ ସିଧାସଳଖ ଯୋଗ୍ୟତା ମିଳିଥିବା ବେଳେ କ୍ୱାଲିଫାଇଂ ରାଉଣ୍ଡରେ ୬୪ ଜଣ ଅଂଶଗ୍ରହଣ କରିଥିଲେ। ଏହା ମଧ୍ୟରୁ ୮ ପ୍ରତିଯୋଗୀ ମୁଖ୍ୟ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ।



ଅତିଥିଙ୍କ ସହ ପୁରସ୍କାର ବିଜେତା।

# ଫିଫା ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଟିକେଟ ବିକ୍ରି ଆରମ୍ଭ

**ନୂଆଦିଲ୍ଲୀ,୫।୮:** ଭାରତରେ ୧୭ ବର୍ଷରୁ କମ୍ ମହିଳା ଫୁଟବଲ ବିଶ୍ୱକପ୍ ଆୟୋଜିତ ହେବାକୁ ଯାଉଛି। ଦିଲ୍ଲୀର ଜୱାହାରଲାଲ ଷ୍ଟାଡିୟମରେ ଶୁକ୍ରବାର କେନ୍ଦ୍ର କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ଅନୁରାଗ ଠାକୁରଙ୍କ ଉପସ୍ଥିତିରେ ଲଞ୍ଚ ହୋଇଛି ବିଶ୍ୱକପ୍ ଟିକେଟ୍। ଏହି କାର୍ଯ୍ୟକ୍ରମରେ ଫିଫା କିମ୍ବଦନ୍ତୀ ଲିଣ୍ଡସେ ଟାର୍ପ୍ଲେ, ଭାରତୀୟ ଫୁଟବଲର ସୁନୀଲ ଛେତ୍ରୀ ଓ କିମ୍ବଦନ୍ତୀ ଆଶାଲତା ଦେବୀ ପ୍ରମୁଖ ଉପସ୍ଥିତ ରହିଥିଲେ। ୧୧ ଅକ୍ଟୋବରରୁ ଭୁବନେଶ୍ୱର, ଗୋଆ ଓ ନଭି ମୁମ୍ବାଇରେ ହେବାକୁ ଥିବା ଏହି ଟୁର୍ନାମେଣ୍ଟ ଅବସରରେ ସ୍ଥାନୀୟ ଆୟୋଜକ କମିଟି(ଏଲଓସି) ମହିଳାଙ୍କ ଉନ୍ନତି ପାଇଁ କାର୍ଯ୍ୟରତ ୬ ଜଣ ମହିଳାଙ୍କୁ ସମ୍ମାନିତ କରିବ। ଟିକେଟ ବିକ୍ରି ଆରମ୍ଭ ହୋଇଥିବା ବେଳେ ମୂଲ୍ୟ ୧୦୦ ଓ ୨୦୦ ଟଙ୍କା ରହିଛି। ପ୍ରାରମ୍ଭିକ ଟିକେଟ କ୍ରୟ କରୁଥିବା ବ୍ୟକ୍ତିଙ୍କୁ ୩୦ ପ୍ରତିଶତ ଡିସକାଉଣ୍ଟ ପ୍ରଦାନ କରାଯିବ। ହ୍ୱିଲଚେୟାରରେ ବସୁଥିବା ବ୍ୟକ୍ତିଙ୍କ ପାଇଁ ଏକ ଟୋଲ ଫ୍ରି ନମ୍ବର (+୯୧-୮୬୫୭୦୧୯୩୫୯) ମଧ୍ୟ ଲଞ୍ଚ କରାଯାଇଛି। ବିଭିନ୍ନ ଏନ୍‌ଜିଓ ପକ୍ଷରୁ ୨୦୦ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଏଭିସି କପ୍ ପାଇଁ ଥାଇଲାଣ୍ଡ ଗସ୍ତରେ ଭଲିବଲ୍ ଦଳ

**ଭୁବନେଶ୍ୱର,୫।୮ (ସ୍ପୋର୍ଟ୍ସ ବ୍ୟୁରୋ)**

୨୦୨୨ ଏଭିସି କପ୍ ପାଇଁ ଥାଇଲାଣ୍ଡ ଗସ୍ତ କରିଛି ସିନିୟର ଭାରତୀୟ ଭଲିବଲ ଦଳ। ୧୨ ଜଣିଆ ଥାଇଲାଣ୍ଡର ନାଖୋନ୍ ପାଥୋମରେ ୭-୧୪ ଅଗଷ୍ଟ ଯାଏଁ ହେବାକୁ ଥିବା ଟୁର୍ନାମେଣ୍ଟ ପାଇଁ ଭୁବନେଶ୍ୱରରୁ ଯାତ୍ରା ଆରମ୍ଭ କରିଛି। ଭଲିବଲ ଫେଡେରେସନ୍ ଅଫ୍ ଇଣ୍ଡିଆ ପକ୍ଷରୁ ଓଡ଼ିଶା ଭଲିବଲ୍ ସଂଘକୁ ସିଲେକ୍ସନ ଟ୍ରାଏଲ ଓ କୋଚିଂ କ୍ୟାମ୍ପର ଦାୟିତ୍ୱ ପ୍ରଦାନ କରାଯାଇଥିଲା। ୨୦ ଜଣ ଖେଳାଳିଙ୍କୁ ନେଇ ମେ ମାସରୁ କିଟ୍ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ୍-୧୩ ମଧ୍ୟରେ ଥିବା ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଏହି କ୍ୟାମ୍ପ ଜାରି ରହିଥିଲା। ଭାରତ ଏହି ଟୁର୍ନାମେଣ୍ଟରେ ଜାପାନ ଓ ଅଷ୍ଟ୍ରେଲିଆ ସହିତ ଗ୍ରୁପ୍ ସିରେ ସ୍ଥାନ ପାଇଛି। ୭ ଅଗଷ୍ଟରେ ଜାପାନ ବିପକ୍ଷରେ ଭାରତ ନିଜର ଅଭିଯାନ ଆରମ୍ଭ କରିବ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା, ଭଲିବଲ୍ ସଂଘର ସଭାପତି ତଥା କନ୍ଧମାଳ ସାଂସଦ ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ପ୍ରକାରର ସହଯୋଗ ପ୍ରଦାନ କରିଥିବା ବେଳେ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଦୁଇ ପଦକ ଜିତିବାରେ ରୂପାଲ ପ୍ରଥମ ଭାରତୀୟ

**ଦୁଇ ପଦକ ଜିତିବାରେ ରୂପାଲ ପ୍ରଥମ ଭାରତୀୟ**

**୨୦ ବର୍ଷରୁ କମ୍ ବିଶ୍ୱ ଆଥ୍‌ଲେଟିକ୍ସ**

**କାଲି(କଲମ୍ବିଆ),୫।୮(ପି.ଟି.)**

୨୦ବର୍ଷରୁ କମ୍ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ପ୍ରଥମ ଭାରତୀୟ ଆଥ୍‌ଲେଟ ଭାବେ ଦୁଇଟି ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି ରୂପାଲ ଚୌଧାରୀ। ସେ ଏଠାରେ ପ୍ରଥମେ ୪X୪୦୦ ମିଟର ରିଲେରେ ରୌପ୍ୟ ପଦକ ଏବଂ ପରେ ମହିଳା ୪୦୦ ମିଟରରେ ଏକ ବ୍ରୋଞ୍ଜ ପାଇଛନ୍ତି। ଉତ୍ତର ପ୍ରଦେଶର ମିରଟ ଜିଲା ଅନ୍ତର୍ଗତ ଶାହପୁର ଜୈନପୁର ଗ୍ରାମର ଏକ ସାଧାରଣ କୃଷକ ପରିବାରରେ ଜନ୍ମ ଗ୍ରହଣ କରିଥିବା ୧୭ବର୍ଷୀୟା ରୂପାଲ ଗୁରୁବାର ରାତିରେ ଅନୁଷ୍ଠିତ ମହିଳା ୪୦୦ ମିଟର ରେସ୍‌ରେ ୫୧.୮୫ ସେକେଣ୍ଡ ଟାଇମିଂରେ ତୃତୀୟ ହୋଇଥିଲେ। ଗ୍ରେଟ୍ ବ୍ରିଟେନର ୟେମି ମେରୀ ଜନ୍ (୫୧.୫୦) ଓ କେନିୟାର ଡାମାରିସ୍ ମୁଟୁଙ୍ଗା (୫୧.୭୧) ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହି ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଥିଲେ। ମଙ୍ଗଳବାର ମହିଳା ୪X୪୦୦ ମିଟର ରିଲେ ଫାଇନାଲରେ ଆମେରିକା ପଛକୁ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ଜିତିଥିବା ଭାରତୀୟ ଦଳର ସେ ଅନ୍ୟତମ ସଦସ୍ୟା ଥିଲେ। ଏହି ଦଳ ୩:୧୭.୭୬ ସେକେଣ୍ଡ ଟାଇମିଂରେ ଏସିଆନ ଜୁନିୟର ରେକର୍ଡ କରିଥିଲା। ସେହିଦିନ ସେ ବ୍ୟକ୍ତିଗତ ୪୦୦ମିଟର ଦୌଡ଼ ପ୍ରଥମ ରାଉଣ୍ଡ ହିଟ୍‌ରେ ଭାଗ ନେଇଥିଲେ। ପରେ ମଙ୍ଗଳବାର ସେମିଫାଇନାଲ ଏବଂ ଗୁରୁବାର ରାତିରେ ଫାଇନାଲରେ ଅଂଶଗ୍ରହଣ କରିଥିଲେ। ଚାମ୍ପିୟନଶିପ୍‌ରେ ସେ ଦୁଇଥର ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂକୁ ଅତିକ୍ରମ କରିଥିଲେ। ପ୍ରଥମତଃ ୫୨.୨୭ସେକେଣ୍ଡ ଟାଇମିଂରେ ସେମିଫାଇନାଲ ଏବଂ ପରେ ଫାଇନାଲରେ। ସୂଚନାଯୋଗ୍ୟ, ହିମା ଦାସଙ୍କ ପରେ ରୂପାଲ ଦ୍ୱିତୀୟ ଭାରତୀୟ ଭାବେ ମହିଳା ୪୦୦ମିଟରରେ ଏକ ପଦକ ଜିତିଛନ୍ତି। ହିମା ଫିନ୍‌ଲାଣ୍ଡରେ ଅନୁଷ୍ଠିତ ୨୦୧୮ ସଂସ୍କରଣରେ ୫୧.୪୬ ସେକେଣ୍ଡ ଟାଇମିଂରେ ଐତିହାସିକ ସ୍ୱର୍ଣ୍ଣ ହାସଲ କରିଥିଲେ। ଅଲିମ୍ପିକ ଚାମ୍ପିୟନ ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା ପ୍ରଥମ ଭାରତୀୟ ଭାବେ ୨୦୧୬ରେ ପୋଲାଣ୍ଡରେ ଅନୁଷ୍ଠିତ ଏହି ଚାମ୍ପିୟନଶିପ୍‌ରେ ପ୍ରଥମ ଭାରତୀୟ ଭାବେ ସ୍ୱର୍ଣ୍ଣ ଜିତିଥିଲେ। ରୂପାଲଙ୍କ ବ୍ରୋଞ୍ଜ ଚାମ୍ପିୟନଶିପ୍‌ରେ ଓଭରାଲ ୯ମ ପଦକ, ଯାହାକି ପୂର୍ବରୁ ବିଶ୍ୱ ଜୁନିୟର ଚାମ୍ପିୟନଶିପ୍ ଭାବେ ପରିଚିତ ଥିଲା। ୨୦୨୧ରେ ନାଇରୋବିରେ ଅନୁଷ୍ଠିତ ଗତ ସଂସ୍କରଣରେ ଭାରତ ୨ ରୌପ୍ୟ ଓ ୧ ବ୍ରୋଞ୍ଜ ସହ ମୋଟ ୩ଟି ପଦକ ଲାଭ କରିଥିଲା।



ରୂପାଲ ଚୌଧାରୀ






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ